# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, November 1/2022 | Page 14 | ₹ 7.00 | ★★

୧୮ଶ ଭାଗ ୩୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 313 | ମୂଲ୍ୟ ₹୭/-





**ଲୋର୍କାନଙ୍କ ଲଢୁଆ ବ୍ୟାଟିଂ**

ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଆୟର୍ଲାଣ୍ଡର ଲୋର୍କାନ ଟକର ଲଢୁଆ ବ୍ୟାଟିଂ ସହ ୭୧ ରନ୍ କରି ଅପରାଜିତ ରହିଥିଲେ। **୧୪**

**୧୨** **ବିବାହ କରିବେ ହଂସିକା**

ବଲିଉଡ୍ ଅଭିନେତ୍ରୀ ହଂସିକା ମୋଟୱାନୀ ଡିସେମ୍ବର ୪ରେ ବିଜ୍‌ନେସ୍‌ମ୍ୟାନ୍ ସୋହେଲଙ୍କୁ ବିବାହ କରିବେ।















# ଗୁଜରାଟ ଅଘଟଣ ଚେତାଇଲା

ଗୁଜରାଟର ମୋରବିରେ ଝୁଲାପୋଲ ଦୁର୍ଘଟଣାରେ ଶତାଧିକ ଲୋକ ପ୍ରାଣ ହରାଇବା ଘଟଣା ଓଡ଼ିଶା ସରକାରଙ୍କୁ ଚେତାଇ ଦେଇଛି। ଘଟଣାର ୨୪ ଘଣ୍ଟା ନ ପୂରୁଣୁ କଟକ ଜିଲା ଆଠଗଡ଼ ବ୍ଲକ ମଞ୍ଚେଶ୍ୱରଠାରେ ମହାନଦୀ ଉପରେ ନିର୍ମିତ ଧବଳେଶ୍ୱର ଝୁଲାପୋଲକୁ ସର୍ବସାଧାରଣଙ୍କ ଯାତାୟାତ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ଯାଏ ବନ୍ଦ ଘୋଷଣା କରାଯାଇଛି। ଧବଳେଶ୍ୱର ଝୁଲାପୋଲର ବିମ୍‌ରେ କଳଙ୍କି ଲାଗି କଣା ହୋଇଯାଇଛି। ଏହାକୁ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିଲା। ବର୍ତ୍ତମାନ କାର୍ତ୍ତିକ ମାସ ପାଇଁ ଧବଳେଶ୍ୱର ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମୁଛି। ସକାଳୁ ରାତି ଯାଏ ଝୁଲାପୋଲ ଉପରେ ବହୁ ହଜାର ଲୋକଙ୍କ ଯାତାୟାତ ରହୁଛି। କିନ୍ତୁ ସେମାନଙ୍କ ନିରାପତ୍ତା ବିଷୟରେ କେହି ଚିନ୍ତା କରୁ ନ ଥିଲେ। ଗୁଜରାଟ ଘଟଣା ପରେ ଜିଲା ପ୍ରଶାସନ ଚେଇଁ ଉଠିଛି। ପୀଠରେ ଭିଡ଼ ଜନିତ କୌଣସି ଦୁର୍ଘଟଣା ରୋକିବା ପାଇଁ ସେଠାରେ ସୋମବାର ୧୪୪ ଧାରା ଜାରି କରିଛି।

## ଧବଳେଶ୍ୱର ଝୁଲାପୋଲ ଅନିର୍ଦ୍ଦିଷ୍ଟ କାଳ ବନ୍ଦ

**ଖୁଣ୍ଟୁଣୀ, ୩୧।୧୦(ଡି.ଏନ୍.ଏ.)**

- **ବିମ୍‌ରେ କଳଙ୍କି ଲାଗି କଣା ହୋଇଗଲାଣି**
- **କୋଲକାତାରୁ ବିଶେଷଜ୍ଞ ଦଳ ଆସି ଯାଞ୍ଚ କଲେ**
- **ପୀଠରେ ୧୪୪ ଧାରା ଜାରି**

ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବେ ପରିଗଣିତ ଧବଳେଶ୍ୱର ଝୁଲାପୋଲ ବିପଦରେ ରହିଛି। ଏହାର ଅବସ୍ଥା ପରଖିବାକୁ କୋଲକାତାରୁ ଏକ ବିଶେଷଜ୍ଞ ଟିମ୍ ରବିବାର ଆସି ଟିକିନିଖି ସ୍ଥିତି ଯାଞ୍ଚ କରିଛନ୍ତି। ଝୁଲାପୋଲର କିଛି ଅଂଶ ନଷ୍ଟ ହେବା ସହ କିଛି ବିମ୍‌ରେ କଳଙ୍କି ଲାଗି କଣା ହୋଇଯାଇଥିବା ସେମାନେ ଦେଖିବାକୁ ପାଇଛନ୍ତି। ତେଣୁ ଏହା ବିପଦମୁକ୍ତ ନ ଥିବା ଏବଂ ମରାମତି ଆବଶ୍ୟକ ଥିବା ମୋନେ ରିପୋର୍ଟ ଦେଇଛନ୍ତି। ତଦନୁଯାୟୀ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର ଗୋଟିଏ ଦିନ ଝୁଲାପୋଲ ବ୍ୟବହାର ଉପରେ କଟକଣା ଲଗାଇଥିଲେ। ହେଲେ ସୋମବାର ଧବଳେଶ୍ୱର ପୀଠରେ ଏତେ ଭିଡ଼ ଥିଲା ଯେ, ଭକ୍ତମାନେ ଭଲରେ ଚଳପ୍ରଚଳ କରିପାରି ନ ଥିଲେ। ତେଣୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପରାମର୍ଶକ୍ରମେ ଝୁଲାପୋଲକୁ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରଖାଯାଇଥିବା ଆଠଗଡ଼ ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି। ☞ପୃଷ୍ଠା-୪



ଧବଳେଶ୍ୱର ଝୁଲା ପୋଲ

## କମ୍ପାନୀ ଉପରେ ଦୋଷ



### ମୋର୍‌ବି ଝୁଲା ପୋଲ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୧୪୧କୁ ବୃଦ୍ଧି

### ୯ ଗିରଫ, ଏବେ ବି ଶତାଧିକ ନିଖୋଜ

**ଅହମଦାବାଦ, ୩୧।୧୦**

ଗୁଜରାଟର ମୋର୍‌ବିସ୍ଥିତ ମାଚ୍ଛୁ ନଦୀରେ ରବିବାର ଏକ ୧୦୦ ବର୍ଷ ପୁରୁଣା ଝୁଲା ପୋଲ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୧୪୧କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ୪୭ ଜଣ ପିଲା ରହିଛନ୍ତି। ଶତାବ୍ଦୀ ପୁରୁଣା ପୋଲଟିର ମରାମତି କାମ କରାଇଥିବା ଗୁଜରାଟର ଓରେବା କମ୍ପାନୀକୁ କାର୍ଯ୍ୟରେ ଅବହେଳା ପାଇଁ ଦାୟୀ କରାଯାଇଛି। ଏ ନେଇ ମୋରବି 'ବି' ଥାନାରେ ମାମଲା ରୁଜୁ ହେବା ସହ ୯ ଜଣଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ଓରେବା କମ୍ପାନୀ ମ୍ୟାନେଜର, ବ୍ରିଜ୍ କଣ୍ଟ୍ରାକ୍ଟର, ଟିକେଟ୍ କଲେକ୍ଟର ଏବଂ ୩ ସୁରକ୍ଷାକର୍ମୀ ରହିଛନ୍ତି। ସମ୍ପୃକ୍ତ ସୁରକ୍ଷାକର୍ମୀ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ ରହିଛି। ବ୍ରିଜ୍ ସୁରକ୍ଷା କାମରେ ଓରେଭା କମ୍ପାନୀ ଅନେକ ଖିଲାପ କରିଥିବା ଅଭିଯୋଗ ଆସିଛି। ତେବେ ଅଦ୍ୟାବଧି କମ୍ପାନୀର କୌଣସି ବଡ଼ ଅଧିକାରୀଙ୍କୁ ଗିରଫ କରାଯାଇନାହିଁ। ଦୋଷୀଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭୋଟ ପାଇଁ ଶିଳ୍ପ**

## ୨୧ରୁ ହୋଇପାରେ ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ଚଳିତ ମାସ ୨୧ କିମ୍ବା ୨୩ ତାରିଖରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ବିଭାଗ ପକ୍ଷରୁ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଉକ୍ତ ପ୍ରସ୍ତାବ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ପ୍ରସ୍ତାବ ଅନୁମୋଦନ ପରେ ବିଧାନସଭା ସଚିବାଳୟ ପକ୍ଷରୁ ଅଧିବେଶନ ସମ୍ପର୍କରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ତେବେ ଆସନ୍ତା ଅଧିବେଶନ ସ୍ୱାଭାବିକ ହେବ ନା ପୂର୍ବଭଳି କୋଭିଡ୍ କଟକଣାରେ ଚାଲିବ, ତାହା ତାରିଖ ଘୋଷଣା ପରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ହିଁ ଜଣାପଡ଼ିବ। କୋଭିଡ୍ କଟକଣା ହଟିଯାଇଥିବାରୁ ପୂର୍ବଭଳି ବିଧାୟକମାନଙ୍କୁ ନିଜ ☞ପୃଷ୍ଠା-୪

## ୫ରୁ ବଢ଼ିବ ଶୀତ

- **କୋରାପୁଟରେ ୧୨ ଡିଗ୍ରୀ ତଳକୁ ଖସିଲା ପାରଦ**

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):** ନଭେମ୍ବର ୫ରୁ ରାଜ୍ୟରେ ଶୀତ ବୃଦ୍ଧି ପାଇବ। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପାରଦ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିବ। ୭ ତାରିଖରୁ ପାରଦ ଆହୁରି ତଳମୁହାଁ ହେବ। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳକୁ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତାମିଲନାଡୁ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ଆସନ୍ତା ଦୁଇ ୩ ଦିନ ପାଗ ମେଘୁଆ ରହିବ। ଫଳରେ ଉପକୂଳରେ ଆସନ୍ତା ୨ରୁ ୪ ତାରିଖ ମଧ୍ୟରେ ହାଲ୍‌କା ବର୍ଷା ସମ୍ଭାବନା ରହିଛି। ଏହାପରେ ପାଗରେ ପରିବର୍ତ୍ତନ ହେବା ସହ ଶୀତ ବଢ଼ିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୩.୫, ☞ପୃଷ୍ଠା-୪

## ଟୁ-ଫିଙ୍ଗର ଟେଷ୍ଟ ବେଆଇନ

**ନୂଆଦିଲ୍ଲୀ,୩୧।୧୦(ପି.ଟି.)**

### ବନ୍ଦ ଲାଗି ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ



### ଧରାପଡ଼ିଲେ ଅସଦାଚରଣ ମାମଲାରେ ଦୋଷୀସାବ୍ୟସ୍ତ ହେବେ

ଏବେ ବି ସମାଜରେ ବଳାତ୍କାର ପୀଡ଼ିତାଙ୍କ ପରୀକ୍ଷା ଲାଗି ଟୁ-ଫିଙ୍ଗର ଟେଷ୍ଟ ପଦ୍ଧତି ଆପଣାଯିବା ଦୁର୍ଭାଗ୍ୟଜନକ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଏଭଳି ପରୀକ୍ଷା ଯେପରି ନ ହୁଏ, ତାହା ସୁନିଶ୍ଚିତ କରିବା ପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପରୀକ୍ଷାରେ ସମ୍ପୃକ୍ତ ବ୍ୟକ୍ତି ଅସଦାଚରଣ ମାମଲାରେ ଦୋଷୀସାବ୍ୟସ୍ତ ହେବେ ବୋଲି ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରିବା ଅବସରରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏକ ବଳାତ୍କାର ଓ ହତ୍ୟା ମାମଲାରେ ଝାଡ଼ଖଣ୍ଡ ହାଇକୋର୍ଟ ଅପରାଧୀଙ୍କୁ ଦୋଷମୁକ୍ତ କରିଥିବାବେଳେ ସୁପ୍ରିମକୋର୍ଟ ଖଣ୍ଡପୀଠ ଉକ୍ତ ରାୟକୁ ଖାରଜ କରିଦେଇ ତଳକୋର୍ଟର ରାୟକୁ କାଏମ୍ ରଖିଛନ୍ତି। ତଳକୋର୍ଟ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

ଟୁ-ଫିଙ୍ଗର ଟେଷ୍ଟ ମହିଳାଙ୍କ ମର୍ଯ୍ୟାଦା ଏବଂ ଗୋପନୀୟତାର ଉଲ୍ଲଂଘନ କରୁଥିବାରୁ ଏଭଳି ପରୀକ୍ଷା ବନ୍ଦ ଲାଗି ସର୍ବୋଚ୍ଚ ଅଦାଲତ ୧୦ ବର୍ଷ ତଳେ ନିଷ୍ପତ୍ତି ନେଇଥିଲେ। ଏହା ସତ୍ତ୍ୱେ ଏବେ ବି ଉକ୍ତ ପରୀକ୍ଷା ଜାରି ରହିଥିବାରୁ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯୌନସମ୍ପର୍କ ରଖୁଥିବା ମହିଳା ଯେ ବଳାତ୍କାର ହୋଇପାରିବ ନାହିଁ, ଏହା କୁହାଯାଇ ନ ପାରେ ବୋଲି ଖଣ୍ଡପୀଠ କହିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ତ୍ତୃପକ୍ଷ, ପୋଲିସ ଡିଜି ଏବଂ ସ୍ୱାସ୍ଥ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇ ଟୁ-ଫିଙ୍ଗର ଟେଷ୍ଟ ବନ୍ଦ ସୁନିଶ୍ଚିତ କରିବା ଲାଗି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଭଳି ପରୀକ୍ଷାରେ ଲିପ୍ତ ବ୍ୟକ୍ତିଙ୍କୁ ଅସଦାଚରଣ ମାମଲାରେ ଦୋଷୀସାବ୍ୟସ୍ତ କରାଯିବ। ସରକାରୀ ଓ ଘରୋଇ ମେଡିକାଲ କଲେଜଗୁଡ଼ିକର ପାଠ୍ୟକ୍ରମରୁ ଟୁ-ଫିଙ୍ଗର ଟେଷ୍ଟ ବିଷୟବସ୍ତୁ ହଟାଇଦେବାକୁ କେନ୍ଦ୍ର ସରକାର ଓ ସ୍ୱାସ୍ଥ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଟୁଇଟର ବ୍ଲୁ ପାଇଁ ମାସକୁ ୧୬ ଶହ ଟଙ୍କା

**ୱାଶିଂଟନ୍, ୩୧।୧୦**




ଭେରିଫାଏଡ୍ ଟୁଇଟର ଆକାଉଣ୍ଟଧାରୀଙ୍କ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର ମହଙ୍ଗା ହେବ। ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ ପାଇଁ ୟୁଜର୍ସଙ୍କୁ ମାସକୁ ୧୯.୯୯ ଡଲାର ବା ପ୍ରାୟ ୧,୬୫୦ ଟଙ୍କା ଦେବାକୁ ପଡ଼ିବ। ନିକଟରେ ଏହି ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ କିଣିଥିବା ଆମେରିକୀୟ ବ୍ୟବସାୟୀ ଏଲନ ମସ୍କ ଏପରି ଯୋଜନା କରିଥିବା ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମସ୍କଙ୍କ ପ୍ଲାନିଂ ଅନୁସାରେ ଭେରିଫାଏଡ ୟୁଜର୍ସ ୯୦ ଦିନ ମଧ୍ୟରେ ଏହି ସବ୍‌ସ୍କ୍ରିପ୍‌ସନ ନେବେ। ନଚେତ ସେମାନଙ୍କୁ ବ୍ଲୁ ଟିକ୍ ମାର୍କ ହରାଇବାକୁ ପଡ଼ିବ।

ଟେସ୍‌ଲା ସିଇଓ ମସ୍କ ଟୁଇଟର କିଣିବା ପରେ ଏଥିରେ ଅନେକ ପରିବର୍ତ୍ତନ ଅଣାଯିବା ନେଇ ଚର୍ଚ୍ଚା ହେଉଥିଲା। ଅନେକ ବରିଷ୍ଠ କର୍ମଚାରୀଙ୍କୁ ବରଖାସ୍ତ କରାଯିବା ପରେ ମସ୍କ ପେଡ୍ ଭେରିଫିକେଶନ ସମୀକ୍ଷା ନିମନ୍ତେ ସମୟସୀମା ଧାର୍ଯ୍ୟ କରିଛନ୍ତି। ମସ୍କ ରବିବାର ଏକ ଟୁଇଟ କରି କହିଛନ୍ତି, ଟୁଇଟର ଏହାର ଭେରିଫିକେଶନ ପ୍ରକ୍ରିୟା ଯାଞ୍ଚ କରିବ। ଏଥିପାଇଁ ସେ ନଭେମ୍ବର ୭ ପର୍ଯ୍ୟନ୍ତ କର୍ମଚାରୀମାନଙ୍କୁ ସମୟ ଦେଇଛନ୍ତି। ଆକାଉଣ୍ଟଧାରୀଙ୍କ ପରିଚୟ ଯାଞ୍ଚ କରାଯାଇ ବ୍ଲୁ ଚେକ୍ ମାର୍କ ପାଇଥିବା ବ୍ୟକ୍ତିଙ୍କଠାରୁ ଏହି ଅର୍ଥ ନିଆଯିବ। ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ ବାବଦ ଅର୍ଥ ମାସକୁ ୪.୯୯ ଡଲାର ପ୍ରତି ମାସ ବଦଳରେ ୧୯.୯୯ ଡଲାରକୁ ବୃଦ୍ଧି କରାଯିବାକୁ ମସ୍କଙ୍କ ଯୋଜନା ରହିଛି। ୨୦୨୧ ଜୁନରେ ଟୁଇଟର ବ୍ଲୁ ଆରମ୍ଭ ହୋଇଥିଲା। ଏହା ହେଉଛି ଟୁଇଟରର ପ୍ରିମିୟମ ସର୍ଭିସ। ଏଥିରେ ୟୁଜର୍ସଙ୍କୁ ଅଧିକ ଫିଚର୍ସ ମିଳିଥାଏ। ଟୁଇଟରର ସାଧାରଣ ୟୁଜର୍ସ ପାଇଁ ଏହା ଲକ୍ ରହିଥାଏ। ଏଥିରେ ଅଲଗା ପ୍ରକାର ହୋମ୍ କଲର ସ୍କ୍ରିନ୍ ☞ପୃଷ୍ଠା-୪




## ଶରଦ ପାୱାର ହସ୍ପିଟାଲରେ

ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ସୋମବାର ସକାଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୮୧ ବର୍ଷୀୟ ରାଜ୍ୟ ସଭା ସଦସ୍ୟ ଆଉ ୨ ଦିନ ହସ୍ପିଟାଲରେ ରହିବେ ବୋଲି ଦଳର ସାଧାରଣ ସମ୍ପାଦକ ଶିବାଜୀରାଓ ଗାର୍ଜେ ସୂଚନା ଦେଇଛନ୍ତି। ନଭେମ୍ବର ୩ରେ ଆରମ୍ଭ ହେବାକୁ ଥିବା ଏନ୍‌ସିପିର ଦୁଇଦିନିଆ ବୈଠକରେ ପାୱାର ଯୋଗଦେବେ ବୋଲି ଗାର୍ଜେ କହିଛନ୍ତି।

## ସଂକ୍ଷେପରେ

### ପୁରୁଣା ବିଲ୍ଡିଂରେ ହୋଇପାରେ ପାର୍ଲାମେଣ୍ଟର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୩୧।୧୦(ପି.ଟି.):** ନୂଆ ପାର୍ଲାମେଣ୍ଟ ବିଲ୍ଡିଂର କେତେକ ନିର୍ମାଣ କାର୍ଯ୍ୟ ସମୟସୀମା ପୂର୍ବରୁ ଶେଷ ହୋଇ ନ ପାରେ। ସେଥିପାଇଁ ଆଗାମୀ ଶୀତ ଅଧିବେଶନ ପୁରୁଣା ବିଲ୍ଡିଂରେ ଅନୁଷ୍ଠିତ ହେବା ସମ୍ଭାବନା ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପାର୍ଲାମେଣ୍ଟର ଶୀତ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରେ ଆରମ୍ଭ ହୋଇଥାଏ। ଏହା ପୂର୍ବରୁ ନୂଆ ବିଲ୍ଡିଂ କାର୍ଯ୍ୟ ଶେଷ ହୋଇଯିବ ବୋଲି ସରକାର ଲକ୍ଷ୍ୟ ରଖିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ଲାଗି ଦିନରାତି କାମ ଚାଲିଛି। ଏହା ସତ୍ତ୍ୱେ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ ହୋଇ ନ ପାରେ ବୋଲି କୁହାଯାଉଛି। ବିଲ୍ଡିଂର ସିଭିଲ କାମ ଶେଷ ହୋଇଥିବାବେଳେ ଶେଷ ସ୍ପର୍ଶ, ଇଲେକ୍ଟ୍ରିକାଲ ଓ ଅନ୍ୟାନ୍ୟ କେତେକ କାର୍ଯ୍ୟ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ଜାରି ରହିପାରେ। ଏଥିସହିତ ଆସବାବପତ୍ର, କାର୍ପେଟ, ୱାଲ ମୁରାଲ ଓ ଅନ୍ୟାନ୍ୟ ଉପକରଣ କାର୍ଯ୍ୟ ମଧ ଜାରି ରହିଛି। ତେଣୁ ବର୍ତ୍ତମାନ ସ୍ଥିତିରେ ସମ୍ପୂର୍ଣ୍ଣ ହେବାର ନିର୍ଦ୍ଦିଷ୍ଟ ତାରିଖ କୁହାଯାଇପାରୁନାହିଁ। ତେଣୁ ଶୀତ ଅଧିବେଶନ ପୁରୁଣା ବିଲ୍ଡିଂରେ ଅନୁଷ୍ଠିତ ହେବାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି।

### ବନ୍ଦୀଙ୍କୁ ଭୋଟ ଅଧିକାର ଲାଗି ପିଆଇଏଲ୍

### କେନ୍ଦ୍ର, ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୩୧।୧୦(ପି.ଟି.):** ଜନପ୍ରତିନିଧି ଆଇନରେ ବନ୍ଦୀମାନଙ୍କୁ ଭୋଟ ଅଧିକାର ଦିଆଯାଇ ନ ଥିବାରୁ ଏହାର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ସୁର୍ବୋଚ୍ଚ ଅଦାଲତ ସୋମବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ଆଇନଜୀବୀ ଜୋହେବ ହୋସେନ୍‌ଙ୍କ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଉଦୟ ଉମେଶ ଲଲିତ, ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଛନ୍ତି। ଜନପ୍ରତିନିଧି ଆଇନର ଧାରା ୬୨(୫)ରେ ଜେଲ୍‌ରେ ଥିବା ବ୍ୟକ୍ତିଙ୍କୁ ନିର୍ବାଚନରେ ଭୋଟ ଦେବାରୁ ନିଷେଧ କରାଯାଇଛି। ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ୨୦୧୯ରେ ନ୍ୟାଶନାଲ ଲ' ୟୁନିଭର୍ସିଟିର ତତ୍କାଳୀନ ଛାତ୍ର ଆଦିତ୍ୟ ପ୍ରସନ୍ନ ଭଟ୍ଟାଚାର୍ଯ୍ୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୯କୁ ଧାର୍ଯ୍ୟ କରାଯାଇଛି।

### କାର୍ ଦୁର୍ଘଟଣାରେ ୭ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ମୁମ୍ବାଇ, ୩୧।୧୦:** ମହାରାଷ୍ଟ୍ର ସୋଲାପୁର ଜିଲା ସାଙ୍ଗୋଲାରେ କାର୍ ଦୁର୍ଘଟଣାରେ ୭ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟା ୬ଟା ୪୫ ମିନିଟ୍‌ରେ ୩୨ ଜଣିଆ ତୀର୍ଥଯାତ୍ରୀଙ୍କ ଏକ କୋଲ୍‌ହାପୁର ଜିଲା ଜଠରୱାଡ଼ିରୁ ପଣ୍ଡରପୁର ମନ୍ଦିର ଅଭିମୁଖେ ସଙ୍କୀର୍ତ୍ତନ କରି ଯାଉଥିଲେ। ବିପରୀତ ଦିଗରୁ ହାଇସ୍ପିଡ୍‌ରେ ଆସୁଥିବା ଏକ କାର୍ ନିୟନ୍ତ୍ରଣ ହରାଇ ସେମାନଙ୍କ ଉପରେ ମାଡ଼ିଯାଇଥିବାବେଳେ ପୋଲିସ ଘଟଣାର ଯାଞ୍ଚ ଚଳାଇଛି।

### ଦି ୱେର୍ ସମ୍ପାଦକଙ୍କ ଘରେ ପୋଲିସ ଚଢ଼ାଉ

**ନୂଆଦିଲ୍ଲୀ,୩୧।୧୦:** ଭାଜପାର ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲଭିୟାଙ୍କ ଉପରେ ବିବାଦୀୟ ଖବର ପ୍ରକାଶ କରିବା ଅଭିଯୋଗରେ 'ଦି ୱେର' ନ୍ୟୁଜ୍ ପୋର୍ଟାଲର ପ୍ରତିଷ୍ଠାତା ସମ୍ପାଦକ ସିଦ୍ଧାର୍ଥ ବରଦରାଜନ ଏବଂ ଉପସମ୍ପାଦକ ଏମ୍.କେ. ବେଣୁଙ୍କ ଘର ଉପରେ ସୋମବାର ଦିଲ୍ଲୀ ପୋଲିସ ଚଢ଼ାଉ କରିଛି। ସେମାନଙ୍କ ଘରୁ ଜବତ ହୋଇଥିବା ଇଲେକ୍ଟ୍ରୋନିକ୍ସ ଉପକରଣଗୁଡ଼ିକର ଯାଞ୍ଚ ହେବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ମାଲଭିୟାଙ୍କ ଅଭିଯୋଗକ୍ରମେ ଶନିବାର ଉକ୍ତ ନ୍ୟୁଜ୍ ପୋର୍ଟାଲ ଓ ଏହାର ସମ୍ପାଦକଙ୍କ ନାମରେ ଏତଲା ଦାଏର ହୋଇଥିଲା। ଉକ୍ତ ପୋର୍ଟାଲ ଜାଲିଆତି କରି ଖବର ପ୍ରକାଶ କରିବା ଦ୍ୱାରା ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବା ମାଲଭିୟା ଅଭିଯୋଗ କରିଥିଲେ।



ରବିବାର ମାଛୁ ନଦୀ ଉପରେ ଥିବା ଝୁଲାପୋଲ ଭୁଶୁଡିବା ପୂର୍ବର ଦୃଶ୍ୟ।



ରେସ୍କ୍ୟୁ ଟିମ୍ ସୋମବାର ନଦୀରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

# ଈଶ୍ୱରକୃତ ନା ଜାଲିଆତି

ଅହମଦାବାଦ, ୩୧।୧୦

ଗୁଜରାଟର ମୋର୍‌ବିସ୍ଥିତ ମାଛୁ ନଦୀରେ ରବିବାର ଝୁଲାପୋଲ ଭାଙ୍ଗିବା ଘଟଣାରେ ବିରୋଧୀ ରାଜ୍ୟରେ ଥିବା ଭାଜପା ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ପୋଲ ଭୁଶୁଡ଼ିବା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହା ବାସ୍ତବରେ ଈଶ୍ୱରକୃତ ନା ଜାଲିଆତିର ପରିଣାମ ବୋଲି ସେ ପଚାରିଛନ୍ତି। ୨୦୧୬ରେ ପଶ୍ଚିମବଙ୍ଗରେ ବିବେକାନନ୍ଦ ରୋଡ୍ ଫ୍ଲାଏଓଭର ଭାଙ୍ଗିବା ଯୋଗୁ ଅନେକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ରାଲିରେ ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିଥିଲେ। ଅନୁରୂପ ଘଟଣା ଗୁଜରାଟରେ ଘଟିଥିବାବେଳେ ଏଥିପାଇଁ କିଏ ଦାୟୀ ବୋଲି ଦିଗ୍‌ବିଜୟ ପ୍ରଶ୍ନ କରିଛନ୍ତି। ଗୁଜରାଟରେ ୨୭ ବର୍ଷ ହେଲା ଭାଜପା କ୍ଷମତାରେ ରହିଛି। ଚଳିତ ବର୍ଷ ଜୁଲାଇରେ କୁଚ୍ ଜିଲାରେ ନର୍ମଦା କେନାଲ ଖୋଲାଯାଇଥିବବେଳେ ପରୀକ୍ଷଣର ପ୍ରଥମ ଦିନରେ ହିଁ ତାହା ଭାଙ୍ଗିଯାଇଥିଲା। ସେହିପରି ଭୁଜରେ ୮/୯ ବର୍ଷ ସମୟ ଲାଗି ନିର୍ମାଣ ହୋଇଥିବା ଏକ ଓଭରବ୍ରିଜ୍‌ର ମାତ୍ର ବର୍ଷକରେ ମରାମତି ଆବଶ୍ୟକ କଲାଣି ବୋଲି ଦିଗ୍‌ବିଜୟ କହିଥିଲେ। ତେଣୁ ସଦ୍ୟ ଘଟଣାରେ ସବୁଦିଗରୁ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି।



ଦିଗ୍‌ବିଜୟ ସିଂ

**ଗୁଜରାଟ ପୋଲ ଭୁଶୁଡ଼ିବା ଘଟଣା**

- ମୋଦି, ଗୁଜରାଟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ
- ନ୍ୟାୟିକ ତଦନ୍ତ ହେଉ: ଖାର୍ଗେ

କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲା କହିଛନ୍ତି, ବିନା ଫିଟ୍‌ନେସ ସାର୍ଟିଫିକେଟରେ ଉକ୍ତ ବ୍ରିଜ୍ ଖୋଲାଯାଯାଇଥିଲା। ଭାଜପା ସରକାର କିପରି ତାହାକୁ ଖୋଲିବାକୁ ଅନୁମତି ଦେଇଥିଲେ। ଏହା ଏକ ଷଡ଼ଯନ୍ତ୍ର ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ନବନିର୍ବାଚିତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ମାତ୍ର ୫ ଦିନ ତଳେ ଉକ୍ତ ବ୍ରିଜ୍ ଖୋଲାଯାଇଥିଲା। ରବିବାର ସେଠାକୁ ଏତେ ସଂଖ୍ୟାରେ ଲୋକଙ୍କୁ ପ୍ରବେଶ ପାଇଁ କାହିଁକି ଏବଂ କିଏ ଅନୁମତି ଦେଇଥିଲା ତାହା ତଦନ୍ତ ସାପେକ୍ଷ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ଯାଞ୍ଚ ହେବା ଉଚିତ ବୋଲି ସେ କହିଛନ୍ତି। ଏହା ଏକ ଆପରାଧିକ ଅବହେଳା। ଦୋଷୀଙ୍କ ବିରୋଧରେ ତ୍ୱରିତ ଭିତ୍ତିରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ଦାବି କରିଛନ୍ତି। ଭାଜପା ସରକାରର ଏହା ଏକ ବଡ଼ ଅବହେଳା ବୋଲି ସିବିଆଇ ଏମ୍‌ପି ବିନୟ ବିଶ୍ୱମ୍ କହିଛନ୍ତି।

## ଭାରତରେ ବଡ଼ ବ୍ରିଜ୍ ଦୁର୍ଘଟଣା

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଗୁଜରାଟର ମଚ୍ଛୁ ନଦୀ ଉପରେ ଥିବା ଏକ ପୁରୁଣା କେବଲ ବ୍ରିଜ୍ ରବିବାର ଭୁଶୁଡ଼ି ପଡ଼ିବାରୁ ୪୭ ପିଲାଙ୍କ ସମେତ ୧୪୧ ଜଣଙ୍କ ଜୀବନ ଯାଇଛି। ସାମର୍ଥ୍ୟଠାରୁ ଅଧିକ ଲୋକଙ୍କୁ ଏକସଙ୍ଗେ ଯିବାକୁ ଅନୁମତି ଦିଆଯିବାରୁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଉଛି। ଭାରତ ଇତିହାସରେ ଏହା ସବୁଠୁ ମର୍ମନ୍ତୁଦ ବ୍ରିଜ୍ ଦୁର୍ଘଟଣା। ଦେଶରେ ୧୯୭୭ରୁ ୨୦୧୭ ମଧ୍ୟରେ ହୋଇଥିବା ବ୍ରିଜ୍ ବିଫଳତାର ଏକ ଅନୁଧ୍ୟାନ କରାଯାଇ 'ଷ୍ଟ୍ରକ୍ଚର ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଞ୍ଜିନିୟରିଂ' ନାମକ ଏକ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ, ଗତ ୪ ଦଶନ୍ଧି ମଧ୍ୟରେ କଲ୍‌ଭର୍ଟ ଏବଂ ପାଦଚଲା ବ୍ରିଜ୍‌କୁ ବାଦ୍ ଦେଇ ମୋଟ ୨,୧୩୦ ବ୍ରିଜ୍ ଆବଶ୍ୟକ ସେବା ଯୋଗାଇବାରେ ବିଫଳ ହୋଇଛି କିମ୍ବା ବିଭିନ୍ନ ସମୟରେ ଭୁଶୁଡ଼ି ପଡ଼ିଛି। ସେଥିରୁ କେତେକ ପ୍ରମୁଖ ବ୍ରିଜ୍ ସମ୍ପର୍କରେ ନିମ୍ନରେ ଦିଆଗଲା।

**ଦାର୍ଜିଲିଂ ବ୍ରିଜ୍:** ୨୦୧୧ ଅକ୍ଟୋବର ୨୨ରେ ଦାର୍ଜିଲିଂ ଜିଲାର ବିଜାନବାରିଠାରେ ଥିବା ଏକ ପୁରୁଣା କାଠ ଫୁଟ୍‌ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୩୧ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେଠାରେ ଗୋର୍ଖା ଜନମୁକ୍ତି ମୋର୍ଚ୍ଚାର ବୈଠକ ଚାଲିଥିବାବେଳେ ପ୍ରବଳ ଭିଡ଼ ଯୋଗୁ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା।

**ଅରୁଣାଚଳପ୍ରଦେଶ ଫୁଟ୍‌ବ୍ରିଜ୍:** ୨୦୧୧ ଅକ୍ଟାବର ୨୯ରେ ଅରୁଣାଚଳପ୍ରଦେଶର କାମେଙ୍ଗ ନଦୀ ଉପରେ ଥିବା ଏକ ଫୁଟ୍ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୩୦ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରୁ ଅଧିକାଂଶ ପିଲା ଥିଲେ। ଟାରି ନାମକ କୀଟ ଧରିବା ପାଇଁ ଏକସଙ୍ଗେ ୬୩ ଜଣ ବ୍ରିଜ୍‌ରେ ଚଢ଼ିବାରୁ ଏହା ଭୁଶୁଡ଼ି ପଡ଼ିଥିଲା।

**ବିବେକାନନ୍ଦ ଫ୍ଲାଇଓଭର :** ଉତ୍ତର କୋଲକାତାର ଏକ ବ୍ୟସ୍ତବହୁଳ ବଜାର ଅଞ୍ଚଳରେ ନିର୍ମାଣାଧୀନ ୨.୨ କିଲୋମିଟର ଦୀର୍ଘ ବିବେକାନନ୍ଦ ଫ୍ଲାଏଓଭର ବ୍ରିଜ୍ ୨୦୧୬ ମାର୍ଚ୍ଚ ୩୧ରେ ଭୁଶୁଡ଼ି ପଡ଼ିବାରୁ ୨୬ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ବ୍ରିଜ୍ କାମ ନେଇଥିବା ହାଇଦ୍ରାବାଦର ଆଇଭିଆର୍‌ସିଏଲ୍ କମ୍ପାନୀ ଏହାକୁ ଈଶ୍ୱରକୃତ ବୋଲି କହିଥିଲା।

**ମାଜେରହାଟ ଫ୍ଲାଇଓଭର :** ୨୦୧୮ ସେପ୍ଟେମ୍ବର ୪ରେ ଦକ୍ଷିଣ କୋଲକାତାରେ ଥିବା ୫୦ ବର୍ଷ ପୁରୁଣା ମାଜେରହାଟ ବ୍ରିଜ୍ ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୪ ଆହତ ହୋଇଥିଲେ।

**ମୁମ୍ବାଇ ଫୁଟ୍ ଓଭରବ୍ରିଜ୍ :** ମୁମ୍ବାଇ–ର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଲଷ୍ଟେଶନ ନିକଟରେ ଥିବା ଫୁଟ୍‌ଓଭର ବ୍ରିଜ୍ ୨୦୧୯ ମାର୍ଚ୍ଚ ୧୪ରେ ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ହେବା ସହ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ବ୍ରିଜ୍‌ରେ ବ୍ୟବହୃତ ସାମଗ୍ରୀର ମାନ ହ୍ରାସ ଯୋଗୁ ଅଧିକାଂଶ ବ୍ରିଜ୍ ଭୁଶୁଡ଼ିଥିବା ରିପୋର୍ଟରେ କୁହାଯାଇଛି। ଏହା ବ୍ୟତୀତ ବିସ୍ଫୋରଣ କିମ୍ବା ବଡ଼ ଧରଣର ଦୁର୍ଘଟଣା ମଧ୍ୟ ବ୍ରିଜ୍ ଭୁଶୁଡ଼ିବାର ଅନ୍ୟତମ କାରଣ।

## ଅଟଳ ବ୍ରିଜ୍‌ରେ ଯାଇପାରିବେନି ୩ ହଜାରରୁ ଊର୍ଦ୍ଧ୍ୱ

ଝୁଲାପୋଲ ଦୁର୍ଘଟଣା ପରେ ଅହମଦାବାଦ ମହାନଗର ନିଗମର ଚେତା ପଶିଛି। ଅହମଦାବାଦରେ ଥିବା ଅଟଳ ବ୍ରିଜ୍‌ରେ ଏକ ସଙ୍ଗରେ ୩ ହଜାରରୁ ଅଧିକ ଲୋକଙ୍କୁ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଏଏମ୍‌ସି ପକ୍ଷରୁ କୁହାଯାଇଛି। ଗତ ଅଗଷ୍ଟ ୨୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାବରମତି ନଦୀରେ ଉପରେ ନିର୍ମିତ ୩୦୦ ମିଟର ଲମ୍ବର ଅଟଳ ବ୍ରିଜ୍ ଲୋକାର୍ପିତ କରିଥିଲେ। ଏହାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରାଯାଇଥିଲା।



## ଏମ୍‌ପିଙ୍କ ପରିବାରର ୧୨ ମୃତ

ମୋରବି ସହର ସ୍ଥିତ ମାଛୁ ନଦୀରେ ଥିବା ଝୁଲାପୋଲ ଭାଙ୍ଗିବା ଯୋଗୁ ରାଜକୋଟର ଭାଜପା ଏମ୍‌ପି ମୋହନ କୁନ୍ଦରିଆଙ୍କ ପରିବାରର ୧୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଶିଶୁ, ୪ ମହିଳା ଏବଂ ୩ ଜଣ ପୁରୁଷ ଅଛନ୍ତି। ରବିବାର ତାଙ୍କ ବଡ଼ଭାଇଙ୍କ ସମ୍ପର୍କୀୟମାନେ ଏହି ପର୍ଯ୍ୟଟନସ୍ଥଳୀକୁ ଯାଇଥିଲେ। ବଡ଼ ଭାଇଙ୍କ ଶଳାଙ୍କ ୪ ଝିଅଙ୍କ ସହ ୩ ଜଣଙ୍କ ସ୍ୱାମୀ ରହିଥିଲେ। ସେମାନେ ନିଜ ୫ ପିଲାଙ୍କୁ ସେଠାକୁ ବୁଲାଇବାକୁ ନେଇଥିଲେ। ଏଥିପାଇଁ ଯିଏ ବି ଦାୟୀ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ମୋହନ କହିଛନ୍ତି।

## ପୋଲିସ ମାଡ଼ରେ ଗଲା ସେଲିବ୍ରିଟି ସେଫ୍‌ଙ୍କ ଜୀବନ

ତେହରାନ୍,୩୧।୧୦

**ଇରାନ୍‌ରେ ଆଉ ଏକ ହାଜତ ମୃତ୍ୟୁ**

ମାହସା ଆମିନିଙ୍କ ମୃତ୍ୟୁ ପରେ ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନ ଜାରି ଥିବାବେଳେ ଇରାନ୍‌ରେ ଆଉ ଏକ ହାଜତ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଇରାନ୍‌ର ସେଲିବ୍ରିଟି ସେଫ୍ ମେହରଶଦ ଶାହିଦିଙ୍କୁ ଇରାନ୍‌ର ରିଭୋଲ୍ୟୁଶନାରୀ ଗାର୍ଡ ଫୋର୍ସ ପିଟି ହତ୍ୟା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ମେହରଶଦଙ୍କ ଶେଷକୃତ୍ୟ ଅବସରରେ ଶନିବାର ହଜାର ସଂଖ୍ୟକ ଲୋକ ରାଜରାସ୍ତାରେ ଏକାଠି ହୋଇଥିଲେ। ଦେଶରେ ଜାରିଥିବା ହିଜାବ ବିରୋଧୀ ଜନ ଆନ୍ଦୋଳନରେ ସାମିଲ ହେବା ସମୟରେ ଏରାକ ସିଟିରେ ମେହରଶଦଙ୍କୁ ଗିରଫ କରାଯାଇଥିଲା। ହାଜତରେ ଥିବା ସମୟରେ ଗାର୍ଡଙ୍କ ମାଡ଼ରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ହୃଦ୍‌ଘାତରେ ମେହରଶଦଙ୍କ ମୃତ୍ୟୁ ହୋଇଥିବା ଗଣମାଧ୍ୟମ ଆଗରେ କହିବା ପାଇଁ ପୋଲିସ ତାଙ୍କ ପରିବାର ଉପରେ ଚାପ ପକାଉଥିବା ଜଣାପଡ଼ିଛି। ଅନ୍ୟପଟେ ସେଲିବ୍ରିଟି ସେଫ୍‌ଙ୍କ ହତ୍ୟା ଅଭିଯୋଗକୁ ଇରାନ୍ ସରକାର ଖଣ୍ଡନ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ପ୍ରକାଶିତ ଖବର ଅନୁସାରେ ମେହରଶଦଙ୍କ ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ଇରାନ୍‌ର ପ୍ରଧାନ ବିଚାରପତି ଆବଡୋଲମେହଦି ମୌସଭି କହିଛନ୍ତି। ଭୁଲ୍ ଢଙ୍ଗରେ ହିଜାବ ପିନ୍ଧିବା ନେଇ ଇରାନର ୨୨ ବର୍ଷୀୟା ମାହସା ଆମିନିଙ୍କୁ ଗିରଫ କରାଯାଇଥିଲା। ହାଜତରେ ଥିବା ସମୟରେ ତାଙ୍କର ମୃତ୍ୟୁ ହେବା ପରେ ଦେଶରେ ହିଜାବ ବିରୋଧୀ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆନ୍ଦୋଳନକୁ ୧ ମାସରୁ ଅଧିକ ଦିନ ବିତିଯାଇଥିବାବେଳେ ଏଥିରେ ଶତାଧିକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଛି।



ମେରଶଦ ଶାହିଦ




ନାରୀ ହତ୍ୟାକୁ ବିରୋଧ କରି ମେକ୍ସିକୋସିଟିରେ ମହିଳାମାନେ ଡେ ଅଫ୍ ଦ ଡେଡ୍ ପାଳନ ଅବସରରେ କଙ୍କାଳ ବେଶ ହୋଇ ବିକ୍ଷୋଭ କରୁଛନ୍ତି।

## ଜେସିକା ବ୍ରିଟେନ୍‌ର ପ୍ରଥମ ଦୃଷ୍ଟିବାଧିତ ମହିଳା ଆଇନଜୀବୀ

ଲଣ୍ଡନ,୩୧।୧୦

ବ୍ରିଟେନର ପ୍ରଥମ ଅଣଶ୍ୱେତାଙ୍ଗ ଓ ଦୃଷ୍ଟି ବାଧିତା ମହିଳା ଆଇନଜୀବୀ ହୋଇପାରିଛନ୍ତି ଜେସିକା ଇନାବା। ଦେଶରେ ଓକିଲାତି କ୍ଷେତ୍ରରେ ଜେସିକା ଇତିହାସ ରଚିଛନ୍ତି। ସେଣ୍ଟ୍ରାଲ୍ ଲଣ୍ଡନସ୍ଥିତ ୟୁନିଭର୍ସିଟି ଅଫ୍ ଲ'ରେ ସେ ଶିକ୍ଷା ଗ୍ରହଣ କରୁଥିଲେ। ପ୍ରକାଶିତ ରିପୋର୍ଟ ମୁତାବକ ଜେସିକା ବାଇଲାଟେରାଲ ମାଇକ୍ରୋଥାଲମିଆ ରୋଗରେ ଆକ୍ରାନ୍ତ। ୟୁନିଭର୍ସିଟିରେ ୫ ବର୍ଷ ପଢ଼ିବା ପରେ ଗତସପ୍ତାହରେ ସେ ଆଇନ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୟୁନିଭର୍ସିଟିରେ ବ୍ରେଲ୍ ପଦ୍ଧତିରେ ସେ ପାଠ ପଢୁଥିବାବେଳେ ନିଜ ସଫଳତାର ଶ୍ରେୟ ସେ ତାଙ୍କ ପରିବାର ଓ ବନ୍ଧୁ ବର୍ଗଙ୍କୁ ଦେଇଛନ୍ତି।



# ଲୁଲା ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚିତ

ସାଓ ପଉଲୋ,୩୧।୧୦

ଜେର ବୋଲସୋନାରୋଙ୍କୁ ଏକ କଡ଼ା ମୁକାବିଲାରେ ହରାଇ ବାମଦଳ ନେତା ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ରବିବାର ଦ୍ୱିତୀୟ ଥର ପାଇଁ ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୨୦ ବର୍ଷ ପୂର୍ବେ ସେ ବ୍ରାଜିଲ ରାଷ୍ଟ୍ରପତି ଭାବେ ପ୍ରଥମେ ଜିତିଥିଲେ। ୯୯ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ। ଲୁଲାଙ୍କ ସପକ୍ଷରେ ୫୦.୯ ପ୍ରତିଶତ ଭୋଟ ଯାଇଥିବାବେଳେ ବୋଲସୋନାରୋଙ୍କୁ ୪୯.୧ ପ୍ରତିଶତ ଭୋଟ ମିଳିଛି। ଏକ ଦୁର୍ନୀତି ମାମଲାରେ ୨୦୧୮ରେ ୭୭ ବର୍ଷୀୟ ଲୁଲାଙ୍କୁ ଜେଲଦଣ୍ଡ ହେବାରୁ ସେ ସେତେବେଳେ ନିର୍ବାଚନ ଲଢ଼ିପାରି ନ ଥିଲେ। ଫଳରେ ବୋଲସୋନାରୋ କ୍ଷମତାକୁ ଆସିଥିଲେ। ସାଓ ପାଉଲୋର ଏକ ହୋଟେଲରେ ଉଦ୍‌ବୋଧନ ଦେଇ ଲୁଲା କହିଛନ୍ତି, ଆଜିର ବିଜୟ ବ୍ରାଜିଲ ଜନସାଧାରଣଙ୍କର। ଏହା କେବଳ ତାଙ୍କର କିମ୍ବା ଦଳୀୟ କର୍ମୀମାନଙ୍କର ନୁହେଁ। ଏହା ଗଣତାନ୍ତ୍ରିକ ଆନ୍ଦୋଳନର ବିଜୟ ବୋଲି ଲୁଲା କହିଛନ୍ତି। ସେ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବା ସହ ଦେଶର ବିକାଶକୁ ଆଗେଇ ନେବେ ବୋଲି କହିଛନ୍ତି।



**ଲୁଲାଙ୍କୁ ୫୦.୯%, ବୋଲସୋନାରୋଙ୍କୁ ୪୯.୧% ଭୋଟ ମିଳିଛି**

ଲୁଲା ବ୍ରାଜିଲର ୩୫ତମ ରାଷ୍ଟ୍ରପତି ଭାବେ ୨୦୦୩ରୁ ୨୦୧୦ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ। ଏବେ ସେ ନିର୍ବାଚିତ ହୋଇଥିବାରୁ ୨୦୨୩ରେ ଦେଶର ୩୯ତମ ରାଷ୍ଟ୍ରପତି ଭାବେ ଶପଥ ନେବା ଆଶା କରାଯାଉଛି। ବାମପନ୍ଥୀ ୱାର୍କର୍ସ ପାର୍ଟି(ପି.ଟି.)ର ପ୍ରତିଷ୍ଠାତା ସଦସ୍ୟ ଲୁଲା ୨୦୦୨ରେ ସାଧାରଣ ନିର୍ବାଚନ ଜିତିବା ପୂର୍ବରୁ ୩ ଥର ହାରିଯାଇଥିଲେ। ସେ ୨୦୦୬ରେ ପୁନଃ ନିର୍ବାଚିତ ହୋଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୫୫,୪୩,୩୭୪ | ୬୫,୯୪,୦୯୫ | ୬୧,୪୭,୪୮,୬୮୮ |
| ଭାରତ | ୪,୪୬,୫୩,୫୯୨ | ୫,୨୯,୦୨୪ | ୪,୪୧,୦୬,୬୫୬ |
| ଓଡ଼ିଶା | ୧୩,୩୬,୧୩୨ | ୯୨୦୩(+୫୩) | ୧୩,୨୬,୬୨୧ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ



**ପୁରୀ ଅଫିସ, ୩୧।୧୦:** କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ସପ୍ତମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ବଡ଼ଠାକୁର ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଦାରୁବିଗ୍ରହମାନଙ୍କ ଅବକାଶ ନୀତି ପରେ ହରିହର ବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ପ୍ରଭୁ ବଳଭଦ୍ରଙ୍କୁ ହରିହର ବେଶରେ ସଜ୍ଜିତ କରିଥିଲେ। ଏହି ବେଶରେ ବଡ଼ ଠାକୁର ୩୨ ପ୍ରକାରରୁ ଊର୍ଦ୍ଧ୍ୱ ସୁବର୍ଣ୍ଣ ଅଳଙ୍କାର ସମେତ ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳାବସ୍ତ୍ରରେ ଭୂଷିତ ହୋଇଥିଲେ। ବଳଭଦ୍ରଙ୍କ ବାମପାର୍ଶ୍ୱକୁ କଳା ଓ ଡାହାଣ ପାର୍ଶ୍ୱକୁ ଧଳା ରଙ୍ଗର ବସ୍ତ୍ରରେ ସଜ୍ଜିତ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶ ଓ ପ୍ରଭୁ ବଳଭଦ୍ର ହରିହର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ବଳଭଦ୍ରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରକଟିତ ହୋଇଥାଏ। ଶାସ୍ତ୍ରରେ ମଧ୍ୟ ହରି ଓ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ପ୍ରଭୁ ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ବଡ଼ ଠାକୁରଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆତ୍ମତୃପ୍ତି ଲାଭ କରିଥିଲେ।

### ବିଲରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ସଇଁତଲା, ୩୧।୧୦ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଆମ୍ବପାଲି ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ଗାଁର ଏକ ବିଲରୁ ସୋମବାର ଉଦ୍ଧାର କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ ଆମ୍ବପାଲି ଗ୍ରାମର ଜାନକୀ ମହାନନ୍ଦ (୪୮) ସୋମବାର ସକାଳୁ ଗ୍ରାମଠାରୁ ୩କିମି ଦୂରରେ ଥିବା ବିଲକୁ ଘାସ କାଟିବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଘରେ ଥିବା ସାନଝିଅ ଓ ପୁଅ ପାଖ ପଡୋଶୀ ଓ ସମ୍ପର୍କୀୟଙ୍କୁ ପଚାରି ବୁଝିଥିଲେ। ପଡୋଶୀ ଓ ପରିବାର ଲୋକେ ଗାଁଠାରୁ ଦୂରରେ ଥିବା ଏକ ବିଲକୁ ଯାଇ ସେଠାରେ ଜାନକୀଙ୍କୁ ଖୋଜାଖୋଜି କରିଥିଲେ। ବିଲରେ ଜାନକୀ ପଡ଼ିଥିବା ଦେଖି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ସେଠାରେ ଜାନକୀଙ୍କୁ ମୃତ ଘୋଷଣା କରିଥିଲେ। ସଇଁତଲା ଏସଆଇ ସଙ୍ଗୀତା ବେକ ଓ ପ୍ରସନ୍ନ ନାୟକ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତାଙ୍କ ମୁହଁରେ କଟା ଦାଗ ରହିଛି। ତାଙ୍କ ମୁଣ୍ଡ ଖପୁରି ଦେଖା ଯାଉଥିବାରୁ ତାଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି। ଜାନକୀଙ୍କ ମୃତ୍ୟୁ ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଜାନକୀଙ୍କ ସ୍ୱାମୀ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଜଣାପଡିଛି।

# ଅପରାଧ ଚେର ମୁର୍ଶିଦାବାଦରୁ ମୟୂରଭଞ୍ଜ

- ଦିନରେ ରାଜମିସ୍ତ୍ରି, ରାତିରେ ଚୋରି
- ଯାଞ୍ଚ କରୁନି ମ୍ୟୁନିସିପାଲିଟି
- ପୋଲିସ ନିଷ୍କ୍ରିୟତାରୁ ନିୟନ୍ତ୍ରଣ ରହୁନାହିଁ

**ବାରିପଦା ଅଫିସ, ୩୧।୧୦**

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଚୋରି, ଡକାୟତି, ଛିନତାଇ, ବଳାତ୍କାର ଓ ଠକେଇ ଭଳି ଅପରାଧ ବଢ଼ିବାରେ ଲାଗିଛି। ଅପରାଧର କାର୍ପଟଦାର ସାଜିଛନ୍ତି ଭଡ଼ାଟିଆ। ପଶ୍ଚିମବଙ୍ଗର ମୁର୍ଶିଦାବାଦରୁ ଆସି କାୟା ବିସ୍ତାର କରିବାରେ ଲାଗିଛନ୍ତି କିଛି ଅସାମାଜିକ। ବିନା ପ୍ରମାଣପତ୍ରରେ ଘରମାଲିକମାନେ ଭଡ଼ା ସୂତ୍ରରେ ରଖୁଥିବାରୁ ସେମାନଙ୍କ ଉପରେ କାହାର ନିୟନ୍ତ୍ରଣ ରହୁନାହିଁ। ଜିଲାରେ ବେକାରି ସମସ୍ୟା ବୃଦ୍ଧି ପାଇବା କାରଣରୁ ଅନେକ ଯୁବକ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ଶ୍ରମଜୀବୀଙ୍କ ଅଭାବ ପୂରଣ ପାଇଁ ବାହାର ରାଜ୍ୟରୁ ଆସୁଥିବା କେତେଜଣ କୁଶଳୀ ଶ୍ରମିକ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ମ୍ୟୁନିସିପାଲିଟି ଓ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଉ ନ ଥିବାରୁ ସେମାନଙ୍କ ଚେର ମୁର୍ଶିଦାବାଦରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଲମ୍ବିବାରେ ଲାଗିଛି। ଅନ୍ୟପକ୍ଷରେ ସେମାନଙ୍କୁ ଥଇଥାନ କରି ରାଜନୈତିକ ଫାଇଦା ହାସଲ ମଧ୍ୟ କରାଯାଉଛି। ଜିଲା କିମ୍ବା ପୋଲିସ ପ୍ରଶାସନ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

ଶିଳ୍ପବିହୀନ ମୟୂରଭଞ୍ଜ ଜିଲାର ଅନେକ ଯୁବତୀ ଯୁବକ କାମଧନ୍ଦା ନ ପାଇ ବେକାର ହୋଇ ବୁଲୁଛନ୍ତି। ୨୦୧୧ଜନଗଣନା ଅନୁଯାୟୀ ଜିଲାରେ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଶତକଡ଼ା ୬୫ ପ୍ରତିଶତ ଶ୍ରମିକ ଓ ଦିନ ମଜୁରିଆ ଶ୍ରେଣୀର ହୋଇଥିବା ବେଳେ ବାହାର ରାଜ୍ୟମାନଙ୍କୁ ୩୫ଭାଗ ଗରିବ ଆଦିବାସୀ ଶ୍ରେଣୀର ଲୋକେ ଦାଦନ ଖଟିବାକୁ ଯାଇଥାନ୍ତି। ୨୫ଭାଗ ଶ୍ରମିକ ବର୍ଗର ଲୋକେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଶ୍ରମ ଛାଡ଼ି ଦେଇଛନ୍ତି। ଫଳରେ କାମଧନ୍ଦା କରିବାକୁ ଶ୍ରମଜୀବୀ ମିଳୁ ନାହାନ୍ତି। ଏହାର ସୁଯୋଗ ନେଇ ଘରୋଇ କାମ ସହିତ ସରକାରୀ ଓ ବେସରକାରୀ ନିର୍ମାଣ କାମରେ ଶ୍ରମିକ ଭାବେ ପଶ୍ଚିମବଙ୍ଗ, ବାଂଲାଦେଶ, ଢାକା ଓ ବିହାର ଅଞ୍ଚଳର ବିଭିନ୍ନ ସ୍ଥାନରୁ କାରିଗର ଓ ମିସ୍ତ୍ରିମାନେ ଆସି ଜିଲାବାସୀଙ୍କ ଚାହିଦା ପୂରଣ କରୁଛନ୍ତି। ଦିନରେ କାମ କରି ରାତି ହେଲେ ସେମାନେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଜିଲାର କୋଣ ଅନୁକୋଣରେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ପୋଲିସ ପ୍ରଶାସନ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ସାଜିଥିବା ବେଳେ ଅପରାଧକୁ ରୋକିବାରେ ବିଫଳ ହେଉଛି। ସେହିପରି କିଛି ଅସାଧୁ ବ୍ୟକ୍ତି ଅର୍ଥଲୋଭରେ ସେମାନଙ୍କୁ ବାସସ୍ଥାନର ପରିଚୟ ଦେଇ ଭୋଟର ତାଲିକାରେ ଯୋଡିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ବାରିପଦା ସହରରେ ରହୁଥିବା ମାଲିକମାନେ ଠିକ ଯାଞ୍ଚ ନ କରି ସେମାନଙ୍କୁ ଘରେ ରହିବାକୁ ଅନୁମତି ଦେଉଛନ୍ତି। ଏପରିକି ସେମାନଙ୍କ ଆଧାର କାର୍ଡ, ଭୋଟର କାର୍ଡ ଓ ବାସସ୍ଥାନ ପ୍ରମାଣପତ୍ର ଦେଇ ଭଡ଼ା ଦେବାକୁ ନିୟମ ରହିଥିଲେ ସୁଦ୍ଧା ଏହାକୁ ଯାଞ୍ଚ କରାଯାଉନାହିଁ।

କିଛି ଦିନ ପୂର୍ବେ ବୈଶିଙ୍ଗା ଓ ଉଦଳା ଥାନା ଅଞ୍ଚଳରେ ହେଉଥିବା ଲଗାତାର ଚୋରି ଘଟଣାରେ ୬ଜଣ ମୁର୍ଶିଦାବାଦର ମିସ୍ତ୍ରି ସମ୍ପୃକ୍ତ ଥିବା ନେଇ ପୋଲିସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲା। ଝାରପୋଖରିଆ, ବିଶୋଇ, ଖୁଣ୍ଟା, କୁଳିଅଣା ଓ ବେତନଟୀ ଥାନାରେ ମଧ୍ୟ ଏଭଳି ଅପରାଧ ସମ୍ପର୍କିତ ମାମଲା ରୁଜୁ ହୋଇଛି। ଅପରାଧ ଘଟାଇ ନିଜ ରାଜ୍ୟକୁ ପଳାଇବା ପରେ ଜିଲା ପୋଲିସ ସେମାନଙ୍କ ଟେର୍ ପାଉନି। ପୁଣି କିଛି ଦିନ ପରେ ସେମାନେ ସ୍ଥାନ ବଦଳାଇ ଜିଲାରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି।

ଏ ସଂକ୍ରାନ୍ତରେ ବିକାଶ ମଞ୍ଚର ଆବାହକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ କୁହନ୍ତି, କାମଧନ୍ଦା ମିଳୁ ନ ଥିବାରୁ ଜିଲାର ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କୁଶଳୀ ଶ୍ରମିକ କିମ୍ବା କାରିଗର ନ ଥିବାରୁ ପଡ଼ୋଶୀ ରାଜ୍ୟରୁ ଆସୁଥିବା ଲୋକେ ଏହାର ସୁଯୋଗ ନେଇ ଅପରାଧ ଘଟାଇବାରେ ଲାଗିଛନ୍ତି।

ତେବେ ଜିଲାରେ ପୋଲିସ କର୍ମଚାରୀଙ୍କ ସଂଖ୍ୟା କମ୍ ରହୁଥିବାରୁ ଅପରାଧ ନିୟନ୍ତ୍ରଣ ହୋଇପାରୁନି ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ବାରିପଦା ମ୍ୟୁନିସିପାଲିଟିର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ପଚାରିବାରୁ ଯାଞ୍ଚ କରିବା କାମ ପୋଲିସର। ଘରଭଡ଼ା ଦେଉଥିବା ବ୍ୟକ୍ତି ସମସ୍ତ ପ୍ରମାଣପତ୍ର ରଖି ପୋଲିସକୁ ଅବଗତ କରିବାର ନିୟମ ରହିଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବାରିପଦା ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତି କୁହନ୍ତି, ଘରଭଡ଼ା ଦେଉଥିବା ମାଲିକମାନେ ମ୍ୟୁନିସିପାଲିଟିକୁ ଜଣାଇବେ। ଏହା ପୋଲିସର କାମ ନୁହେଁ।

## ଲାଞ୍ଚ ମାମଲାରେ ପିଇଓ ଦୋଷୀ ସାବ୍ୟସ୍ତ

**୧ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଜରିମାନା**

**ବଲାଙ୍ଗୀର ଅଫିସ, ୩୧।୧୦:** ୨୦୧୫ ମସିହାରେ ମୋ କୁଡିଆ ଯୋଜନା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ବଲାଙ୍ଗୀର ଗୁଡଭେଲା ବ୍ଲକ୍ ଘୁନା ପଞ୍ଚାୟତର ତତ୍କାଳୀନ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ଭଣ୍ଡା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି ମାମଲାର ଶୁଣାଣି କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଆନନ୍ଦ ନାରାୟଣ ମହାରଣା ଭଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ ଶୁଣାଇଛନ୍ତି। ଲାଞ୍ଚ ନେବାବେଳେ ଅଭିଯୁକ୍ତ ଭଣ୍ଡା ଭିଜିଲାନ୍ସ ଜାଲରେ ପଡିଥିଲେ। ତାଙ୍କ ବିରୁଦ୍ଧରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ସିଂଆର-୨/୧୬) ରୁଜୁ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ପକ୍ଷରୁ ଦଣ୍ଡାଦେଶ ଶୁଣାଣି କରାଯାଇଥିଲା। ଏହି ମାମଲାକୁ ଭିଜିଲାନ୍ସ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜୟକୃଷ୍ଣ ସାହୁ ପରିଚାଳନା କରିଥିଲେ।

# ଭୁବନେଶ୍ୱର-ଜୟପୁର ବିମାନସେବା ଆରମ୍ଭ



ଭୁବନେଶ୍ୱର-ଜୟପୁର ବିମାନସେବାର ଉଦ୍‌ଘାଟନ ଅବସରରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)**

କୋରାପୁଟବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହୋଇଛି। ବହୁପ୍ରତୀକ୍ଷିତ ଭୁବନେଶ୍ୱର-ଜୟପୁର ବିମାନସେବା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ବିମାନସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଉଦ୍‌ଘାଟନ କରିଛନ୍ତି। ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୯ ସିଟ୍ ବିଶିଷ୍ଟ ବିମାନ ଉଡ଼ାଣ କରିଛି। ପ୍ରତିଦିନ ଏହା ପୂର୍ବାହ୍ନ ୧୧ଟା ୩୫ରୁ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରି ଜୟପୁରରେ ଅପରାହ୍ନ ୧ଟା ୨୦ରେ ପହଞ୍ଚିବ। ସେଠାରୁ ଅପରାହ୍ନ ୧ଟା ୪୦ରେ ବିଶାଖାପାଟଣା ଅଭିମୁଖେ ଯାତ୍ରା କରି ୨ଟା ୩୦ରେ ପହଞ୍ଚିବ। ପୁଣି ଅପରାହ୍ନ ୩ଟାରେ ବିଶାଖାପାଟଣାରୁ ବାହାରି ୩ଟା ୫୦ରେ ଜୟପୁର ଓ ପରେ ୪ଟା ୫ରେ ସେଠାରୁ ବାହାରି ୫ଟା ୫୦ରେ ଭୁବନେଶ୍ୱରରେ ପହଞ୍ଚିବ। ଭୁବନେଶ୍ୱରରୁ ଜୟପୁର ପାଇଁ ପ୍ରାରମ୍ଭିକ ଭାବେ ଟିକେଟ ମୂଲ୍ୟ ୧,୦୪୯ ଟଙ୍କା ରହିଛି। ଆଗକୁ ସର୍ବାଧିକ ଅଢ଼େଇ ହଜାର ଟଙ୍କା ରହିବ ବୋଲି ସୂଚନା ଦିଆଯାଇଛି।

ଗତ ୨୦ ତାରିଖରେ ଜୟପୁର ବିମାନବନ୍ଦରରୁ ଯାତ୍ରୀବାହୀ ବିମାନ ଉଡ଼ିବା ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଲାଇସେନ୍ସ ଦିଆଯାଇଥିଲା। ଏବେ ଭୁବନେଶ୍ୱର, ଝାରସୁଗୁଡ଼ା ଏବଂ ରାଉରକେଲା ବିମାନବନ୍ଦର ପରେ ଏହା ରାଜ୍ୟର ଚତୁର୍ଥ ଲାଇସେନ୍ସପ୍ରାପ୍ତ ବିମାନବନ୍ଦର ଭାବେ ପରିଗଣିତ ହୋଇଛି। ଏହା ରାଜ୍ୟର ପ୍ରଥମ ନିଜସ୍ୱ ବିମାନବନ୍ଦର ହେବ, ଯାହାକି ବ୍ୟବସାୟିକ ବିମାନ ଚଳାଚଳ ପାଇଁ ଲାଇସେନ୍ସପ୍ରାପ୍ତ। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜୟପୁର-ଭୁବନେଶ୍ୱର ଏବଂ ଭୁବନେଶ୍ୱର-ଜୟପୁର ବିମାନ ଉଡ଼ିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିସହ 'ଇଣ୍ଡିଆ ୱାନ୍ ଏୟାର' ପକ୍ଷରୁ ଟୁଇଟ୍ କରି ୩୧ତାରିଖରୁ ଭୁବନେଶ୍ୱର-ଜୟପୁରକୁ ବିମାନ ଚଳାଚଳ କରିବା ନେଇ ସୂଚନା ଦିଆଯାଇଥିଲା। ଯାତ୍ରୀମାନେ ଭୁବନେଶ୍ୱରରୁ ଜୟପୁର ଯାତ୍ରା କରିବା ପାଇଁ ଇଣ୍ଡିଆ ୱାନ୍ ଏୟାର ୱେବ୍‌ସାଇଟ୍‌କୁ ଯାଇ ଅନ୍‌ଲାଇନ୍ ଟିକେଟ କାଟିଥିଲେ। ତେବେ ପ୍ରଥମଦିନର ଯାତ୍ରା ପାଇଁ ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ ଅଫର ପ୍ରାଇସ୍ ଭାବେ ୯୯୯ଟଙ୍କା ରଖାଯାଇଥିଲା। ଜୟପୁରରେ ବିମାନ ଅବତରଣ କରିବା ପରେ ବାଜା, ନାଚ ଗୀତ ସହ ଯାତ୍ରୀଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଜୟପୁର ବିମାନବନ୍ଦରକୁ ଉଡ଼ାନ(ଉଡ଼େ ଦେଶ୍ କି ଆମ୍ ନାଗରିକ) ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଓଡିଶା ସରକାର ଏବଂ ବିମାନବନ୍ଦର ପ୍ରାଧିକରଣଙ୍କ ମିଳିତ ଉଦ୍ୟମରେ ବିମାନବନ୍ଦର ରୂପେ ବିକାଶ କରାଯାଇଛି। ଏହି ଯୋଜନା ଅନୁଯାୟୀ ରାଜ୍ୟ ସରକାର ବିମାନବନ୍ଦର ନିମନ୍ତେ ଆବଶ୍ୟକ ହେଉଥିବା ଜମି, ସୁରକ୍ଷା ଏବଂ ଅଗ୍ନିଶମ କର୍ମଚାରୀ, ବିଦ୍ୟୁତ ଏବଂ ଜଳ ଦେୟ, ମାନବ ଶକ୍ତି ଏବଂ ଆର୍ଥିକ ପ୍ରୋତ୍ସାହନ ଆଦି ପ୍ରଦାନ କରିଛନ୍ତି। ଜୟପୁର ସହରରେ ବିମାନବନ୍ଦର ଏହି ଅଞ୍ଚଳର ଅର୍ଥନୈତିକ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ସହ ରାଜ୍ୟ ରାଜଧାନୀକୁ ସଂଯୋଗ କରିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା। ବର୍ତ୍ତମାନ ଏହି ସହରଟି ଦକ୍ଷିଣ ଓଡ଼ିଶାର ଏକ ବାଣିଜ୍ୟ କେନ୍ଦ୍ର ଭାବରେ ଉଭା ହୋଇଛି, ଯେଉଁଥିରେ ଅନେକ ଉତ୍ପାଦନକ୍ଷମ କାରଖାନା ରହିଛି। ଏହାବ୍ୟତୀତ ଏଠାରେ ଅନେକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଓ ବହୁ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠାନ ରହିଛି। ତେଣୁ ଯାତାୟାତ କ୍ଷେତ୍ରରେ ଏହି ବିମାନସେବା ଉପଯୋଗୀ ହେବ ବୋଲି ଆଶା ରଖାଯାଇଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି. କେ. ପାଣ୍ଡିଆନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସତ୍ୟପାଠ ଦାଖଲ କଲା ରାଜ୍ୟ ପରିବହନ ବିଭାଗ

**ହାଇସିକ୍ୟୁରିଟି ନମ୍ବର ପ୍ଲେଟ ମାମଲା**

**୨୮ରେ ପରବର୍ତ୍ତୀ ଶୁଣାଣି**



**କଟକ ଅଫିସ,୩୧।୧୦**

ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ମାମଲାରେ ସୋମବାର ରାଜ୍ୟ ପରିବହନ ବିଭାଗ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ବିଭିନ୍ନ କାରଣରୁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି ନିମନ୍ତେ ଲୋକଙ୍କୁ ଅସୁବିଧା ହେଉଥିବାରୁ ଆଉ ଏକମାସ ଅବଧି ବୃଦ୍ଧି କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ହାଇକୋର୍ଟରେ ଆଗତ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏ ନେଇ ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ନଭେମ୍ବର ୨୮ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି।

ଗତ ୨୬ ତାରିଖରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ପରିବହନ ବିଭାଗକୁ ଭିତ୍ତିଭୂମି ବିକାଶ ଉପରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି ଅବଧି ଏକ ମାସ ବୃଦ୍ଧି କରାଯାଇଥିବା ନେଇ ଗତ ୨୯ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ସୋମବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏହାଦ୍ୱାରା ମାଲିକମାନେ ରେଜିଷ୍ଟ୍ରେଶନ ନମ୍ବର ୧, ୨, ୩ ଓ ୪ ରେ ଶେଷ ହେଉଥିବା ଯାନ ନିମନ୍ତେ ନଭେମ୍ବର ୩୦ ତାରିଖ, ୫ ଓ ୬ ଶେଷ ନମ୍ବର ଥିଲେ ଡିସେମ୍ବର ୩୧ ତାରିଖ, ୭ ଓ ୮ ଶେଷ ନମ୍ବର ଥିଲେ ଜାନୁୟାରୀ ୩୧ ତାରିଖ ଏବଂ ୯ ଓ ୦ ଶେଷ ନମ୍ବର ଥିଲେ ଫେବୃୟାରୀ ୨୮ ତାରିଖ ଯାଏ ଅବଧି ବୃଦ୍ଧିର ସୁଯୋଗ ପାଇବେ। ସୂଚନାଯୋଗ୍ୟ, ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅକ୍ଟୋବର ୧ ତାରିଖରୁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ କଡ଼ାକଡ଼ି କରାଯିବାକୁ ଘୋଷଣା କରାଯାଇଥିଲା। ଏଥିସହ ଧାର୍ଯ୍ୟ ସମୟ ମଧ୍ୟରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ନ ଥିଲେ ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ପରେ ନିର୍ଦ୍ଦେଶନାମା ସଂଶୋଧନ କରାଯାଇ ସ୍ଲଟ ବୁକିଂ କରାଯାଇଥିବା ରସିଦ୍ ଦେଖାଇଲେ ଜରିମାନାରୁ ଛାଡ଼ ମିଳିବ ବୋଲି କୁହାଯାଇଥିଲା। ସରକାରଙ୍କ ଏଭଳି କଡ଼ା ଆଭିମୁଖ୍ୟ ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିଲା। ଉକ୍ତ ପ୍ଲେଟ ନିମନ୍ତେ ଏଚ୍‌ଏସ୍‌ଆର୍‌ପି ୱେବସାଇଟ୍‌ରେ ସ୍ଲଟ ବୁକିଂ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଇଣ୍ଟରନେଟ ସୁବିଧା ସବୁଠାରେ ଉପଲବ୍ଧ ନାହିଁ। ତେଣୁ ସରକାର ନିୟମ କଡ଼ାକଡ଼ି କରିବାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଜନସାଧାରଣ ଆଉ କ'ଣ ବିକଳ୍ପ ବ୍ୟବସ୍ଥା ଆପଣାଇପାରିବେ ସେନେଇ ତଥ୍ୟ ଉପସ୍ଥାପନ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି ଅବଧିକୁ ମାସେ ବୃଦ୍ଧି କରାଯାଇ ନଭେମ୍ବର ୧ରୁ କଡ଼ାକଡ଼ି ଲାଗୁ କରାଯିବାକୁ ଘୋଷଣା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା।

# କାରଣ ଖୋଜି ପାଉନି ପୋଲିସ

**ଘର ଭିତରୁ ୪ ମୃତଦେହ ଉଦ୍ଧାର ଘଟଣା**



ଘଟଣାସ୍ଥଳରେ ବରଗଡ଼ ଏସ୍‌ପିଙ୍କ ତଦନ୍ତ।

**ବରଗଡ଼ ଅଫିସ୍,୩୧।୧୦**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଜାଣ୍ଡୋଲ(କନ୍ଧପଡ଼ା)ରେ ଗୋଟିଏ ବୁଣାକାର ପରିବାର ଘରୁ ୪ ସଦସ୍ୟଙ୍କ ମୃତଦେହ ଉଦ୍ଧାର ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକମାନେ ହେଲେ ଗୃହକର୍ତ୍ତା ଶେଷଦେବ ମେହେର(୬୫), ସ୍ତ୍ରୀ କ୍ଷୀରେଶ୍ୱରୀ(୬୦), ପୁଅ ଅରବିନ୍ଦ(୩୦) ଏବଂ ଝିଅ ଶିବାନୀ(୨୨)। ପରିବାରର କେହି ଜୀବିତ ନ ଥିବା ଯୋଗୁ ଘଟଣାଟି ରହସ୍ୟାବୃତ୍ତ ରହିଛି। କେଉଁ ପରିସ୍ଥିତିରେ ଘର ଭିତରେ ପରିବାରର ସବୁ ସଦସ୍ୟଙ୍କ ମୃତ୍ୟୁ ହେଲା ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହାକୁ କେହି ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ କହୁଥିବାବେଳେ ପରିବାରର ଜଣେ ସଦସ୍ୟ ଅନ୍ୟ ୩ ଜଣଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଆଉ କେହି କହୁଛନ୍ତି। ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ହତ୍ୟା ମାମଲା(୩୩୭/୨୨) ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟା ମାମଲା ରୁଜୁ କରିଥିଲେ ସୁଦ୍ଧା ପୋଲିସ ମୃତ୍ୟୁ ଘଟଣାର ଖିଅ ପାଇ ପାରିନାହିଁ। ମୃତକଙ୍କ ପଡ଼ୋଶୀ ଏବଂ ସମ୍ପର୍କୀୟଙ୍କୁ ପଚରାଉଚରା କରାଯାଉଛି। ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କିପରି ହୋଇପାରିବ ସେନେଇ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି ସ୍ମିଥ୍ ପି. ପରମାର୍ କହିଛନ୍ତି।

ରବିବାର ସନ୍ଧ୍ୟାରେ ଶେଷଦେବଙ୍କ ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ୩/୪ ଦିନ ହେଲା ବାହାରପଟୁ ତାଲା ପଡ଼ିଥିବା ଦେଖି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ କବାଟ ଖୋଲିବା ପରେ ପରିବାରର ୪ ସଦସ୍ୟଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଅରବିନ୍ଦଙ୍କ ମୃତଦେହ ତଳ ମହଲା ପଙ୍ଖାରେ ଝୁଲୁଥିବା ବେଳେ ମା', ଝିଅଙ୍କ ମୃତଦେହ ଉପର ମହଲା ଖଟିଆରେ ଏବଂ ବାପାଙ୍କ ମୃତଦେହ ତଳ ମହଲାର ଏକ କୋଠରିରେ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ରାତି ହୋଇଯାଇଥିବାରୁ ତଦନ୍ତ ଅଗ୍ରଗତି ହୋଇ ନ ଥିଲା। ସୋମବାର ସକାଳୁ ଏସ୍‌ପି ପରମାର୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମ୍ବଲପୁର ଏବଂ ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ ପ୍ରକ୍ରିୟାରେ ପୋଲିସକୁ ସହଯୋଗ କରିଥିଲେ। ପୋଲିସ ଆର୍ଥିକ କାରବାର, ପାରିବାରିକ କଳହ, ସମ୍ପତ୍ତି ଲୋଭ ଆଦି ଦିଗକୁ ନେଇ ତଦନ୍ତ ଚଳାଇଛି।

# ଇରାନୀ-ପ୍ରତ୍ୟୁଷାଙ୍କ ମଧ୍ୟରେ ବଳ କଷାକଷି

- ଭାଜପାର ସମାନ୍ତରାଳ ବୈଠକ ପରେ ବଢ଼ିଲା କନ୍ଦଳ

**ନୟାଗଡ ଅଫିସ,୩୧।୧୦**

ଭାଜପାର ଦୁଇଗୋଷ୍ଠୀ ପକ୍ଷରୁ ନୟାଗଡ଼ ନିର୍ବାଚନମଣ୍ଡଳୀର ନୟାଗଡ଼ ଓ ଓଡ଼ଗାଁରେ ପୃଥକ୍ ଭାବେ ସୋମବାର ସମାନ୍ତରାଳ ବୈଠକ ପରେ ଗୋଷ୍ଠୀ କନ୍ଦଳ ପଦାକୁ ଆସିଛି। ନୟାଗଡ଼ ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥିନୀ ଇରାନୀ ରାୟ ଓ କନ୍ଧମାଳ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସମାନ୍ତରାଳ ବୈଠକ କରି ନିଜର ପରାକାଷ୍ଠା ଦେଖାଇଛନ୍ତି। ଇରାନୀଙ୍କ ସଭାରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଯୋଗ ଦେଇଥିଲେ ମଧ୍ୟ ଦଳୀୟ କନ୍ଦଳ ନେଇ କିଛି କହି ନ ଥିଲେ। ଏପରି କି ଇରାନୀ ଓ ପ୍ରତ୍ୟୁଷାଙ୍କ ମଧ୍ୟରେ ଚାଲିଥିବା କନ୍ଦଳ ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନକୁ ଧାମନଗର ଉପନିର୍ବାଚନ ବାହାନା ଦେଖାଇ ସେ ଏଡାଇ ଯାଇଥିଲେ। ଯଦିଓ ନିର୍ବାଚନ ଏବେ ହେବାର ନାହିଁ, ତେବେ ବିଧାନସଭା ନିର୍ବାଚନରେ ପ୍ରାର୍ଥିତ୍ୱକୁ ନେଇ ଉଭୟ ନାରୀ ନେତ୍ରୀଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ପ୍ରକାଶଥାଉ କି ହେମେନ୍ଦ୍ର କୁମାର ସିଂ କଂଗ୍ରେସ ସଙ୍ଗଠନକୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ସୁଦୃଢ଼ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିରେ ଯୋଗଦେଇ କନ୍ଧମାଳ ଏମ୍‌ପି ହୋଇଥିଲେ। କିଛି ମାସ ପରେ ତାଙ୍କର ମୃତ୍ୟୁ ହେବା ପରେ ପତ୍ନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପନିର୍ବାଚନରେ କନ୍ଧମାଳ ଏମ୍‌ପି ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ଟିକେଟ ନ ପାଇବାରୁ ଭାଜପାରେ ଯୋଗ ଦେଇଥିଲେ। ସେପଟେ ଲାଲା ମନୋଜ ରାୟ ଭାଜପାର ଜିଲା ସଭାପତି ରହି ନିଜ ପତ୍ନୀ ଇରାନୀଙ୍କୁ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଟିକେଟ୍ ଦେଇଥିଲେ।

ଇରାନୀ ରାୟ ସୋମବାର ବାଲୁଗାଁ ମଣ୍ଡଳର ବୈଠକ କରାଇଥିବାବେଳେ ଏଥିରେ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଯୋଗ ଦେଇଥିଲେ। ଦଳୀୟ କନ୍ଦଳ ସମ୍ପର୍କରେ ଇରାନୀ ରାୟଙ୍କୁ ପଚାରିବାରୁ ରାଷ୍ଟ୍ରୀୟ ପ୍ରବକ୍ତା ଏହାର ଉତ୍ତର ରଖିବେ ବୋଲି କହିଥିଲେ। ଏ ନେଇ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ପ୍ରେସ ମିଟ୍ କରିବେ ବୋଲି ନୟାଗଡ଼ର ଏକ ହୋଟେଲକୁ ଖବରଦାତାଙ୍କୁ ଡକାଯାଇଥିଲା। ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କର କୌଣସି ପ୍ରଶ୍ନର ଉତ୍ତର ନ ରଖି ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଚାଲି ଗଲେ। ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର ୨ ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ସାକେରୀ ପଞ୍ଚାୟତ ଲିମ୍ବେଶ୍ୱରୀ ମହାଦେବଙ୍କ ପଡିଆରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମିଶ୍ରଣ ପର୍ବ କରିଥିଲେ। ଏଥିରେ ପ୍ରତ୍ୟୁଷାଙ୍କ ପ୍ରତି ସମର୍ଥନ ବଢ଼ିବା ପରି ଦେଖାଯାଉଥିଲା। ଏ ନେଇ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ପଚାରିବାରୁ କହିଥିଲେ, ଭାଜପାରେ ମୁଁ ଯୋଗ ଦେବା ସମୟରେ ମୋତେ ୨୦୨୪ରେ ଟିକେଟ୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମିଶ୍ରଣ ସମୟରେ ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନାରୀନେତ୍ରୀ ଇରାନୀ ରାୟ ଓ ଜିଲା ସଭାପତି ଲାଲା ମନୋଜ ରାୟ ଉପସ୍ଥିତ ଥିଲେ। ସେଇ ଆଧାରରେ ସଙ୍ଗଠନ ବଢ଼ାଉଛି। ଦଳରେ କୌଣସି ଫାଟ ସୃଷ୍ଟି କରୁନାହିଁ ବୋଲି ସେ କହିଥିଲେ। ଇରାନୀ ରାୟ କୁହନ୍ତି, ସଙ୍ଗଠନ କରିବାକୁ କାହାକୁ ମନା ନାହିଁ। କିନ୍ତୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଭାଜପାର ସଙ୍ଗଠନ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଅଛି। ୨୦୨୪ ନିର୍ବାଚନ ଆଗକୁ ଅଛି। ଏହା ପୂର୍ବରୁ କିଏ ଟିକେଟ ପାଇବ କହି ହେବ ନାହିଁ। ଅନ୍ୟପକ୍ଷେ ଦଳ ବିରୋଧରେ କିଏ କାମ କଲେ ମୁଁ କିଛି କହିପାରିବି ନାହିଁ। ନିଜେ ନିଜକୁ ପ୍ରାର୍ଥୀ ଘୋଷଣା କରି ଦେଲେ ହେବନି। ସୋମବାର ବୈଠକ ପରେ ସେ ଆଶୟୀ ପ୍ରାର୍ଥୀ ହୋଇପାରନ୍ତି। ତେବେ ଏହା ଦଳୀୟ କନ୍ଦଳ ବୋଲି କୁହାଯିବନି। ମୋ ସମର୍ଥକମାନେ ଓଡ଼ଗାଁ ବୈଠକକୁ ଯାଇନାହାନ୍ତି। କିଛି ଜିଲା ପରିଷଦ ପାଇଁ ପ୍ରାର୍ଥୀ ମିଶ୍ରଣ ପର୍ବରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାରେ ମିଶିବା ସମୟରେ ଦଳ ପକ୍ଷରୁ କେହି ବିଧାୟକ ପ୍ରାର୍ଥୀ ହେବା ପାଇଁ ପ୍ରତିଶ୍ରୁତି ଦେଇନାହାନ୍ତି। ପ୍ରତ୍ୟୁଷା ଯାହା କହୁଛନ୍ତି ମୁଁ ଏହାକୁ ଖଣ୍ଡନ କରୁଛି। ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସମାନ୍ତରାଳ ଭାବେ ସଙ୍ଗଠନ ଓ ବୈଠକ କରୁଥିବା ନଜରକୁ ଆସିଛି। ହେଲେ ଏବେ ଧାମନଗର ନିର୍ବାଚନରେ ବ୍ୟସ୍ତ ଅଛି। ଦଳରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି। ଦଳରେ ବିଶୃଙ୍ଖଳା ସୃଷ୍ଟି କରାଯାଉଥିବାରୁ ଏ ନେଇ ରାଜ୍ୟ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି।



ଇରାନୀ ରାୟ



ପ୍ରତ୍ୟୁଷା ରାଜେଶ୍ୱରୀ ସିଂ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଏସ୍.ଏନ୍. ଜାଗୃତି
ପରିବାରବର୍ଗ


ବାପୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଡ଼ ପିତୃକାର୍ଯ୍ୟ,**
**କର ରାଜକାର୍ଯ୍ୟ ।**

ପିତୃଋଣ ଶୁଝି ହୋଇ ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ପାଇଁ ନିଜ ପିତାମାତା ତଥା ଘର ପରିବାର ପ୍ରତି କିଛି ଦାୟିତ୍ୱବୋଧ ରହିଥାଏ। କିନ୍ତୁ ଏହାଠାରୁ କାହିଁ କେତେଗୁଣ ଅଧିକ ଦାୟିତ୍ୱ ରହିଥାଏ ଦେଶ ପ୍ରତି। ଦେଶ ସେବାରେ ନିଜକୁ ନିୟୋଜିତ କରିବା ତଥା ଜୀବନକୁ ଉତ୍ସର୍ଗ କରିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଅତି ଜରୁରୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛଅ ନାରୀ ତିନି ପୁରୁଷା,**
**ଯହିଁ ଗଲେ ତହିଁ ଫସରଫସା ।**

ସାଧାରଣତଃ ଛ'ଜଣ ନାରୀ ଓ ତିନି ଜଣ ପୁରୁଷ ଏକ ସଙ୍ଗେ ଯୁଆଡେ ଯାଆନ୍ତି ତେଣେ କିଛି କାମ ହୁଏ ନାହିଁ ବୋଲି ଜଣାଯାଇଥାଏ। ଏପରି ଯିବା ଦ୍ୱାରା ଅନୁକୂଳରେ ପ୍ରଳମ୍ବ ଅଶୁଦ୍ଧି ଘଟିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds Everyday
0674-2580101, 2549302

### real estate

**SALE**

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Plot sale/ investment in and around Bhubaneswar. Cost starting from 1.00Lakh. Contact: 9078020885. D-73355

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସନ୍ନିକଟରୁ ଅଳ୍ପ ଦୂରତାରେ ଘରବାଡ଼ି ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ। 8249422604. D-74141

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1K.M. ଦୂର ଏବଂ କଟକ ମଙ୍ଗୁଳି Low cost plot ମିଳୁଛି। 9692213354. D-73993

2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685. D-1805

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1883

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**PURCHASE**

Required used readymade 1/2/3/4 BHK flats from direct owners, Bhubaneswar. 6371090682. D-74301

### construction

Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-74140

### healthcare

Full body massage by smart/expert therapist @999 only. 9078484455. D-73652

Newly open full body massage ladies and gents. 8327740003, 8093860513. D-73992

Newly open health benefits SPA Diwali Offer @999/- Jaidevbihar, 9439676695. D-73656

Relax, Refresh your body, Mind at Saikrupa Spa with best therapies. 8984068077. D-1863

### astrology

ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର ଓ.ଏସ୍.ଏସ୍.କେସ୍ ନଂ.-୧୮୦୬/୨୦୧୮
ସନ୍ଧ୍ୟା ଜେନା ...ବାଦୀ
ବନାମ
ଶ୍ରୀମତୀ ଉର୍ମିଳା ପଟ୍ଟନାୟକ ଏବଂ ଅନ୍ୟମାନେ ...ପ୍ରତିବାଦୀ
ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ
୨. ନରୋତ୍ତମ ପଟ୍ଟନାୟକ, ପିତା- ସ୍ୱର୍ଗତ ବିଶ୍ୱମ୍ଭର ପଟ୍ଟନାୟକ, ସା- ଦାସପୁର, ପୋଷ୍ଟ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ଭାସ୍କର ସୁବୁଦ୍ଧ, ପିତା- ସ୍ୱର୍ଗତ ବିନୋଦ ସୁବୁଦ୍ଧି, ୫. କୁମର ସୁବୁଦ୍ଧି, ପିତା- ସ୍ୱର୍ଗତ ଭୋବନି ସୁବୁଦ୍ଧି, ୬. କେଳି ବେଓ୍ୱା, ସ୍ୱାମୀ ସ୍ୱର୍ଗତ ନକୁଳ ସୁବୁଦ୍ଧି, ୭. ଛାୟା ସୁବୁଦ୍ଧି, ସ୍ୱାମୀ- ସ୍ୱର୍ଗତ ଫକିର ସୁବୁଦ୍ଧି,
ପ୍ରତିବାଦୀ ନଂ.୨,୩,୫,୬ଏବଂ ୭ମାନଙ୍କର ବାସସ୍ଥାନ ଗ୍ରାମ/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।
ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨,୩,୫,୬ ଏବଂ ୭ ନୋଟିସ ଜାରି ହୋଇ ମୃତ ଥିବା ହେତୁ, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୭।୧୨।୨୦୨୨ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ସମ୍ପତ୍ତିର ବିରରଣୀ
ମୌଜା- ଅନ୍ଧାରୁଆ, ତହସିଲ- ଭୁବଶ୍ୱେର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୪୫୨, ସାବକ ପ୍ଲଟ୍ ନଂ.-୧୯୪୧, ଏରିଆ- ଏ.୦.୦୯୩ଡି, ହାଲ ଖାତା ନଂ.-୧୬୬୦, ହାଲ ପ୍ଲଟ୍ ନଂ.-୪୩୭୩, ଏରିଆ- ଏ୦.୦୩୩ଡି
ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷ ଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ
ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶ କ୍ରମେ
ସ୍ୱା./-(କୋର୍ଟ ଅଧିକାରୀ)
Sd./- Court Officer Addi Revisional Court At- Heads Dept. Building 4th Floor BBSR, Odisha
D-1897


# ରାୟଗଡ଼ା ଝୁଲାପୋଲ ବିପଜ୍ଜନକ


ପୋଲ ବନ୍ଦ ପରେ ବାଡ଼ଡେଇଁ ଲୋକେ ପୋଲକୁ ଯାଉଛନ୍ତି।

## ବନ୍ଦ ସତ୍ତ୍ୱେ ପଶୁଛନ୍ତି ପର୍ଯ୍ୟଟକ

**ରାୟଗଡ଼ା ଅଫିସ,୩୧।୧୦**

କଟକର ଧବଳେଶ୍ୱର ପରେ ରାୟଗଡ଼ାର ଚେକାଗୁଡ଼ା ନିକଟରେ ରହିଥିବା ଝୁଲାପୋଲ ରାଜ୍ୟରେ ଦ୍ୱିତୀୟ। ୨୦୧୧ରେ ୧ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚରେ ନାଗାବଳୀ ନଦୀ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ପରିଚାଳନାର ଅଭାବ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଅସାବଧାନତା କାରଣରୁ ଝୁଲାପୋଲ ବୁଲିବା ସମୟରେ ପୋଲ ତଳକୁ ଯାଇ ନଦୀ ନିକଟରେ ସେଲ୍‌ଫି ନେବା ଏବଂ ଗାଧୋଇବା ସମୟରେ ୫ ବର୍ଷ ମଧ୍ୟରେ ୨୫ରୁ ଊର୍ଦ୍ଧ୍ୱ ଜୀବନ ଚାଲିଯାଇଥିଲା। ଅଗଷ୍ଟ ମାସରେ ଆନ୍ଧ୍ର ପ୍ରଦେଶରୁ ବୁଲିବାକୁ ଆସିଥିବା ଏକ ପରିବାର ସହ ଘଟିଥିବା ଦୁର୍ଘଟଣା ଏବଂ ନଦୀରେ ଭାସିଯାଇ ୬ ବର୍ଷର ଶିଶୁର ଜୀବନ ଯିବାପରେ ସେପ୍ଟେମ୍ବରରେ ଜିଲା ପ୍ରଶାସନ ପକ୍ଷରୁ ସିମେଣ୍ଟ ଖୁଣ୍ଟ ଏବଂ ଲୁହାବାଡ଼ ଦେଇ ଝୁଲାପୋଲକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ହେଲେ ପର୍ଯ୍ୟଟକ ଏହାକୁ ଖାତିର ନ କରି ସିମେଣ୍ଟ ଖୁଣ୍ଟ ଭାଙ୍ଗି ଏବଂ ଲୁହାବାଡ଼କୁ ଉପାଡ଼ି ପୁଣି ପୋଲ ଉପରେ ବୁଲୁଛନ୍ତି।

ଏହି ପୋଲ ୧୧ ବର୍ଷ ତଳେ ନିର୍ମାଣ ହୋଇଥିବାବେଳେ ଥରେ ମଧ୍ୟ ମରାମତି କିମ୍ବା ଯାଞ୍ଚ ହୋଇନାହିଁ। ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ତାହାର ସ୍ପଷ୍ଟ ଉତ୍ତର ମିଳୁନାହିଁ। ଆଇଟିଡିଏ ପକ୍ଷରୁ ପୋଲ ନିର୍ମାଣ ହୋଇଥିବାରୁ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ତାହାର ବୋଲି ରାୟଗଡ଼ା ପୌରପାଳିକା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆଇଟିଡିଏ କର୍ତ୍ତୃପକ୍ଷଙ୍କୁ ଏ ନେଇ ପଚାରିଲେ ପୌରପାଳିକା ଏବଂ ବ୍ଲକକୁ ଅଙ୍ଗୁଳି ଦେଖାଉଛନ୍ତି। ତେଣୁ ପୋଲର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମଧ୍ୟରେ ମତପ୍ରକାଶ ପାଇଛି। ପୋଲ ବନ୍ଦ ପରେ ବି ପର୍ଯ୍ୟଟକଙ୍କ ବେଆଇନ ପ୍ରବେଶ ବିଷୟରେ ପୂର୍ବରୁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ଥାୟୀ ପାଚେରି ନିର୍ମାଣ ସହ ପୋଲିସ ମୁତୟନ କରାଯିବ ବୋଲି ସେ କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ସେଭଳି କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ଝୁଲାପୋଲର ଲୁହା ପିଲାର୍ ଏବଂ ପାର୍ଶ୍ୱବାଡ଼ କଳଙ୍କି ଲାଗି ବିପଜ୍ଜନକ ଅବସ୍ଥାକୁ ଗଲାଣି। ଏ ବିଷୟରେ ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଝୁଲାପୋଲର ଶୋଚନୀୟ ଅବସ୍ଥାକୁ ଦୃଷ୍ଟିରେ ରଖି ପୂର୍ବରୁ ବନ୍ଦ କରାଯାଇଛି। ପୋଲର ସମସ୍ତ ରିପୋର୍ଟ ଇଞ୍ଜିନିୟରିଂ ବିଭାଗରୁ ଆସିବା ପରେ ଏହା ଖୋଲାଯିବ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## କମ୍ପାନୀ ଉପରେ...

ପ୍ରଥମ ପୃଷ୍ଠାରୁ...

ମୋରବି ପୋଲିସ ମୁଖ୍ୟ ଅଶୋକ ଯାଦବ କହିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୫ ଟିମ୍, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ୬ ପ୍ଲାଟୁନ୍ ଫୋର୍ସ, ଭାରତୀୟ ବାୟୁସେନା ଓ ନୌସେନାର ଏକ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟର ୨୪ ଘଣ୍ଟା ପରେ ବି ଶତାଧିକ ନିଖୋଜ ଅଛନ୍ତି। ରାତି ହେବାଯୋଗୁ ସୋମବାର ରେସ୍କ୍ୟୁ ଅପରେଶନ ବନ୍ଦ ହୋଇଛି। ମଙ୍ଗଳବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି କୁହାଯାଇଛି।

ଓରେବା କମ୍ପାନୀ ଗତ ମାର୍ଚ୍ଚରେ ଏହି ଐତିହାସିକ ପୋଲର ମରାମତି ଦାୟିତ୍ୱ ନେଇଥିଲା। ଏଥିପାଇଁ ପ୍ରାୟ ୭ ମାସ ଏହି ପୋଲ ସର୍ବସାଧାରଣଙ୍କ ପାଇଁ ବନ୍ଦ ଥିଲା। ମରାମତିପାଇଁ ଅନ୍ୟୂନ ୮ରୁ ୧୨ ମାସ ପର୍ଯ୍ୟନ୍ତ ବ୍ରିଜ୍‌ ଲୋକଙ୍କ ପାଇଁ ନ ଖୋଲିବାକୁ କମ୍ପାନୀ ଚୁକ୍ତି କରିଥିଲେ ହେଁ ଏଥିରେ ଖିଲାପ ହୋଇଛି। ଚୁକ୍ତିର ଉଲ୍ଲଂଘନ କରାଯାଇ ଗୁଜରାଟୀ ନୂଆବର୍ଷ ପାଳନ ଅବସରରେ ଅକ୍ଟୋବର ୨୬ରେ ଏହାକୁ ଖୋଲା ଯାଇଥିଲା। ଏଥିସହ ବିନା ଫିଟ୍‌ନେସ ସାର୍ଟିଫିକେଟରେ ଏହାକୁ ଖୋଲାଯାଇଥିବା ଜଣାପାଡ଼ିଛି। ଏପରି ବେପରୁଆ ଓ ଦାୟିତ୍ୱହୀନ କାମ ବ୍ରିଜ୍ ଭାଙ୍ଗିବାର ଏକ ପ୍ରମୁଖ କାରଣ ବୋଲି ଏତଲାରେ ଦର୍ଶାଯାଇଛି। ତେବେ ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ କାହାର ନାମ ଉଲ୍ଲେଖ କରାଯାଇ ନ ଥିବା ପୋଲିସ କହିଛି। ଏଥିସହ ମରାମତି ଦାୟିତ୍ୱ ନେଇଥିବା କମ୍ପାନୀ କର୍ମଚାରୀ ଠିକ୍ ଭାବେ ବ୍ରିଜ୍‌ର ଯାଞ୍ଚ ମଧ୍ୟ କରି ନ ଥିଲେ ଏବଂ ଆଗକୁ ବଡ଼ ଧରଣର ଦୁର୍ଘଟଣା ଘଟିପାରେ ବୋଲି ମଧ୍ୟ ସେମାନେ ଆକଳନ କରିଥିଲେ। ଏହା ସତ୍ତ୍ୱେ ବ୍ରିଜ୍‌କୁ ଖୋଲିଦିଆଯାଇଥିଲା ବୋଲି ମଧ୍ୟ ଏତଲାରେ କୁହାଯାଇଛି। ଅନ୍ୟପକ୍ଷରେ ରବିବାର ବ୍ରିଜ୍ ଦେଖିବା ପାଇଁ ଲୋକଙ୍କଠାରୁ ୧୨ରୁ ୧୭ ଟଙ୍କା ନିଆଯାଇଥିଲା। ଫଳରେ ପ୍ରାୟ ୫ଶହ ଲୋକ ସେଠାରେ ଜମା ହୋଇଯାଇଥିଲେ। ଯାହା କି ବ୍ରିଜ୍‌ର କ୍ଷମତାଠାରୁ ଅଧିକ ଥିଲା। କମ୍ପାନୀ ୨୦୩୭ ମସିହା ପର୍ଯ୍ୟନ୍ତ ଟିକେଟ ଦାମ୍ ବଢ଼ାଇବାକୁ ମଧ୍ୟ ଚୁକ୍ତି ହୋଇଥିଲା। ବ୍ରିଜ୍ ପୁନଃ ଖୋଲାଯିବା ପରେ ଓରେବା ପରିଚାଳନା ନିର୍ଦ୍ଦେଶକ ଜୟଶୁଖଭାଇ ପଟେଲ କହିଥିଲେ, ୨ କୋଟି ଟଙ୍କାରେ ଝୁଲାପୋଲର ଶତପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ମରାମତି ଅନ୍ୟୂନ ୮ରୁ ୧୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠିବ ବୋଲି ସେ ଦାବି କରିଥିଲେ। ହେଲେ ତାହା ସପ୍ତାହେ ପର୍ଯ୍ୟନ୍ତ ମଧ୍ୟ ତିଷ୍ଠିପାରିଲା ନାହିଁ।

## ଧବଳେଶ୍ୱର ଝୁଲାପୋଲ...



ଅନ୍ୟପକ୍ଷରେ ଉପଜିଲାପାଳ ସ୍ୱାଇଁ ସୋମବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଆଇବିଠାରେ ଏକ ଜରୁରୀ ବୈଠକ ଡାକିଥିଲେ। ସମସ୍ତ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ସହ ଝୁଲାପୋଲର ଅବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଇଥିଲା। ଝୁଲାପୋଲର ମରାମତି ଆବଶ୍ୟକତା ଥିବାରୁ ସୋମବାର ରାତି ୧୨ଟାଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧବଳେଶ୍ୱର ପୀଠ ଓ ତତ୍‌ସଂଲଗ୍ନ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ପୀଠ ମଧ୍ୟକୁ କୌଣସି ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। କେବଳ ଠାକୁରଙ୍କ ଦୈନନ୍ଦିନ ନୀତି ଓ ପୂଜାର୍ଚ୍ଚନା ପାଇଁ ପୂଜକମାନେ ପୀଠକୁ ଯାଇପାରିବେ ବୋଲି ଉପଜିଲାପାଳ ସ୍ୱାଇଁ କହିଛନ୍ତି। ୧୪୪ ଧାରା ଜାରି କରାଯାଇଥିବା ଅଞ୍ଚଳରେ ଗୁରୁଡ଼ିଝାଟିଆ ପୋଲିସ ପକ୍ଷରୁ ୨ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବୈଠକରେ ଉପଜିଲାପାଳଙ୍କ ସହିତ କଟକ ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ କୃଷ୍ଣପ୍ରସାଦ ପଟ୍ଟନାୟକ, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଗୁରୁଡ଼ିଝାଟିଆ ଆଇଆଇସି ରଞ୍ଜନ କୁମାର ପ୍ରଧାନ ଓ ଦେବୋତ୍ତର ବିଭାଗ ସମେତ ବୈଷୟିକ କମିଟି ପଦାଧିକାରୀମାନେ ଉପସ୍ଥିତ ଥିଲେ।

୧୯୯୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଚିତ୍ରାନନ୍ଦ ମୁଦୁଲିଙ୍କ ଉଦ୍ୟମକ୍ରମେ ୨୦୦୪ରେ ୨୫୫ ମିଟର ଲମ୍ବ ଓ ୬ ଫୁଟ ପ୍ରସ୍ଥ ଏହି ଝୁଲାପୋଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୦୬ ସୁଦ୍ଧା କାର୍ଯ୍ୟ ଶେଷ କରି ସେବର୍ଷ ଅକ୍ଟୋବର ୩୦ରେ ତତ୍କାଳୀନ ଗ୍ରାମ ଉନ୍ନୟନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଝୁଲାପୋଲ ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ଦୁଇ ବର୍ଷ ୧ ହଜାର ଭକ୍ତଙ୍କୁ ଏକକାଳୀନ ଏହି ସେତୁ ଉପରେ ଯିବାର ଅନୁମତି ଦିଆଯାଇଥିଲା। ପରେ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗ୍ରାମ ଉନ୍ନୟନ ବିଭାଗ ପରାମର୍ଶକ୍ରମେ ଏହାର କ୍ଷମତାକୁ ସଙ୍କୁଚିତ କରି ମାତ୍ର ୬ ଶହ ଲୋକଙ୍କୁ ଯିବାଆସିବାର ନିୟମ କରାଗଲା। ନିୟମିତ ଯାତାୟାତ ଫଳରେ ମନ୍ଦିର ପାର୍ଶ୍ୱରୁ ୨ଟି ଷ୍ଟେ (ଲୁହାର ରୋପ୍) ଏବେ ନଷ୍ଟ ହେବାକୁ ବସିଲାଣି। ଏପରିକି ପୋଲର ଅନେକ ସ୍ଥାନରେ ବିମ୍ ଓ ରୋପଗୁଡ଼ିକ କଳଙ୍କି ଖାଇ ଦୁର୍ବଳ ହୋଇଗଲାଣି। ପ୍ରତିବର୍ଷ ଧବଳେଶ୍ୱରଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ପ୍ରସ୍ତୁତି ବୈଠକ ବେଳେ ଏହି ପୋଲର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବା ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଲୋକ ଅଭିଯୋଗ କରି ସତର୍କ କରିଆସୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କେବଳ ରଙ୍ଗ ବୋଳି କାମ ଶେଷ କରାଯାଉଥିଲା। ରବିବାର ଗୁଜରାଟ ଝୁଲାପୋଲ ଦୁର୍ଘଟଣା ପରେ ଓଡ଼ିଶା ସରକାରଙ୍କଠାରୁ ଆରମ୍ଭ କରି ସମଗ୍ର ପ୍ରଶାସନକୁ ଛନକା ପଶିଛି। ଏଥିପାଇଁ ଜିଲା ପ୍ରଶାସନ ତରବରିଆ ଭାବେ କୋଲକାତାର ଏକ ଯାଞ୍ଚ ସଂସ୍ଥାକୁ ଡକାଇ ଝୁଲାପୋଲର ସ୍ଥିତି ଯାଞ୍ଚ କରିଛି। ତେବେ ଝୁଲାପୋଲର ଉଭୟ ପାର୍ଶ୍ୱରେ କିଛି ଗାର୍ଡ ୱାଲ୍‌ରେ ଲାଗିଥିବା ଚୁଟେନ ରୋପ୍ ଓ ବିମ୍ କଳଙ୍କି ଲାଗି ଲୁହା ଖଣ୍ଡ ବାହାରି କଣା ହୋଇଯାଇଥିବାରୁ ଏହାକୁ କିପରି ବଦଳାଯାଇ ମରାମତି କରାଯିବ ସେନେଇ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରାଯାଉଥିବା ଉପଜିଲାପାଳ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସୋମବାର ଧବଳେଶ୍ୱର ପୀଠରେ ୪୦ ହଜାର ଭକ୍ତଙ୍କ ସମାଗମ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ପ୍ରବେଶ ପଟରୁ ୧୦୦ ଓ ମନ୍ଦିର ପଟୁ ୧୦୦ ଲୋକଙ୍କ ଯାତାୟତକୁ କଡ଼ାକଡ଼ି ପାଳନ କରାଯାଇଥିଲା। ଏଥିଯୋଗୁ ବିଳମ୍ବ ହେଉଥିବାବେଳେ ଲୋକେ ଦୀର୍ଘ ସମୟ ଲାଇନରେ ଠିଆ ହୋଇ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ପୋଲ ତଳେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଟିମ୍ ପ୍ରସ୍ତୁତ ରହିଥିବା ମଧ୍ୟ ଦେଖିବାକୁ ମିଳିଛି। ଏ ନେଇ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି, ଭିଡ଼କୁ ନେଇ ବ୍ୟସ୍ତ ହେବା ସ୍ୱାଭାବିକ କଥା। କାରଣ ଯାତ୍ରୀଙ୍କ ଦର୍ଶନ ଅପେକ୍ଷା ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ଜୀବନ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବା ଆମ ପକ୍ଷେ ଜରୁରୀ। ଆସନ୍ତାବର୍ଷ ବର୍ଷା ଋତୁ ପୂର୍ବରୁ ସ୍ଥାୟୀଭାବେ ନିର୍ମିତ ଦ୍ୱିତୀୟ କଂକ୍ରିଟ ସେତୁ କାର୍ଯ୍ୟ ସରିଯିବ ବୋଲି ଆଶା। କଂକ୍ରିଟ ସେତୁ ହୋଇଗଲେ ଝୁଲାପୋଲ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି।

## ୫ରୁ ବଢ଼ିବ...

ଦାରିଙ୍ଗବାଡ଼ି ୧୩.୫, ସୋନପୁର ୧୪.୨, ଭବାନୀପାଟଣା ୧୪.୮, ଝାରସୁଗୁଡ଼ା ୧୫.୫, ଅନୁଗୋଳ ୧୬.୬, କେନ୍ଦୁଝର ୧୬, ସୁନ୍ଦରଗଡ଼ ୧୬.୫, ହୀରାକୁଦ ୧୬.୧, ବରଗଡ଼ ୧୭.୨ ଓ ଦେବଗଡ଼ରେ ୧୭.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ୨୧ରୁ ହୋଇପାରେ...

ସିଟ୍‌ରେ ବସିବାକୁ ଅନୁମତି ଦେବାକୁ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ବହୁବାର ଦାବି କରିଛନ୍ତି। ତେବେ ଏହି ଦାବିକୁ ବିଧାନସଭା ବାଚସ୍ପତି ଗ୍ରହଣ କରିନାହାନ୍ତି। ଚଳିତଥର ବାଚସ୍ପତି କି ନିଷ୍ପତ୍ତି ନେଉଛନ୍ତି ତାହା ତାରିଖ ଘୋଷଣା ପରେ ହିଁ ସ୍ପଷ୍ଟ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମସ୍ଥାନରେ ଶନିଙ୍କ ସହ ଚନ୍ଦ୍ର ରହୁଥିବାରୁ ଘରକୁ ବନ୍ଧୁ ଆସିପାରନ୍ତି। ପରିବାର ଲୋକମାନଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସଭାସମିତିରେ ନିଜର ସୀମା ଭିତରେ ରହିବା ଭଲ ନତୁବା ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିବ । ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ବୃଷ**
ଭାଗ୍ୟସ୍ଥାନରେ ଚନ୍ଦ୍ର ଧାର୍ମିକଭାବନା ଉଦ୍ରେକ କରିବା ସାଙ୍ଗକୁ ବିଭିନ୍ନ ଦିଗରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣିରେ ବିଳମ୍ବଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଭୁଲବୁଝାମଣାରୁ ପାରିବାରିକ ଜୀବନ ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ଦୁଃସ୍ଥାନସ୍ଥ ଚନ୍ଦ୍ର ପ୍ରଭାବରେ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହି ନ ପାରେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ବନ୍ଧୁମାନଙ୍କ ପରାମର୍ଶକୁ ବାଧ୍ୟବାଧକତାରେ ଗ୍ରହଣ କରିବେ।

**କର୍କଟ**
ଚନ୍ଦ୍ର ଓ ଶନିଙ୍କ ସପ୍ତମ କେନ୍ଦ୍ରସ୍ଥ ସ୍ଥିତି ହେତୁ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ଭୁଲିଯିବେ। ନିର୍ମାଣ, ଯୋଗାଯୋଗ, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ସାହିତ୍ୟ, କଳା, ବିଜ୍ଞାନରେ ସଫଳତା ହାସଲ କରିବେ। ବହୁତ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

**ସିଂହ**
ଆଜି ଶୁଭ ଚନ୍ଦ୍ର ପ୍ରଭାବରୁ ହଠାତ୍ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ସନ୍ତାନମାନଙ୍କ ସମସ୍ୟା ବିଷୟ ଚିନ୍ତାକରି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ କେତେକ ଆକସ୍ମିକ ସୁଯୋଗ ହାତଛଡ଼ା ହୋଇପାରେ । ଶିଳ୍ପ, ବାଣିଜ୍ୟ, ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ।

**କନ୍ୟା**
ଅଷ୍ଟମସ୍ଥ ରାହୁଜନିତ ବିଭିନ୍ନ ସମସ୍ୟାରେ ବ୍ୟତିବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ । ଯେ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**
ଏକାଧିକ ଗ୍ରହ ରାଶିରେ ଥିବାରୁ କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା**
ଅନୁକୂଳଗ୍ରହସ୍ଥିତି ହେତୁ ଆଜିର ଯାତ୍ରା, ଚେଷ୍ଟା କରୁଥିବା କାମ, ଲକ୍ଷ୍ୟପ୍ରାପ୍ତିର ଆଶା ନିରର୍ଥକ ହେବ ନାହିଁ। ଯାହାକୁ ନିଜର ଭାବୁଛନ୍ତି ସେ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠା ପ୍ରତି ଈର୍ଷାନ୍ୱିତ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ ହୋଇଯିବ। କଳା, ସାହିତ୍ୟ,ସାମ୍ବାଦିକତାରେ ଉଚ୍ଚ ପ୍ରଶଂସା ପାଇବେ ।

**ଧନୁ**
ପାପଗ୍ରହ ପ୍ରଭାବରେ ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମନା କରିବା କଷ୍ଟକର ହୋଇପାରେ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର**
ଧନସ୍ଥଗ୍ରହ ରାଶିରେ ଥିବାରୁ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିପାରନ୍ତି । ଶିଳ୍ପ, ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବାକୁ ଚେଷ୍ଟା କରି ସଫଳ ହେବେନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା କେତେକାଂଶରେ ଅଭିଳାଷ ମଧ୍ୟ ପୂରଣ ହୋଇଯିବ।

**କୁମ୍ଭ**
ବକ୍ରୀମଙ୍ଗଳ ନୀଚାରୋହୀ ଯୋଗୁ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିବା ସମସ୍ୟାବହୁଳ ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଉଥିବାରୁ ମନରେ ସରସତା ରହିବ ନାହିଁ। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ସମସ୍ତ ପ୍ରକାରର ସାହାଯ୍ୟ ସକାଶେ ଜଣେ ବନ୍ଧୁ ପ୍ରତିଶ୍ରୁତି ଦେଇପାରନ୍ତି ।

**ମୀନ**
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ମୁଖଭାବ ପାପଯୁକ୍ତ କାରଣରୁ କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଅବଶ୍ୟ ନିଜର କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୧ ତାରିଖ, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର, ବିଶ୍ୱ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ ଘ.୦୬।୩୬ ମଧ୍ୟେ, ଘ.୦୮।୪୦ ଗତେ ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୨।୧୯ ଗତେ ଘ. ୦୩।୪୪ ମଧ୍ୟେ ରାହୁକାଳ।

## ଟୁଇଟର ବ୍ଲୁ ପାଇଁ...

ଆଇକନ୍ ମଧ୍ୟ ରହିଛି। ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ ଏବଂ ପେଡ୍ ଭେରିଫିକେଶନ ମାଧ୍ୟମରେ ଏହି ସୋସିଆଲ ମିଡିଆ ଜାଏଣ୍ଟ ଏହାର ରାଜସ୍ୱ ବୃଦ୍ଧି କରିବାକୁ ଯୋଜନା କରୁଛି। ନିକଟରେ ଟୁଇଟର ଏହାର ଫିଚର୍ସରେ ଏଡିଟ୍ ବଟମ୍ ମଧ୍ୟ ସାମିଲ କରିଛି। ଏ ନେଇ ମସ୍କ ଗତ ଏପ୍ରିଲରେ ତାଙ୍କ ଫଲୋଅର୍ସଙ୍କୁ ମତ ମାଗିଥିଲେ। ୭୦%ରୁ ଅଧିକ ମତଦାତା ଟୁଇଟରରେ ଏଡିଟ୍ ବଟମ୍ ଚାହୁଁଥିବା କହିଥିଲେ।

## କଏଦୀଙ୍କ ପାଇଁ ଗୁଟ୍‌ଖା ନେଇ ମହିଳା ୱାର୍ଡେନ ନିଲମ୍ବିତ

ମାଲକାନଗିରି,(ଡି.ଏନ୍.ଏ.): ମାଲକାନଗିରି ଜିଲା ଉପ କାରାଗାରରେ କଏଦୀଙ୍କ ପାଇଁ ଗୁଟ୍‌ଖା ନେଉଥିବା ବେଳେ ଧରାପଡ଼ି ଜଣେ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସେ ହେଲେ ମହିଳା ୱାର୍ଡେନ ରୀତା ମାଣ୍ଡିଆ। ସୂଚନା ଅନୁଯାୟୀ, ରୀତା ମହିଳା ୱାର୍ଡ ଦାୟିତ୍ୱରେ ଅଛନ୍ତି। ସୋମବାର ସେ ଜେଲ ମଧକୁ ଯିବା ସମୟରେ ସାଙ୍ଗରେ ଜଣେ ମହିଳା କଏଦୀଙ୍କ ପାଇଁ ୨୦ ପ୍ୟାକେଟ ତମାଖୁ ନେଇ ଯାଉଥିଲେ। ଜେଲ ଫାଟକରେ ଯାଞ୍ଚବେଳେ ସେ ଧରା ପଡ଼ିଥିଲେ। ଜେଲ ଅଧୀକ୍ଷକ ସଞ୍ଜୟ ବର୍ମା ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୱାର୍ଡେନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।



# ପରିବା ଚାଷୀଙ୍କୁ ଅଭାବୀ ବିକ୍ରି ଆଶଙ୍କା

- ଶୀତଳ ଭଣ୍ଡାର ଯୋଜନା ଫେଲ୍
- କମ୍ ଦରରେ ପରିବା ବିକି ଚାଷୀ ସର୍ବସ୍ୱାନ୍ତ

ଯାଜପୁର ଅଫିସ,୩୧।୧୦

ଯାଜପୁର ଜିଲାକୁ ଦେଖିଲେ ଏଠାରେ ଶିଳ୍ପକୁ ଅଗ୍ରାଧିକାର ଦିଆଯାଉଛି ଏବଂ କୃଷିକୁ ଉପେକ୍ଷା କରାଯାଉଥିବା ମନେ ହେଉଛି। ଜିଲାର ଚାଷୀମାନେ ଶିଳ୍ପ ପ୍ରଦୂଷଣଜନିତ ବିଷ ବଳୟରେ ଗଭୀର ପ୍ରଭାବିତ ହେଉଛନ୍ତି। ଏହାସାଙ୍ଗକୁ ରୋଗ ପୋକ, ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ସେମାନଙ୍କ ଆଶାକୁ ଧୂଳିସାତ୍ କରିଦେଉଛି। ଏହାସତ୍ତ୍ୱେ କଠିନ ପରିଶ୍ରମ କରି ଯାହାବି ଫସଲ ଉତ୍ପାଦନ କରୁଛନ୍ତି, ସେଥିରେ ଜୀବନଧାରଣ କରିବାର ସୁଯୋଗ ଥିଲେ ମଧ୍ୟ ସେଥିରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଲା ଫସଲକୁ ସାଇତି ରଖିବାର ସୁଯୋଗ ନ ମିଳିବା। ଏଥିପାଇଁ ସେମାନେ କମ୍ ମୂଲ୍ୟରେ ଫସଲ ବିକ୍ରି କରି ସର୍ବସ୍ୱାନ୍ତ ହେଉଛନ୍ତି। ଜିଲାରେ ପ୍ରାୟ ୧୮ ହଜାର ହେକ୍ଟର ଜମିରେ ହେଉଥିବା ପନିପରିବା ଚାଷ ପାଇଁ ଯାଜପୁର ଓ କଟକ ଜିଲା ସୀମାନ୍ତରେ ମାତ୍ର ଗୋଟିଏ ଶୀତଳ ଭଣ୍ଡାର ରହିଛି, ଯାହାକି କୃଷି ପ୍ରତି ସରକାରଙ୍କ ଅବହେଳାକୁ ସ୍ପଷ୍ଟ କରୁଛି। ପନିପରିବା ଚାଷ ପାଇଁ ଅନେକ ସରକାରୀ ଯୋଜନା ରହିଥିଲେ ହେଁ ତାହା କେବଳ କାଗଜକଲମରେ ସୀମିତ ରହୁଛି।

ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପସଂସ୍ଥାକୁ ବିପୁଳ ପରିମାଣର ଭୂଖଣ୍ଡ ସୁବିଧାରେ ସରକାର ଶିଳ୍ପପତିମାନଙ୍କ ହାତକୁ ଟେକି ଦେଉଛନ୍ତି। ଜିଲାରେ ପ୍ରାକୃତିକ ସମ୍ପଦ ସହ ଖରସ୍ରୋତା, ବ୍ରାହ୍ମଣୀ ଓ ବୈତରଣୀର ଜଳରାଶି ଶିଳ୍ପାୟନ ପାଇଁ ଆକର୍ଷଣର ଉପାଦାନ ହୋଇଛି। ହେଲେ ଚାଷୀଙ୍କ ପାଇଁ ନଦୀରୁ ଜଳସେଚନ ବ୍ୟବସ୍ଥା କରିବାରେ ସରକାର ବିଫଳ ହୋଇଛନ୍ତି। ରାଜ୍ୟ ସରକାର ନଦୀ ଅବବାହିକାରୁ ଉଚ୍ଚ ଚାଷଜମିକୁ ଜଳସେଚନ କରିବା ନିମନ୍ତେ ୨୦୧୧-୧୨ ଆର୍ଥିକ ବର୍ଷରୁ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଥିଲେ। ହେଲେ ଦୀର୍ଘ ବର୍ଷ ହେଲା ଏହା ଚାଷୀଙ୍କ କାର୍ଯ୍ୟରେ ନ ଲାଗି କେବଳ ଠିକାଦାର ପୋଷା ନୀତିରେ ଚାଲିଥିବା ନେଇ ଚାଷୀ ମହଲରେ କ୍ଷୋଭପ୍ରକାଶ ପାଉଛି। ଖାଲି ସେତିକି ନୁହେଁ, ଜିଲାରେ ଆବଶ୍ୟକ ଅନୁସାରେ ଶୀତଳ ଭଣ୍ଡାର ଖୋଲିବାରେ ସରକାର ଆଦୌ ଆଗ୍ରହ ଦେଖାଉନାହାନ୍ତି।

ସାରା ରାଜ୍ୟରେ ପନିପରିବା ଚାଷ ପାଇଁ ପ୍ରସିଦ୍ଧ ଯାଜପୁର ଜିଲା ଛତିଆରେ ୪,୯୦୦ ମେଟ୍ରିକ୍ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଏକମାତ୍ର ଶୀତଳ ଭଣ୍ଡାର ରହିଛି। ଅନ୍ୟପକ୍ଷେ ଗତ ୮ ବର୍ଷ ହେବ ପାଣିକୋଇଲି ନିକଟରେ ୫ ହଜାର ଏମ୍‌ଟି କ୍ଷମତା ବିଶିଷ୍ଟ ନିର୍ମାଣାଧୀନ ଶୀତଳ ଭଣ୍ଡାର ବନ୍ୟା ପାଣିରେ ନଷ୍ଟ ହୋଇସାରିଛି। ଏହାର ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ଆନ୍ତରିକତା ନଥିବା ମନେ ହେଉଛି। ପ୍ରଶାସନିକ ସହଯୋଗ ଓ ବ୍ୟାଙ୍କର ଆବଶ୍ୟକ ସହାୟତା ଅଭାବରୁ ଏହି ଶୀତଳଭଣ୍ଡାର ଅଧାପନ୍ତରିଆ ଅବସ୍ଥାରେ ଅଟକିଛି। ଏହାକୁ ଛାଡ଼ିଦେଲେ, ୩୦ ଏମ୍‌ଟି କ୍ଷମତା ବିଶିଷ୍ଟ ଛୋଟ ଛୋଟ ଶୀତଳ ଭଣ୍ଡାର ମଧ୍ୟ ଜିଲାରେ ହୋଇପାରିନାହିଁ। ଏହାଦ୍ୱାରା ଜିଲାର ଚାଷୀକୁଳ ଅଧିକାଂଶ ସମୟରେ ଅଭାବୀ ବିକ୍ରୀର ଶିକାର ହେଉଛନ୍ତି। ଧର୍ମଶାଳା, ରସୁଲପୁର, ବଡ଼ଚଣା, ସୁକିନ୍ଦା, ଦଶରଥପୁର, ବିଞ୍ଝାରପୁର ବ୍ଲକରେ ସର୍ବାଧିକ ପନିପରିବା ଚାଷ ହେଉଛି। ଜିଲାର ବାରବାଟୀ ବଜାରର ପନିପରିବା ହାଟ ପାଇଁ ପ୍ରସିଦ୍ଧି ରହିଛି। ବିଭିନ୍ନ ଯୋଜନା ସମେତ ପରିବା ସଂରକ୍ଷଣ ପାଇଁ ପ୍ୟାକିଂ ଗୃହ ନିର୍ମାଣ, ୩୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳୀକରଣ ଗୃହ, ୬ ଟନ କ୍ଷମତା ବିଶିଷ୍ଟ ପ୍ରାକ ଶୀତଳୀକରଣ ପ୍ରକଳ୍ପ, ସମନ୍ୱିତ ପ୍ୟାକିଂ ଗୃହ, ଭ୍ରାମ୍ୟମାଣ ପ୍ରାଥମିକ ଶୀତଳୀକରଣ ପ୍ରକଳ୍ପ, ସର୍ବାଧିକ ୫ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ/ପ୍ରଶସ୍ତୀକରଣ/ଉନ୍ନତୀକରଣ ପ୍ରଭୃତି ଯୋଜନା ରହିଛି। ହେଲେ ଏହିସବୁ କେବଳ ଯୋଜନାରେ ସୀମିତ।

ରସୁଲପୁର ବ୍ଲକ ଅଞ୍ଚଳର ପନିପରିବା ଚାଷୀ ସୁଦୀପ ନାଏକ, ମଙ୍ଗୁଳି ପଣ୍ଡା ଓ ସୁଶାନ୍ତ ବେହେରା କୁହନ୍ତି, ବର୍ତ୍ତମାନ ପନିପରିବା ଭଲ ଦାମରେ ବିକ୍ରି ହେଉଥିଲେ ହେଁ କିଛି ପଚିଶଢି ନଷ୍ଟ ହେଉଛି। ଆସନ୍ତା ଡିସେମ୍ବର ବେଳକୁ ପନିପରିବା ଦର ବହୁତ କମିଯିବ। ନିକଟରେ ଶୀତଳ ଭଣ୍ଡାର ଥିଲେ, ପରିବା ସଂରକ୍ଷଣ କରି ଉପଯୁକ୍ତ ଦରରେ ବିକ୍ରି କରି ପାରିଥାନ୍ତୁ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ଛତିଆ ନିକଟରେ ଥିବା ଶୀତଳ ଭଣ୍ଡାର ବହୁତ ଭଲ ଚାଲିଛି। ହେଲେ ପାଣିକୋଇଲି ଶୀତଳ ଭଣ୍ଡାର ଗତ ବନ୍ୟାରେ ନଷ୍ଟ ହୋଇଯାଇଥିବାରୁ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାପରେ କେହି ବି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଆବେଦନ କରିନାହାନ୍ତି।







# ନ୍ୟାୟ ପାଇଁ ଟ୍ରଲିରେ ବୁହା ହେଲେ ୮୦ ବର୍ଷର ବୃଦ୍ଧା

- ବାରୁଅରେ ଦଳିତ ପରିବାରକୁ ନିର୍ଯାତନା
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପରିବାରଙ୍କ ଗଣଧାରଣା




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମା'ଙ୍କୁ ଧରି ପରିବାର ଲୋକେ ଗଣଧାରଣା ଦେଇଛନ୍ତି। ଟ୍ରଲିରେ ବୁହା ହେଉଛନ୍ତି ମା' (ଇନ୍‌ସେଟ୍)

କେନ୍ଦ୍ରାପଡ଼ା ଅଫିସ, ୩୧।୧୦

ନ୍ୟାୟ ପାଇଁ ୮୦ ବର୍ଷର ବୃଦ୍ଧା ମାଆଙ୍କୁ ଟ୍ରଲିରେ ବୋହି ଜିଲାପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇଛି। ପରିବାରର ସମସ୍ତ ଲୋକ ମାଆଙ୍କୁ କାର୍ଯ୍ୟାଳୟ ସମ୍ମୁଖରେ ଶୁଆଇ ଦେଇ ଗଣଧାରଣା ଦେଇଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ବାରୁଅ ପଞ୍ଚାୟତର ଏହି ଦଳିତ ପରିବାରର ଦୁଃଖ କାହାଣୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଗାଁର କେତେଜଣ ବ୍ୟକ୍ତିଙ୍କ ଅତ୍ୟାଚାରରେ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଘର ଛାଡି ବାର ଦୁଆର ହେଉଥିବା ବାରୁଅ ଗାଁର ଅଶୋକ କୁମାର ମଲ୍ଲିକ କହିଛନ୍ତି, ଟ୍ରଲି ଟାଣିବା ସହ ମଜୁରି ଲାଗିଲେ ପରିବାର ପ୍ରତିପୋଷଣ ହୁଏ। ବାରୁଅ ଗ୍ରାମରେ ଥିବା ରାସ୍ତା ନିକଟରେ ତାଙ୍କର ନିଜସ୍ୱ ସମ୍ପତ୍ତି ଉପରେ ଘର ଅଛି। ଏହି ଘରକୁ ଭାଙ୍ଗି ଗ୍ରାମର କେତେଜଣ ବ୍ୟକ୍ତି ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରୁଛନ୍ତି। ଏ ନେଇ କୋର୍ଟରେ ମାମଲା ହୋଇ ନିଜସ୍ୱ ସମ୍ପତ୍ତି ଉପରେ ଘର ଥିବା ଦର୍ଶାଯାଇଛି। ଏହାସତ୍ତ୍ୱେ କେତେଜଣ ବ୍ୟକ୍ତି ଏହା ଉପରେ ରାସ୍ତା ନେବାକୁ କହି ଜୁଲାଇ ମାସରେ ଆକ୍ରମଣ କରିଥିଲେ। ଥାନାରେ ମାମଲା ସତ୍ତ୍ୱେ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେମାନଙ୍କୁ ଗାଁର କେତେଜଣ ବ୍ୟକ୍ତି ଘର ମଧ୍ୟରେ ପ୍ରବେଶ କରିବାକୁ ଦେଉ ନ ଥିବାରୁ ଅଢ଼େଇ ମାସ ଧରି ବାହାରେ କୌଣସି ଏକ ସ୍ଥାନରେ ପରିବାର ସଦସ୍ୟ ମୁଣ୍ଡ ଗୁଞ୍ଜୁଛନ୍ତି। ୮୦ ବର୍ଷର ବୃଦ୍ଧା ମାଆଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇବା ଆଉ ସମ୍ଭବ ହେଉନାହିଁ। ମାଆଙ୍କ ସହ ପରିବାରର ସଦସ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଗଣଧାରଣା ଦେଇଛନ୍ତି। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଏଠାରେ ବସି ରହିବେ ବୋଲି ଅଶୋକ କହିଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଜିଲା ପ୍ରଶାସନର କୌଣସି ଅଧିକାରୀ ଗଣଧାରଣା ସ୍ଥଳକୁ ଯାଇନାହାନ୍ତି।

# ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲଦଣ୍ଡ

### ୨ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୩୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଏବଂ ଫାଷ୍ଟ ଟ୍ରାକ୍ କୋର୍ଟରେ ସୋମବାର ପୃଥକ ଭାବେ ୨ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଅନିଲ ଦତ୍ତ ଅଭିଯୁକ୍ତ ଯୋଡ଼ା ଥାନା ଅଞ୍ଚଳର କିଶୋର ପିଙ୍ଗୁଆ(୩୧)ଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ଆଦେଶ ଦେଇଛନ୍ତି। ୨୦୧୮ ଅଗଷ୍ଟ ୨୫ରେ ଅଭିଯୁକ୍ତ କୁରକୁରେ ଦେଇ ଜଣେ ନାବାଳିକାଙ୍କୁ ପାଖ ଜଙ୍ଗଲକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ (ନଂ. ୧୪୪/୨୦୧୮), ପୋକ୍ସୋ ଆଇନ୍‌ରେ ମାମଲା ରୁଜୁ କରି କିଶୋରଙ୍କୁ ଗିରଫ କରିଥିଲା। ୧୬ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ଆଇନ ଅନୁଯାୟୀ ୪ ଲକ୍ଷ ଟଙ୍କା ଦେବାକୁ ଆଦେଶ ଦେଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

ସେହିପରି କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ମାନସ ମିଶ୍ର ଅଭିଯୁକ୍ତ ରବୀନ୍ଦ୍ର ହାଁସଦାଙ୍କୁ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୦ ହଜାର ଟଙ୍କା ଜରିମାନା କରିଥିବା ବେଳେ ଅନାଦେୟ ୧ ବର୍ଷ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୨ ବର୍ଷ ଧରି ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ପରେ ପ୍ରତାରଣା କରିବାରୁ ୨୦୧୬ ମାର୍ଚ୍ଚ ୧୦ରେ ପୀଡ଼ିତାଙ୍କ ପରିବାର ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ (ନଂ. ୫୭/୨୦୧୬) ମାମଲା ରୁଜୁ କରି ରବୀନ୍ଦ୍ରକୁ ଗିରଫ କରିଥିଲା। କେସ୍‌ରେ କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ୧୨ ଜଣ ସାକ୍ଷୀଙ୍କ ବୟାନ ଶୁଣିବା ପରେ ରାୟ ଶୁଣାଇଥିଲେ। ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଥିବା ସ୍ପେଶାଲ ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି।

# ବଲାଙ୍ଗୀର ଏସ୍‌ପିଙ୍କୁ ଓଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

### ଫାଣ୍ଡିରେ ବୃଦ୍ଧଙ୍କୁ ମାଡ଼ ଅଭିଯୋଗ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲଭେଟା ଫାଣ୍ଡିରେ ସ୍ଥାନୀୟ ନୂଆପାଲି ଗ୍ରାମର ଅନିରୁଦ୍ଧ ସାହୁ (୭୦)ଙ୍କୁ ମାଡ଼ ମରାଯିବା ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଏଚ୍ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏଚ୍ଆର୍‌ସି ସୋମବାର ନିଜଆଡ଼ୁ ଏକ ମାମଲା ରୁଜୁ କରି ବଲାଙ୍ଗୀର ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଡିସେମ୍ବର ୨୯ରେ ଥିବା ପରବର୍ତ୍ତୀ ଶୁଣାଣି ସୁଦ୍ଧା ଘଟଣା ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଅନିରୁଦ୍ଧ ଓ ତାଙ୍କ ଭାଇଙ୍କ ମଧ୍ୟରେ ଜମି ବିବାଦ ଥିଲା। ଏନେଇ ଅଭିଯୋଗ ପରେ ପୋଲିସ ମଙ୍ଗଳବାର ଅନିରୁଦ୍ଧଙ୍କୁ ଫାଣ୍ଡିକୁ ଉଠାଇ ନେଇଥିଲା। ସେଠାରେ ତାଙ୍କୁ ପୋଲିସ ମାଡ଼ ମାରିବାରୁ ସେ ଅଚେତ ହୋଇଯାଇଥିଲେ। ତେଣୁ ଚିକିତ୍ସା ପାଇଁ ଅନିରୁଦ୍ଧଙ୍କୁ ପୋଲିସ ଲୋଇସିଂହା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଅନିରୁଦ୍ଧଙ୍କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜମି ବିବାଦକୁ ନେଇ ତାଙ୍କ ଭାଇ ଟଙ୍କା ଦେଇ ତାଙ୍କୁ ପୋଲିସ ଦ୍ୱାରା ମାଡ଼ ମରାଇଥିବା ଅନିରୁଦ୍ଧ ଗଣମାଧ୍ୟମ ଜରିଆରେ ଅଭିଯୋଗ କରିଥିଲେ।

# ପ୍ରଶିକ୍ଷଣ ନେବେ ସ୍କୁଲ ପରିଚାଳନା କମିଟି ସଦସ୍ୟ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ସରକାରୀ ସ୍କୁଲ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ବିଶେଷକରି ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସ୍କୁଲ ପରିଚାଳନା କମିଟିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇ କମିଟିର ସବୁ ସଦସ୍ୟଙ୍କୁ ଦକ୍ଷ କରାଯିବ। ଏହାକୁ ୨୦୨୦ ମେ'ରୁ ଆରମ୍ଭ କରିବାକୁ ଯୋଜନା ହୋଇଥିଲେ ମଧ୍ୟ କରୋନା ପାଇଁ ଅଟକି ରହିଥିଲା। ତେବେ ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷରୁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାନୁଯାୟୀ, ଏହି ପ୍ରଶିକ୍ଷଣରେ ପରିଚାଳନା କମିଟିର ସଦସ୍ୟଙ୍କୁ ସେମାନଙ୍କ କର୍ତ୍ତବ୍ୟ, ଦାୟିତ୍ୱ ସମ୍ପର୍କରେ ଅବଗତ କରାଯିବ। ଗୁଣାତ୍ମକ ଶିକ୍ଷା, ସ୍କୁଲରେ ଶୈକ୍ଷିକ ବାତାବରଣ କିପରି ରହିବ ସେନେଇ ପ୍ରଶିକ୍ଷଣ ଦିଆଯିବ। ଏହାବ୍ୟତୀତ ସ୍କୁଲ ଡେଭଲପ୍‌ମେଣ୍ଟ ପ୍ଲାନ୍(ଏସ୍‌ଡିପି) ପ୍ରସ୍ତୁତି, ଆର୍ଥିକ ପରିଚାଳନା, ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ସଚେତନ କରିବା, ସ୍କୁଲ ସପୋର୍ଟ ସ୍କିମ୍(ଏସ୍‌ଏସ୍‌ସି) କାର୍ଯ୍ୟକାରୀ କରିବାର ପଦ୍ଧତି, ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ ସହ ଶ୍ରେଣୀକକ୍ଷରେ ନିୟମିତ ଶିକ୍ଷକଙ୍କ ଶିକ୍ଷାଦାନ ବ୍ୟବସ୍ଥା ସଂକ୍ରାନ୍ତରେ ତାଲିମ୍ ଦିଆଯିବ। ଏନେଇ ଜିଲାସ୍ତରରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ, ଯେଉଁଥିରେ ୧୦ଜଣ ସଦସ୍ୟ ରହିବେ। ଏହାବ୍ୟତୀତ ଡିପିସି, ଶିକ୍ଷକ, କୋର୍ଡିନେଟର, ଏସ୍ଆର୍‌ଜି, ଡିଆର୍‌ଜି, ବିଆର୍‌ଜି ସଦସ୍ୟମାନେ ମଧ୍ୟ ରହିବେ। ଏହି ପ୍ରଶିକ୍ଷଣ ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଏସ୍‌ସିଇଆର୍‌ଟି ଏବଂ ଓସେପାର ବିଶେଷଜ୍ଞ ମଧ୍ୟ ସାମିଲ ହେବେ।

ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ ଏବଂ ଯାଜପୁର ଜିଲାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ଖୋର୍ଦ୍ଧା ଜିଲା ରହିଥିବାବେଳେ ତୃତୀୟ ପର୍ଯ୍ୟାୟରେ କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର ଓ ନୟାଗଡ଼ ଜିଲା ରହିଛି। ଶେଷ ପର୍ଯ୍ୟାୟରେ ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ ଜିଲା ରହିଛି। ପ୍ରତ୍ୟେକ ଜିଲାରେ କ୍ଲଷ୍ଟରୱାରୀ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ଶିକ୍ଷକଙ୍କ ମଧ୍ୟରୁ ୭,୪୦୦ଜଣଙ୍କୁ ମଧ୍ୟ ସାମିଲ କରାଯିବ। ୨,୨୯୨ଜଣ ପ୍ରଧାନଶିକ୍ଷକଙ୍କୁ ଲିଡରଶିପ୍ ଟ୍ରେନିଂ ଦିଆଯିବ। ସେହିପରି ପ୍ରଥମ ପର୍ଯ୍ୟାୟରେ ୯,୨୦୦ ସ୍କୁଲକୁ ମନୋନୀତ କରାଯାଇଥିବାବେଳେ ପରେ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍କୁଲକୁ ସାମିଲ କରାଯିବ। ଏହି ସ୍କୁଲ ପରିଚାଳନା କମିଟି ପ୍ରଶିକ୍ଷଣ ଲାଗି ପ୍ରତି ସ୍କୁଲ ପିଛା ୩,୫୦୦ଟଙ୍କା ବ୍ୟୟ କରାଯିବ। ଏହି ପ୍ରଶିକ୍ଷଣ ୭ଦିନ ଧରି ହେବ। ଏନେଇ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ବିଭାଗର ଏକ କମିଟି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
सिजुआ, डाक : डुमुडुमा, भुवनेश्वर-751019
Sijua, Post : Dumuduma, Bhubaneswar -751019

No. AIIMS/BBSR/RECT./FAC. RECT./2022/941/4643 Dated: 28.10.2022

ROLLING ADVERTISEMENT FOR RECRUITMENT OF FACULTY POSTS (GROUP 'A') IN VARIOUS DEPARTMENTS OF AIIMS BHUBANESWAR ON DIRECT RECRUITMENT BASIS-2022

**All India Institute of Medical Sciences, Bhubaneswar,** an Autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim of correcting regional imbalance in quality tertiary level healthcare in the country and attaining self-sufficiency in graduate, postgraduate and higher medical education and training.
Online applications from Indian/other citizens as permissible under the applicable Act/Rules are invited for the following faculty posts on **DIRECT RECRUITMENT BASIS IN VARIOUS DEPARTMENTS** in All India Institute of Medical Sciences, Bhubaneswar, Odisha.
This is a rolling advertisement and will remain valid for one year from the date of publication of the advertisement in the Employment News/Rojgar Samachar. Cut off dates & other relevant information related to this recruitment shall be intimated only on AIIMS, Bhubaneswar official website.

| Department | N/B | Professor | | | | | | Additional Professor | | | | | | Associate Professor | | | | | | Assistant Professor | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| | | UR | OBC | SC | ST | EWS | Total | UR | OBC | SC | ST | EWS | Total | UR | OBC | SC | ST | EWS | Total | UR | OBC | SC | ST | EWS | Total |
| Anaesthesiology | N | 1 | | | | | 2 | | | | | | 0 | | | | | | 0 | | | | | | 0 |
| | B | | 1 | | | | | | | | | | | | | | | | | | | | | | |
| Anatomy | N | | | | | | 0 | | | | | | 0 | | | | | | 0 | 1@ | | | | | 1 |
| | B | | | | | | | | | | | | | | | | | | | | | | | | |
| Biochemistry | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | | 1 | | | |
| Burns & Plastic Surgery | N | | | | | 1 | 1 | | | | | | 0 | | | | | | 0 | | | | | 1 | 2 |
| | B | | | | | | | | | | | | | | | | | | | | | | 1 | | |
| Cardiology | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Cardiothoracic Surgery | N | | | | | | 1 | 1 | | | | | 1 | 1 | | | | | 2 | | | | | | 1 |
| | B | | 1 | | | | | | | | | | | | 1 | | | | | | | 1 | | | |
| Dentistry | N | | | | | | 0 | | | | | | 0 | | | 1 | | | 1 | | | | | | 0 |
| | B | | | | | | | | | | | | | | | | | | | | | | | | |
| Dermatology | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | | 1@ | | | |
| Endocrinology & Metabolism | N | | | | | | 1 | | | | | | 0 | | | | | | 0 | | | | | | 1 |
| | B | | | 1@ | | | | | | | | | | | | | | | | | | | 1 | | |
| Gastroenterology | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1@ | | | | |
| General Medicine | N | 1 | | | | | 3 | | | | | | 0 | | | | | | 0 | | | | | | 0 |
| | B | | 1 | | 1 | | | | | | | | | | | | | | | | | | | | |
| General Surgery | N | | | | | | 0 | | | | | | 0 | | | | | | 1 | | | | | | 0 |
| | B | | | | | | | | | | | | | | 1 | | | | | | | | | | |
| Hospital Administration | N | | | | | | 0 | | 1 | | | | 1 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Medical Oncology / Haematology* | N | | | | | | 1 | | | | | | 0 | | | | | | 0 | | | | | | 1 |
| | B | | | | 1 | | | | | | | | | | | | | | | | | | 1 | | |
| Neonatology | N | | | | | | 1 | | | | | 1 | 1 | | | | | | 0 | | | | | | 0 |
| | B | | | 1 | | | | | | | | | | | | | | | | | | | | | |
| Nephrology | N | 1 | | | | | 1 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1 | | | | |
| Neurology | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Neurosurgery | N | | | | | | 0 | | | | | | 0 | 1 | | | | | 1 | | | | | 1 | 1 |
| | B | | | | | | | | | | | | | | | | | | | | | | | | |
| Nuclear Medicine | N | | | | | | 1 | | | | | | 0 | | | | | | 0 | | | | | 1 | 1 |
| | B | | 1 | | | | | | | | | | | | | | | | | | | | | | |
| Obst & Gynae. | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Ophthalmology | N | | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | 1 | | | | | | | | | | | | | | | | | | | | |
| Orthopaedics | N | | | | | | 2 | | | | | | 0 | | | | | | 0 | | | | | | 0 |
| | B | | 1 | 1 | | | | | | | | | | | | | | | | | | | | | |
| Paediatric Surgery | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1 | | | | |
| Paediatrics | N | | | | | 1@ | 1 | | | | | | 0 | | | | | | 0 | 1 | | | | | 1 |
| | B | | | | | | | | | | | | | | | | | | | | | | | | |
| Pathology/Lab Med | N | | | | | | 1 | 1 | | | | | 1 | | | | | | 0 | | | | 1 | | 1 |
| | B | | 1 | | | | | | | | | | | | | | | | | | | | | | |
| Pharmacology | N | | | | | | 0 | | | | | | 0 | | | | | | 0 | | | | | | 1 |
| | B | | | | | | | | | | | | | | | | | | | | 1 | | | | |
| Physical Medicine & Rehabilitation | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Physiology | N | 1 | | | | | 2 | | | | | | 0 | | | | | | 0 | | | | | | 0 |
| | B | | | 1 | | | | | | | | | | | | | | | | | | | | | |
| Psychiatry | N | | | | | | 1 | | | | | | 0 | | | | | | 0 | | | | | | 0 |
| | B | | 1@ | | | | | | | | | | | | | | | | | | | | | | |
| Pulmonary Medicine | N | | | | | | 0 | | | | | | 0 | | | | | | 0 | 1 | | | | | 1 |
| | B | | | | | | | | | | | | | | | | | | | | | | | | |
| Radio Diagnosis | N | | | | | 1 | 1 | | | | | | 0 | | | | | | 1 | | | | | 1 | 2 |
| | B | | | | | | | | | | | | | | | | 1@ | | | | | | 1 | | |
| Surgical Gastroenterology | N | 1 | | | | | 1 | | | | | | 1 | 1 | | | | | 1 | | | | | | 2 |
| | B | | | | | | | | 1 | | | | | | | | | | | | 1 | 1 | | | |
| Surgical Oncology | N | | | | | | 0 | | | | | | 0 | 1 | | | | | 1 | 1 | | | | | 2 |
| | B | | | | | | | | | | | | | | | | | | | | 1 | | | | |
| Transfusion Medicine & Blood Bank | N | | | | | | 1 | | | | | | 0 | | | | | | 0 | | | | | | 0 |
| | B | | 1 | | | | | | | | | | | | | | | | | | | | | | |
| Trauma & Emergency# | N | 1 | | | | | 1 | | | | | | 0 | | | | | | 0 | | | | | | 0 |
| | B | | | | | | | | | | | | | | | | | | | | | | | | |
| Urology | N | | | | | | 1 | | | | | | 0 | | | | | | 0 | | | | | | 2 |
| | B | | | 1 | | | | | | | | | | | | | | | | | | 1 | 1 | | |
| Grand Total | | 10 | 8 | 5 | 3 | 3 | 29 | 2 | 2 | 0 | 0 | 1 | 5 | 4 | 2 | 1 | 1 | 0 | 8 | 4 | 6 | 5 | 6 | 4 | 25 |

**Abbreviation used:**
UR- Unreserved, OBC-Other Backward Classes, SC- Schedule Caste, ST-Schedule Tribe, EWS- Economically Weaker Section N- New Vacancy, B- Backlog Vacancy
* One post of Assistant Professor (ST) in the Department of Medical Oncology/Haematology will be filled up in the subject of Haematology and one post of Professor (ST) will be filled up in the subject of Medical Oncology.
# One post of Professor (UR) in the Department of Trauma & Emergency will be filled up in the subject of General Surgery.
@ Posts are reserved for Person with Benchmark Disability (PwBD).
For details of advertisement including educational qualifications, age and eligibility criteria etc., kindly visit the Institute's website **http://aiimsbhubaneswar.nic.in.**

Sd/-
(Prof. Ashutosh Biswas)
**Executive Director**
**AIIMS, Bhubaneswar**

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ



# ଭୋଟ୍ ପାଇଁ ଶିଳ୍ପ

ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇ ଭାରତର ଅର୍ଥନୈତିକ ରାଜଧାନୀ ଭାବେ ପରିଚିତ। କିନ୍ତୁ ଏବର ସ୍ଥିତି ଦେଖିଲେ ଶିଳ୍ପଗୁଡ଼ିକୁ ଯେଭଳି ଗୁଜରାଟମୁହାଁ କରାଇ ଦିଆଗଲାଣି ଆଗକୁ ମୁମ୍ବାଇର ଗୁରୁତ୍ୱ ହ୍ରାସ ପାଇବାର ଆଶଙ୍କା ଉପୁଜିଛି। ଏକନାଥ ଶିନ୍ଦେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବା ପରେ ବେଦାନ୍ତ ଫକ୍ସକନ୍ ଚିପ୍ ପ୍ରକଳ୍ପ ମହାରାଷ୍ଟ୍ରରୁ ଗୁଜରାଟକୁ ଚାଲିଯାଇଥିଲା। ଏବେ ଟାଟା-ଏୟାରବସ୍ ସି-୨୯୫ ମାଲବାହୀ ଉଡ଼ାଜାହାଜ କାରଖାନା ଗୁଜରାଟର ଭଦୋଦରାଠାରେ ପ୍ରତିଷ୍ଠା ହେବା ନେଇ କେନ୍ଦ୍ର ପକ୍ଷରୁ ଘୋଷଣା କରାଯାଇଛି। ଏହା ମହାରାଷ୍ଟ୍ରର ନାଗପୁରଠାରେ ସ୍ଥାପନ ହେବାର ଥିଲା। ଅନୁରୂପ ଭାବେ ପ୍ରାରମ୍ଭିକ ଅବସ୍ଥାରେ ବୃହତ୍ ଡ୍ରଗ୍ ପାର୍କ ପ୍ରୋଜେକ୍ଟ ମହାରାଷ୍ଟ୍ରର ରାଇଗଡ ଜିଲାରେ ପ୍ରତିଷ୍ଠା ହେବା ନେଇ ପ୍ରସ୍ତାବ ରହିଥିବା ବେଳେ ତାହା ଗୁଜରାଟ, ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ସ୍ଥାପନ କରାଯିବା ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମହାରାଷ୍ଟ୍ର ଶିଳ୍ପମନ୍ତ୍ରୀ ଉଦୟ ସାମନ୍ତ କହିଛନ୍ତି, ଏହି ଯେତେଗୁଡ଼ିଏ ପ୍ରକଳ୍ପ ଗୁଜରାଟ ସ୍ଥାନାନ୍ତର ହୋଇଛି, ସେସବୁ ଶିନ୍ଦେ ସରକାର କ୍ଷମତାକୁ ଆସିବା ପୂର୍ବରୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇସାରିଥିଲେ। ଅନ୍ୟପକ୍ଷରେ ଉଦୟଙ୍କ ଏଭଳି ମନ୍ତବ୍ୟକୁ ଶିବସେନା ନେତାମାନେ ସମାଲୋଚନା କରିଛନ୍ତି। ଶିନ୍ଦେଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ତାଙ୍କ ଶିଳ୍ପମନ୍ତ୍ରୀ ଏଭଳି କଥା କହୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ବିଗତ କିଛିବର୍ଷ ହେବ ଭାଜପା କେନ୍ଦ୍ରରେ ଶାସନ କରୁଥିବାରୁ ଦେଶର ଯେଉଁଠାରେ ବିଧାନସଭା ନିର୍ବାଚନ ହେଉଛି ସେଠାରେ ତା' ସରକାର ଗଢ଼ିବାକୁ ବିକଳ ହେଉଛି। 'ଡବଲ ଇଞ୍ଜିନ୍ ସରକାର' ସ୍ଲୋଗାନ ଦିଆଯାଇ କୁହାଯାଉଛି ଯେ କେନ୍ଦ୍ର ଓ ରାଜ୍ୟରେ ଭାଜପା ଶାସନ କଲେ ତାହାର ସୁଫଳ ସମ୍ପୃକ୍ତ ରାଜ୍ୟବାସୀ ପାଇପାରିବେ। ମହାରାଷ୍ଟ୍ରରୁ ସ୍ଥାନାନ୍ତର ହେଉଥିବା ଶିଳ୍ପଗୁଡ଼ିକ ମଧ୍ୟ ରାଜନୈତିକ କାରଣରୁ ଗୁଜରାଟ ଯାଇଛନ୍ତି। ଅନ୍ୟପକ୍ଷରେ ଯେଉଁଠାରେ ଭୋଟରମାନେ ଭାଜପାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ସେହି ରାଜ୍ୟ ପ୍ରତି କେନ୍ଦ୍ର ଅସହଯୋଗ କରୁଥିବା ଦେଖାଯାଉଛି। ହେଲେ ମହାରାଷ୍ଟ୍ର କ୍ଷେତ୍ରରେ ଭିନ୍ନ ଚିତ୍ର ପରିଲକ୍ଷିତ ହେଉଥିବା ଏବେ ସ୍ପଷ୍ଟ ଜଣାପଡ଼ିଛି। ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ଯେଉଁ ପ୍ରକଳ୍ପଗୁଡ଼ିକ ମହାରାଷ୍ଟ୍ରରେ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା, ତାହା ଧୀରେ ଧୀରେ ଗୁଜରାଟକୁ ସ୍ଥାନାନ୍ତର ହେବାରେ ଲାଗିଛି। ଏହାର କାରଣ ମଧ୍ୟ ଭଲ ଭାବେ ବୁଝିହୋଇଯାଉଛି। ଗୁଜରାଟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ସେଠାକାର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି କେନ୍ଦ୍ରର ଭାଜପା ସରକାର ନୂଆ ଚାଲ୍ ଆରମ୍ଭ କରିଛନ୍ତି। ମହାରାଷ୍ଟ୍ରରେ ଯେହେତୁ ଶିବସେନାରୁ ଭାଗ ହୋଇଥିବା ଅଂଶର ନେତା ଏକନାଥ ଶିନ୍ଦେଙ୍କ ସହ ଭାଜପା ମିଳିତ ସରକାର ଗଠନ କରିଛି ଓ ସେଠାରେ ନିର୍ବାଚନ ଡେରିରେ ଅଛି ; ତାହାକୁ ଅନିଶା କରି କେନ୍ଦ୍ର ସରକାର ଏହି ବୃହତ୍ ଶିଳ୍ପକୁ ସେଠାରୁ ଉଠାଇ ନେବା ସମ୍ପର୍କରେ ଆଲୋଚନା ହେଉଛି। ସମସ୍ତେ ଜାଣନ୍ତି ମହାରାଷ୍ଟ୍ରରେ ବ୍ୟବସାୟ ଅନୁକୂଳ ପରିବେଶ ଥିବାରୁ ସେଠାରେ ଦେଶର ବୃହତ୍ ଶିଳ୍ପ ସଂସ୍ଥା ସେମାନଙ୍କ ୟୁନିଟ୍ ସ୍ଥାପନ କରିବାକୁ ଆଗଭର ହୋଇଥାଆନ୍ତି। ତେବେ ସେହି ସୁଯୋଗ ପାଇବାକୁ ହେଲେ କେନ୍ଦ୍ର ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏଥିରୁ ବୁଝିହେଉଛି ଯେ, କେନ୍ଦ୍ରରେ ଶାସନ କରୁଥିବା ଭାଜପା ଶିଳ୍ପ ସ୍ଥାପନରେ ହସ୍ତକ୍ଷେପ କରୁଛି। ହେଲେ ତାଙ୍କ ଦଳ ଭିତରେ ମଧ୍ୟ ଅସହମତି ଥିବା ବିଷୟ ପଦାକୁ ଆସୁଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀ ତାଙ୍କ ନିର୍ବାଚନମଣ୍ଡଳୀ ନାଗପୁରରେ ଟାଟା ପ୍ରୋଜେକ୍ଟ ହେବା ଲାଗି ବହୁତ କସରତ କରିଥିଲେ। ମାତ୍ର ତାହା ଗୁଜରାଟ ସ୍ଥାନାନ୍ତର ହୋଇଥିବାରୁ ସେ ଏଭଳି ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିବା ଗଣମାଧ୍ୟମରେ ଆଲୋଚନା ହେଉଛି। ତେବେ ଶିବସେନା ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି, ଡବଲ ଇଞ୍ଜିନ୍ କଥା କହୁଥିବା ଭାଜପା ମହାରାଷ୍ଟ୍ର ପ୍ରତି ବେଇମାନ କାର୍ଯ୍ୟ କରି ଗୁଜରାଟକୁ ଅଗ୍ରପ୍ରାଧାନ୍ୟ ଦେଇଛି। ସେହିପରି ଠାକ୍‌ରେ ପରିବାର ସହ ଘନିଷ୍ଠ ଥିବା ଜଣେ ବ୍ୟକ୍ତି କହିଛନ୍ତି, ଏ ଯେଉଁ ନିଷ୍ପତ୍ତି ନିଆଗଲା ବାଲାସାହେବ ଥିଲେ ସେ ରାସ୍ତାରେ ତାଙ୍କ ବଳ ଦେଖାଇଥାଆନ୍ତେ ଓ ଗୁଜରାଟ ପ୍ରୀତି ଦେଖାଉଥିବା ବ୍ୟକ୍ତିଙ୍କୁ ବମ୍ବେରେ ରହିବାକୁ ଦେଇ ନ ଥାଆନ୍ତେ।

ବାସ୍ତବରେ ସର୍ବଦା ପ୍ରଗତି କଥା କହୁଥିବା ଭାଜପା ତା'ର ସ୍ୱାର୍ଥ ସାଧନ ଲାଗି ଜୋରଜବରଦସ୍ତ ନିଷ୍ପତ୍ତି ନେଇ ଆଞ୍ଚଳିକ ବିଭେଦ ସୃଷ୍ଟି କରିଦେଉଛି। ଏମିତି ଦେଖିଲେ ଭାଜପା ଧର୍ମ, ଅସହିଷ୍ଣୁତା ଭଳି ନକାରାତ୍ମକ କାର୍ଯ୍ୟରେ ସମ୍ପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଏବେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶ କରିବା ଓ ଭୋଟ ହାତେଇବାକୁ ଯାଇ ଅନ୍ୟ ଇଲାକା କ୍ଷତି ସହୁଥିଲେ ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ କରୁନାହିଁ। ଦଳର ଚିନ୍ତାଧାରା କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ପ୍ରତିଫଳିତ ହେଲେ ତାହାର କୁପରିଣତି ଦେଶକୁ ଆହୁରି ବଡ଼ କ୍ଷତିରେ ପକାଇବା ଉପରଲିଖିତ ନିଷ୍ପତ୍ତିରୁ ସ୍ପଷ୍ଟ ବୁଝାପଡ଼ିଯାଉଛି।

**ଭାଜପା ଏବେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିକାଶ କରିବା ଓ ଭୋଟ ହାତେଇବାକୁ ଯାଇ ଅନ୍ୟ ଇଲାକା କ୍ଷତି ସହୁଥିଲେ ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ କରୁନାହିଁ। ଦଳର ଚିନ୍ତାଧାରା କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ପ୍ରତିଫଳିତ ହେଲେ ତାହାର କୁପରିଣତି ଦେଶକୁ ଆହୁରି ବଡ଼ କ୍ଷତିରେ ପକାଇବା ଉପରଲିଖିତ ନିଷ୍ପତ୍ତିରୁ ସ୍ପଷ୍ଟ ବୁଝାପଡ଼ିଯାଉଛି।**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 8 | 1 | | | 5 | | | |
| | 4 | | | 3 | | | | |
| | | | | 9 | 4 | | 5 | |
| | | 2 | | | | | | |
| | | | 4 | 6 | 7 | | | |
| 7 | | | | | | | 1 | |
| 8 | | | | 7 | | | | 2 |
| | | | | | | | 9 | |
| 4 | | 5 | | | 1 | | 7 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 7 | 4 | 5 | 2 | 1 | 6 | 9 |
| 4 | 1 | 2 | 3 | 6 | 9 | 7 | 8 | 5 |
| 6 | 5 | 9 | 7 | 1 | 8 | 4 | 2 | 3 |
| 7 | 9 | 1 | 2 | 4 | 5 | 8 | 3 | 6 |
| 5 | 4 | 6 | 8 | 9 | 3 | 2 | 1 | 7 |
| 8 | 2 | 3 | 1 | 7 | 6 | 5 | 9 | 4 |
| 1 | 3 | 5 | 6 | 8 | 7 | 9 | 4 | 2 |
| 2 | 7 | 4 | 9 | 3 | 1 | 6 | 5 | 8 |
| 9 | 6 | 8 | 5 | 2 | 4 | 3 | 7 | 1 |

ଗତକାଲିର ଉତ୍ତର



# ଅନ୍ତର୍ଜାତୀୟ ରିପୋର୍ଟ ଓ ଭାରତ ସରକାର

ବିଚିତ୍ର ବିଶ୍ୱାଳ

ସଦ୍ୟ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ ଅର୍ଥାତ୍ ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସରେ ୧୨୧ଟି ଦେଶ ମଧ୍ୟରୁ ଭାରତ ରହିଛି ୧୦୭ତମ ସ୍ଥାନରେ । ଭାରତ ତଳକୁ ବିଶ୍ୱର ମାତ୍ର ୧୪ଟି ଦେଶ ଅଛନ୍ତି। ବାଂଲାଦେଶ, ନେପାଳ ପରି ଦେଶ ମଧ୍ୟ ଭାରତଠାରୁ ଭଲ ସ୍ଥିତିରେ ଅଛନ୍ତି। ଏହା ପୂର୍ବରୁ ୨୦୨୦ରେ ଭାରତ ୯୪ତମ ସ୍ଥାନରେ ଥିଲା ଓ ୨୦୨୧ରେ ୧୦୧ତମ ସ୍ଥାନକୁ ଖସିଥିଲା। ଚଳିତ ବର୍ଷ ଆଉ ୬ଟି ସ୍ଥାନ ତଳକୁ ଖସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ କ୍ରମାଗତ ଭାବେ ତଳକୁ ତଳକୁ ଖସି ଚାଲିଛି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ରିପୋର୍ଟ ଅନୁସାରେ ବିଶ୍ୱର ୮୨୮ ବିଲିୟନ ଲୋକ ଭୋକରେ ଶୋଇବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ ସଂସ୍ଥା କନ୍‌ସନ୍ ୱାର୍ଲ୍ଡ ୱାଇଡ୍ ଓ ୱେଲ୍‌ଟ ହଙ୍ଗର ହିଲ୍‌ଫେ ଦ୍ୱାରା ପ୍ରତ୍ୟେକ ବର୍ଷ ଅକ୍ଟୋବରରେ ଏହି ରିପୋର୍ଟ ପ୍ରକାଶିତ ହୋଇଥାଏ। ବିଶ୍ୱର ଭିନ୍ନ ଭିନ୍ନ ଦେଶଗୁଡ଼ିକ କ୍ଷୁଧା ସମ୍ପର୍କିତ ସଷ୍ଟେନେବଲ୍ ଡେଭେଲପ୍‌ମେଣ୍ଟ ଗୋଲ୍‌କୁ କିପରି ଭାବେ ହାସଲ କରିଛନ୍ତି, ତାହାକୁ ନିରୀକ୍ଷଣ କରି ଏହି ରିପୋର୍ଟ ପ୍ରକାଶିତ ହୋଇଥାଏ। ଏହି ରିପୋର୍ଟ ଆହୁରି କହିଛି ଯେ, ବିଶ୍ୱର ୪୫ଟି ଦେଶର ସମୁଦାୟ ୫୦ମିଲିୟନ ଲୋକ ଦୁର୍ଭିକ୍ଷ ପରିସ୍ଥିତିରେ ଅଛନ୍ତି। ବିଶ୍ୱଗୁରୁ ହେବାକୁ ଆସ୍ଫାଳନ କରୁଥିବା ଆମ ସରକାର ଏହି ରିପୋର୍ଟ ପ୍ରକାଶ ପାଇବା ପରେ ସ୍ୱଭାବଗତ ଭାବେ ଉକ୍ତ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଓ ଏହା ଭାରତକୁ ବଦ୍‌ନାମ ତଥା ତଳୁଆ ଦେଖାଇବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ରିପୋର୍ଟ ପ୍ରତି ମୋଦି ସରକାରଙ୍କ ଏପରି ଆକ୍ଷେପ ନୂଆ ନୁହେଁ। ୨୦୨୦ ଓ ୨୦୨୧ରେ ହଙ୍ଗର ଇଣ୍ଡେକ୍ସ ପ୍ରକାଶ ପାଇବା ବେଳେ ବି ମୋଦି ସରକାର ଓ ତାଙ୍କର ମନ୍ତ୍ରୀମାନେ ସମାନ ଅଭିଯୋଗ ଆଣିଥିଲେ। ସମସ୍ୟାକୁ ସମାଧାନ କରିବାକୁ ପ୍ରୟାସ ନ କରି ସମସ୍ୟାକୁ ଗୋଟାପଣେ ଟାଳିଦେବା ବା ତଥ୍ୟକୁ ଅସ୍ୱୀକାର କରିବା ମୋଦି ସରକାରଙ୍କର ଏକ ନୂଆ କୌଶଳ ହୋଇଛି। ୨୦୧୪ ପୂର୍ବର କୌଣସି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ରିପୋର୍ଟକୁ ନେଇ ଆମ ଦେଶରେ ଏପରି ପ୍ରତିକ୍ରିୟାର ଧାରା ନ ଥିଲା। ଯଦିଓ ସେତେବେଳେ ଭାରତର ସ୍ଥିତି ଭଲ ନ ଥିଲା, କିନ୍ତୁ ସରକାର ସେ ରିପୋର୍ଟକୁ ସ୍ୱୀକାର କରୁଥିଲେ। ଏବେ ବି ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ଏହି ରିପୋର୍ଟକୁ ଅସ୍ୱୀକାର କରୁଥିବାର ଶୁଣାଯାଇନାହିଁ।

ଏତଦ୍‌ବ୍ୟତୀତ ୨୪ ଏପ୍ରିଲ୍ ୨୦୨୨ରେ ପ୍ରକାଶିତ ୟୁନାଇଟେଡ୍ ନେଶନ୍‌ସ ହାପିନେସ୍ ରିପୋର୍ଟରେ ଭାରତର ସ୍ଥାନ ୧୪୬ଟି ଦେଶ ମଧ୍ୟରୁ ୧୩୬। ଅର୍ଥାତ୍ ସାରା ବିଶ୍ୱର ମାତ୍ର ଦଶଟି ଦେଶ ଭାରତ ତଳେ ଅଛନ୍ତି। ହାପିନେସ୍ ଅର୍ଥାତ୍ ଖୁସିର ରହିବାରେ ମଧ୍ୟ ଭାରତ ତଳଆଡୁ ଦଶମ ସ୍ଥାନରେ ଅଛି। ଜନସାଧାରଣଙ୍କ ଶାନ୍ତିରେ ସହାବସ୍ଥାନକୁ ନେଇ ଇଣ୍ଟରନ୍ୟାଶନାଲ ଥିଙ୍କ୍ ଟ୍ୟାଙ୍କ୍ ଓ ଇନଷ୍ଟିଚ୍ୟୁଟ୍ ଅଫ୍ ଇକୋନିମିକ୍ ଆଣ୍ଡ ପିସ୍ ଦ୍ୱାରା ପ୍ରତିବର୍ଷ ଏକ ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସ ପ୍ରକାଶିତ ହୋଇଥାଏ। ୨୦୨୨ର ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସରେ ୧୬୩ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୩୫। ୨୦୨୧ ତୁଳନାରେ ଭାରତ ତିନୋଟି ସ୍ଥାନ ଉପରକୁ ଉଠିଥିଲା ବୋଲି ଗଣମାଧ୍ୟମଗୁଡ଼ିକ ଏହାକୁ ଟିକେ ପ୍ରଚାର କରିଥିଲେ ଓ ସରକାର ବି ଏହି ରିପୋର୍ଟ ପ୍ରତି ଆକ୍ଷେପ କରିଥିବାର ଶୁଣାଯାଇ ନାହିଁ। କମିଟ୍‌ମେଣ୍ଟ ଟୁ ରିଡ୍ୟୁସ୍ ଇନ୍‌ଇକ୍ୱାଲିଟି ଇଣ୍ଡେକ୍ସ-୨୦୨୨ଅର୍ଥାତ୍ ଅସମାନତା ହ୍ରାସକରିବା ନିମନ୍ତେ ସଙ୍କଳ୍ପବଦ୍ଧତା ସୂଚକାଙ୍କ-୨୦୨୨ ଅନୁସାରେ ୧୬୧ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୨୩। ପ୍ୟାରିସ୍ ସ୍ଥିତ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲାବ୍ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ଏହା ଅନୁଯାୟୀ ଭାରତ ସର୍ବାଧିକ ଅସମାନତା ଦେଶ। ଭାରତର ୧ ପ୍ରତିଶତ ଧନୀଙ୍କ ପାଖରେ ସମୁଦାୟ ରାଷ୍ଟ୍ରୀୟ ରୋଜଗାରର ପାଞ୍ଚ ଭାଗରୁ ଭାଗେ ସମ୍ପଦ ଗଚ୍ଛିତ ଅଛି। ଧନୀମାନଙ୍କ ପାଖରେ ହିଁ ଦେଶର ସିଂହଭାଗ ସମ୍ପଦ ଠୁଳ ହୋଇଛି। ବିଶ୍ୱ ଅସମାନତା ରିପୋର୍ଟରେ ଭାରତର ସ୍ଥାନ ସମଗ୍ର ବିଶ୍ୱରେ ପ୍ରଥମ। ଅର୍ଥାତ୍ ଆମ ଦେଶରେ ବିସମତା ସର୍ବାଧିକ। ସମ୍ପ୍ରତି ସରକାରଙ୍କ ନୀତି ମଧ୍ୟ ଏହି ଅସମାନତାକୁ ଅଧିକରୁ ଅଧିକ ବଢ଼େଇ ଚାଲିଛି। ଧନୀମାନେ ଅଧିକ ଧନୀ ହେଉଥିବା ବେଳେ ଗରିବମାନେ ଅଧିକ ଗରିବ ହେଉଛନ୍ତି। ସମ୍ପ୍ରତି ଆମ ଦେଶର ସରକାରଙ୍କ ଆଶୀର୍ବାଦ ପ୍ରାପ୍ତ ଜଣେ ଧନୀକ ବିଶ୍ୱର ପ୍ରଥମ ତିନିଜଣ ଧନୀ ତାଲିକାରେ ସାମିଲ ହୋଇଛନ୍ତି। ଠିକ୍ ସେହି ସମୟରେ ଆମ ଦେଶ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଛଅଟି ସ୍ଥାନ ତଳକୁ ଖସିଛି। ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ!



ରିପୋର୍ଟର୍ସ ୱିଦାଉଟ୍ ବର୍ଡର ଅନୁଷ୍ଠାନ ଦ୍ୱାରା ଏବେ ବିଂଶତମ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ପ୍ରକାଶିତ ହୋଇଛି। ସମଦାୟ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୦। ୨୦୨୧ରେ ଆମ ଦେଶ ଏହି ସୂଚକାଙ୍କରେ ୧୪୨ତମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ଆଠଟି ସ୍ଥାନ ତଳକୁ ଖସି ୧୫୦ରେ ପହଞ୍ଚିଛି। ଏହି ଗୋଟିଏ ବର୍ଷ ମଧ୍ୟରେ ନେପାଳ ୩୦ ସ୍ଥାନ ଉପରକୁ ଉଠି ୭୬ତମ ସ୍ଥାନରେ ଅଛି। ପାକିସ୍ତାନ ୧୫୭ତମ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ଭାରତଠାରୁ ଭଲ ସ୍ଥିତିରେ ଅର୍ଥାତ୍ ୧୪୬ତମ ସ୍ଥାନରେ ଅଛି। ନର୍‌ୱେ ଓ ଡେନ୍‌ମାର୍କ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆମେ ଦେଖି ଆସୁଛେ ଯେ, ଆମ ଦେଶରେ ଗଣମାଧ୍ୟମର ସ୍ୱାଧୀନତା ଆଦୌ ବି ନାହିଁ କହିଲେ ଚଳିବ। ଅଧିକାଂଶ ଗଣମାଧ୍ୟମକୁ ସରକାର ନିଜ ସ୍ତୁତି ଗାନ କରିବା କାମରେ ଲଗେଇଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷାର ସୁବିଧା, ରୋଜଗାରର ସୁଯୋଗ ଆଦି ସହିତ ଲୋକମାନଙ୍କର ଉଚ୍ଚ ମାନର ଜୀବନଶୈଳୀକୁ ନେଇ ପ୍ରତିବର୍ଷ ମାନବ ବିକାଶ ସୂଚକାଙ୍କ ପ୍ରକାଶିତ ହୋଇଥାଏ। ମାନବ ବିକାଶ ସୂଚକାଙ୍କ ୨୦୨୧-୨୨ରେ ୧୯୧ଟି ଦେଶ ମଧ୍ୟରୁ ଭାରତ ୧୩୨ତମ ସ୍ଥାନରେ ଅଛି।

ଉପରୋକ୍ତ ଅନ୍ତର୍ଜାତୀୟ ରିପୋର୍ଟ ଓ ସୂଚକାଙ୍କଗୁଡ଼ିକୁ ଲକ୍ଷ୍ୟ କଲେ ଦେଖାଯାଉଛି ଯେ, ଭାରତ ନିୟମିତ ଭାବେ ତଳ ସ୍ଥାନରେ ଅଛି। ଏପରିକି ଏସିଆ ମହାଦେଶର ଛୋଟ ଛୋଟ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ଭାରତଠାରୁ ଭଲ ପରିସ୍ଥିତିରେ ଅଛନ୍ତି। ଏହା ହିଁ ବାସ୍ତବ ସ୍ଥିତି। ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଭିନ୍ନ ଭିନ୍ନ ମାପକକୁ ନେଇ ଏହି ସବୁ ରିପୋର୍ଟ ପ୍ରକାଶ କରୁଛନ୍ତି। ଏକା ପ୍ରକାର ମାନକ ବିଶ୍ୱର ସମସ୍ତ ଦେଶ ପାଇଁ ବ୍ୟବହାର ହେଉଛି। ଏମିତି ନୁହେଁ ଯେ, ଭାରତ ପାଇଁ ଗୋଟିଏ ମାନକ ବ୍ୟବହାର ହେଉଛି ଓ ଅନ୍ୟ ଦେଶଗୁଡ଼ିକ ପାଇଁ ଅଲଗା ମାନକ ବ୍ୟବହାର ହେଉଛି। କିନ୍ତୁ ଆମ ଦେଶର ବର୍ତ୍ତମାନର ସରକାର ଏହି ନଗ୍ନ ସତ୍ୟକୁ ସ୍ୱୀକାର କରି ପରିସ୍ଥିତିରେ ଉନ୍ନତି ପାଇଁ ଚେଷ୍ଟା ନ କରି ଗାଲୁଆଙ୍କ ବାରବାଟୀ ଚାଷ ପରି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଓ ନିଜ ହାତରେ ଚଉଦ ପା' ହେବା ପରି ନିଜକୁ ନିଜେ ବିଶ୍ୱଗୁରୁ ଘୋଷଣା କରୁଛନ୍ତି। ସୂଚନା ଯୋଗ୍ୟ ଯେ, ରିପୋର୍ଟକୁ ତଥା ବାସ୍ତବ ପରିସ୍ଥିତିକୁ ଅସ୍ୱୀକାର କଲେ ପରିସ୍ଥିତି ଦୂରେଇ ଯିବ ନାହିଁ। ଓଲଟି ସମୟକ୍ରମେ ପରିସ୍ଥିତି ଆହୁରି ଭୟାନକ ଭାବେ ଉଭା ହେବ। ଆମ ଦେଶ ଭାରତ ବର୍ତ୍ତମାନ ସେପରି ପରିସ୍ଥିତି ଦିଗରେ ଗତି କରୁଛି। ସରକାର ବର୍ତ୍ତମାନ ପ୍ରଚାର କରୁଛନ୍ତି ଯେ, ସାରା ବିଶ୍ୱ ଆମ ବିରୋଧରେ ଅଛି। ଅନ୍ତର୍ଜାତୀୟ ସଂସ୍ଥା ତଥା ରିପୋର୍ଟ ଭାରତ ବିରୋଧରେ ଷଡ଼ଯନ୍ତ୍ର କରି ଭାରତକୁ ଜାଣି ଜାଣି ତଳୁଆ ଦେଖାଉଛନ୍ତି। ଏହା ଏକ ପ୍ରକାର ମିଛ। ଏପରି କରି ସରକାର ଲୋକମାନଙ୍କର ମାନସିକତାକୁ ଗୋଟେ ନିବୁଜ କୂଅ ମଧ୍ୟରେ ରଖିବାର ପ୍ରୟାସ କରୁଛନ୍ତି ଓ ପ୍ରକାରାନ୍ତରେ ନିଜ ସ୍ୱେଚ୍ଛାଚାରିତାର ଅଧ୍ୟାୟକୁ ଧୀରେ ଧୀରେ ପ୍ରତିଷ୍ଠା କରୁଛନ୍ତି।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ- ୯୪୩୮୪୬୮୪୭୪**



# ସ୍ଥିତପ୍ରଜ୍ଞ ଅବସ୍ଥା

ଆରତି ମହାନ୍ତି

ଆମର ମନ ଯେ ସଦାବେଳେ ବଜର ବଜର ହୋଇ ଚାଲିଥାଏ – କଥା କହି ଚାଲିଥାଏ ଏହାକୁ କ'ଣ କେବେ ଲକ୍ଷ୍ୟ କରି ଦେଖିଛ ? ତଦ୍ଦ୍ୱାରା ଆମର ବହୁତ ଶକ୍ତି ନଷ୍ଟ ହୋଇଯାଏ। ଏଇ କଥାଟି ଗୋଟାଏ ସାଧାରଣ କଥା ନୁହେଁ– ନିଜେ ଯଦି କଥାଟିକୁ ଶୁଣି ମନ ଭିତରେ ଟିକେ ସଚେତନ ହୋଇଯାଅ ତେବେ ଏହାକୁ ବୁଝିପାରିବ। ନିଜ ଭିତରେ ନିଜେ କେମିତି ଭାବନା ଦ୍ୱାରା ସଦାବେଳେ ଚଳଚଞ୍ଚଳ ଥାଅ ବୁଝୁଛ ତ। ହୁଏତ କଥାଟା ଶୁଣିବା କ୍ଷଣି ତମେ ତମ ମନକୁ ପରଖି ନବ ଆଉ କହିବ – 'ହଁ ହୁଏତ ସେମିତି ଅବସ୍ଥାରେ ମନ ଥିଲା। ଏଥିରେ ତମର ଶକ୍ତି କମିଯାଏ – ଯେଉଁମାନେ ଅଯଥାରେ ବେଶି କଥା କହନ୍ତି ସେମାନଙ୍କର ମନ ସେତିକି ବେଶି ଭାବନାରେ ପୂରିଥାଏ। ଏମିତି କି କେହି କେହି ଅଛନ୍ତି କିଛି ନ ଥିଲେ ମନ ଭିତରେ କୌଣସି ମନ୍ତ୍ର କି 'ରାମ' 'କୃଷ୍ଣ' କିମ୍ବା ଅନ୍ୟ କିଛି କହୁଥିବାର ଦେଖାଯାଏ। ସେମାନଙ୍କ ଭିତରେ ଜୀବନଶକ୍ତି କମିଯାଏ, କୌଣସି ଠାକୁର ବିଗ୍ରହ କି ଭାବନା ଉପରେ ଦୃଷ୍ଟି ନିବଦ୍ଧ କରିଲେ ସେଇ ଜିନିଷ ପ୍ରାପ୍ତ ହୁଏ ବୋଲି ଗୋଟାଏ ଧାରଣା ଆମର ଅଛି। ଆମେ ଭାବୁ ଅମୁକ ଠାକୁର କି ଦେବଦେବୀ ଆମ ଉପରେ ସନ୍ତୁଷ୍ଟ ହୋଇ ଆମକୁ ସେଇଟା ଦେଲେ। ହେଲେ ଏଇଟା ହେଉଛି ସେଇ ମାନସିକ ଶକ୍ତି ବା ଏନର୍ଜିର ଫଳ, ଯାହା ଆମର ଇଚ୍ଛା ପୂରଣ କରେ। ଅନେକ ଉଚ୍ଚ ଆଧ୍ୟାତ୍ମିକତା ଥିବା ବ୍ୟକ୍ତି କହନ୍ତି ମନ ଦ୍ୱାରା ଅସାଧ ସାଧନ କରିହୁଏ। ହେଲେ ସେଇଟା ବି ହେଉଛି ଗୋଟାଏ କାମନା। ଏଇ କଥାଟି କିଛି କଳ୍ପନା କି ଭାବନା ଦ୍ୱାରା କୁହାଯାଇନାହିଁ। ବୈଜ୍ଞାନିକମାନେ ସେଇ ଶକ୍ତି ଲଗାଇ ବିଭିନ୍ନ ଆବିଷ୍କାର କରିଥାନ୍ତି ଅବଶ୍ୟ ସେ ସବୁ ପାର୍ଥିବ ଜଗତର କଥା। ଏଥିରେ ମନ କେବଳ ଗୋଟିଏ ବିଷୟ ଉପରେ ଏକାଗ୍ର ହୁଏ। କେହି ଚାହିଁଲେ ଏହାକୁ ନିଜଠାରେ ପରୀକ୍ଷା କରି ଜାଣିହେବ। ଆମେ ଭାବୁ କୌଣସି ରକମର ମନ୍ତ୍ରକୁ ଘୋଷି ଚାଲିଲେ ଆମର ଭଗବତ୍‌ପ୍ରାପ୍ତି ହେବ। ଅନ୍ୟ କଥାରେ କହିବାକୁ ଗଲେ କୌଣସି କାମନା କଦାପି ଆମକୁ ସେ ମୁକ୍ତ ଅବସ୍ଥାରେ ପହଞ୍ଚେଇ ଦେଇପାରିବ ନାହିଁ। କେବଳ ଯେତେବେଳେ ଜଣେ ସବୁ ଭାବନା ଯାହା ଭିତରେ 'ମୁଁ ଓ ମୋର' ଭାବଥାଏ ସେ ସବୁଥିରୁ ମୁକ୍ତ ହୋଇପାରିଲେ ଯାଇ ହୁଏତ ସେଇ 'ପରମ ଶ୍ରେଷ୍ଠ'କୁ ପାଇପାରେ। ଯଦିଓ ସେ କାମକୁ ବୁଝାଇବାକୁ କୌଣସି ଶବ୍ଦ ପ୍ରୟୋଗ କରିପାରିବ ନାହିଁ। କାରଣ ସେ ଅବସ୍ଥାରେ ଜଣେ ଆଉ ବ୍ୟକ୍ତି ହୋଇ ନ ଥାଏ। ଅନ୍ୟ ଭିତରେ ଲୀନ ହୋଇଯାଇଥାଏ – ଏଇ କଥାଗୁଡ଼ିକ ଶୁଣିବାକୁ ଗଲେ ଜଣକୁ ହୁଏତ ଅବୋଧ ଲାଗୁଥାଇପାରେ, ହେଲେ ଜଣେ ଯଦି ତା' ଉପରେ ଅନବରତ ଦୃଷ୍ଟି ନିବଦ୍ଧ କରେ ତେବେ ସେ ସେଇ ମୁକ୍ତ ଅବସ୍ଥାକୁ ହୃଦ୍‌ବୋଧ କରିପାରିବ। ସେଇ ଅବସ୍ଥା ପ୍ରକୃତରେ ବର୍ଣ୍ଣନା କରିବା କଷ୍ଟକର। କିନ୍ତୁ ତାକୁ ଜଣେ ଚାହିଁଲେ ନିଜ ଭିତରେ ଉପଲବ୍ଧି କରିପାରିବ – ଯେଉଁଠି ସେ ନାହିଁକି କିଛି ନାହିଁ ଅଛି କେବଳ ଏକ ଦିଗନ୍ତପ୍ରସାରୀ ଶୂନ୍ୟ ଅବସ୍ଥା।



ମନକୁ ଖାଲି ରଖିଲେ ଯାହା ବି ଆଖିଆଗରେ ଘଟୁଛି ସବୁ ବୁଝି ହୋଇଯାଏ – ସେଥିପାଇଁ କେବଳ ଦରକାର ହେଉଛି ମନଯୋଗିତା। ସେଇ ମନଯୋଗିତାରେ କୌଣସି ରକମର ବଛାବଛି ନାହିଁ, କେବଳ ମନ ଭିତରେ ସବୁ ଦେଖି ଚାଲିଥିବ। ଯାହା ବାସ୍ତବରେ କ୍ଷଣକୁ କ୍ଷଣ ଘଟି ଚାଲିଛି, ଆରମ୍ଭ ହେଉଛି ପୁଣି ଶେଷ ହେଉଛି ତା'ପରେ ପୁଣି ଆରମ୍ଭ। ଏଇ ହେଉଛି ଆମର ସମୁଦାୟ ଜୀବନ।

ଗୁରୁମାନେ କହନ୍ତି, ମନଯୋଗ ଆଣିବାକୁ ଚେଷ୍ଟାକର। ତାକୁ ହାସଲ କରିବା ପାଇଁ ମନ୍ତ୍ର ଜପ କର, ନ ହେଲେ ଅନ୍ୟ କୌଣସି ପଦ୍ଧତିକୁ ଅଭ୍ୟାସ କର କିନ୍ତୁ ଏହା ଦ୍ୱାରା କେହି ବଦଳି ପାରିବ ନାହିଁ। କାରଣ ସବୁଠି 'ମୁଁ' କୁ ପ୍ରୟୋଗ କରାଯାଇଥାଏ– ମୁଁ ମନଯୋଗ ଦେବି, ମୁଁ ଅନ୍ୟମନସ୍କ ହେଲି ଇତ୍ୟାଦି ଏହାଦ୍ୱାରା ମନ ଭିତରେ ଗୋଟାଏ 'ମୁଁ' ଓ 'ମୁଁ ନୁହେଁ' ଭିତରେ ଟଣାଟଣି ଲାଗିଥାଏ, ତଦ୍ଦ୍ୱାରା ଆମର ମାନସିକ ଶକ୍ତିର ଅପଚୟ ହୁଏ। ତେଣୁ ଏଠି କୁହାଯାଉଛି ମନର ସବୁ ଶକ୍ତି ଏକାଠି କରି କେବଳ ଦେଖ, ବୁଝ ଆଉ ତାକୁ ଶେଷ କରିଦିଅ । ପୁଣି ନୂଆ ଘଟଣା, ନୂଆ ମୁହୂର୍ତ୍ତର ଅପେକ୍ଷା। ତେଣୁ ମନ ଦେଇ ଦେଖିବା ଯେଉଁଥିରେ କୌଣସି ରକମର ଟଣାଘୋଷରା ନ ଥାଏ କି ଶକ୍ତି ନଷ୍ଟ ହୁଏ ନାହିଁ। ଏଇଟା ହେଉଛି ପ୍ରକୃତରେ ଧ୍ୟାନ।

ଚଟ୍ ଚାଟ୍ ଦେଖିବା ଗୋଟାଏ ଅଭ୍ୟାସ ନୁହେଁ। ବରଂ ସେଇଟା ଏକପ୍ରକାରର ମନଯୋଗ, ଯେଉଁଟା ମୁହୂର୍ତ୍ତରୁ ମୁହୂର୍ତ୍ତ ନିଜକୁ ନୂଆ କରି ଚାଲିଥାଏ – ତା'ମାନେ ଯାହା ଘଟିଲା ତାକୁ ସମ୍ପୂର୍ଣ୍ଣ ଭାବରେ ତତ୍‌କ୍ଷଣାତ ଦେଖିବା ପରେ ମୁକ୍ତ ହୋଇଯିବା। ତେଣୁ ସବୁ କଥାକୁ ନିରୀକ୍ଷଣ କରି ଦେଖିବା, କିନ୍ତୁ ଖାଲି ଦେଖିଯିବା ମାନେ ତମେ ନାହିଁ ଅର୍ଥାତ୍ ତା'ର ଭଲମନ୍ଦ କି ଦୋଷଗୁଣକୁ ତଉଲୁ ନାହିଁ। ଖାଲି ଯାହା ଘଟୁଛି ତାକୁ ଦେଖୁଛ ଆଉ ସେଇଟା ତା' ଆପଣାଛାଏଁ ଶେଷ ହୋଇ ଯାଉଛି। ଏହି ଅବସ୍ଥାରେ ରହି ହେବ କି ନାହିଁ ପରୀକ୍ଷା କରି ଦେଖ – ଧୀରେ ଧୀରେ ଦୁଇଟା ଭାବନା ଭିତରେ ଦୂରତ୍ୱ କମିବାରେ ଲାଗିବ। ମନ ଅଧିକ ସମୟ ଭାବନା ମୁକ୍ତ ଓ ନୀରବ ରହିବ, ଭାବନା ନ ଥିବା ମନର ଅବସ୍ଥା ଯେକୌଣସି ଯୋଗାରୂଢ଼ ବ୍ୟକ୍ତି କେବଳ ଜାଣିପାରେ। ସେହି ଅବସ୍ଥା ହିଁ ହେଉଛି ସ୍ଥିତପ୍ରଜ୍ଞ ଅବସ୍ଥା।

**ମୋ: ୯୬୯୨୦୯୮୦୫୪**

## ଏଇ ଭାରତରେ

ଛତୁଚାଷରେ ୯୦୦୦ ମହିଳାଙ୍କୁ ନିୟୋଜିତ କରି ସେମାନଙ୍କୁ ଏକ ନୂଆ ପରିଚୟ ଦେଇଛନ୍ତି ପଶ୍ଚିମବଙ୍ଗର ଦମ୍ପତି ଅନିର୍ବାଣ ଓ ପୌଲମୀ ନନ୍ଦି। ସିଲିଗୁଡ଼ି ଓ ଜଲ୍‌ପାଇଗୁଡ଼ି ଜିଲାର ୩୨ରୁ ଊର୍ଦ୍ଧ୍ୱ ଗାଁର ଏହି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନେ ୨୦୧୯ରେ 'ଲିଭିଂ ଲାଇଫ୍ ହାପିଲି' ଏନ୍‌ଜିଓ ପ୍ରତିଷ୍ଠା କରି ତା'ଦ୍ୱାରା ଏହି କାର୍ଯ୍ୟ କରୁଛନ୍ତି। ଏହି ଦମ୍ପତି ରହୁଛନ୍ତି ସିଲିଗୁଡ଼ି ସହରରେ। ଆଇଆଇଟି ଖଡଗ୍‌ପୁରରେ ୨୦୧୬ରେ ଅନିର୍ବାଣ ଗ୍ରମୀଣ ବିକାଶ ଉପରେ ପିଏଚ୍‌ଡି କରୁଥିବା ସମୟରେ ଇକୋନୋମିକ୍ସ ଛାତ୍ରୀ ଥିଲେ ପୌଲମୀ। ସେମାନେ ପ୍ରୋଜେକ୍ଟ କାର୍ଯ୍ୟରେ ସିଲିଗୁଡ଼ି ଯିବା ସମୟରେ ସେଠାକାର ମହିଳାମାନଙ୍କୁ ରୋଜଗାର ଦେବା ଲଗି ଏଭଳି ପଦକ୍ଷେପ ନେଇଥିଲେ। ପିଲାମାନଙ୍କୁ ପଢ଼ାଇବା ଲାଗି ଉକ୍ତ ଦମ୍ପତି ମୋବାଇଲ ଲାଇବ୍ରେରି ଆରମ୍ଭ କର ଗାଁ ଗାଁ ବୁଲି ପିଲାମାନଙ୍କୁ ମାଗଣାରେ ବହି ଯୋଗାଉଛନ୍ତି। ଏବେ ଲାଇବ୍ରେରିରେ ୯,୦୦୦ ବହି ଅଛି ଓ ପାଖାପାଖି ୭୦୦୦ ପିଲା ଏଥିରୁ ଉପକୃତ ହେଉଛନ୍ତି। ସେମାନେ ୧୦ ଟଙ୍କା ଦେୟରେ ବି ପିଲାମାନଙ୍କୁ ଟିଉଶନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟରେ ଆଇଆଇଟି ଓ ଶାନ୍ତି ନିକେତନ ଭଳି କଲେଜରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପିଲା ସ୍ୱେଚ୍ଛାସେବୀ ଭାବେ କାମ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୭

- ଉପସାଗରୀୟ ଅଞ୍ଚଳରେ ଅସ୍ତ୍ରଶସ୍ତ୍ର ମହଜୁଦ ଓ ପ୍ରସାରକୁ ବନ୍ଦ କରିବାର ଲକ୍ଷ୍ୟ ନେଇ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏବଂ ଚାଇନା ରାଷ୍ଟ୍ରପତି ଜିଆଙ୍ଗ ଜେମିନ ଏକ ବଡ଼ଧାରଣର ଆଣବିକ ଚୁକ୍ତି ପାଇଁ ରାଜି ହୋଇଛନ୍ତି।
- ପ୍ରଥମ ଭାରତୀୟ କମାଣ୍ଡିଂ ଅଫିସର ମେଜର ଜେନେରାଲ ଦିଗମ୍ବର ସିଂ ବ୍ରାରଙ୍କ ୯୯ ବର୍ଷ ବୟସରେ ଦେହାନ୍ତ।
- ରାଜ୍ୟର ତ୍ରୟୋଦଶତମ ପୋଲିସ ଡିଜିଭାବେ ଡଃ ବନବିହାରୀ ପଣ୍ଡାଙ୍କ ଦାୟିତ୍ୱ ଗ୍ରହଣ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଜୁଳି ଉପଭୋକ୍ତା ହଟହଟା

ମହାଶୟ,

ବିଜୁଳି ବିତରଣ ଦାୟିତ୍ୱ ଟାଟା କମ୍ପାନୀ ନେବା ପରେ ଉପଭୋକ୍ତାମାନେ ଉଚ୍ଚମାନର ସେବା ପାଇବା ପାଇଁ ଆଶାୟୀ ହୋଇଥିଲେ। ଏବେ ସେମାନଙ୍କର ଆଶା ନିରାଶାରେ ପରିଣତ ହେବାରେ ଲାଗିଛି। ପ୍ରଥମରେ କମ୍ପାନୀ ତରଫରୁ ନୂଆ ମିଟର ଲଗାଯାଉଛି। ତାହା ପୁଣି ସବୁ ଘରେ ଲଗା ନ ଯାଇ ମନଇଚ୍ଛା ଗୋଟିଏ ଗୋଟିଏ ଜାଗାରେ ଲଗାଯାଉଛି। ସେ ମିଟରଗୁଡ଼ିକ ଏପରି ସ୍ଥାନରେ ସ୍ଥାନିତ ହେଉଛି ଯେ, ମିଟର ରିଡର ବ୍ୟକ୍ତି ଜଣଙ୍କୁ ରିଡିଂ ନେବାରେ ଅସୁବିଧା ହେଉଛି। ଦ୍ୱିତୀୟରେ ଉପଭୋକ୍ତାଙ୍କୁ ଦିଆଯାଉଥିବା କମ୍ପ୍ୟୁଟରାଇଜ୍ ବିଲ୍‌ଗୁଡ଼ିକ ନିମ୍ନମାନର ଜଣାପଡୁଛି। ସତେ ଅବା ମିଟର ରିଡର ୟୁନିଟ୍ କମ୍‌ବେଶୀ ଜଣାପଡୁଛି। କାରଣ ବିଲ୍‌ରେ ଛପା ଅକ୍ଷରଗୁଡ଼ିକ ଅଦୃଶ୍ୟ ହୋଇ ତାହା ସାଦାକାଗଜ ଖଣ୍ଡରେ ପରିଣତ ହୋଇଯାଉଛି। ଭବିଷ୍ୟତରେ ତାହାକୁ ଦେଖିବାର ଅବକାଶ ନାହିଁ। ଏକ ଅସମର୍ଥିତ ଖବରରୁଜଣାଯାଏ ଯେ, ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଜାଣତରେ ଏହା ହେଉଛି। ନଚେତ କମ୍ପାନୀ ନିର୍ଦ୍ଦେଶକ୍ରମେ ହେଉଥିବାର ଅନୁମାନ କରାଯାଉଛି। ଉକ୍ତ ପରିପ୍ରେକ୍ଷୀରେ ଟାଟା କମ୍ପାନୀ ଓ ଦାୟିତ୍ୱରେ ଥିବା ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ପୀରତି ନାମରେ କିପାଇଁ ଭୟ
କହ ଗୋ ଆଜ
ସେ ନୁହେ କୁହୁକ ଆକାଶବାଣୀ
ସେ ନୁହେ ଲାଜ।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିହାରୀ ସମ୍ପ୍ରଦାୟ ପାଳିଲେ ଛଟ ପୂଜା

ଟିଟିଲାଗଡ, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ବାସ କରୁଥିବା ବିହାରୀ ସମାଜ ତରଫରୁ ଛଟପୂଜା ସୋମବାର ପାଳିତ ହୋଇଯାଇଛି। କୁମୁଡା ପାହାଡ଼ ନିକଟରେ ଥିବା ଦେଓବନ୍ଧରେ ବିହାରୀ ସମ୍ପ୍ରଦାୟର ସମସ୍ତ ପରିବାର ସୂର୍ଯ୍ୟ ଦର୍ଶନ କରିଥିଲେ। ଉତ୍ସବରେ ବିହାରୀ ସମାଜ ସଭାପତି ଦୀପକ କୁମାର ସାହୁ, ଅଜୟ ଗୁପ୍ତା, ମୁକେଶ ଗୁପ୍ତା, ରାଜେଶ ଗୁପ୍ତା, ସୁରଜ ସାହୁ, ନିରଜ ସାହୁ, ଧୀରଜ ସାହୁ, ପ୍ରେମ ସାହୁ, ମନୋଜ ସିଂ, ସୁନିତା ଗୁପ୍ତା, ରେଣୁ ଗୁପ୍ତା, ମୁକେଶ କୁମାର, କମତା ଗୁପ୍ତାଙ୍କ ସମେତ ସମାଜର ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଇ ଲୁଟି ନେଲେ ୩ ଲକ୍ଷ

ଖଡ଼ିଆଳ,୩୧।୧୦(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ରାଣୀପୁର ପେଟ୍ରୋଲ ପମ୍ପଠାରେ ବାଇକ୍‌କୁ ଧକ୍କା ଦେଇ ୩,୫୧,୦୦୦ ହଜାର ଟଙ୍କା ଡକାୟତି ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ଅପରାହ୍ନ ୨ଟାରେ ଧନେଶ୍ୱର ରାଏ ଓ ଜଗଦୀଶ ଦୁରିଆ ଖଡ଼ିଆଳ ଷ୍ଟେଟ ବ୍ୟାଙ୍କରୁ ୩,୫୧,୦୦୦ ଟଙ୍କା ନେଇ ରାଣୀପୁରସ୍ଥିତ ଘରକୁ ବାଇକରେ ଯାଉଥିବା ବେଳେ ୨ ଜଣ ଯୁବକ ନୀଳ ରଙ୍ଗର ଆପାଚି ବାଇକରେ ପିଛା କରି ରାଣୀପୁର ପେଟ୍ରୋଲ ପମ୍ପଠାରେ ବାଇକ୍‌କୁ ଧକ୍କା ଦେଇଥିଲେ। ଧକ୍କାରେ ଧନେଶ୍ୱର ଓ ଜଗଦୀଶ ତଳେ ପଡିଯିବା ପରେ ଆସି ବ୍ୟାଗରେ ଥିବା ଟଙ୍କା ନେଇଯାଇଥିଲେ ନେଇଯାଇଥିବା ଅଭିଯୋଗ କରିଛନ୍ତି ଧନେଶ୍ୱର ରାଏ। ଏ ନେଇ ଥାନାରେ ଏକ ମାମଲା (ନଂ. ୪୪୪/୨୨) ରୁଜୁ ହୋଇଛି। ଡକାୟତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଡିପିଓ ସନ୍ତକ ଜେନା ପ୍ରକାଶ କରିଛନ୍ତି।

### ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଦାବିପତ୍ର

ଭବାନୀପାଟଣା,୩୧।୧୦(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଅମଲା ଭବନଠାରେ ସୋମବାର ଓଡିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୩ଟି ବ୍ଲକର ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗଦେଇଥିଲେ। ସେଠାରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ବାହାରି ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହି ଦାବିପତ୍ର ମୁଖ୍ୟ କିରାଣୀ ଗ୍ରହଣ କରିଥିଲେ। ଏଥିରେ ପଞ୍ଚାୟତରେ କାର୍ଯ୍ୟରତ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ନିୟମିତ ଦରମା ପ୍ରଦାନ, ରାଜ୍ୟ ବଜେଟରେ ପଞ୍ଚାୟତରେ କାର୍ଯ୍ୟରତ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ପ୍ରମୁଖ ଦାବି ଉଲ୍ଲେଖ କରିଛନ୍ତି। ଜିଲା ସଭାପତି ହରେକୃଷ୍ଣ ନାଏକ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ସଂପାଦକ ମହିନ୍ଦ୍ର ନାଏକ, କୋଷାଧ୍ୟକ୍ଷ ନବୀନ ଥପା, ଜୁନାଗଡ ବ୍ଲକ ସଭାପତି ହରପ୍ରସାଦ ମାଝି, ସମ୍ପାଦକ ଦେବେନ୍ଦ୍ର ମାଝି, ବରିଷ୍ଠ କାର୍ଯ୍ୟକର୍ତ୍ତା ଲଳିତ ପାରି ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମର ଫଟୋଚିତ୍ର ପ୍ରଦର୍ଶନୀ

## ରାଷ୍ଟ୍ରୀୟ ଏକତା ଦିବସ, ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୩୧।୧୦

ଅଖଣ୍ଡ ଭାରତର ବିଦ୍ଧାଣୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ସୋମବାର ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଛତାପିପଲଠାରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭବାନୀପାଟଣା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଏବଂ ଆଜାଦୀ କା ଅମୃତ ମହୋତ୍ସବ ଦୁଇଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଆୟୋଜିତ ଏକତା ଦୌଡକୁ ଉଦ୍‌ଘାଟନ କରିଥିଲେ। ପରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନ, ସଂଘର୍ଷ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ମହାନ ସଂଗ୍ରାମୀଙ୍କ ଉପରେ ଆଧାରିତ ଏକ ଫଟୋ ପ୍ରଦର୍ଶନୀକୁ ବିଧାୟକ ଡ. ମହାଲିଙ୍ଗ ଉଦ୍‌ଘାଟନ କରିଥିଲେ। ପରେ ସେଠାରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ



ବିଧାୟକ ଡ ମୁକେଶ ମହାଲିଙ୍ଗ ସ୍ୱାକ୍ଷୀନତା ସଂଗ୍ରାମ ଆଧାରିତ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

ହୋଇଥିଲା। ଏଥିରେ ମୁଖ୍ୟଅତିଥି ମହାଲିଙ୍ଗ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଶିବ ପ୍ରସାଦ ନନ୍ଦ, ବଲାଙ୍ଗୀର ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ତଥା ପରିଚାଳନା ନିର୍ଦ୍ଦେଶିକା ସରସ୍ୱତୀ ନନ୍ଦ, ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ସର୍ଜଣ୍ଟ ବିଭୂତି ଭୂଷଣ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଶୈଳେନ୍ଦ୍ରୀ ପାତ୍ର ସର୍ଦ୍ଦାର ପଟେଲଙ୍କ ଭାରତ ଏକତ୍ରୀକରଣରେ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକ ଡ ମହାଲିଙ୍ଗ ସରଦାର ପଟେଲଙ୍କ ସଂଘର୍ଷ ଓ ଉବଲବ୍ଧରୁ ବହୁମୂଲ୍ୟ ସ୍ୱାଧୀନତାକୁ କିଭଳି ସୁରକ୍ଷିତ ରଖାଯାଇପାରିବ ସେଦିଗରେ ପ୍ରତ୍ୟେକ ଭାରତୀୟ ସଚେତନ ହେବା ଉଚିତ୍ ବୋଲି କହିଥିଲେ। ଅନ୍ୟବକ୍ତା ମାନେ ସରଦାର ପଟେଲଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋଚନା କରିଥିଲେ। ପରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ମହିଳାଙ୍କ ମଧ୍ୟରେ ଚୌକିବସା ଏବଂ ହୁଳହୁଳି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭାଗର ପଞ୍ଜୀକୃତ କଳାକାରଙ୍କ ଦ୍ୱାରା ସୂଚନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭବାନୀପାଟଣାର କ୍ଷେତ୍ରପ୍ରଚାର ଅଧିକାରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିଲେ।

# ସୁସ୍ୱାସ୍ଥ୍ୟ ପାଇଁ ଉତ୍ତମ ପରିବେଶ ଲୋଡ଼ା




ଖଦ୍ୟୋତ ଅନୁଷ୍ଠାନ ପକ୍ଷରୁ ପରିବେଶ ସଚେତନତା ବୈଠକ।

## ମାଲପଡା ଖଦ୍ୟୋତ ଅନୁଷ୍ଠାନର ବୈଠକ

ବଲାଙ୍ଗୀର ଅଫିସ,୩୧।୧୦

ବଲାଙ୍ଗୀର ମାଲପଡା ସ୍ଥିତ ଖଦ୍ୟୋତ ଅନୁଷ୍ଠାନର ଏକ ବୈଠକ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ପାଦକ ଆକୁଳ ବେହେରା ଗତମାସର ବିବରଣୀ ପାଠ କରିଥିଲେ। ଆଗାମୀ ଡିସେମ୍ବରରେ ହେବାକୁ ଥିବା ବାର୍ଷିକ ଉତ୍ସବ ପାଇଁ ତର୍କ, ଚିତ୍ରାଙ୍କନ, ନାଚ, ସଙ୍ଗୀତ ପ୍ରତିଯୋଗିତା ମାନ ସ୍ଥିରୀକୃତ ହୋଇଥିଲା। ଆଗାମୀ ଦିନରେ ବଲାଙ୍ଗୀରର ବିଭିନ୍ନ ଗ୍ରାମରେ ସଫେଇ କରିବା ପାଇଁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ସୁସ୍ୱାସ୍ଥ୍ୟ ପାଇଁ ଉତ୍ତମ ପରିବେଶର ମହତ୍ତ୍ୱ ସମ୍ପର୍କରେ ସମ୍ମାନିତ ଅତିଥି ଛାୟାକାନ୍ତ ସାହୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡକ୍ରସ ସାଧନକର୍ମୀ ରବିଚନ୍ଦ୍ର ପଶାୟତ, ପରିବେଶପ୍ରେମୀ ନୀଳମଣି ବିଶ୍ୱାଳ, ହଲଧର ସା, ଆଶିଷ ପଣ୍ଡା, ନୃସିଂହ ବରଗଡ଼ି, ଇଂ. ରମେଶ ସାମନ୍ତରାୟ ଉପସ୍ଥିତ ଥିଲେ। ଶେଷରେ ରାଜେଶ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ୧୧ ଲକ୍ଷ ଟଙ୍କା ହଡ଼ପ ଘଟଣାରେ ଫାଇନାନ୍ସ ଏଜେଣ୍ଟ କୋର୍ଟ ଚାଲାଣ

କୋକସରା,୩୧।୧୦(ଡି.ଏନ.ଏ.)

ହିତାଧିକାରୀଙ୍କ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଋଣ ଟଙ୍କା ହଡପ କରିବା ଘଟଣାରେ କଳାହାଣ୍ଡି ଜିଲା କୋକସରା ପୋଲିସ ସୋମବାର ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେ ହେଲେ ଧର୍ମଗଡ ବ୍ଲକ ଡୁମେରଗୁଡା ପଞ୍ଚାୟତ କୀର୍କାକାନି ଗ୍ରାମର ରାକେଶ ଦୁର୍ଗା (୨୫)। କୋକସରା ବ୍ଲକ ସଦର ମହକୁମା ପଟ୍ଟନାୟକ ପଡ଼ାରେ ଥିବା ଏକ ବେସରକାରୀ ସଂସ୍ଥାରେ ରାକେଶ ଏଜେଣ୍ଟ ଭାବେ ଆଜକୁ ୧୭ ମାସ ପୂର୍ବରୁ କାର୍ଯ୍ୟ କରୁଥିଲେ। ସେ ଚଞ୍ଚକତା କରି ବ୍ଲକର କୋକସରା, ଟେମରା, ଖଲିଗଡ଼, କର୍ଲଗୁଡା, ଘଣ୍ଟିଗୁଡା, ବୋବରିଆ, କୁଳେରଗୁଡା, ମାଝିଗୁଡା, ଆମପାଣି, କନ୍ଦାଗଡ଼, ତେଣ୍ଡାପାଲି ଡୁମେରବାହାଲ, ଚିଲିଗୁଡା, ଗଡରାମାଲ, ମଧୁପୁର, କାଶିବାହଲ ଗ୍ରାମର ୬୭ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୫ଜଣଙ୍କ ନାମରେ ଋଣ ଓ ୫୨ଜଣଙ୍କ ନାମରେ ରି ଫାଇନାନ୍ସ କରି ସେମାନଙ୍କ ଫାଇନାନ୍ସ ବାବଦକୁ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିଲେ।



ଗିରଫ ଅଭିଯୁକ୍ତ

ଏଜେଣ୍ଟର ହେରାଫେରି ଧରାପଡିବା ପରେ ଉକ୍ତ ସଂସ୍ଥାର ବଲାଙ୍ଗୀର ୟୁନିଟ ମ୍ୟାନେଜର ଶଶୀ ଭୂଷଣ ସାହୁ ଗତ ୨୯ ତାରିଖରେ କୋକସରା ଥାନାରେ ରାକେଶଙ୍କ ନାମରେ ଏତଲା ଦାୟର କରିବା ପରେ ପୋଲିସ ତ୍ୱରିତ ପଦକ୍ଷେପ ନେଇ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଋଣସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ମୋବାଇଲ, କିଛି ଜମାଖାତା ପୋଲିସ ଜବତ କରିଛି। ଥାନାରେ ଏକ ମାମଲା (ନଂ. ୨୬୫/୨୨) ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

# ଭିଜିଲାନ୍ସ ସଚେତନତା ସପ୍ତାହ ଦିବସ ଆରମ୍ଭ

ଭବାନୀପାଟଣା,୩୧।୧୦(ସ୍ୱ.ପ୍ର.)

ରାଜ୍ୟରେ ସୋମବାରଠାରୁ ଆରମ୍ଭ ହୋଇଛି ଭିଜିଲାନ୍ସ ସଚେତନତା ସପ୍ତାହ ଦିବସ। ଏଥିପାଇଁ ଭିଜିଲାନ୍ସ ପକ୍ଷରୁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ଲୋକସଭା ଭବନରେ ଏହି କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

### ଭବାନୀପାଟଣା ଓସ୍ୱାନ ଗୃହରେ ସାଧୁତାର ଶପଥପାଠ

ଭର୍ଚୁଆଲ ମାଧ୍ୟମରେ ଯୋଡି ହୋଇ ରାଜ୍ୟର ସମସ୍ତ ଜିଲାର ଓସ୍ୱାନ ଗୃହରେ ସମବେତ ଅଧିକାରୀଙ୍କୁ ସାଧୁତାର ଶପଥ ପାଠ କରାଇଛନ୍ତି। ଏପରିସ୍ଥଳେ କଳାହାଣ୍ଡି ଜିଲା ଭବାନୀପାଟଣା ଓସ୍ୱାନ ଗୃହରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଜିଲାସ୍ତରୀୟ ଅଧିକାରୀ, ଭିଜିଲାନ୍ସ ବିଭାଗ କର୍ମଚାରୀ, ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଗହଣରେ ସାଧୁତାର ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଭିଜିଲାନ୍ସ ବିଭାଗ ଅଫିସରେ ମଧ୍ୟ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଡିଏସପି ସଦାନନ୍ଦ ପାଣିଙ୍କ ନେତୃତ୍ୱରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାଧୁତାର ଶପଥ ପାଠ କରିଥିଲେ। ଚଳିତବର୍ଷ ଏହାର ବିଷୟ ବସ୍ତୁ ରହିଛି 'ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ'। ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ସପ୍ତାହ ପାଳନ ଅବସରରେ ଜିଲା ଓ ବ୍ଲକସ୍ତରରେ ସାଧାରଣ ସଭାର ଆୟୋଜନ କରାଯିବ। ଏଥିରେ ସରକାରୀ ଅଧିକାରୀ ସମେତ ଛାତ୍ର, ଯୁବକ, ଶିକ୍ଷାବିତ୍, ଅବସରପ୍ରାପ୍ତ ସରକାରୀ ଅଧିକାରୀ, ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗଦେଇ ଦୁର୍ନୀତିମୁକ୍ତ ଭାରତ ପାଇଁ ଶପଥ ନେବେ।

# ଦୁର୍ନୀତି ନିବାରଣ ସଚେତନତା ଶପଥପାଠ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ବଲାଙ୍ଗୀର ଅଫିସ, ୩୧।୧୦

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୨ ପାଳନ ସୋମବାରଠାରୁ ଆରମ୍ଭ ହୋଇଛି। ସେଣ୍ଟ୍ରାଲ ଭିଜିଲାନ୍ସ କମିଶନଙ୍କ ଆହ୍ୱାନକ୍ରମେ ଚଳିତବର୍ଷ ହେଉଥିବା ଏହି ସଚେତନତା ସପ୍ତାହର ବାର୍ତ୍ତା ହେଉଛି ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ। ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରୁ ଭିଡିଓ କନଫରେନସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ଜିଲା ଓ ବ୍ଲକ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ଭିଡିଓ କନ୍‌ଫରେନସିଂ ହଲରେ ଜିଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ମୁରିବାହାଲ ବ୍ଲକ କାର୍ଯ୍ୟାଳଠାରେ ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲାପାଳ କାର୍ଯ୍ୟାଳୟ ସ୍ଥିତ ଓସୱାନ ଭିଡିଓ କନଫରେନସିଂ ହଲଠାରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କ ସମେତ ଜିଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ସେକ୍ସନ ଅଫିସର, ବଲାଙ୍ଗୀର ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗୀର ଶାଖା ଇନ୍ସପେକ୍ଟର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟ ସ୍ଥିତ ଓସୱାନ ଭିଡିଓ କନଫରେନସିଂ ହଲ ଠାରେ ସମ୍ପୃକ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ଜିଲାପାଳ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଶପଥ ପାଠ ହୋଇଥିଲା। ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର, ଡେପୁଟି କଲେକ୍ଟର ସୋନିଆଶ୍ରୀ ମଲ୍ଲିକ, ଇପ୍ସିତା ପାତ୍ର, ସହକାରୀ ଜିଲାପାଳ ଦିଲୀପ କୁମାର ମାଝି, ଆଦିତ୍ୟ ଦଳବେହେରା, ଫାଲଗୁନୀ ଶବର, ଜିଲା କ୍ରୀଡା ଅଧିକାରୀ ପରାସର ବାଗ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଦୁର୍ନୀତି ନିବାରଣ ଦିବସ ପାଳିତ

ଖପ୍ରାଖୋଲ, ୩୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ଦିବସ ପାଳିତ ହୋଇଯାଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ରାଜ୍ୟ ସ୍ତରୀୟ ଶପଥ ପାଠ ପରେ ବ୍ଲକ ଅଧିକାରୀମାନେ ଶପଥ ପାଠ କରିଥିଲେ। ଏବିଡିଓ ଭିମ ସେନ କହର, ସହକାରୀ ଯନ୍ତ୍ରୀ ମହେଶଲାଲ ଅଗ୍ରୱାଲ, ଜିପିଓ ସୁଶାନ୍ତ ପାଣି, ବ୍ରଜବନ୍ଧୁ ଠାକୁର, ବିକାଶ ବାର୍ଲା, ସୁଜାତା ଡୋରା, କାନିଷ୍କ ବିଭାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ସିଆର୍‌ପିଏଫ ୧୮୯ ବାଟଲିଅନ ତରଫରୁ ଇନ୍ସପେକ୍ଟର ବବୁଲ କୁମାର ରାଏଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା। ବିଭିନ୍ନ ବର୍ଗର ଲୋକ ଏଥିରେ ସାମିଲ ହୋଇଥିଲେ। ପରେ ସିଆର୍‌ପିଏଫ ଯବାନମାନେ ଏକ ବାଇକ ଶୋଭାଯାତ୍ରାରେ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ଉପରେ ସଚେତନ କରିଥିଲେ।

# ପୁଣେରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଗାଁରେ ପହଞ୍ଚିଲା ମୃତଦେହ

ଗୋଲାମୁଣ୍ଡା,୩୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ରେଙ୍ଗସାପାଲି ଗ୍ରାମପଞ୍ଚାୟତ କର୍ମାଠ ଗ୍ରାମର ଦାଦନ ଶ୍ରମିକ ନେତ୍ର ଯାନୀ (୩୭)ଙ୍କ ମହାରାଷ୍ଟ୍ରସ୍ଥିତ ପୁଣେ ସହରରେ ମୃତ୍ୟୁ ଘଟିଛି। ଗରିବ ପରିବାର ତଥା ଅର୍ଥାଭାବରୁ ମୃତଦେହ ଭିଟାମାଟିକୁ ଆଣିବା ପାଇଁ ସକ୍ଷମ ନ ଥିବାରୁ ସ୍ଥାନୀୟ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ଜଣାଇଥିଲେ। ବିଧାୟକ ଜିଲା ପ୍ରଶାସନ ସହିତ ଆଲୋଚନା କରି ସେଠାକାର ସ୍ଥାନୀୟ ପ୍ରଶାସନ ସହିତ ଯୋଗାଯୋଗ କରିବା ପରେ ମୃତଦେହ ସୋମବାର ଗାଁକୁ ଫେରିଥିଲା। ସରକାରୀସ୍ତରରେ ଯାହା ସମ୍ଭବ ହେବ ତାହା ସହଯୋଗ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଗାଁରେ ମୃତଦେହ ପହଞ୍ଚିବା ପରେ ତେଲନଦୀ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ସେଠାରେ ଦୁଇ ପୁଅ ମୁଖାଗ୍ନି ଦେଇଥିଲେ। ସୂଚନାରୁ ଜଣାଯାଏ ସେ କିଛି ଦିନ ତଳେ ନେତ୍ର ଯାନୀ ମହାରାଷ୍ଟ୍ରସ୍ଥିତ ପୁନେ ସହରକୁ କାମ କରିବାକୁ ଯାଇଥିଲେ। ସେ ଓଢଗାଁର ମେନକା ପୂଝାରୀ ଠିକାଦାରଙ୍କ ଯୋଗାଯୋଗରେ ଦାଦନ ଶ୍ରମିକ ଭାବେ ଯାଇଥିଲେ। ଗତ ଶୁକ୍ରବାର କାର୍ଯ୍ୟସ୍ଥଳରେ ହଠାତ ତାଙ୍କ ଦେହ ଅସୁସ୍ଥ ହୋଇପଡିଥିଲା। ସେଠାରେ ତାଙ୍କୁ କେତେ ଲୋକଙ୍କ ସହଯୋଗରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯାନୀଙ୍କ ପରିବାରରେ ସ୍ତ୍ରୀ ଲତା ସହ ୨ ଝିଅ ସୁଷମା (୧୬), ରାଖୀ (୧୦), ନିତେସ (୮) ରାକେଶ (୪) ୪ ଛୋଟ ଛୁଆ ଅଛନ୍ତି।

# ପଞ୍ଚାୟତସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଲାଞ୍ଜିଗଡ଼/କୋକସରା, ୩୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ପକ୍ଷରୁ ଗ୍ରାମପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ମୁନିନ୍ଦ୍ର ହୋନାଙ୍ଗା, ଏବିଡିଓ ବିଭୁତି ଭୂଷଣ ଶତପଥି, ଏପିଓ ସଞ୍ଜୀବ କୁମାର ପରିଡା, ଜଳଯୋଗାଣ ଯନ୍ତ୍ରୀ ଦଶମନ୍ତ ମାଝି, ବ୍ଲକ ଯୋଗାଣ ଅଧିକାରୀ ହରିହର ସାହୁ, ବିଭିଓ ରଞ୍ଜିତ କୁମାର ସାହୁ, ଭିଏସ ଜ୍ୟୋତ୍ସ୍ନାରାଣୀ ସିଂ, ଏଫଓ ଦେବବ୍ରତ ନାୟକ, ଓଏଲଏମ ବିପିଓ ସଞ୍ଜୀବ କୁମାର କଁଅର, ଯୋଗାଣ ଅଧିକାରୀ ହରିହର ସାହୁ, ଲାଞ୍ଜିଗଡ ନାଏବ ସରପଞ୍ଚ ହରି ହରିଜନଙ୍କ ସମେତ ବ୍ଲକ ର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକସ୍ତରୀୟ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବନବିଭାଗ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନାରେ ଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକେ ଦୃଷ୍ଟିଆକର୍ଷଣ କରିଥିଲେ। ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମର ଜନସାଧାରଣ ୩୦୨ଜଣ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏଥିରେ ପଞ୍ଚାୟତର ଯୋଗାଣ ସହାୟକ ରାଜେନ୍ଦ୍ର କୁମାର ମହାକୁଡ଼ ଓ ସମସ୍ତ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

କୋକସରା ବ୍ଲକ ମହିମା ପଞ୍ଚାୟତରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଈଶରାମ କୋଲଥିଆଙ୍କ ସଭାପତିତ୍ୱରେ ବିଡିଓ ଉତ୍ତମ କୁମାର ବାଗ, ତହସିଲଦାର ଦେବବ୍ରତ କରାଟି, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମିତି ସଭ୍ୟ ଘନଶ୍ୟାମ ନାଏକ, ଜିପିଓ ନାରାୟଣ ଭୋଇ, ସମାଜ ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଶୁଭେନ୍ଦୁ ପଣ୍ଡା, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କୃଷିବିଭାଗ ଅଧିକାରୀ ହେମାନନ୍ଦ ମାଝି, ଉଦ୍ୟାନ କୃଷି ଅଧିକାରୀ ବି. ବାସନ୍ତି ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ୭୧୨ଜଣ ହିତାଧିକାରୀଙ୍କ ଅଭିଯୋଗ ପଞ୍ଜୀକରଣ ହୋଇଥିବା ଜଣାପଡିଛି। ଏଥିରେ ମୁଖ୍ୟ ଭାବେ ଆବାସ ଘର, ପିଡିଏସ, ଭତ୍ତା ଓ ଅନ୍ୟାନ୍ୟ ଅଭିଯୋଗ ଓ ସମସ୍ୟା ଉପରେ ଅଭିଯୋଗ ଶୁଣି ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।



ଲାଞ୍ଜିଗଡ଼ ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ଲୋକେ ଅଭିଯୋଗ ଦାଖଲ କରୁଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସରେ ୫ କି.ମି. ମାରାଥନ

## ଭାଗ ନେଲେ ୨ ଶହ ଯୁବକ

ଭବାନୀପାଟଣା,୩୧।୧୦(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ସୋମବାର ଲୌହ ମାନବ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ଉପଲକ୍ଷେ ଜାତୀୟ ଏକତା ଦିବସ ପାଳନ ହୋଇଯାଇଛି। ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ମେଜର ଡକ୍ଟର ଜୟଦେବ ସାହୁ, ଏନଏସଏସ ଆଞ୍ଚଳିକ କୋର୍ଡିନେଟର ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆ, ଏନଏସଏସ ଜିଲା ପ୍ରୋଗ୍ରାମ ଅଫିସର ପ୍ରତାପ ଚନ୍ଦ୍ର ଦାସ, ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର,




ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରୁଛନ୍ତି।

ଲେଖାପାଳ ଦୁତିଆ ବନଛୋର, ଅବସର ପ୍ରାପ୍ତ ଆର୍ମି ଅଫିସର ତଥା ଯବାନ ଫିଜିକାଲ ଏକାଡେମୀ ମୁଖ୍ୟ ଭୂପିନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ପରେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟରୁ କଲେଜ ଛକ, ପରମାନନ୍ଦପୁର ଛକ ଦେଇ ରେଲୱେ ଷ୍ଟେଶନ ୫ କି.ମି. ପର୍ଯ୍ୟନ୍ତ ଏକ ମାରାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ଶହରୁ ଅଧିକ ଯୁବକ ଭାଗ ନେଇଥିଲେ। ଏହି ମାରାଥନରେ ଯବାନ ଫିଜିକାଲ ଏକାଡେମୀର ବଂଶୀଧର ସାହୁ ପ୍ରଥମ, ଚୈତନ୍ୟ ମାଝି ଦ୍ୱିତୀୟ, ରାଜା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରେଲୱେ ଷ୍ଟେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗିତମାନଙ୍କୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଭବାନୀପାଟଣା ଟାଉନ ଥାନା, ଯବାନ ଫିଜିକାଲ ଏକାଡେମୀ କର୍ମକର୍ତ୍ତା, ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା, ଅଭିଷେକ ବେହେରା, ଶମ୍ଭୁ ବିଶି, କୋପ୍ନେଶର ବେମାଲ, ମିଳନ ଭୋଇ, ସାଗର ସାହୁ, ତୁଳମଣୀ ମାଝି, ଭୋଳାସଙ୍କର ପାତ୍ର, ଜନସନ ମାଝି, ସୁଶୀଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନଭେମ୍ବର ୩୦ରୁ ଖରିଫ ଧାନ ସଂଗ୍ରହ

ସୋନପୁର,୩୧।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ନଭେମ୍ବର ୩୦ରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ରବିବାର ବ୍ୟତୀତ ସପ୍ତାହକୁ ୬ଦିନ ମଣ୍ଡି ଖୋଲା ରହିବ । ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଷୀଙ୍କ ଧାନ ସଂଗୃହୀତ ହେବ ଏବଂ ଅପରାହ୍ନରୁ ଉଠାଣ ଆରମ୍ଭ ହେବ । ପୂର୍ବଭଳି ଟୋକନ ମାଧ୍ୟମରେ ଚାଷୀଙ୍କ ଧାନ କିଣାଯିବ । ଟୋକନର ବୈଧତା କେତେ ଦିନ ରହିବ ତାହା ରାଜ୍ୟ ସରକାର ଚୂଡାନ୍ତ କରିବେ ବୋଲି ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ସୂଚନା ଦିଆଯାଇଛି । ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ଚଳିତ ଖରିଫରେ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୦୪୦ଟଙ୍କା ଦରରେ ଚାଷୀଙ୍କ ଠାରୁ କିଣା ଯିବ ।

ଜିଲାପାଳ ଅବୋଲି ସୁନିଲ ନରଓ୍ୱାଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ । ୬୩ଟି ପ୍ୟାକ୍ସ ଓ ୩୮ଟି ଏସ୍ଏଚ୍‌ଜି ଜରିଆରେ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଜିଲାର ଚାଷୀଙ୍କ ଧାନ କ୍ରୟ କରିବ । ଗତ ଖରିଫରେ ସୁବର୍ଣ୍ଣପୁର ଜିଲାର ୪୭ଟି ଓ ସମ୍ବଲପୁର ଜିଲାର ୪ଟି ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଏଥର ଅକ୍ଟୋବର ୩୧ ତାରିଖ ସୁଦ୍ଧା ୧୦୦ପ୍ରତିଶତ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ପ୍ରଦାନ କରିଥିବା ମିଲର୍ସଙ୍କୁ ହିଁ ସୁଯୋଗ ମିଳିବ ବୋଲି ସୂଚନା ଦିଆ ଯାଇଥିଲା । ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଧାନ କ୍ରୟ ପାଇଁ ଜିଲାରେ ୧୦୭ଟି ମଣ୍ଡି ଖୋଲାଯିବ । ଧାନ ବିକ୍ରି କରିବା ପାଇଁ ଚଳିତ ଥର ୬୫ହଜାର ୫୨୩ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି ଯାହାକି ଗତ ବର୍ଷ ଠାରୁ ପ୍ରାୟ ୧ ହଜାର ଅଧିକ। ସେଥିମଧ୍ୟରୁ ସମବାୟ ବିଭାଗ ପକ୍ଷରୁ ୬୫ହଜାର ୩୬୦ଜଣ ଚାଷୀଙ୍କ କାଗଜାତ ବିଧିସିଦ୍ଧ ହୋଇଛି। ବୈଠକରେ ସୋନପୁର ବିଧାୟକ ତଥା ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଖରିଫ ଋତୁ ଧାନ କିଣାରେ ଯେଭଳି କୌଣସି ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ କହିଥିଲେ । ଧାନ ସଂଗ୍ରହ ସମୟରେ ନୋଡାଲ ଅଫିସର, ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ମଣ୍ଡି ବୁଲିବାକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ । ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ବୈଠକରେ ଯୋଗ ଦେଇ ଜଳସେଚିତ ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଧାନ ଆଗ କିଣିବା ସହ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ସଅଳ କିସମ ଧାନ ଅମଳ ହୋଇଥିଲେ ଆଗୁଆ କିଣିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ତାର୍ପୋଲିନ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ନରଓ୍ୱାଣେ ଆରଏମସି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ପ୍ରତିନିଧିମାନେ ମିଲର୍ସ ନ ଆସିଲେ ମଣ୍ଡିରୁ ଧାନ ଉଠୁ ନ ଥିବା, ଧାନର ମାନ ଠିକ୍ ନ ଥିବା ଆଳରେ କଟ୍‌ନି ଛଟ୍‌ନି କରା ଯାଉଥିବା ଓ ବାହାର ଜିଲାର ମିଲର୍ସ ଅଖା ବସ୍ତା ଚାଷୀଙ୍କୁ ଫେରାଉ ନ ଥିବା ଅଭିଯୋଗ କରିଥିଲେ । ଏହି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଚାଷୀ ପ୍ରତିନିଧି ସଜ୍ଜନ କୁମାର ପଣ୍ଡା, ପ୍ରକାଶ ହୋତା, ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ, ସହକାରୀ ଜିଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ବଲାଙ୍ଗୀର ଜିଲା ସମବାୟ ନିବନ୍ଧକ ଦମୟନ୍ତୀ ସିଂ, ଲଳିତ ମାଝୀ, ଗଜେନ୍ଦ୍ର ପଣ୍ଡା, ଉଦିତ କୁମାର ବାବୁ, ମନୋଜ କୁମାର ଜେନା, ମିଶନ ଶକ୍ତିର ଜିଲା ପ୍ରକଳ୍ପ ଅଧିକାରୀ କାର୍ତ୍ତିକ ନାୟକ ଏବଂ ମିଲର୍ସ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହାଛଡା ମିଲର୍ସ ପ୍ରତିନିଧି ମନୋଜ କୁମାର ପ୍ରଧାନ, ଆନନ୍ଦ କୁମାର ବାବୁ, ଆଶିଷ କୁମାର ବାବୁ, ସୁଶାନ୍ତ କୁମାର ସାହୁ ଓ ବଜରଙ୍ଗ ଅଗ୍ରଓ୍ୱାଲା ଉପସ୍ଥିତ ଥିଲେ।


ଧାନ ସଂଗ୍ରହ କମିଟି ବୈଠକରେ ଅର୍ଥ ମନ୍ତ୍ରୀ, ବୀରମହାରାଜପୁର ବିଧାୟକ, ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ ।

**ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**
- ୬୩ ପ୍ୟାକ୍ସ, ୩୮ ମହିଳା ଏସ୍ଏଚ୍‌ଜି ଧାନ କିଣିବେ
- ଧାନ କୁଇଣ୍ଟାଲ ପ୍ରତି ୨୦୪୦ଟଙ୍କା ଦରରେ କିଣାଯିବ
- ୧୦୭ ମଣ୍ଡିରେ ହେବ ଧାନ କିଣା
- ପଞ୍ଜୀକୃତ ହୋଇଛନ୍ତି ୬୫,୫୨୩ ଚାଷୀ

## ଦୁଇ ପିସ୍ତଲ ଜବତ: ଅଭିଯୁକ୍ତ ଗିରଫ



କନ୍ଧମାଳ,୩୧।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ଜଣେ ବ୍ୟକ୍ତିଙ୍କ ପାଖରୁ ଦୁଇଟି ପିସ୍ତଲ ଜବତ କରିଛି । ଏହି ଘଟଣାରେ ଖଇରମାଳ (ରକ୍ସା) ଗ୍ରାମର ରଞ୍ଜନ ରାଜହଂସ ଓରଫ ପାରା(୩୦) ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଏକ ପାଣିପମ୍ପ ଚୋରି ମାମଲାରେ କାଦୋପଦର ଗ୍ରାମର ଦୁଇଜଣ ଯୁବକଙ୍କ ଠାରୁ ଖଲିଆପାଲି ଗ୍ରାମର ଜଣେ ବ୍ୟକ୍ତି ୫ ହଜାର ୫୦୦ ଶହ ଟଙ୍କା ନେଇଥିଲେ । ଏହି ଟଙ୍କାକୁ ନେଇ ଅଭିଯୁକ୍ତ ରଞ୍ଜନ କାହିଁକି ସେମାନଙ୍କ ଠାରୁ ଟଙ୍କା ନେଲ କହିବା ସହ ଟଙ୍କା ଫେରସ୍ତ କରିବାକୁ କହିଥିଲେ । କିନ୍ତୁ ଖଲିଆପାଲି ଗ୍ରାମର ସମ୍ପୃକ୍ତ ବ୍ୟକ୍ତି ଜଣକ ଟଙ୍କା ଦେବାକୁ ମନା କରିବାରୁ ରଞ୍ଜନ ପିସ୍ତଲ ବାହାର କରି ମାରିଦେବାକୁ ଉଦ୍ୟମ କରିବା ବେଳେ ଗ୍ରାମବାସୀ କାବୁ କରି ପୋଲିସରେ ଜିମା ଦେଇଥିଲେ । ପୋଲିସ ରଞ୍ଜନଙ୍କ ଠାରୁ ଦୁଇଟି ହାତ ତିଆରି ପିସ୍ତଲ ଜବତ କରିବା ସହ ଏକ ବାଇକ୍ ଜବତ କରିଛି । ଏନେଇ ମନମୁଣ୍ଡା ଥାନାରେ ନଂ ୨୨୮/୨୨ରେ ଏକ ମାମଲା ରୁଜୁ କରାଯାଇଛି ।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ,୨ ଗୁରୁତର

ବଘିଆପଡା,୩୧।୧୦(ଡି.ଏନ.ଏ.): ସୋମବାର ବୌଦ୍ଧ ବଘିଆପଡା ପୂର୍ତ୍ତ ରାସ୍ତାର ପନଖିମାଲଠାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ଅଜିତ ବାଘ (୨୪)। ପ୍ରକାଶ ଯେ, କନକପୁର ଗ୍ରାମର ଅଜିତ୍ ଏକ ବାଇକ୍‌ରେ ପରିବା ଧରି ବିକିବାକୁ ବୌଦ୍ଧ ଯାଉଥିଲେ । ଏହି ସମୟରେ ବିପରୀତ ଦିଗରୁ ପନଖିମାଲ ରାଇସ ମିଲର ଦୁଇଜଣ କର୍ମଚାରୀ ଆସୁଥିବା ବାଇକ୍ ସହ ମୁହାମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ବାଇକ୍‌ର ୩ ଜଣ ଗୁରୁତର ହୋଇଥିଲେ । ୩ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ବୌଦ୍ଧ ମେଡିକାଲକୁ ନେଇଥିଲେ । କିନ୍ତୁ ଡାକ୍ତର ଅଜିତଙ୍କୁ ମୃତ ଘୋଷଣା କରିଥିଲେ । ପରେ ଆହତ ଦୁଇଜଣଙ୍କୁ ବୁର୍ଲା ମେଡିକାଲ ପଠାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଉଭୟ ବାଇକୁ ଜବତ କରିଥିବା ଜଣାପଡିଛି ।

### ମାହେଶ୍ୱରୀ ସେନାର ବୈଠକ

ଜାମଟିକ୍ରା, ୩୧।୧୦(ଡି.ଏନ.ଏ.): ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ପାହାଡ଼ ତଳେ ମାହେଶ୍ୱରୀ ସେନାର ଏକ ବୈଠକ ପ୍ରତୁଲ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆସନ୍ତା ଡିସେମ୍ବର ୧୮ତାରିଖ କୁରୁଆଁଠାରେ ମାହେଶ୍ୱରୀ ସେନା ତରଫରୁ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ମାହେଶ୍ୱରୀ ମହୋତ୍ସବର ଆୟୋଜନ ବିଷୟରେ ଆଲୋଚନା ହୋଇଥିଲା। ମହୋତ୍ସବ ପାଇଁ ଆବଶ୍ୟକ ବିଭିନ୍ନ କାର୍ଯ୍ୟକ୍ରମ ଓ ଅତିଥିମାନଙ୍କୁ ନିମନ୍ତ୍ରଣ ପାଇଁ ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବରଗଡ଼ ଜିଲାରେ ଥିବା ସମସ୍ତ ମାହେଶ୍ୱରୀ ମନ୍ଦିରକୁ ନିମନ୍ତ୍ରଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ ସହ ଏକ ସ୍ମରଣିକା ପ୍ରକାଶ ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଆଶିଷ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

### ଝିଲିମିଣ୍ଡାରେ ମାତୃ କର୍ମଶାଳା

ଜାମଟିକ୍ରା, ୩୧।୧୦(ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ସୋମବାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ କୁମୁଦିନୀ ପଧାନ ଯୋଗଦେଇ ମାତୃ ମଣ୍ଡଳୀକୁ ମାତୃ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମୁକୁନ୍ଦ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ତାପସ ଭୋଇ।

### ରୁଦ୍ରପୂଜା, ଶାନ୍ତିଯଜ୍ଞ

ପଦ୍ମପୁର, ୩୧।୧୦(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଜ୍ୟୋତି ନଗର(ମାଷ୍ଟରକଲୋନୀ)ରେ ଦୁଇଦିନ ଧରି ଚାଲିଥିବା ରୁଦ୍ରପୂଜା ଓ ଶାନ୍ତିଯଜ୍ଞ ସମାପନ ହୋଇଛି। ପୂର୍ଣ୍ଣ ଜଳ କଳସ ସ୍ଥାପନ ପରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ। ପଣ୍ଡିତ ବଳରାମ ମିଶ୍ର, ଶାନଜିତ ନନ୍ଦ, ଚୈତନ୍ୟ ମିଶ୍ର, ରୋଶନ ମିଶ୍ର,ରାକେଶ ହୋତା ପୂଜାକାର୍ଯ୍ୟ ତୁଲାଇଥିଲେ। କର୍ତ୍ତାଭାବେ ସୁଶାନ୍ତ ଦାଶ, ସଂଯୁକ୍ତା ଦାଶ ଦାୟିତ୍ୱ ନିର୍ବାହ କରିଥିଲେ।

# ବିଇଓ ଅଫିସ ଘେରିଲା ଭାଜପା



ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

**ସ୍କୁଲ ପରିସରରେ ରାଜନୈତିକ କାର୍ଯ୍ୟକ୍ରମର ପ୍ରତିବାଦ**

ସରଣ୍ଡା, ୩୧।୧୦(ଡି.ଏନ.ଏ.)

ସ୍କୁଲ ପରିସରରେ ରାଜନୈତିକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। ଏହିପରି ନିୟମ ଥିଲେ ବି ବରଗଡ ଜିଲା ଅତାବିରା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଚିଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ପଡିଆରେ ଶାସକ ଦଳ ପକ୍ଷରୁ କିଛିଦିନ ତଳେ ଭୋଜି ସହ ମାଇକ ବଜା ଯାଇଥିଲା। ଏଥିଯୋଗୁ ପିଲାଙ୍କ ପାଠପଢା ବ୍ୟାଘାତ ହୋଇଥିବା ଭାଜପା ଅଭିଯୋଗ କରିଥିଲା । ଏ ନେଇ ଗତ ୧୨ତାରିଖରେ ଦଳ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରାଯାଇଥିଲା । ତେବେ ଆଜି ଯାଏ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏହାର ପ୍ରତିବାଦରେ ଅତାବିରା ଭାଜପା ପକ୍ଷରୁ ସୋମବାର ଅତାବିରାସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ନେତୃବୃନ୍ଦଙ୍କ ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ଦାଶ, କାର୍ତ୍ତିକ ବାଗ, ଅତାବିରା ଥାନା ଏସଆଇ ଯାଦବ ବାଗ, ଆଇଆଇସି ଅନୀଲ କୁମାର ପ୍ରଧାନ ଆଲୋଚନା କରିଥିଲେ । ମାତ୍ର ଜିଲା ଶିକ୍ଷା ଅଧିକାରୀ ଆସି କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ପ୍ରତିଶ୍ରୁତି ନ ନେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଅଡି ବସିଥିଲେ। ଆସନ୍ତା ୧୦ତାରିଖ ସୁଦ୍ଧା ଅଭିଯୋଗର ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ଦାଶ କହିବା ପରେ ଭାଜନା ନେତୃବୃନ୍ଦ ସେଠାରୁ ଫେରିଥିଲେ। ଭାଜପା ଅତାବିରା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ମିଡ଼ିଆ ପ୍ରଭାରୀ ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ଶ୍ରବଣ କୁମାର ପରିଛା, ଶ୍ୟାମ ନାୟକ, ସତ୍ୟନାରାୟଣ ଭୋଇ, ନିରୋଜ ବାରିକ, ପୁଷ୍ପକ ଗାଈଗାରିଆ, ବୀରେନ୍ଦ୍ର ହୋତା, କୌଶକ ମହାକୁର ଓ ସୂର୍ଯ୍ୟକାନ୍ତି ସାହୁ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବିନିକା/ସୋନପୁର, ୩୧।୧୦(ଡି.ଏନ.ଏ./ ନି.ପ୍ର.)

ସୋମବାର ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବିନିକା ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅବୋଲି ସୁନିଲ ନରଓ୍ୱାଣେ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବଳିତ ୫୭ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ବ୍ୟକ୍ତିଗତ ଦରଖାସ୍ତ ୫୪ ଓ ସାମୁହିକ ଦରଖାସ୍ତ ୩ଟି ରହିଥିଲା । ଗ୍ରହଣ କରାଯାଇଥିବା ଦରଖାସ୍ତ ବିଚାରକୁ ନେଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅ ଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବିନିକା ବ୍ୟାସଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ସୋନପୁର ଉପ ଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ, ମୁକ୍ତେଶର ପାଣିଗ୍ରାହୀ,ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ ।

## ସର୍ବଭାରତୀୟ ଯାଦୁଗର ସମ୍ମିଳନୀ ଉଦ୍‌ଯାପିତ

ସୋନପୁର,୩୧।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଚାଲିଥିବା ସର୍ବଭାରତୀୟ ଯାଦୁଗର ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଜିଲା ଯାଦୁଗର ସଂଘ ପକ୍ଷରୁ ଦୁଇଦିନିଆ ଯାଦୁଗର ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀ ଅବା ଭେଟଘାଟ କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ପ୍ରାୟ ୬୦ ଜଣ ଯାଦୁକର ଯୋଗଦାନ କରିଥିଲେ । ଯାଦୁକରମାନେ ବିଭିନ୍ନ ପ୍ରକାର ଯାଦୁ ପ୍ରଦର୍ଶନ ସହ ଯୁବ ଯାଦୁଗରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସମ୍ମିଳନୀରେ ଓଡିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ, ମହାରାଷ୍ଟ୍ର ଓ ତେଲେଙ୍ଗାନାରୁ ଯାଦୁକରମାନେ ଯୋଗଦାନ କରିଥିଲେ। ଯାଦୁକରମାନେ ସେମାନଙ୍କ ଯାଦୁଗରୀ କୌଶଳରେ ଛାତ୍ରୀଛାତ୍ର ଓ ସାଧାରଣ ଜନତାଙ୍କ ମନ ମୋହିବାରେ ସକ୍ଷମ ହୋଇଥିଲେ । ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସେହିଭଳି ରବିବାର ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ । ସୁବର୍ଣ୍ଣପୁର ଜିଲା ଯାଦୁଗର ସଂଘର ସଭାପତି ଯଦୁନାଥ ମିଶ୍ର, ସମ୍ପାଦକ ସଞ୍ଜୟ କୁମାର ସାହୁ, ଶ୍ରୀକାନ୍ତ ନାୟକ, କମ୍ବୁଭୂଷଣ ପଣ୍ଡା, ଉଦ୍ଧବ ପଧାନ ଓ କୋଶଳେଶ୍ୱର ଭୋଇ ପ୍ରମୁଖ ସମ୍ମିଳନୀ ଆୟୋଜନରେ ସହଯୋଗ କରିଥିଲେ ।



ଯାଦୁଗର ସମ୍ମିଳନୀ ଅବସରରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଝାରବନ୍ଧ, ୩୧।୧୦(ଡି.ଏନ.ଏ.)

ବରଗଡ ଜିଲା ଝାରବନ୍ଧ ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ଓ ଏସ୍‌ପି ସ୍ମିଥ ପରମାର ଏସବୁର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଓ ଲୋକନାଥ ଶବର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିପସା ପ୍ରଧାନ, ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ବାହାରିଲା ଶୋଭାଯାତ୍ରା

ବରପାଲି , ୩୧।୧୦(ଡି.ଏନ.ଏ.)

ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପରିଚାଳନା କମିଟି, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ସରସ୍ୱତୀ ଲୌତିକ ଚିକିତ୍ସା କେନ୍ଦ୍ର, କଳାଭୂମି, ହେଲପିଙ୍ଗ ହାର୍ଟସ, ସାମ୍ବାଦିକ ସଂଘ, ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ପତଞ୍ଜଳି ଯୋଗ ସମିତି, ପ୍ରଗତି ସେବା ସଂସ୍ଥା, ଓକିଲ ସଂଘ, ଗ୍ରୀନ ବରପାଲି କ୍ଲିନ ବରପାଲି, ମାରଓ୍ୱାଡି ଯୁବାମଞ୍ଚ, ମାରଓ୍ୱାଡି ମହିଳା ସଂଗଠନ, କ୍ରୀଡା ସଂଘ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ପତଞ୍ଜଳିଯୋଗ ସମିତି ବରପାଲି ଶାଖା ପକ୍ଷରୁ ବିଦ୍ୟାଳୟରେ ଯୋଗର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅଲିମ୍ପିକ ଭାରତ ଓଡିଶାର ରାଜ୍ୟ ସଂଯୋଜିକା ଅର୍ପିତା ମହାପାତ୍ର ଓ ସ୍ୱତନ୍ତ୍ର ଅଲିମ୍ପିକସର ପ୍ରଶିକ୍ଷିକା ସସ୍ମିତା ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ । ପ୍ରାର୍ଥନା ସଭା ପରେ ଏକ ମିଳିତ ଶୋଭାଯାତ୍ରା ଷ୍ଟେଟ ବ୍ୟାଙ୍କ, ଥାନା ଛକ, ଅଶୋକ କ୍ଲବ, ବସ୍‌ଷ୍ଟାଣ୍ଡ, ଗାନ୍ଧୀ ଛକ ହୋଇ ବିଦ୍ୟାଳୟରେ ପହଞ୍ଚିଥିଲା। ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଅର୍ପିତା ମହାପାତ୍ର ଆହ୍ୱାନ ଦେଇଥିଲେ।



ରାଷ୍ଟ୍ରୀୟ ଏକତା ଦିବସରେ ପିଲାମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

# ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ ହେବ ଜୋରଦାର

ବୌଦ୍ଧ,୩୧।୧୦(ସ୍ୱ.ପ୍ର.)

ରାଜ୍ୟର ଚାଷୀଙ୍କୁ ବାରମ୍ବାର କେନ୍ଦ୍ରୀୟ ଅବହେଳା ନେଇ ବିଜେଡି ଆନ୍ଦୋଳନକୁ ଓହ୍ଲାଇଛି। ସୋମବାର ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଜିଲାପାଳମାନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲା ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ଅବସରରେ ନେତାମାନେ ଚାଷୀଙ୍କ ପ୍ରତି କେନ୍ଦ୍ରୀୟ ଅବହେଳା ନେଇ ବର୍ଷିଥିଲେ। ରାଜ୍ୟର ଗରିବ ଚାଷୀମାନେ ଦୀର୍ଘଦିନ ହେଲା ଅବହେଳିତ ହୋଇ ରହିଛନ୍ତି । ଚାଷୀଙ୍କ ଧାନକ୍ରୟର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ବାରମ୍ବାର କେନ୍ଦ୍ର ନିକଟରେ ଦାବି କରାଯାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ନାମରେ ଚାଷୀଙ୍କଠାରୁ ଋଣ ପ୍ରଦାନ ସମୟରେ ଅର୍ଥ କାଟି ରଖାଯାଇଥିବା ବେଳେ ଏପର୍ଯ୍ୟନ୍ତ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ବୀମା ଅର୍ଥ ପ୍ରଦାନ କରାଯାଇ ନ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ଲାଗି କେନ୍ଦ୍ର ବିରୋଧରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବିଜେଡି ନେତାମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ତଥା ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ହୋଇଥିଲା। ସମାବେଶରେ କନ୍ଧମାଳ ବିଧାୟକ ମହୀଧର ରଣା,ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ କୁମାର ନାୟକ, ଏମ୍‌ପିଙ୍କ ପ୍ରତିନିଧି ତାରେଣି ମହାପାତ୍ର,ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ଅଶୋକ କୁମାର ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ,ବରିଷ୍ଠ ନେତା କିଶୋର ମେହେର, ସୁବାସ ଚନ୍ଦ୍ର ସାହୁ, ମନୋରଞ୍ଜନ ପୁରୋହିତ, ସୁବୋଧ କୁମାର ପ୍ରଧାନ, ହରିଶ୍ଚନ୍ଦ୍ର ମିଶ୍ର, ଯୋଗେଶ୍ୱର ମହାକୁଳ ଓ ଏନଏସି ଉପନଗରପାଳ ସୁଭାଷିନୀ ସେଠୀଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ । ଚାଷୀଙ୍କୁ ବୀମାଟଙ୍କା ତୁରନ୍ତ ପ୍ରଦାନ କରିବାକୁ ବିଜେଡି ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଏହି ଦାବିପତ୍ର ଗ୍ରହଣ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଜେଡିର ଧାରଣା ।

**ଚାଷୀଙ୍କୁ କେନ୍ଦ୍ର ଅବହେଳା ନେଇ ଧାରଣା ଦେଲା ବିଜେଡି**

## ସଂକ୍ଷେପରେ

### ଦୁଇ ପୁତୁରାଙ୍କ ବାଲ୍‌ଟି ଆକ୍ରମଣରେ କକା ମୃତ

**ଲହୁଣୀପଡ଼ା,୩୧।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ବଣାଇ ବ୍ଲକ ଅନ୍ତର୍ଗତ ରୁଗୁଡା ପଞ୍ଚାୟତ ସିଆଲିକୁଦର ଗ୍ରାମରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ରେ ଏକ ହତ୍ୟାକାଣ୍ଡ ଘଟିଛି। ଦୁଇ ପୁତୁରାଙ୍କ ବାଲ୍‌ଟି ଆକ୍ରମଣରେ କକା ସୁରେଶ ମୁଣ୍ଡା (୫୦)ଙ୍କ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ପୁତୁରା ଯାଦବ (୩୨) ଓ ମାନସିଂହ (୨୮)ଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସିଆଲିକୁଦର ଗ୍ରାମର ସୁରେଶଙ୍କ ସହିତ ଯାଦବ ଓ ମାନସିଂହଙ୍କର ପୂର୍ବରୁ ପାରିବାରିକ କଳହ ରହିଥିଲା। ସୋମବାର ସୁରେଶ ଘରେ ଏକୁଟିଆ ଥିବା ଦେଖି ଯାଦବ ଓ ମାନସିଂହ ତାଙ୍କ ପାଖକୁ ଯାଇ ଗାଳିଗୁଲଜ କରିଥିଲେ। ଗାଳିଗୁଲଜକୁ ସୁରେଶ ବିରୋଧ କରିବାରୁ ଦୁଇଭାଇ ଉତ୍ତେଜିତ ହୋଇ ପାଖରେ ଥିବା ଏକ ବାଲଟିରେ ସୁରେଶଙ୍କ ମୁଣ୍ଡରେ ବାରମ୍ବାର ପ୍ରହାର କରି ରକ୍ତାକ୍ତ କରିଥିଲେ। ଫଳରେ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ହତ୍ୟାକାଣ୍ଡ ପରେ ଦୁଇଭାଇ ଅନ୍ୟତ୍ର ପଳାଇ ଯାଇଥିବାରୁ ତୁରନ୍ତ ଗିରଫ ପାଇଁ ଗ୍ରାମବାସୀ ଅଡ଼ି ବସିଥିଲେ। ପୋଲିସ ବିଭିନ୍ନ ସ୍ଥାନ ଚଢ଼ାଉ କରି ଦୁଇ ଭାଇଙ୍କୁ ଗିରଫ କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

### ଗଙ୍ଗାଜଳରେ ମାଗଣା ଆଖି ପରୀକ୍ଷା

**କୁତ୍ରା, ୩୧।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳ ଗ୍ରାମରେ ରାଉରକେଲା ଜୟ ପ୍ରକାଶ ମେଡ଼ିକାଲ ପକ୍ଷରୁ ସୋମବାର ମାଗଣା ଆଖି ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ କୁତ୍ରା ବ୍ଲକ ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, ଗଙ୍ଗାଜଳ ସରପଞ୍ଚ ପ୍ରମିଳା ଗଡ଼ତିଆ,ପୂର୍ବତନ ବ୍ଲକ ଅଧକ୍ଷା ପରାଗଲତା ଲାକ୍ରା ଯୋଗ ଦେଇଥିଲେ। ଏହି ମାଗଣା ଆଖି ପରୀକ୍ଷାରେ ୧୨୧ ଜଣଙ୍କ ନାମ ପଞ୍ଜିକରଣ କରାଯାଇଥିବା ବେଳେ ୫୩ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ୪ଜଣଙ୍କୁ ରାଉରକେଲା ଜୟ ପ୍ରକାଶ ମେଡ଼ିକାଲକୁ ନିଆଯାଇଛି। ସେଠାରେ ତାଙ୍କର ଆଖି ଅପରେସନ କରାଯିବ। ମେଡ଼ିକାଲ ପକ୍ଷରୁ ଡାକ୍ତର ଦେବାଶିଷ ସାହୁ ଏବଂ ତାଙ୍କ ଟିମ ରହି ଆଖି ପରୀକ୍ଷା କରିଥିଲେ।

### ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା

**ଲହୁଣୀପଡ଼ା, ୩୧।୧୦(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ପୋଲିସ ଓ ସିଆର୍‌ପିଏଫ୍ ୧୯ ବାଟାଲିୟନର ମିଳିତ ଉଦ୍ୟମରେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ବାଇକ୍ ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ କିଶୋର ଓରାମ ଓ ସ୍ଥାନୀୟ ଲୋକ ସାମିଲ ହୋଇଥିବା ଜଣାପଡିଛି। ଅକ୍ଟୋବର ୩୧ ତାରିଖ ଲୌହ ମାନବ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଓ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଚାନ୍ଦିପୋଷ ଥାନା ପୋଲିସ ଚାନ୍ଦିପୋଷ ସ୍ଥିତ ସିଆରପିଏଫ ୧୯ ବାଟାଲିୟନ ମିଳିତ ଉଦ୍ୟମରେ ଏହି ବାଇକ ଶୋଭାଯାତ୍ରା ଚାନ୍ଦିପୋଷ ଥାନାଠାରୁ ଆରମ୍ଭ କରି ଟୁରିବେର୍ଣ୍ଣା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସାଧାରଣ ଲୋକଙ୍କ ମଧରେ ରାଷ୍ଟ୍ରୀୟ ଏକତା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା କରାଯାଇଥିଲା। ଚାନ୍ଦିପୋଷ ଥାନା ଅଧିକାରୀ ତ୍ରିନାଥ ସେଠି, ଝସକେତନ ସ୍ୱାଇଁ, କିଶୋର ବୋଦ୍ରା, ସିଆର୍‌ପିଏଫ୍ ଇନ୍ସପେକ୍ଟର ବି.ବି ମଣ୍ଡଳ, ଗୋକୁଳ ଚାନ୍ଦ ମାହାନ୍ତ, ଏଞ୍ଜିକାନ କିଣ୍ଡୋ, ମହେଶ ବିଶ୍ୱକର୍ମା, ଅଜିତ ସା, ସିରାଜିଲ ଆଲାମଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇଥିଲା।

### ମହିଳା କଲେଜରେ ଜାତୀୟ ଏକତା ଦିବସ

**ରାଜଗାଙ୍ଗପୁର, ୩୧।୧୦(ଡି.ଏନ.ଏ.):** ରାଜଗାଙ୍ଗପୁର ସହରରେ ଅବସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଲୌହମାନବ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ତିଥିରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବିପିନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାରତୀୟ ବାୟୁ ସେନାରୁ ଅବସର ନେଇଥିବା ଦିଲ୍ଲୀପ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ତଥା ଅଧାପକ ସପନ ପଣ୍ଡା ଓ ଅଧାପିକା ଡକ୍ଟର କୌଶଲ୍ୟା ଅଗ୍ରୱାଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅଧାପିକା ଗୀତିରେଖା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିପୁଳ ବିଜୟ

**ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଭ୍ୟ ନିର୍ବାଚନ**

**ସୁନ୍ଦରଗଡ଼, ୩୧।୧୦(ଡି.ଏନ୍.ଏ.)**



ବିଜୟୀ ପ୍ରାର୍ଥୀମାନଙ୍କ ଗହଣରେ ଦଳୀୟ ନେତା, କର୍ମକର୍ତ୍ତା।

ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ନିର୍ବାଚନ ରବିବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହାଇସ୍କୁଲଠାରେ କଡ଼ା ସୁରକ୍ଷା ମଧରେ ମତଦାନ ହୋଇଥିଲା। ପରିଚାଳନା ପରିଷଦର ମୋଟ ୧୫ଗୋଟି ସଭ୍ୟ ପଦବୀ ପାଇଁ ମତଦାନ ହୋଇଥିଲା। ସନ୍ଧ୍ୟାରେ ଭୋଟ ଫଳାଫଳ ପ୍ରକାଶ ପାଇଛି। ଏଥିରେ ମୋଟ ୧୫ଟି ସଭ୍ୟ ପଦ ମଧ୍ୟରୁ ୧୩ଟିରେ ଶାସକ ବିଜେଡ଼ି ସମର୍ଥିତ ପ୍ରାର୍ଥୀମାନଙ୍କ ବିପୁଳ ବିଜୟ ହୋଇଛି। ଏହି ୧୩ ଜଣ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ଜଣ ବ୍ୟାଙ୍କର ପୂର୍ବତନ ସଭାପତି ତଥା ଜଣାଶୁଣା ସମବାୟ ବିତ୍ ଭବାନୀ ପ୍ରସାଦ ମାଝିଙ୍କ ପ୍ୟାନେଲର ରହିଛନ୍ତି। ଏହି ନିର୍ବାଚନରେ ଭବାନୀ ବାବୁଙ୍କ ଚତୁର ଗୋଟି ଚାଳନା ସାଙ୍ଗକୁ ବିଜେଡିର ବରିଷ୍ଠ ନେତା ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି ପ୍ରମୁଖ ବିଜେଡି ନେତାଙ୍କ ନେତୃତ୍ୱରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଥିବାରୁ ବ୍ୟାଙ୍କର ପରିଚାଳନା ପରିଷଦର ସଭାପତି ପଦ ବିଜେଡି ସମର୍ଥୀତ ପ୍ରାର୍ଥୀ ହାତେଇବା ନିଶ୍ଚିତ ହୋଇଛି। ବିଜୟୀ ପ୍ରାର୍ଥୀମାନେ ହେଲେ ୧ନମ୍ବରରେ ପର୍ଶୁରାମ ସାହୁ। ସେ ୫୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ନିକତମ ପ୍ରତିଦ୍ୱନ୍ଦୀ ରବୀନ୍ଦ୍ର କୁମାର ପଟେଲ ୨୭ଖଣ୍ଡ ଭୋଟ ପାଇଛନ୍ତି। ୨ନମ୍ବର ଜୋନରେ ଆଲୋକ ପ୍ରକାଶ ପଟେଲ ୫୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରତାପ ସ୍ୱାଇଁ ୩୬ ଖଣ୍ଡ ଭୋଟ ପାଇଛନ୍ତି। ୩ ନମ୍ବର ଜୋନରେ ବାସନ୍ତୀ ସମର୍ଥା ୭୬ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଗୌରୀ ପ୍ରଧାନ ୧୪ ଖଣ୍ଡ ଭୋଟ ପାଇଛନ୍ତି। ୪ ନମ୍ବର ଜୋନରେ ପଞ୍ଚା ବାର୍ଲା ୫୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଭୀମସେନ ନାଏକ ୩୪ ଖଣ୍ଡ ପାଇଛନ୍ତି। ୫ ନମ୍ବର ଜୋନରେ ସୁଷମା ସରୋଜିନୀ ଟେଟେ ୪୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସୁକାନ୍ତି ସିଂହ ୪୪ଖଣ୍ଡ ଭୋଟ ପାଇଛନ୍ତି। ୬ନମ୍ବର ଜୋନରେ ଅମ୍ରିତ କୁମାର ଲାକ୍ରା ୪୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଜକୁମାର କିଷାନ ୪୬ ଖଣ୍ଡ ଭୋଟ ପାଇଛନ୍ତି। ୭ ନମ୍ବର ଜୋନରେ ଜଟିଆ ମୁଣ୍ଡା ୫୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସଞ୍ଜୟ ମାଝି ୩୬ ଖଣ୍ଡ ଭୋଟ ପାଇଛନ୍ତି। ୮ନମ୍ବର ଜୋନରେ ମହେଶ ନାଗ ୩୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଗରେଟି କିରୋ ୩୧ଖଣ୍ଡ ଭୋଟ ପାଇଛନ୍ତି। ୯ନମ୍ବର ଜୋନରେ ମନୋରଞ୍ଜନ ଦାଶ ଓ ଅକ୍ଷୟ ରାଉତ ୨୩ ଖଣ୍ଡ ଲେଖାଏଁ ଭୋଟ ପାଇ ସମାନ ସ୍ଥିତିରେ ରହିବାରୁ ସେଠାରେ ଧର୍ମଗୁଳା ମାଧ୍ୟମରେ ମନୋରଞ୍ଜନ ଦାଶ ବିଜୟୀ ହୋଇଛନ୍ତି। ୧୦ ନମ୍ବର ଜୋନରେ ଅବଦୁଲ ସୟିଦ ୪୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଜୟଶଙ୍କର ନନ୍ଦ ୩୯ଖଣ୍ଡ ଭୋଟ ପାଇଛନ୍ତି। ୧୧ନମ୍ବର ଜୋନରେ ସୁଧୀର ରଞ୍ଜନ ପଟେଲ ୪୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଦୀପ ସିଂହ ୩୬ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ୧୨ ନମ୍ବର ଜୋନରେ ସୁଧାରାଣୀ ନାଏକ ୪୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସୁବାସ ପଟ୍ଟନାୟକ ୪୪ଖଣ୍ଡ ଭୋଟ ପାଇଛନ୍ତି। ୧୩ ନମ୍ବର ଜୋନରେ ଲକ୍ଷ୍ମୀ ମହାନନ୍ଦ ୫୧ଖଣ୍ଡ ଭୋଟ ବିଜୟୀ ହୋଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ରାଜକୁମାର ସେଠ ୨୨ଖଣ୍ଡ ଭୋଟ ପାଇଛନ୍ତି। ୧୪ ନମ୍ବର ଜୋନରେ କାମିନୀ ମହାପାତ୍ର ୪୪ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦୀ ନିଲିମା ଲାକ୍ରା ୨୦ ଖଣ୍ଡ ପାଇଛନ୍ତି। ୧୫ ନମ୍ବର ଜୋନରେ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ୬୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦୀ ବିମଲ କୁମାର ପଟେଲ ୨୨ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ଭୋଟ ଫଳାଫଳରୁ ଜଣାଯାଇଛି। ଆସନ୍ତା ୧ ତାରିଖରେ ସଭାପତି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୧୬ରେ ସଭାପତି ନିର୍ବାଚନ ହେବ। ଏଥିପାଇଁ କିଏ ସଭାପତି ହେବେ ସେ ନେଇ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି।

### ସୁନ୍ଦରଗଡ ପବ୍ଲିକ ସ୍କୁଲରେ ଜାତୀୟ ଏକତା ଦିବସ

**ସୁନ୍ଦରଗଡ଼,୩୧।୧୦(ଡି.ଏନ.ଏ.)**

ସ୍ଥାନୀୟ ପବ୍ଲିକ ସ୍କୁଲରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସକୁ ଜାତୀୟ ଏକତା ଦିବସ ରୂପେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍କୁଲର ଛାତ୍ରୀଛାତ୍ର ଓ ସ୍କାଉଟ ପିଲାଙ୍କ ଦ୍ୱାରା ସୋମବାର ସକାଳୁ 'ରନ ଫର୍ ୟୁନିଟି' ପାଇଁ ଏକ ଦୌଡ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ପତାକା ଦେଖାଇ ଏହି ଦୌଡ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡା, ଶିକ୍ଷକ ଅବିନାଶ ଜେନା, ସନ୍ତୋଷ ମହନ୍ତ, ଇକୋ କ୍ଲବର ସଦସ୍ୟ କିଶୋର ମହାନନ୍ଦ ଏହି ଦୌଡରେ ସାମିଲ ହୋଇଥିଲେ। ପରେ ସ୍କୁଲ ପ୍ରାଙ୍ଗଣରେ ଏକ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଜାତୀୟ ଏକତା ଶପଥ ପାଠ କରିଥିଲେ। ସ୍କୁଲର ଅଧକ୍ଷା ହରପ୍ରିୟା ପଟେଲ ଏହି ସଭାରେ ଅଧକ୍ଷତା କରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଜାତୀୟ ଏକତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରି ଏହା ଆମ୍ଭମାନଙ୍କୁ ଅନୁସରଣ କରିବାକୁ ପଡିବ ବୋଲି କହିଥିଲେ। ଏଥିସହିତ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଦେଶ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଜନଶୁଣାଣିକୁ ବିରୋଧ: ପ୍ରଶାସନ, ପୋଲିସକୁ ଗାଁ ଭିତରକୁ ଛାଡ଼ିଲେନି

**କୁତ୍ରା, ୩୧।୧୦(ଡି.ଏନ.ଏ.)**



ଲୋକେ ଜନଶୁଣାଣିକୁ ବିରୋଧକରି ପୋଲିସକୁ ଅଟକାଉଛନ୍ତି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖଟକୁରବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟର ସୋମବାର ଏକ ଜନଶୁଣାଣି ଅନୁଷ୍ଠିତ ହୋଇଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଶିବା ସିମେଣ୍ଟର ଚୂନପଥର ଖଣି ସମ୍ପ୍ରସାରଣ ଉଦ୍ଦେଶ୍ୟରେ ୨୪୮.୮୮ ଏକର ଜମି ଅଧିଗ୍ରହଣ ପାଇଁ ଓଡିଶା ରାଜ୍ୟ ପ୍ରଭାବ ଆକଳନ ୟୁନିଟର ଏକ ପ୍ରାରୂପି ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରାଯାଇଛି। ଉକ୍ତ ଆକଳନ ବିବରଣୀ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ନେବା ନିମନ୍ତେ ଏହି ଜନଶୁଣାଣୀ କରାଯାଇଥିଲା। ତେବେ ଜନଶୁଣାଣିକୁ ଲୋକେ ପ୍ରବଳ ବିରୋଧ କରିଥିଲେ। ଖଣି ପାଇଁ ଗ୍ରାମସଭାର ସହମତି ନ ନେଇ ଜନଶୁଣାଣି କରିବାକୁ ଦେବୁ ନାହିଁ ବୋଲି ଆନ୍ଦୋଳନକାରୀ ରୋକଠୋକ ଶୁଣାଇ ଦେଇଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ୧୨ ପ୍ଲାଟୁନ ପୋଲିସ ଫୋର୍ସ ସହ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଉପଜିଲାପାଳ ଦାଶରଥି ସରାବୁ, ପୋଲିସ ଅଧିକାରୀ ଓ ଖଣି କର୍ତ୍ତୃପକ୍ଷ ଗ୍ରାମକୁ ଆସିଥିବା ବେଳେ ଲୋକେ ଗାଁ ମୁଣ୍ଡରୁ ବିରୋଧ କରି ଅଧିକାରୀମାନଙ୍କୁ ଭିତରକୁ ପଶିବାକୁ ଦେଇ ନ ଥିଲେ। ରାସ୍ତା ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ କମ୍ପାନୀ ଗୋ -ବେକ ନାରା ଦେଇଥିଲେ। ଜୀବନ ଦେବୁ ପଛେ ଜମି ଦେବୁ ନାହିଁ ବୋଲି କହିଥିଲେ। ଅଧିକାରୀମାନେ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଲୋକେ ଶୁଣି ନ ଥିଲେ। ଆନ୍ଦୋଳନରେ ସାମିଲ ହୋଇଥିବା ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଓ ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା ପ୍ରମୁଖ ବିସ୍ଥାପିତଙ୍କ ଦାବି ଯଥାର୍ଥ ବୋଲି କହିଥିଲେ। ତେବେ ପ୍ରବଳ ବିରୋଧ ସତ୍ତ୍ୱେ ଏହି ଜନଶୁଣାଣି ସମ୍ପନ୍ନ ହୋଇଥିବା ନେଇ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା କହିଛନ୍ତି। ପୂର୍ବତନ ସରପଞ୍ଚ ଥିବା ସମୟରେ ଏହାକୁ ନେଇ ଗ୍ରାମସଭା ସରିଥିବା ନେଇ ସୂଚନା ଦେଇଛନ୍ତି ଅତିରିକ୍ତ ଜିଲାପାଳ। ପରେ ପ୍ରଶାସନ ଓ ପୋଲିସ ଫେରି ଯାଇଥିଲେ।

## ଭାଜପା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା

**ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଓ ଅର୍ଚ୍ଚନା ନାଗ କେଳେଙ୍କାରୀ ଘଟଣା**



ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଦେବଗଡ଼, ୩୧।୧୦(ଡି.ଏନ୍.ଏ.)**

ରାଜ୍ୟର ଦୁଇଟି ପ୍ରମୁଖ ଘଟଣାକୁ ନେଇ ଭାଜପା ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଏବଂ ଅର୍ଚ୍ଚନା ନାଗ କେଳେଙ୍କାରୀ ଘଟଣାରେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପ୍ରତିବାଦ କରିଛି ଜିଲା ଭାଜପା। ଦଳ ପକ୍ଷରୁ ପ୍ରତିବାଦ ସହ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଛି। ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣି ଗିରଫ ଦାବି କରିଛି। ଏଥିସହ ଅର୍ଚ୍ଚନା ନାଗ କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କ ଅନେକ ମନ୍ତ୍ରୀ, ବିଧାୟକ ଏବଂ ଅଫିସର ରହିଥିବା ଅଭିଯୋଗ କରିବା ସହ ଦୋଷୀମାନଙ୍କ ବିରୋଧରେ ତୁରନ୍ତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଦେବଗଡ଼ ସହର ମଧରେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱ ଏବଂ ଜିଲା ଉପସଭାପତି ଭାରତ ଭୂଷଣ ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ଯୋଗେଶ ଚନ୍ଦ୍ର ପ୍ରଧାନ, ସମୀର କୁମାର ସାହୁ, ବୀର କିଶୋର ପ୍ରଧାନ, ଜଗନ୍ନାଥ ବେହେରା, ରମଣୀରଂଜନ ଆଚାର୍ଯ୍ୟ, ରାଜୁ ଆଚାର୍ଯ୍ୟ, ଚନ୍ଦ୍ରଶେଖର ମହାପାତ୍ର, କାଉନସିଲର କାର୍ତ୍ତିକ ମହାକୁଳ, ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା ଓ ପିଙ୍କି ପ୍ରଧାନଙ୍କ ସମେତ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ।

## ସ୍ୱାସ୍ଥ୍ୟକାର୍ଡ ନାଁରେ ଜାଲିଆତି: ୩ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଯୁବକ ଗିରଫ

**ବଣାଇ, ୩୧।୧୦(ସ୍ୱ.ପ୍ର.)**

ବଣାଇଁ ଉପଖଣ୍ଡର ଲହୁଣୀପଡ଼ା, ଟିକାୟତପାଲି ଓ ବଣାଇ ଥାନାର ୮ଟି ପଞ୍ଚାୟତର ପ୍ରାୟ ୮ହଜାର ଲୋକଙ୍କଠାରୁ ସ୍ୱାସ୍ଥ୍ୟକାର୍ଡ କରାଇ ଦେବା ନାଁରେ ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଠକେଇ ଅଭିଯୋଗରେ ବଣାଇ ପୋଲିସ ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜା ଚାଲିଛି। ସୋମବାର ବଣାଇ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ ଦେବତା ଏବଂ ବଣାଇ ଥାନା ଅଧିକାରୀ ରଞ୍ଜନ କୁମାର ନାୟକ ଏ ଉପରେ ସୂଚନା ଦେଇଛନ୍ତି। ରାଉରକେଲା ଅଞ୍ଚଳର ଜଣେ ଯୁବକ ବଣାଇ ଅଞ୍ଚଳରେ କିଛି ସ୍ଥାନୀୟ ଲୋକଙ୍କ ସହାୟତାରେ ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ଲୋକମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ କରାଇବା ପାଇଁ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ପରିବାର ପ୍ରତି ଗୋଟିଏ ସ୍ୱାସ୍ଥ୍ୟକାର୍ଡ କରାଇବା ସହିତ ସେମାନଙ୍କଠାରୁ ଜଣ ପିଛା ୪୦ ରୁ ୫୦ ଟଙ୍କା ଆଦାୟ କରୁଥିଲେ। ଏ ନେଇ ସେମାନଙ୍କୁ ଛପା ମନି ରସିଦ, ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ଆଦି ଦେବା ସହିତ ଏହି କାର୍ଯ୍ୟ ପାଇଁ ବିଭିନ୍ନ ପ୍ରକାରର ଷ୍ଟାମ୍ପ ରସିଦ ଫର୍ମ ଆଦି ବ୍ୟବହାର କରି ଆସୁଥିଲେ। ଏଥିପାଇଁ ଯେଉଁମାନେ ସ୍ୱାସ୍ଥ୍ୟ କାର୍ଡ କରିଛନ୍ତି ସେମାନଙ୍କ ପାଇଁ ପ୍ରତ୍ୟେକ ୩ମାସରେ ସ୍ୱାସ୍ଥ୍ୟ ଶିବିର କରାଯାଇ ସେମାନଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏମାନଙ୍କ କାର୍ଯ୍ୟ କଳାପରେ ସନ୍ଦେହ ହେବାରୁ ଗୋବିନ୍ଦପୁର ଗ୍ରାମବାସୀ ଏବିଷୟରେ ବଣାଇ ଥାନାରେ ଅଭିଯୋଗ କରିଥିଲେ। ବଣାଇ ପୋଲିସ ଏହାର ତଦନ୍ତ କରି ପ୍ରଥମେ ଏହି ଠକେଇ ୮ ହଜାର ଲୋକଙ୍କ ଠାରୁ କରାଯାଇଥିବା ଜାଣିବା ପରେ ରାଉରକେଲାର ଜଣେ ଯୁବକକୁ ଗିରଫ କରି ବିଭିନ୍ନ କାଗଜପତ୍ର ସହ ୩ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଥିଲେ। ଏହି ଠକେଇ ଘଟଣାରେ ତିନିରୁ ଚାରି ଜଣ ସମ୍ପୃକ୍ତ ଥିବାରୁ ପୋଲିସ ଗିରଫ କରିଥିବା ବ୍ୟକ୍ତିଙ୍କର ନାମ ଗୋପନ ରଖିଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶପଥ ନେଲେ କର୍ମଚାରୀ

**ଦେବଗଡ଼,୩୧।୧୦(ଡି.ଏନ.ଏ.)**

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର ଓସ୍ୱାନ କକ୍ଷଠାରେ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ସଚେତନତା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ସମେତ ଜିଲାର ସମସ୍ତ ବିଭାଗର ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ରହି ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ଆଇନକୁ ଅନୁସରଣ କରିବା, ଲାଞ୍ଚ ନେବା କିମ୍ବା ଦେବାରୁ ନିବୃତ ରହିବା, ଜନହିତରେ କାର୍ଯ୍ୟ କରିବା, ବ୍ୟକ୍ତିଗତ ବ୍ୟବହାରରେ ସାଧୁତା ପ୍ରଦର୍ଶନ କରିବା, ଦୁର୍ନୀତି ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ସଚ୍ଚୋଟତାର ସର୍ବୋଚ୍ଚ ମାନକୁ ଅନୁସରଣ କରି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବାକୁ ଶପଥ ନେଇଥିଲେ । ଅନୁରୂପ ଭାବେ ଜିଲାର ସମସ୍ତ ବିଭାଗ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ନେଇଥିଲେ।



ଦେବଗଡ଼ରେ ଅଧିକାରୀ, କର୍ମଚାରୀ ଶପଥ ଗ୍ରହଣ କରୁଛନ୍ତି।

# ଚାଷୀଙ୍କୁ ବୀମାରାଶି ପ୍ରଦାନ କରାଯାଉ

**ଦେବଗଡ଼ ୩୧।୧୦ (ଡି.ଏନ.ଏ)**



ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡ଼ି ପକ୍ଷରୁ ଧାରଣା ଦିଆଯାଇଛି।

**ବିଜେଡିର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ଦାବିପତ୍ର**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଦେବଗଡ଼ ଜିଲା ସମେତ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ବୀମାରାଶି ପାଇବାରୁ ବଞ୍ଚିତ କରି କମ୍ପାନୀଗୁଡ଼ିକ ଦିନ ଗଡାଉଛନ୍ତି। ଏହା ଫଳରେ ରାଜ୍ୟର ହଜାର ହଜାର ଚାଷୀ ବୀମା ରାଶି ନ ପାଇ ଘୋର ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବୀମା କମ୍ପାନୀ ଚାଷୀଙ୍କୁ ଶୋଷଣ କରୁଥିବାବେଳେ କେନ୍ଦ୍ର ସରକାର ନୀରବ ଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ଅଭିଯୋଗ କରିଛି। ଚାଷୀଙ୍କୁ ବୀମା ରାଶି ତୁରନ୍ତ ପ୍ରଦାନ କରାଯାଉ ବୋଲି ବିଜେଡି ଦାବି କରିଛି। ଏନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେବଗଡ଼ ଜିଲା ବିଜେଡି ପକ୍ଷରୁ ଧାରଣା ଓ ବିକ୍ଷୋଭ ସହ ପ୍ରତିବାଦ ସଭା କରାଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲାର ସମସ୍ତ ନିର୍ବାଚିତ ପ୍ରତିନିଧି, ଜିଲା ପଦାଧିକାରୀ, ବ୍ଲକ ପଦାଧିକାରୀଙ୍କ ସମେତ ମହିଳା, ଯୁବ, ଛାତ୍ର ସଙ୍ଗଠନ, ବହୁ ନେତା ଓ କର୍ମୀ ଯୋଗଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶିରୁ କେନ୍ଦ୍ର ଲାଭ ଗୋଟାଉ ଥିବା ବେଳେ ଏବେ ନିରବ ଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ କରି ତୁରନ୍ତ ବୀମା ରାଶି ପ୍ରଦାନ ପାଇଁ ଦାବି କରିଥିଲେ। ପରେ ଜିଲା ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ସାକ୍ଷାତ୍ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିବାଦ ସଭାରେ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଦେବଗଡ଼ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଈ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ସଦସ୍ୟା ଗୀତାଞ୍ଜଳି ପାଣି, ବାସନ୍ତୀ ବେହେରା , ଦେବଗଡ଼ ନଗର ସଭାପତି ଶୁକଦେବ ଭଞ୍ଜ, ମହିଳା ସଭାନେତ୍ରୀ ଅରୁଣୀ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, କାଉନସିଲର ଯତୀନ ନାୟକ, ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝୀ, ପ୍ରମିଳା ବେହେରା, ରିଆମାଳ ବ୍ଲକ ସଭାପତି ବୈକୁଣ୍ଠ ପାଇକରାୟ, ବାରକୋଟ ବ୍ଲକ ସଭାପତି ହୀରାଲାଲ ସାହୁ, ତିଳେଇବଣୀ ବ୍ଲକ ସଭାପତି ବାବୁଲାଲ ପୃସେଠ, ବରିଷ୍ଠ ନେତା ବିଭୂତି ଗଙ୍ଗଦେବ, ପ୍ରମୋଦ ଝାଙ୍କର , ସତ୍ୟନାରାୟଣ ପାଣି, ଅମରେନ୍ଦ୍ର ଗଙ୍ଗଦେବ, ବାରକୋଟ ବ୍ଲକର ପୂର୍ବତନ ଅଧକ୍ଷ ଦେବେନ୍ଦ୍ର ବେହେରା, ବାବୁ ପ୍ରଧାନ, ଭୂପେନ୍ଦ୍ର ପ୍ରସାଦ ନାୟକ, ମହିଳା ବିଜେଡି ଉପ ସଭାନେତ୍ରୀ ସୁଷମା ବେହେରା, ଅନିତା ପାତ୍ର, ଶର୍ମିଷ୍ଠା ଘଡେଇଙ୍କ ସମେତ ବହୁ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଗାଡ଼ି

**ଦେଓଗାଁ, (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସିକୁଆଁ ରାସ୍ତାରେ ଭାରସାମ୍ୟ ହରାଇ ଏକ କାର ଓଲଟି ପଡିଥିଲା । ଉକ୍ତ କାର ସାହାଜବାହାଲର ଜଣେ ଅଧ୍ୟାପକଙ୍କର ବୋଲି ଜଣାପଡିଛି । ସେ ଦେଓଗାଁ କଲେଜକୁ ଆସୁଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗାଡି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିବା କୁହାଯାଉଛି । ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି ।

## ସଂକ୍ଷେପରେ

### ରାହାସ ଲୀଳା ପାଇଁ ଶୁଭଖମ୍ବ ସ୍ଥାପନ

**ଖଡ଼ିଆଳ,୩୧।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଳ ଗୋକୁଳ ନଗରଠାରେ ହେବାକୁ ଥିବା ରାସଲୀଳା (ରାହାସ) ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଆସନ୍ତା ୨ ତାରିଖଠାରୁ ଆରମ୍ଭ ହୋଇ ରାସଲୀଳା ୭ ଦିନ ଧରି ଚାଲିବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲିଳାରୁ ଆରମ୍ଭ କରି କଂସବଧ ଯାଏ ଗୀତିନାଟ୍ୟ ପରିବେଷଣ ହେବ। ଏହାର ଶୁଭଖମ୍ବ ସ୍ଥାପନ କାର୍ଯ୍ୟକ୍ରମ ରାହାସ କମିଟି ବରିଷ୍ଠ ସଦସ୍ୟ ବନମାଳୀ ନାଗଙ୍କ ଦ୍ୱାରା ସମ୍ପାଦନ ହୋଇଯାଇଛି। କମିଟି ଅନ୍ୟ ସଦସ୍ୟମାନଙ୍କ ମଧ୍ୟରୁ ସୁଦାମ କେତକୀ, ଦିଗାମ୍ବର ପୋଡ, ଦୟା ଥପା, ପ୍ରହଲାଦ ପୋଡ, ବ୍ରଜ ପୋଡ, ହରି ସେଠି, ସୁକଦେବ ସେଠି, ପନ୍ତ ପୋଡ, ମୁରଲି ପୋଡ, ରୋହନ କୁମାର, କମଲୁ ନିଆଲ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

**କୋକସରା,୩୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି ଘନଶ୍ୟାମ ଜାଲଙ୍କ ସଭାପତିତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ଇନ୍ଦିରା ଗାନ୍ଧୀଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅସରରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଧଙ୍ଗଡା ମାଝି, ପୁରୁଷୋତ୍ତମ ଗୁପ୍ତା, ତ୍ରିଭୁବନ ନାଏକ, କେଶବ ନାଏକ, ମାର୍କଣ୍ଡ ବେମାଲ, ରାଜେନ୍ଦ୍ର ନାଏକ, ମହେନ୍ଦ୍ର ଧରୁଆ, କାମଦେବ ଧଙ୍ଗଡା ମାଝୀ , ଅଭିମନ୍ୟୁ ପଟ୍ଟନାୟକ, କମଳ ଲୋଚନ ନାଏକ, ହୀରାଲାଲ ମାଝି, ହେମନ୍ତ ବାଗ, ବ୍ରଜବନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରାସପୂର୍ଣ୍ଣିମା ପାଳନ ପାଇଁ ପ୍ରସ୍ତୁତି

**ସିନାପାଲି,୩୧।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ଛକଠାରେ ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀ ପକ୍ଷରୁ ରାସ ପୂର୍ଣ୍ଣିମା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନରହରି ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ୭ ଦିନ ବ୍ୟାପି ରାସ ପୂର୍ଣ୍ଣିମା ପାଳନ ପାଇଁ ସ୍ଥିର କରାଯାଇ ବିଶଦ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଟୁଙ୍ଗୀର ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଶହେରୁ ଅଧିକ ବର୍ଷ ହେଲା ଏଠାରେ ନିରବଚ୍ଛିନ୍ନ ଭାବେ ପାରମ୍ପରିକ ରାସପୂର୍ଣ୍ଣିମା ପାଳନ କରାଯାଇଛି। ବୈଠକରେ ବୈଶମ୍ପାୟନ ମେହେର, ଡମ୍ବରୁଧର ମେହେର, ଅମଲୁ ମେହେର, ତୁଳସୀରାମ ମେହେର, ଧ୍ରୁବଚରଣ ମେହେର, ଲିଙ୍ଗରାଜ ମେହେର, ବନମାଳୀ ମେହେର, ଲୋକନାଥ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ବୈଷ୍ଣବ ମେହେର, ପ୍ରଦୀପ ମେହେର, ତୁଳସେ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ। ନୀଳାଞ୍ଚଳ ମେହେର ଧନ୍ୟବାଦ ଦେଇଥିଲେ।

### ଲାଞ୍ଜିଗଡ଼ ଯୁବକ ସଂଘର ୩୧ତମ ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼,୩୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆରେ ଥିବା ନୂତନ କମ୍ୟୁନିଟି ହଲଠାରେ ଲାଞ୍ଜିଗଡ଼ ଯୁବକ ସଂଘର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଯୁବକ ସଂଘ ସଭାପତି ହିମାଦ୍ରୀ ପେଶନିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଦା ସରପଞ୍ଚ ଚାଁଚେର ମାଝି, ଲାଞ୍ଜିଗଡ଼ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶ୍ରୀଧର ପେସନିଆ, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ଜିଲା ପରିଷଦ ରାଜେନ୍ଦ୍ର ପ୍ରତାପ ସିଂଦେଓ, ପୂର୍ବତନ ଯୁବକସଙ୍ଘ ସଭାପତି ଅଶୋକ ପଟନାୟକ, ସୁବାଷ ମହାପାତ୍ର, ଶ୍ରୀମୁଖ ଅଗସ୍ତି ଓ ବ୍ଲକର ସମସ୍ତ ଖବରଦାତା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଲାଞ୍ଜିଗଡ଼ ଯୁବକ ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା, ଏମ. ଚନ୍ଦ୍ର ଶେଖର, ସୁମନ୍ତ ଦଳବେହେରା, ଜୟନ୍ତ ମହାଖୁଡ଼, ନରେନ୍ଦ୍ର ପ୍ରଧାନୀ, ଭଗବାନ ହୋତା, କାର୍ତ୍ତିକ ଓଡ଼ିଆ, ଅନାମୁ ନାଏକ, ଅନଙ୍ଗ ସେଠ ଓ ଯୁବକ ସଂଘ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି


ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି ବିଜେଡି।



ଭବାନୀପାଟଣାରେ ବିଜେଡିର ବିକ୍ଷୋଭ ସଭାରେ ଦଳୀୟ ନେତାଗଣ।

**ଭବାନୀପାଟଣା/ନୂଆପଡ଼ା ଅଫିସ, ୩୧।୧୦(ସ୍ୱ.ପ୍ର.)**

■ କୃଷି ବୀମା ପ୍ରଦାନରେ ଅବହେଳା
■ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ରାଜ୍ୟର କୃଷକମାନଙ୍କୁ କୃଷି ବୀମା ପ୍ରଦାନରେ ଅବହେଳାକୁ ନେଇ ସୋମବାର କଳାହାଣ୍ଡି ଜିଲା ଭବାନୀପାଟଣାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଛି ଜିଲା ବିଜେଡି। ଆରମ୍ଭରେ ସ୍ଥାନୀୟ ନକଟିଗୁଡା ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦଳ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ପରେ ସେଠାରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତି ଓ କୃଷି ବୀମା ପ୍ରଦାନରେ ଅବହେଳା ନେଇ ଦଳୀୟ ନେତା ବର୍ଷିଥିଲେ। ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ସଭା ଏମ୍‌ପି ସୁଜିତ କୁମାର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଉପାଧ୍ୟକ୍ଷା ସୁଧିରା ମେହେର, ଜିଲା ବ୍ଲକ ଅଧ୍ୟକ୍ଷ ସଂଘ ସଭାପତି ବିନ୍ଦୁ ମହାନନ୍ଦ, ରାଜ୍ୟ ସମ୍ପାଦିକା ମନୀଷା ସାହୁ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ପରିଷଦ ସଦସ୍ୟ ଭବାନୀ ଶଙ୍କର ନିଆଲ, ପୂର୍ବତନ ବିଧାୟକ ଅନାମ ନାଏକ, ଦୁଷ୍ମନ୍ତ ନାଏକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଗ୍ରହଣ କରିଥିଲେ।

ସେହିପରି ନୂଆପଡା ଜିଲା ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେଇଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ବିଜୁ ଜନତା ଦଳ ଜିଲା ସଭାପତି ମନୋଜ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଧାରଣାରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ଜିଲା ସମ୍ପାଦକ ଲମ୍ବୋଦର ନିଆଲ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ମୁରଲି ଭୋଇ, ଉମା ଠାକୁର, ସୁଧିର ମିଶ୍ର, ନିଶାନ୍ତ ଡାଗା, ରାଜେଶ ନିଗମ ଓ ଶତାଧିକ କର୍ମୀ ଯୋଗଦେଇଥିଲେ।

## ସେମିଫାଇନାଲରେ ଝାରକୁଣ୍ଡାମାଲ

### ଦଣ୍ଡପାଟ ଫୁଟ୍‌ବଲ ଚାମ୍ପିୟନ ଟ୍ରଫି


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବେହେରା,୩୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଧର୍ମଗଡ ବ୍ଲକ ଦଣ୍ଡପାଟ ବେହେରା ହାଇସ୍କୁଲ ପଡିଆରେ ସୋମବାର ଦଣ୍ଡପାଟ ଫୁଟବଲ ଚାମ୍ପିୟନ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ୬ ଦିନ ବ୍ୟାପି ହେବାକୁ ଥିବା ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଦାବ୍ରିଗୁଡା-ଛିଲିପାମାଲ ଏବଂ ଝାରକୁଣ୍ଡାଲମାଲ-ଟେମରା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଛିଲିପାମାଲ ଓ ଝାରକୁଣ୍ଡାମାଲ ବିଜୟୀ ହୋଇଥିଲା। ଉଭୟ ବିଜୟୀ ଦଳ ମଧ୍ୟରେ ଅନୁଷ୍ଠିତ ଖେଳରେ ଝାରକୁଣ୍ଡାମାଲ ଛିଲିପାମାଲକୁ ପେନାଲଟିକରେ ୧-୦ ଗୋଲରେ ପରାସ୍ତ କରି ସେମି ଫାଇନାଲକୁ ପ୍ରବେଶ କରିଛି। କ୍ଷିରୋଦ ସବର, ସଞ୍ଜୀବ ଦୁର୍ଗା ଓ ତାପସ ଦାସ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବରେ ବେହରା ସରପଞ୍ଚ କୁମୁଦିନି ଗଇନ୍ତା, ସମ୍ମାନିତ ଅତିଥି ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ନାଏବ ସରପଞ୍ଚ ଟିକେଶ୍ୱର ଗୋପଳ, ଜୟଚନ ନାଏକ, ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ, ସଚ୍ଚିଦାନନ୍ଦ ଗଉଡ, ଚକ୍ରଧର ବାରିକ, ତ୍ରିଲୋକ ସିଂ ପ୍ରମୁଖ ଖେଳଳିଙ୍କୁ ଉତ୍ସାହିତ କରିଥିଲେ। ଈଶ୍ୱର ବଣୁଆ ଓ କ୍ଷିରସିନ୍ଧୁ ବାଣୁଆ ଧାରାବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ରଜନିକାନ୍ତ ନାଏକ, ସଭାପତି ଭବେଶ ଗଇନ୍ତା, ସମ୍ପାଦକ ବିନ୍ଦୁସାର ବିଶି, ଭବାନୀ ବାରିକ, ଲଳିତ ବାଣୁଆ, ବାଳକୃଷ୍ଣ ବିଶି, କ୍ଷିର ସିନ୍ଧୁ ବାଗ ତଥା କମିଟି ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ୪ଟି ଗ୍ରୁପରେ ୧୬ଟି ଦଳ ଭାଗ ନେଇଥିବା ବେଳେ ୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ପ୍ରତିବର୍ଷ ଦଣ୍ଡପାଟରେ ଦନ୍ତେଶ୍ୱରୀ ଫୁଟବଲ କ୍ଲବ ଏହି ଖେଳ ପରିଚାଳନା କରିଆସୁଛି।

## ତିଖାଲିଠାରେ ବିଏଫ୍‌ଟି ମହାସଂଘର ବୈଠକ

**ଖଡ଼ିଆଳ,୩୧।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତିଖାଲିଠାରେ ଜିଲା ବିଏଫଟି ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସମ୍ପାଦକ ବିଭୂତି ଭୂଷଣ ବିଶି ସମ୍ପାଦକିୟ ବିବରଣୀ ପାଠ କରିଥିଲେ। ଜିଲା ସଭାପତି ଜୟାନନ୍ଦ ସତନାମୀ ରାଜ୍ୟ ମହାସଂଘର ବାର୍ତ୍ତା ଜଣାଇବା ସହ ସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଜିଲା କୋଷାଧ୍ୟକ୍ଷ୍ୟ ରୋହିତ ସା ସଂଘର ଆୟବ୍ୟୟ ଉପସ୍ଥାପନା କରିଥିଲେ। ଉପସ୍ଥିତ ସମସ୍ତ ବିଏଫଟି ନିଜ ବ୍ଲକର ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜିଲା ଉପ ସଭାପତି ତୁଳସୀରାମ ବାଗ, ଖଡ଼ିଆଳ ବ୍ଲକ ସମ୍ପାଦକ ରେଣୁଧର ମାଝି, କୋମନା ବ୍ଲକ ସମ୍ପାଦକ ସୁନୀଲ କୁମାର ସାହୁ, ବୋଡ଼େନ ବ୍ଲକ ସମ୍ପଦକ ହେରମ୍ବ ମାଝି, ସିନାପାଲି ବ୍ଲକ ସମ୍ପାଦକ ଦୋଳେଶ୍ୱର ମେହେରଙ୍କ ସମେତ ସତ୍ୟବାନ ପ୍ରକାଶ ସିଂ, ଚମ୍ପେଶ୍ୱର ଭିତ୍ରୀୟା, ମହେଶ ସତନାମୀ, ସୁନାଧର ପୁଞ୍ଜି, ଆକାଶ ସାହୁ, ଭୋଲେଶ୍ୱର ବିଶ , ଯୋଗେଶ୍ୱର ମେହେର ପ୍ରମୁଖ ସହଯୋଗ କରିଥିଲେ। ଜିଲା ସହ ସମ୍ପାଦକ ଶିବ ପ୍ରସାଦ ବିଶି ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



କର୍ଲାମୁଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ଜନଶୁଣାଣିରେ ଜଣେ ବ୍ୟକ୍ତି ଅଧିକାରୀଙ୍କଠାରେ ଅଭିଯୋଗ କରୁଛନ୍ତି।

**କର୍ଲାମୁଣ୍ଡା/ମଦନପୁର, ୩୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ୍ୟା କୁନି ସାହୁ, ବିଡ଼ିଓ ସୁଚରିତା ମୁଗ୍ରୀ, ତହସିଲଦାର ମାନସ ରଞ୍ଜନ ଝାଙ୍କର, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିପିଇଓ ଯୁଗଳ କିଶୋର ନାଏକ, ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ବିଏସଇଓ ସସ୍ମିତା ପଟେଲ, କିରାଣି ପ୍ରଦୀପ କୁମାର ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଟିକେରାମ ଛତ୍ରିଆ, ଗ୍ରାମ୍ୟ ଜଳ ପରିମଳ ମିଶନ ଯନ୍ତ୍ରୀ ଅନୁସୟା ଭଞ୍ଜ, ଗ୍ରାମୀଣ ଆବାସ ଯୋଜନାର ବ୍ଲକ ସଂଯୋଜକ ଅମିତ ବାରିକ, ଭାରପ୍ରାପ୍ତ କୃଷି ଅଧିକାରୀ ଅରୁଣ କୁମାର ପାଢୀ, ଏବିଇଓ ସହଦେ ସୁନା, ଗ୍ରାମ ରୋଜଗାର ସେବକ ଶିବ କୁମାର ଭୋଇଙ୍କ ସମେତ ବ୍ଲକର ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଗ୍ରାମୀଣ ଆବାସ ପାଇଁ ୧୧୭ଜଣ, କୃଷି ବିଭାଗରେ ଜଣେ, ପିଡିଏସ ପାଇଁ ୭ ଜଣ, ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାର ୩୭, ସ୍ୱାସ୍ଥ୍ୟରେ ଜଣେ, ଭତ୍ତା ପାଇଁ ୧୯ ଓ ଅନ୍ୟ ବିଭାଗକୁ ମିଶାଇ ମୋଟ ୧୯୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ନୂତନ ଭାବେ ୧୦ କୋଟିଟଙ୍କା ଅଟକଳରେ ନିର୍ମାଣ ହେବାକୁ ଥିବା ଡାକ୍ତରଖାନା ଗୃହକୁ ବ୍ଲକ ସଦର ନିକଟସ୍ଥ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ କରିବାକୁ ଶତାଧିକ ଲୋକଙ୍କ ଦସ୍ତଖତ କରି ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେହିପରି ମ.ରାମପୁର ବ୍ଲକ ମଦନପୁର ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମ.ରାମପୁର ବିଡିଓ ବିନୟ ଭୋଇ, ଜିପିଇଓ କୁଳମଣି ସିଂରାୟ, ଏପିଓ ମୋନାଲିସା ସାମଲ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏ.ଇ ପ୍ରଦିପ ରାୟ, ସିଡିପିଓ କୁସୁମ କୁମାରୀ ପ୍ରହରାଜ, ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ, ଜିଲା ପରିଷଦ (ଖ) ଜୋନ୍ ମନ୍ଜୁଲତା ଧରୁଆ, କୃଷି ବିଭାଗ ଭିଏଡବ୍ଲ୍ୟୁ ବୁଦ୍ଧଦେବ ସାହୁ, ସିଆର୍‌ପି ବସନ୍ତ ଦଣ୍ଡିଆ, ସୁବୋଧ ଛତ୍ରିଆ, ସନ୍ତୋଷ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନିସ୍ମିତ ସ୍ୱରାଜ ଓ ବ୍ଲକର ଅନ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷତଃ ଆବାସ ଯୋଜନା ଓ ବାର୍ଦ୍ଧକ୍ୟ ଭତ୍ତା ଉପରେ ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଏଥିରେ ମଦନପୁର ଜିଆର୍‌ଏସ୍ ରୋହିତ କୁମାର ସାହୁ, ଯୋଗାଣ ସହାୟକ ହୃଷିକେଷ ବଗର୍ତ୍ତୀ, ନାଏବ ସରପଞ୍ଚ ବିରାଟ ମୁଣ୍ଡଛିନା ଓ ୱାର୍ଡସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ଫାଇନାଲରେ ପଟଣାଗଡ଼

### ଫୁଟ୍‌ବଲ ଟୁର୍ନାମେଣ୍ଟ

**କର୍ଲାମୁଣ୍ଡା,୩୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ୍ଥାନୀୟ ଚିନାଭାଡି ପଡିଆଠାରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କର୍ଲାମୁଣ୍ଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ଷଷ୍ଠ ଦିବସ ମ୍ୟାଚରେ ପଟଣାଗଡ଼ (ନକଟାସର) ବିଜୟୀ ହୋଇଛି। ପଟଣାଗଡ଼ ଓ ଜାମଖୁଣ୍ଟା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ପଟଣାଗଡ଼ ୩-୧ ଗୋଲ ଦେଇ ବିଜୟୀ ହୋଇଥିଲା। ମ୍ୟାଚ ଲଳିତ ସାହୁ, ରାଜକିଶୋର ରଣା, ଲଳିତ କୁମାର ଗୌଡ଼ ପରିଚାଳନା କରିଥିଲେ। ଅଭିମନ୍ୟୁ ନନ୍ଦ, ଭାରତ ଭୂଷଣ ଷଡଙ୍ଗୀ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ପରିଷଦ ସଦସ୍ୟ ଜାକିର ହୁସେନ, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ସାମାଜିକ କର୍ମୀ ଯୁବରାଜ ସାହୁ, ଆୟୋଜକ ସଭାପତି ନନ୍ଦି କିଶୋର ଭୋଇ, ସମ୍ପାଦକ ଡୋଲାମଣୀ ଭୋଇ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଫାଇନାଲ ମ୍ୟାଚ ପଟଣାଗଡ଼ ଓ ଚିତ୍ରଲା ମଧ୍ୟରେ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟ ମ୍ୟାନେଜର ଦୁର୍ଲ୍ଲଭ ମେହେର, ଉପସଭାପତି ମୁକେଶ କୁମାର ସାହୁ ଓ ନୀଳ ମାଧବ ଭୋଇ, ବିରେନ୍ଦ୍ର ସାହୁ, ବିରୁ ସାହୁ, ନମିତ ସୁନା, ମଣୀ ମେହେର, ସୌମ୍ୟ ବ୍ରତ ବଗର୍ତ୍ତି, ସିଡୁ ସାହୁ, ଜିତ ସାହୁ, ଅଜିତ ସାହୁ, ଟୁନା ସାହୁ, ବବୁଲୁ ସାହୁ, ଅନୀଲ ସାହୁ, ତପନ ଛତ୍ରିଆ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ବିଜୟୀ ପଟଣାଗଡ଼ ଦଳର ଖେଳାଳିମାନେ।

## ଲାଞ୍ଜିଗଡ଼ ବ୍ଲକ ବ୍ରାହ୍ମଣ ସମାଜର ବୈଠକ

**ଲାଞ୍ଜିଗଡ,୩୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗସ୍ଥିତ ଭୈରବ ମନ୍ଦିରରେ ବ୍ଲକ ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମାଜର ସଭାପତି ହରେକୃଷ୍ଣ ଯୋଷୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମାଜର ପ୍ରତ୍ୟେକ ସଦସ୍ୟ ନିଜର ମତାମତ ପ୍ରଦାନ କରିଥିଲେ। ସମାଜର ମୁଖ୍ୟ ନିର୍ବାହୀ ପରିଚାଳନା କମିଟି ଉପସଭାପତି ମନୋଜ କୁମାର ମହାପାତ୍ର ଏବଂ ପ୍ରମୋଦ କୁମାର କର, ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି, ସାଙ୍ଗଠନିକ ସମ୍ପାଦକ ଭଗାନ ହୋତା, କୋଷାଧ୍ୟକ୍ଷ ଦୁର୍ଗାମାଧବ ରଥ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧା ମାଧବ ରଥ, ସତ୍ୟନାରାୟଣ ପାଣ୍ଡିଆ, ଚୁନା ପାଣିଗ୍ରାହୀ, ରାଜେନ୍ଦ୍ର ପଣ୍ଡା, ଗୌରୀ ଶଙ୍କର ମହାପାତ୍ର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବ୍ଲକର ସବୁ ଅଞ୍ଚଳରେ ପ୍ରତ୍ୟେକ ମାସର ଶେଷ ରବିବାର ସମାଜର ମାସିକ ବୈଠକ ଅନୁଷ୍ଠିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମାଜର ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି ଧନ୍ୟବାଦ ଦେଇଥିଲେ।

## ବିଜ୍ଞପ୍ତି ସମ୍ପର୍କରେ ଜାଣିପାରିଲେନି ଗ୍ରାମବାସୀ

**ଜୁନାଗଡ,୩୧।୧୦(ଡି.ଏନ.ଏ.)**

**ପ୍ରଚାର ପ୍ରସାର ଅଭାବ**
■ ବିଡିଓ, ସିଡିପିଓଙ୍କୁ ଲିଖିତ ଅଭିଯୋଗ
■ ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଙ୍କିତୁଲସୀପାଲି ୨ନଂ. ଅଙ୍ଗନୱାଡି କେନ୍ଦ୍ର ପାଇଁ କର୍ମୀ ପଦବୀ ନିମନ୍ତେ ଗତ ୧୩ ତାରିଖ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାହାକି କାର୍ଯ୍ୟାଳୟରେ ଲଗାଯାଇଥିବା ବିଜ୍ଞପ୍ତରୁ ଜଣାପଡେ। ଏଥିରେ ୧୪।୧୦।୨୦୨୨ରୁ ୨୮।୧୦।୨୦୨୨ ପର୍ଯ୍ୟନ୍ତ ଗ୍ରାମର ଇଚ୍ଛୁକ ଥିବା ମହିଳା ପ୍ରାର୍ଥିନୀମାନେ ଦରଖାସ୍ତ ଆବେଦନ କରିପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା। ହେଲେ ପ୍ରଚାର ପ୍ରସାର ଅଭାବରୁ ବଙ୍କିତୁଲସୀପାଲି ଗ୍ରାମର ଇଚ୍ଛୁକ ମହିଳା ପ୍ରାର୍ଥିନୀମାନେ ଏହି ବିଜ୍ଞପ୍ତି ବିଷୟରେ ଜାଣି ନ ପାରି ଦରଖାସ୍ତ ଆବେଦନ କରି ପାରି ନ ଥିବା ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ସେମାନେ ସୋମବାର ଜୁନାଗଡ ବିଡିଓ, ସିଡିପିଓ ଓ ପରେ ଧର୍ମଗଡ ଉପଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ମଧ୍ୟ ଦେଇଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ବଙ୍କିତୁଲସୀପାଲି ଗ୍ରାମର ୨ ନଂ. ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ବିଭାଗ ପକ୍ଷରୁ ଲଗାଇବା ନିୟମ ରହିଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ହୋଇଛି। ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ଏହାର ବିଜ୍ଞପ୍ତି ଲଗାଯାଇନାହିଁ। ଏପରିକି ସ୍ଥାନୀୟ ଅଙ୍ଗନୱାଡି କର୍ମୀ ସମେତ ପଞ୍ଚାୟତ କର୍ମଚାରୀ ମଧ୍ୟ ଏ ବିଷୟରେ ଅବଗତ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ପୁର୍ନବାର ଏହି ଅଙ୍ଗନୱାଡି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସେମାନେ ନିବେଦନ କରିଛନ୍ତି। ଏ ନେଇ ଜୁନାଗଡ ସିଡିପିଓ ସଂଯୁକ୍ତା ବେହେରାଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ପରେ ପୁଣି ଥରେ ଉକ୍ତ ଗ୍ରାମରେ ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି କହିଥିଲେ।



ବଙ୍କିତୁଲସୀପାଲି ଗ୍ରାମବାସୀ ସିଡିପିଓଙ୍କୁ ଲିଖିତ ଅଭିଯୋଗ ଦେବାକୁ ଆସିଛନ୍ତି।

## ବ୍ରଜେଶ୍ୱରୀ ଦେବୀଙ୍କ ସ୍ନାନ ଉତ୍ସବ

ବରପାଲି, (ଡି.ଏନ.ଏ.): ବରଗଡ ଜିଲା ବରପାଲି ନିକଟ କୁମ୍ଭାରୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବ୍ରଜେଶରୀ ଦେବୀଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ଶୁକ୍ଳପକ୍ଷ ସପ୍ତମୀରେ ଦେବୀଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୁଏ । ଏହି ଅବସରରେ ସୋମବାର ୧୧ଘଣ୍ଟା ସମୟରେ ପୂଜାରମ୍ଭ, ୧୨.୩୦ରେ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ ଟାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ରାତ୍ରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୩୧।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ପଞ୍ଚାୟତର ଖଜୁରିଆପାଲି ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଜନସାଧାରଣଙ୍କୁ ନେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ଚିତ୍ରାବତୀ କର୍ମୀ କିପରି ଦୁର୍ନୀତି ମୁକ୍ତ ସମାଜ ଗଠନ ହୋଇପାରିବ ସେ ନେଇ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମରେ ପ୍ଲାକାର୍ଡ ଧରି ସଚେତନ କରାଇଥିଲେ। ତାଙ୍କ ସହ ଅନ୍ୟମାନେ ସାମିଲ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ସତ୍ୟଜିତ ଗଡୁଆ ଉପସ୍ଥିତ ରହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ବୁଝାଇ ଥିଲେ। ସଚେତନତା କାର୍ଯ୍ୟକ୍ରମରେ ଗୁପ୍ତେଶ୍ୱର ଦେହେରୀ, ସୁବାସିନୀ ମାଝୀ, କଳ୍ପନା ଦେହେରୀ, ନିରୁପମା ଭୋଇଙ୍କ ସମେତ ସମସ୍ତ ଏସଏଚଜି ମହିଳା ଉପସ୍ଥିତ ଥିଲେ।

### କୁକୁଡ଼ା ଲଢ଼େଇ ଜୁଆ, ୫ଗିରଫ

ଅତାବିରା/ସରଣ୍ଡା,୩୧।୧୦: ବରଗଡ଼ ଜିଲା ଅତାବିରା ଥାନା ପୋଲିସ ସିଂହପାଲି ଗ୍ରାମରେ ଚାଲିଥିବା କୁକୁଡ଼ା ଲଢ଼େଇ ଜୁଆ ଉପରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ଅତାବିରା ଥାନା ସିଂହପାଲି ଗ୍ରାମର ଗୁନା ମେହେର(୨୫), ହଲଦୀପାଲିର ଇ. ମାନାକାଣ୍ଟା ତେଜା(୨୬), କୁମେଲସିଂହା ଗ୍ରାମର ଲକ୍ଷ୍ମୀ ନାରାୟଣ ପ୍ରଧାନ(୨୩), ଦୁଲମପୁର ଗ୍ରାମର ସାଗର ମହାନନ୍ଦ(୨୦) ଏବଂ ସମ୍ବଲପୁର ଜିଲା ହୀରାକୁଦ ଭିଏସଏସ କଲୋନୀର ସୁରଜ ପଟ୍ଟନାୟକ(୩୨)। ସେମାନଙ୍କ ପାଖରୁ ନଗଦ ୭୬୦୦ ଟଙ୍କା, ୪ମୃତ କୁକୁଡ଼ା, କୁକୁଡ଼ାଙ୍କ ଗୋଡ଼ରେ ବନ୍ଧା ଯାଇଥିବା ୪ଛୁରୀ ଏବଂ ୫ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ବେଆଇନଭାବେ କୁକୁଡ଼ା ଲଢ଼େଇ କରୁଥିଲେ। ସେ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ଅତାବିରା ପୋଲିସ ଚଢ଼ାଉ କରିଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶହୀଦ ପ୍ରତାପ ନାଏକଙ୍କ ସ୍ମୃତିରେ ରକ୍ତଦାନ ଶିବିର

ସୋନପୁର,୩୧।୧୦(ନି.ପ୍ର.)- ସ୍ଥାନୀୟ ରାମଧୁନ କ୍ଲବ ସୋନପୁର ଆନୁକୂଲ୍ୟରେ ଆୟୋଜିତ ୫୪ତମ କାଳୀପୂଜା ଅବସରରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶହୀଦ ପ୍ରତାପ ନାଏକଙ୍କ ସ୍ମୃତିରେ ଆୟୋଜନ ହୋଇଥିବା ଏହି ରକ୍ତଦାନ ଶିବିରକୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଉଦ୍‌ଘାଟନ କରିଥିଲେ। ୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉଭୟ ମହିଳା ଓ ପୁରୁଷ ରକ୍ତଦାନ କରି ନିଜର ମହାନତାର ପରିଚୟ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଡିଏମଓ ଡ. ପ୍ରଦୀପ କୁମାର ଗୁରୁ, ଜିଲା କ୍ରୀଡା ସଂଘ ସଂପାଦକ ଚିତ୍ତରଞ୍ଜନ ତରାସିଆ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ପୂର୍ବତନ ନଗରପାଳ କଇରୁ ସ୍ୱାଇଁ, କାଉନସିଲର ପିୟୂଷ କୁମାର ପଣ୍ଡା, ଚନ୍ଦ୍ରମା ମୋଟର୍ସ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବାବୁ, ଜିଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା, କାଳୀପୂଜା କମିଟି ସଭାପତି ସୁରଜ ସାହୁ ,ଉପସଭାପତି ବୁବୁନ ନାଏକ, ସଂପାଦନ ସୁରେନ୍ଦ୍ର ନାଏକ,କୋଷାଧକ୍ଷ ରାଜୀବ ସାହୁ ଯୋଗ ଦେଇଥିଲେ। କ୍ଲବର ମନବୋଧ ଭୋଇ,ଶେଷଦେବ ମେହେର ,ଭକୋଡ ସ୍ୱାଇଁ,ଗୋପାଳ ବରାଇ, ସୁବାଷ ବିଶ୍ୱାଳ ସହଯୋଗ କରିଥିଲେ।

# ଗାଁ ଗାଁରେ ମିଳୁଛି ନକଲି ମଦ

ଅମରପାଲି,୩୧।୧୦(ଡି.ଏନ.ଏ.)

- ବୀରମହାରାଜପୁର ଉପଖଣ୍ଡ
- ବଢୁଛି ଅବାଧ ମଦ ବିକ୍ରି
- ନକଲି ମଦ ଯୋଗୁ ମଦ ମୃତ୍ୟୁ ଆଶଙ୍କା
- ହାତବାନ୍ଧି ବସିଛି ଅବକାରୀ ବିଭାଗ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଅଧିକାଂଶ ଅଞ୍ଚଳରେ ଅବାଧ ମଦ କାରବାର ଚାଲିଛି। ଗତ କିଛିବର୍ଷ ହେବ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଏହି ମଦ କାରବାର ବଢି ଚାଲିଥିଲେ ମଧ୍ୟ ଏ ଦିଗରେ ଅବକାରୀ ଓ ପୋଲିସ ବିଭାଗ ନୀରବଦ୍ରଷ୍ଟା ସାଜିଛି। କେବଳ ବୀରମହାରାଜପୁର ଓ ସୁବଳୟା (ଟିକ୍ରାପଡା)ରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ସୀମିତ ସଂଖ୍ୟାରେ ଥିବା ବେଳେ ଗ୍ରାମାଞ୍ଚଳରେ ଯେ କୌଣସି ସ୍ଥାନରେ କୁଟିଆ ବ୍ୟବସାୟୀମାନେ ଅବାଧରେ ମଦ କାରବାର ଚଳାଇଥିବା ଦେଖିବାକୁ ମିଳୁଛି।

ବ୍ଲକର ସଦର ବୀରମହାରାଜପୁର ସମେତ ସୁବଳୟା,ପିତାମହୁଲ, କମିରା, ଖଣ୍ଡହତା, ମୁର୍ଷୁଣ୍ଡି,ଘିଚାପାଲି(ମେଟାକାନି ଛକ), ଗୌଡଗାଡ, ସାଗଯୋରୀ, ଦୁର୍ଜନତୈଲା, କୁଞ୍ଜାପାଲି, କର୍ଡାପାଲ, ଘଣ୍ଟପାଲି, କଦଳିପାଲି, ବଲିପାଲି, ଚୌକା, ଖଇରମାଲ, ଅମାତପାଲି ଆଦି ଅନେକ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବହୁଳ ପରିମାଣରେ ମିଳୁଛି। ଖଣ୍ଡହତା ପଞ୍ଚାୟତର ଟୁବକାଦାରର, ପୁଇପାନ, ପିତାମହୁଲ,ଡୁଲେଶର, ଖଇରମାଲ, ଗୌଡଗାଡ, ସାଗଯୋରୀ, ମସିଣାପାଲି, ଖଇରମାଲ,ସଂଗ୍ରାମପୁର ଆଦି ସ୍ଥାନରେ ପ୍ରତ୍ୟହ ମଦ ପ୍ରସ୍ତୁତି କରାଯାଉଛି। ସେଠାରୁ ଜିଲା ଓ ଜିଲା ବାହାରକୁ ମଧ୍ୟ ମଦ ପଠାଯାଉଛି। ଲୋକଙ୍କ କହିବା ଅନୁଯାୟୀ ଗ୍ରାମାଞ୍ଚଳରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନ ଥିବା ବେଳେ ଲୋକେ ସୁବିଧାରେ ମଦ କିଣି ପାରୁ ନ ଥିଲେ। ବୀରମହାରାଜପୁର କିମ୍ବା ସୁବଳୟା(ଟିକ୍ରାପଡା)କୁ ଯାଇ ମଦ କିଣି ଆଣି ପିଇବା କାଠିକର ପାଠ ଥିଲା। ତେବେ ବର୍ତ୍ତମାନ ଦେଶୀ ବିଦେଶୀ ମଦ କୁଟିଆ ବେପାରୀଙ୍କ ମାଧ୍ୟମରେ ପ୍ରାୟ ସବୁ ଗ୍ରାମରେ ସବୁ ପ୍ରକାରର ମଦ ମିଳିପାରୁଛି। ଫଳରେ ଗ୍ରାମର କମ ବୟସର ପିଲାମାନେ ମଦ୍ୟପାନ କରି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏହାକୁ କେନ୍ଦ୍ର କରି ପରିବାରରେ ଅଶାନ୍ତି ଲାଗି ରହୁଥିବା ଦେଖିବାକୁ ମିଳୁଛି। ଏହାଛଡା ଗ୍ରାମରେ ବିଭିନ୍ନ ସମୟରେ ଛୋଟବଡ ଗଣ୍ଡଗୋଳ ଓ ହିଂସାତ୍ମକ ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏନେଇ ଅବକାରୀ କିମ୍ବା ପୋଲିସ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଲାଇସେନ୍ସପ୍ରାପ୍ତ ବ୍ୟବସାୟୀମାନେ ମଦ ଦୋକାନରୁ ବିକ୍ରିର ବିବରଣୀ ଅବକାରୀ ବିଭାଗକୁ ଦେବାର ନିୟମ ଥିବା ବେଳେ କୁଟିଆ ବ୍ୟବସାୟୀମାନଙ୍କ ନିକଟକୁ ଏତେ ପରିମାଣର ମଦ ବିକ୍ରି ପାଇଁ କେଉଁଠୁ ଆସୁଛି ସେନେଇ ପ୍ରଶ୍ନ ଉଠିଛି। ବିଭିନ୍ନ ସ୍ଥାନରେ ପ୍ରତ୍ୟହ ହଜାର ହଜାର ଲିଟର ମଦ ପ୍ରସ୍ତୁତ ହେଉଛି। ଉକ୍ତ ମଦରେ ବିଭିନ୍ନ ରାସାୟନିକ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଯାଇ ନକଲି ମଦ ପ୍ରସ୍ତୁତି କରାଯାଉଛି। ଏହି ନକଲି ମଦ ବିପୁଳ ପରିମାଣରେ ବୀରମହାରାଜପୁରର ସମସ୍ତ ଅଞ୍ଚଳରେ ବିକ୍ରି ହେଉଛି। ଏଥିଯୋଗୁ ମଦମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇ ପାରୁନାହିଁ। ପ୍ରଶାସନ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଅବକାରୀ ଏସଆଇ ସୁନିତା ହେମ୍ବ୍ରମଙ୍କୁ ପଚାରିବାରେ ବିଭାଗ ତରଫରୁ ପ୍ରତ୍ୟହ ଚଢାଉ କରାଯାଉଛି ବୋଲି ପ୍ରକାଶ କରିଥିଲେ।

# ଛଟ୍ ପର୍ବ ପାଳିତ


ଛଟ ପର୍ବ ପାଳନ ଅବସରରେ ଶୋଭାଯାତ୍ରା ।

ଡୁଙ୍ଗୁରିପାଲି,୩୧।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିଠାରେ ବିହାରୀମାନଙ୍କ ଛଟ ପର୍ବ ପାଳିତ ହୋଇଯାଇଛି । ରବିବାର ପ୍ରଥମ ଦିନରେ ଛଟ ପର୍ବ ଅବସରରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା ପରେ ବିହାରୀ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ଅର୍କ ଅର୍ପଣ କରିଥିଲେ । ମହିଳା ଓ ପୁରଷମାନେ ଡୁଙ୍ଗୁରିପାଲି ଆରଏମସି ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଜାତୀୟ ରାଜପଥ ପାର୍ଶ୍ୱ ଶିବ ମନ୍ଦିର ନିକଟରେ ଥିବା ପୋଖରୀ କୂଳରେ ପହଞ୍ଚି ଏକାଠି ପୂଜା ଅର୍ଚ୍ଚନା କରିଥିଲେ । ସୋମବାର ଭୋର ସମୟରେ ଉଦିତ ସୂର୍ଯ୍ୟଙ୍କୁ ଅର୍କ ପ୍ରଦାନ କରି ଛଟ ପର୍ବ ସମାପନ କରିଥିଲେ । ଅଶୋକ ଚୌଧୁରୀ ଓ ସନ୍ତୋଷ ଚୌଧୁରୀ ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲିରେ ବସବାସ କରୁଥିବା ବିହାରୀମାନେ ସାମିଲ ଥିଲେ ।

# ଫସଲବୀମା ଦାବି, ବିଜେଡ଼ିର ବିକ୍ଷୋଭ


ଫସଲବୀମା ଦାବିରେ ବିଜେଡ଼ିର ପ୍ରତିବାଦ ସଭା ।

ବରଗଡ଼ ଅଫିସ୍,୩୧।୧୦

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି। ଚଳିତବର୍ଷ ଖରିଫ ଫସଲ ଆରମ୍ଭ ହୋଇଯାଇଥିବାବେଳେ ଏପର୍ଯ୍ୟନ୍ତ ଜିଲାର ଚାଷୀଙ୍କୁ ଗତ ୨୦୨୧-୨୨ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳିପାରିନାହିଁ। ଏହାକୁ ନେଇ ଜିଲାରେ ଚାଷୀ ଆନ୍ଦୋଳନ ତେଜି ଉଠିଥିବାବେଳେ ସୋମବାର ବିଜେଡ଼ି ମଧ୍ୟ ଏହାକୁ ଏକ ପ୍ରସଙ୍ଗ ରଖି ବରଗଡ଼ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା ବିଜେଡ଼ି ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ବିଜେଡ଼ି ନେତା, କର୍ମୀଙ୍କ ସମେତ ଚାଷୀମାନେ ସ୍ଥାନୀୟ ଗାନ୍ଧିଛକରେ ସମବେତ ହୋଇଥିଲେ। ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଭଟଲି ବିଧାୟକ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକଙ୍କ ସମେତ ଚାଷୀନେତା କିଶୋର ଦେବତା, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କିର୍ତ୍ତୀଚନ୍ଦ୍ର ଦୁଆନ, ବରଗଡ଼ ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଭେଡ଼େନ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ବିଜେଡ଼ି ନେତା କୁଳମଣି ପ୍ରଧାନ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ।

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କେନ୍ଦ୍ର ସରକାରଙ୍କ ଏକ ଯୋଜନା। ମାତ୍ର ଚାଷୀମାନେ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ସେମାନେ ଅଭିଯୋଗ କରିଥିଲେ। କେବଳ ପଶ୍ଚିମ ଓଡ଼ିଶାର କ୍ଷତିଗ୍ରସ୍ତ ଚାଷୀମାନେ ଏପର୍ଯ୍ୟନ୍ତ ଗତ ୨୦୨୧-୨୨ ଖରିଫ ଫସଲକ୍ଷତିର ୫୦୦ କୋଟିରୁ ଉର୍ଦ୍ଧ୍ୱ ବୀମା କ୍ଷତିପୂରଣ ପାଇ ପାରି ନଥିବା ବିଜେଡ଼ି ନେତୃବୃନ୍ଦ କହିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଲେଖି ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳିପାରି ନାହିଁ। ଫଳରେ କୃଷକଙ୍କ ହକ୍ ଦାବିରେ ବିଜେଡ଼ି ଏଭଳି ପଦକ୍ଷେପ ନେଇଛି ଏବଂ ଆସନ୍ତା ୧୫ଦିନ ମଧ୍ୟରେ ଚାଷୀଙ୍କୁ ବକେୟା ବୀମା କ୍ଷତିପୂରଣ ପ୍ରଦାନ କରା ନଗଲେ ବିଜେଡ଼ି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ବରିଷ୍ଠ ନାଗରିକ ସଂଘ ବୈଠକ

ଅମରପାଲି,୩୧।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ନାରାୟଣ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏଥିରେ ସଂଘର ପଞ୍ଜୀକରଣ ସଂକ୍ରାନ୍ତରେ ବିଶେଷ ଭାବେ ଆଲୋଚନା ହୋଇଥିଲା । ସମ୍ପାଦକ ଶୁକଦେବ ମେହେର, ଯୁଗ୍ମ ସମ୍ପାଦକ ଘନଶ୍ୟାମ ଦାସ, କୋଷାଧ୍ୟକ୍ଷ ଦୀନବନ୍ଧୁ ମାହାଣା, କାର୍ଯ୍ୟକାରୀ କମିଟି ସଦସ୍ୟ ଆଇନଜୀବୀ ନନ୍ଦକିଶୋର ମିଶ୍ର, ଦୀନବନ୍ଧୁ ସାହୁ, ସରପଞ୍ଚ ପ୍ରମୋଦ ମହାପାତ୍ର, ଗିରିଧାରୀ ମେହେର, ପରମାନନ୍ଦ ମେଣ୍ଡିଲି, ଜଗନ୍ନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଧୁତାର ଶପଥପାଠ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ କର୍ମଚାରୀବୃନ୍ଦ ।

ଡୁଙ୍ଗୁରିପାଲି,୩୧।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ରାମପୁରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟଠାରେ ଜାତୀୟ ଏକତା ଦିବସ ଉପଲକ୍ଷେ ସୋମବାର ପୂର୍ବାହ୍ନରେ ଛାତ୍ରୀଛାତ୍ର ତଥା କର୍ମଚାରୀମାନଙ୍କୁ ନେଇ ଦୁର୍ନୀତି ନିବାରଣ ସକାଶେ ସାଧୁତାର ଶପଥପାଠ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ତରଣୀସେନ ବେହେରା ସଭାପତିତ୍ୱ କରିଥିଲେ । ସରକାର ତଥା ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ପ୍ରଦତ୍ତ ସାଧୁତାର ଶପଥବାଣୀକୁ ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର ପାଠ କରାଇଥିଲେ । ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ କର୍ମଚାରୀବୃନ୍ଦ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ପାଇଁ ସଂକଳ୍ପ ନେଇଥିଲେ । ଏଥିରେ ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ , ଡ. ଗୁଣନିଧି ବାରିକ , ଅଧ୍ୟାପକ ଦେବେନ୍ଦ୍ର ଭୁଏ, ମାର୍କଣ୍ଡ ପୁଟେଲ, ଭବାନୀଶଙ୍କର ପଧାନ ଓ ସୁରେଶ ମେହେର ସହଯୋଗ କରିଥିଲେ ।

# ବରଗଡ଼ ଧନୁଯାତ୍ରା: କଂସ ଚରିତ୍ର ପାଇଁ ୫୯ ଆଶାୟୀ


କଂସ ଚରିତ୍ର ପାଇଁ କଳାକାର ସୁଶିଲ ମେହେର ଆବେଦନପତ୍ର ଦାଖଲ କରୁଛନ୍ତି ।

ବରଗଡ଼ ଅଫିସ୍,୩୧।୧୦

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୨୭ତାରିଖ ଆରମ୍ଭ ହେବ। ଦୀର୍ଘ ୧୧ଦିନ ବ୍ୟାପୀ ୨୦୨୩ ମସିହା ଜାନୁୟାରୀ ୬ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏଥର ଧନୁଯାତ୍ରା ମହୋତ୍ସବ ୭୫ବର୍ଷରେ ପଦାର୍ପଣ କରୁଛି। ଫଳରେ ଧନୁଯାତ୍ରାରେ ଅଧିକ ନୂତନତା ଆଣିବା ସହିତ ଆକର୍ଷଣୀୟ କରିବାକୁ ଗୁରୁତ୍ୱ ଦିଆଯାଉଛି।

ଏଥର କଂସ ସମେତ ମହୋତ୍ସବର ଅନ୍ୟକିଛି ମୁଖ୍ୟ ଚରିତ୍ର ପାଇଁ ଚୟନ ପ୍ରକ୍ରିୟା ଚାଲିଛି। ସୋମବାର ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଆଶାୟୀଙ୍କ ପାଇଁ ଆବେଦନର ଅନ୍ତିମ ଦିବସ ଥିଲା। ତେବେ ଅନ୍ତିମ ଦିବସ ସୁଦ୍ଧା ସମୁଦାୟ ୨୧୮ ଆବେଦନ ଗ୍ରହଣ ହୋଇଥିବା ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ କହିଛନ୍ତି। ସେଥିମଧ୍ୟରୁ ସର୍ବାଧିକ ୫୯ଜଣ କଂସ ଚରିତ୍ର ଆଶାୟୀ ରହିଛନ୍ତି। ମଙ୍ଗଳବାର ଆବେଦନ ପତ୍ରର ଯାଞ୍ଚ କରାଯିବ ଏବଂ ଚୂଡ଼ାନ୍ତ ଆଶାୟୀ ତାଲିକା ପ୍ରକାଶ ପାଇବ।

ଏଥର ଆଶାୟୀଙ୍କ ସର୍ବାଧିକ ବୟସସୀମା ୬୦ବର୍ଷ ରଖାଯାଇଛି। ଅନ୍ୟପକ୍ଷେ ୬୦ବର୍ଷରୁ ଅଧିକ ବୟସ୍କ କଳାକାରମାନେ ମଧ୍ୟ କଂସ ଚରିତ୍ର ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ଫଳରେ ଯାଞ୍ଚ ପରେ କିଛି କଂସ ଆଶାୟୀ ବାଦ୍ ପଡ଼ିବାର ସମ୍ଭାବନା ରହିଛି। ଯାଞ୍ଚ ପରେ ଚୟନ ତାରିଖ ପ୍ରକାଶ ପାଇବ। ଏଥର ଅଧିକ ଆଶାୟୀ ଥିବା ଯୋଗୁ ପର୍ଯ୍ୟାୟକ୍ରମେ ଚୟନ କରାଯିବ। ତେବେ ନଭେମ୍ବର ୧୦ତାରିଖ ସୁଦ୍ଧା ଧନୁଯାତ୍ରାରେ ଅଭିନୟ ପାଇଁ ଯୋଗ୍ୟ କଳାକାରଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।

# ଜିଲାପାଳଙ୍କ ଜନଶୁଣାଣି ଶିବିର

ବୌଦ୍ଧ,୩୧।୧୦(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କୁଶଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଉପସ୍ଥିତିରେ ଶୁଣାଣି ହୋଇଥିଲା। ୩୦୪ ଆପତ୍ତି ଅଭିଯୋଗ ଆସିଥିବା ବେଳେ ୨୯୦ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ମାମଲା ଥିଲା। ସେଥିମଧ୍ୟରୁ ୪ଜଣଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୫୦୦୦ ହଜାର ଟଙ୍କା ଓ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା । ଜିଲାପରିଷଦ କାର୍ଯ୍ୟନିବାହୀ ଅଧିକାରୀ ଅଶ୍ୱନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ସିଡିଏମଓ ଡ. ଅଭୟ ଦାସ, ଡିଏସପି ସାଲେଷ୍ଟିନ ଟିଗା, ହରଭଙ୍ଗା ବିଡିଓ ରବିନ୍ଦ୍ର କହଁର, ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର, ହରଭଙ୍ଗା ବ୍ଲକ ଉପାଧକ୍ଷ ସରୋଜ କୁମାର ପ୍ରଧାନଉପସ୍ଥିତ ଥିଲେ। ପରେ ଜିଲାପାଳ କୁଶଙ୍ଗ ୫-ଟି ଉଚ୍ଚ ବିଦ୍ୟାଳୟ ଓ ନାରାୟଣ ଉଚ୍ଚ ବିଦ୍ୟାଳୟ ଛତରଙ୍ଗ ବୁଲି ଦେଖିଥିଲେ। କୁଶଙ୍ଗ ୫-ଟି ବିଦ୍ୟାଳୟ ପରିସ୍କାର ପରିଚ୍ଛନ୍ନ ନ ଥିବାରୁ ଜିଲାପାଳ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ।

# ମା' ମାହେଶ୍ୱରୀ ପାଲା ପରିଷଦର ବାର୍ଷିକ ସମ୍ମିଳନୀ

ଅମରପାଲି,୩୧।୧୦(ଡି.ଏନ.ଏ.)

**ପ୍ରଥମ ସନ୍ଧ୍ୟାରେ ୮ଟି ଦଳର ପାଲା ପରିବେଷଣ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମା' ମାହେଶ୍ୱରୀ ପାଲା ପରିଷଦର ବାର୍ଷିକ ସମ୍ମିଳନୀ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ପାଲା ପରିଷଦର ସଭାପତି ସରଜୁ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ କୁମାର ରଥ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଦୁଇଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀକୁ ସଂଘର ଉପଦେଷ୍ଟା ରାମକୃଷ୍ଣ ହୋତା ପରିଚାଳନା କରିଥିଲେ। ପ୍ରଥମ ଦିନରେ ଆଠ ଗୋଟି ପାଲା ଦଳ ଅଂଶଗ୍ରହଣ କରିଥିଲେ । ସଂଘ ସମ୍ପାଦକ ଅଶୋକ କୁମାର ସାହୁ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ।


ପାଲା ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# କାରଣ ଅସ୍ପଷ୍ଟ, ବଢୁଛି କଳ୍ପନାଜଳ୍ପନା

ବରଗଡ଼ ଅଫିସ୍,୩୧।୧୦

**ଜାଣ୍ଡୋଲ ବୁଣାକାର ପରିବାର ମୃତ୍ୟୁ ଘଟଣା**

ବରଗଡ଼ ଜିଲା ଭେଡ଼େନ ଥାନା ଜାଣ୍ଡୋଲ(କନ୍ଧପଡ଼ା)ରେ ରହୁଥିବା ଏକ ବୁଣାକାର ପରିବାରର ୪ସଦସ୍ୟଙ୍କ ମୃତଦେହ ବନ୍ଦ କୋଠରୀରୁ ଉଦ୍ଧାର ଘଟଣା ସଭିଁଙ୍କୁ ସ୍ତବ୍ଧ କରିଛି। ପୋଲିସ ଏହାର ଖିଅ ଖୋଜୁଥିବାବେଳେ କାହିଁକି ଏବଂ କିଭଳି ପରିସ୍ଥିତିରେ ସେମାନଙ୍କ ମୃତ୍ୟୁ ହେଲା, ତାର କାରଣ ଜାଣିବାକୁ ଲୋକେ ଚାହିଁ ବସିଛନ୍ତି। ପରିବାରର ମା', ବାପା, ଭଉଣୀଙ୍କୁ ହତ୍ୟା ପରେ ପୁଅ ଆତ୍ମହତ୍ୟା କରିଥିବା ନେଇ ସାଧାରଣରେ ଆଲୋଚିତ ହେଉଛି। କିନ୍ତୁ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାହା ଭିନ୍ନ ଦିଗକୁ ମଧ୍ୟ ସୂଚାଉଛି। ଆତ୍ମହତ୍ୟା ନୁହେଁ, ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଏବଂ ଏଥିରେ ବାହ୍ୟଲୋକଙ୍କ ହାତ ଥିବା ସନ୍ଦେହକୁ ମଧ୍ୟ ଏଡ଼ାଇ ଦେଇ ହେଉନାହିଁ।

**ଆର୍ଥିକ ସ୍ୱଚ୍ଛଳ ଥିଲେ ଶେଷଦେବ**

ମୃତ ପରିବାରର ଗୃହକର୍ତ୍ତା ଶେଷଦେବ ମେହେର ଆର୍ଥିକ ସ୍ୱଚ୍ଛଳ ଥିଲେ। ତାଙ୍କ କ୍ଷେତ୍ରରେ ସେଭଳି କିଛି ଆର୍ଥିକ ଅନଟନ ଦେଖାଯାଇ ନ ଥିଲା। ଜାଣ୍ଡୋଲ କନ୍ଧପଡ଼ାରେ ଏକ କୋଠାଘର କରି ସେ ରହୁଥିଲେ। ଘରେ ସେ ସ୍ତ୍ରୀ, ପୁଅ, ଝିଅଙ୍କ ସହିତ ରହୁଥିଲେ। ପରିବାରର ମଧ୍ୟ ସେଭଳି କିଛି ଅସୁବିଧା ନଥିଲା। ସେମାନେ ଏକ ଭଲ ପରିବାର ଥିଲେ ବୋଲି ପଡ଼ାବାସୀ କହିଛନ୍ତି।

**ଦ୍ୱିତୀୟ ବିବାହ କରିଥିଲେ ଗୃହକର୍ତ୍ତା**

ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ଶେଷଦେବ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ଗର୍ଭରୁ ବଡ଼ଝିଅ ବୃନ୍ଦାବତୀ ଏବଂ ପୁଅ ଅରବିନ୍ଦଙ୍କ ଜନ୍ମ ହୋଇଥିବାବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ଗର୍ଭରୁ ସାନଝିଅ ଶିବାନୀ ଜନ୍ମଲାଭ କରିଥିଲେ। ବୃନ୍ଦାବତୀ ଭେଡ଼େନ ବ୍ଲକ କୁବେଡ଼େଗା ଗ୍ରାମରେ ବିବାହ କରିଥିବାବେଳେ ଅରବିନ୍ଦ, ଶିବାନୀ ଅବିବାହିତ ଥିଲେ।

**ଭଣଜାଙ୍କୁ ଫୋନ କରିଥିଲେ ମାମୁଁ**

ଜାଣ୍ଡୋଲ ଗ୍ରାମରେ ୨୬ତାରିଖ ଅର୍ଥାତ୍ ବୁଧବାରରୁ କାଳୀପୂଜା ଆରମ୍ଭ ହୋଇଥିଲା। ସେହିଦିନ ଶେଷଦେବ କୁବେଡ଼େଗା ଗ୍ରାମର ତାଙ୍କ ଭଣଜାଙ୍କୁ କାଳୀପୂଜା ଦେଖି ଆସିବାକୁ ଫୋନ କରିଥିଲେ। କିନ୍ତୁ ଭଣଜା ଆସି ପାରି ନଥିଲେ। ତାହା ପରଠୁ ଆଉ ତାଙ୍କ ପାଖକୁ ମାମୁଁଙ୍କ ଫୋନ ଯାଇ ନଥିଲା। ରବିବାର କାଳୀପୂଜାର ଅନ୍ତିମ ଦିବସ ସନ୍ଧ୍ୟାରେ ଏହି ମୃତ୍ୟୁ ଘଟଣା ପରେ ପୂଜା ବନ୍ଦ ହୋଇ ଯାଇଥିଲା।


ବରଗଡ଼ ଏସପି ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରୁଛନ୍ତି ।

**ହତ୍ୟା ପରେ ଆତ୍ମହତ୍ୟା ଚର୍ଚ୍ଚା**

ବନ୍ଦ କୋଠରୀରୁ ଉଦ୍ଧାର ହୋଇଥିବା ୪ମୃତଦେହରେ କ୍ଷତାକ୍ତ ଚିହ୍ନ ରହିଛି। ଶେଷଦେବ, ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ପୁଅଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଅରବିନ୍ଦଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲେ ହେଁ ତଳେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଛି। ଅରବିନ୍ଦ ଅନ୍ୟ ୩ଜଣଙ୍କୁ ହତ୍ୟା କରି ନିଜେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ହେଁ ତଳେ ରକ୍ତଛିଟା ପଡ଼ିଥିବା ଯୋଗୁ ତାଙ୍କ ଆତ୍ମହତ୍ୟା ଘଟଣାକୁ ସହଜରେ ଗ୍ରହଣ କରି ହେଉନାହିଁ। ସେହିପରି ଘର ଭିତରେ ପରିବାରର ୪ସଦସ୍ୟଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଘରର ୨ମୁଖ୍ୟ ଫାଟକ ମଧ୍ୟରୁ ଗୋଟିକରେ ବାହାର ପଟୁ ତାଲା କେଉଁ ପରିସ୍ଥିତିରେ ପଡ଼ିଲା ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

**ସମ୍ପତ୍ତି ଲୋଭରୁ ହତ୍ୟା ସନ୍ଦେହ**

ଶେଷଦେବଙ୍କ ଉତ୍ତରାଧିକାରୀଭାବେ ଏକମାତ୍ର ପୁଅ ଥିଲେ ଅରବିନ୍ଦ। ସେ ଅବିବାହିତ ଥିଲେ। ଚା, କପଡ଼ା ଦୋକାନ ଦେବା ପରେ ଶେଷରେ ସେ ଏକ ସିଲେଇ ଦୋକାନ ଦେଇଥିଲେ। ତାଙ୍କର ଏକ ଅଟୋ ଥିଲା, ଯାହାକୁ ସେ ପରବର୍ତ୍ତୀ ସମୟରେ ବିକି ଦେଇଥିଲେ। ଏହାସତ୍ତ୍ୱେ ତାଙ୍କ ପରିବାର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିଲା। କିନ୍ତୁ ବେଳେବେଳେ ସେ ଅବସାଦରେ ରହୁଥିବା ପରିଲକ୍ଷିତ ହେଉଥିଲେ। ସମ୍ପତ୍ତି ଲୋଭରୁ ପରିବାରର ସବୁ ସଦସ୍ୟଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ମଧ୍ୟ ସାଧାରଣରେ ଆଲୋଚିତ ହେଉଛି।

**ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ**

ସମ୍ବଲପୁର (ବ୍ୟୁରୋ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ରର ୪୪ତମ ବାର୍ଷିକ ଉତ୍ସବ ରବିବାର ପଧାନପାଲି ଛକ ନିକଟ ପାବନ ସରୋବରଠାରେ ପାଳିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଶୁଭ ଉଦ୍‌ଘାଟନ କରିଥିଲେ।ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର, ତ୍ରିଲୋଚନ ନେତ୍ରାଳୟ ନିର୍ଦ୍ଦେଶକ ଡା. ଶିବ ପ୍ରଶାଦ ସାହୁ, ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ ସମ୍ମାନିତ ଅତିଥି ଥିଲେ। ପଶ୍ଚିମ ଓଡ଼ିଶା ବ୍ରହ୍ମାକୁମାରୀ ଉପକେନ୍ଦ୍ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।



# ଫସଲ ବୀମା ବିଭ୍ରାଟ ନେଇ ବିଜେଡିର ବିକ୍ଷୋଭ

## ପ୍ରିମିୟମ ନେଇଛି, କ୍ଷତିପୂରଣ ଦେଉ ନାହିଁ



ଆର୍‌ଡିସି ଅଫିସ ସମ୍ମୁଖରେ ବିଜେଡି ନେତୃବୃନ୍ଦ।

ସମ୍ବଲପୁର,୩୧।୧୦(ବ୍ୟୁରୋ)

ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ଫସଲ ବୀମା ବିଭ୍ରାଟକୁ ନେଇ ସୋମବାର ଜିଲା ବିଜେଡିର ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଦଳୀୟ ନେତାମାନେ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ।

ସେମାନେ ଅଭିଯୋଗ କରିଥିଲେ, କେନ୍ଦ୍ର ସରକାର ଚାଷୀଙ୍କ ପେଟରେ ଲାତ ମାରୁଛନ୍ତି। ୨୦୧୭ରୁ ନିଯୁକ୍ତି ଦେଇଥିବା ବୀମା କମ୍ପାନୀ ସହିତ ସଲାସୁତୁରା କରି ମୋଟା ଅଙ୍କର କମିଶନ ନେଉଛନ୍ତି। ଏହାର ସୁଯୋଗ ନେଇ ବୀମା କମ୍ପାନୀ ପ୍ରିମିୟମ ନେଇଯାଉଛନ୍ତି। ହେଲେ ଘୋଷଣା ମୁତାବକ କ୍ଷତିପୂରଣ ରାଶି ପ୍ରଦାନ କରୁନାହାନ୍ତି। ଏପଟେ ରୋଗପୋକ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲ ନଷ୍ଟ ହୋଇ ଚାଷୀ ପରିବାର ସର୍ବସ୍ୱାନ୍ତ ହୋଇପଡୁଛି। ଅନ୍ୟପଟେ ବୀମା କମ୍ପାନୀ ଟଙ୍କା ଦେଉ ନାହିଁ। ରାଜ୍ୟ ସରକାର ଉପରେ କେନ୍ଦ୍ର ସବୁ ଦୋଷ ଲଦିଦେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷ ଓ ଚାଷୀଙ୍କ ପାଇଁ ସବୁବେଳେ କାମ କରିଆସୁଛନ୍ତି। ବୀମା ବିଭ୍ରାଟ ସମସ୍ୟା ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଲୋକମାନେ ଏହାର ଜବାବ ଦେବେ ବୋଲି କହିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାପତି ସିଦ୍ଧାର୍ଥ ଦାସ, କୁଚିଣ୍ଡା ବିଧାୟକ କିଶୋର ନାଏକ, ଜିଲା ପରିଷଦ ସଭାପତି କୁମୁଦିନୀ ନାଏକ, ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି ମଞ୍ଚାସୀନ ଥିବାବେଳେ ଶତାଧିକ ମହିଳା, ଯୁବ ଓ ଛାତ୍ର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା

ଝାରସୁଗୁଡ଼ା ଅଫିସ,୩୧।୧୦

କେନ୍ଦ୍ର ସରକାର ରାଜ୍ୟର କୃଷକମାନଙ୍କୁ ଫସଲ ବୀମା ପ୍ରଦାନରେ ଅବହେଳା କରିଚାଲିଛନ୍ତି। ଫଳରେ କୃଷକମାନେ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଜିଲା ବିଜେଡି ତରଫରୁ ସୋମବାର ତାପସ ରାୟ ଚୌଧୁରୀଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ ରବି ସିଂ, ଜଗନ୍ନାଥ ଜେନା, ଦାମୋଦର ନାଥ, ଦିଲୀପ କୁମାର ବଡେଇ, ସନ୍ଦୀପ ଅବସ୍ଥି, ପୱନ ସିଂ ଯାଦବ, ଗୌତମ ନାଏକ, ଦିଗମ୍ବର ଭୋଇ, ରାଜୁ ପାଣିଗ୍ରାହୀ, ହରିଶ ଗଣତ୍ରା, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ଅଶୋକ ଦାସ, ଶ୍ରୀକାନ୍ତ ମହାନ୍ତି, ପ୍ୟାରେଲାଲ ଶ୍ରୀବାସ୍ତବ, ମୁକେଶ ମିଶ୍ର, ଭବାନୀ ଶାହ, ସୁରେଶ ମୋର,ବି ନଗେଶ୍ୱରି, ଗୀତାଞ୍ଜଳି ପଣ୍ଡା, ନିତା ରାଣୀ ଶାହ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷି ମାରଣନୀତି ଉପରେ ବର୍ଷିଥିଲେ। ପରେ ନେତା, କର୍ମୀ ଓ କୃଷକମାନେ ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଏଲ୍‌ଆଣ୍ଡଆର୍ ଅଧିକାରୀ ଆଲୋମଣୀ ସେଠୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏଥିରେ ଜିଲାର ଶତାଧିକ କୃଷକ ଯୋଗଦେଇଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

## ସମାଜ ଗଠନ ପାଇଁ ନାଟକ ଲେଖୁଥିଲେ ପ୍ରମୋଦ

ସମ୍ବଲପୁର,୩୧।୧୦(ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ଆୟୋଜନରେ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭାକକ୍ଷଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟନନ୍ଦ ସିଂ ଅଧ୍ୟକ୍ଷତା କରି ପ୍ରମୋଦଙ୍କ ରଚିତ ନାଟକଗୁଡ଼ିକ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଡ. ଦୀପଶିଖା ସୋହେଲା ପ୍ରବନ୍ଧ ପାଠ କରି ପ୍ରମୋଦ ତ୍ରିପାଠୀଙ୍କ ନାଟକର ଲୋକ ଉପାଦାନ ଉପରେ ଆଲୋଚନା କରିଥିଲେ। ଡ. ମୋହନ ସାହୁ ଯୋଗଦେଇ ସମ୍ବଲପୁରୀ ନାଟକର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ସେହି ସମୟରେ ପ୍ରମୋଦଙ୍କ ଯୁଗାନ୍ତକାରୀ ଓଡ଼ିଆ ନାଟକଗୁଡ଼ିକ ସୃଷ୍ଟି ହୋଇଛି। ସେ କୌଣସି ପୁରସ୍କାର ଲୋଭରେ ନୁହେଁ ସମାଜ ଗଠନ ପାଇଁ ନାଟକ ଲେଖୁଥିଲେ। ଡ. ଶ୍ୟାମ ଭୋଇ କହିଥିଲେ, ପ୍ରମୋଦଙ୍କ ସମସ୍ତ ନାଟକ ପ୍ରକାଶ ପାଇବା ପରେ ହିଁ ଆମେ ତାଙ୍କୁ ଠିକ୍ ଭାବେ ଆକଳନ କରିପାରିବା। ତାଙ୍କ ନାଟକଗୁଡ଼ିକ ସୁଦୂରପ୍ରସାରୀ ବାର୍ତ୍ତା ବହନ କରେ। ସ୍ମୃତି ସଂସଦ ସଭାପତି ଡ. ଦ୍ୱାରିକା ନାଥ ନାୟକ ସୂଚନା ଦେଇ କହିଥିଲେ, ପ୍ରମୋଦ ନାଟକଗୁଡ଼ିକୁ ସମକାଳୀନ ଅନ୍ୟ କୌଣସି ନାଟକ ସହ ତୁଳନା କରାଯାଇ ପାରିବନାହିଁ। ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଓ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମହିଳା ଆଇନ ଉପରେ ସଚେତନତା ଶିବିର

କୁଚିଣ୍ଡା,୩୧।୧୦(ଡି.ଏନ.ଏ.): ଜାତୀୟ ମହିଳା କମିଶନ ତାଲୁକ ଆଇନ ସହାୟତା କମିଟି ଆନୁକୂଲ୍ୟରେ କୁଚିଣ୍ଡା କଲ୍ୟାଣ ମଣ୍ଡପଠାରେ ମହିଳା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ ଶୋଭାଗିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସବ୍‌ଜଜ୍ ନିହାର ରଞ୍ଜନ ସାହୁ, ଏସ୍‌ଡିଜେଏମ୍ ଅଜିତ କୁମାର ସିଂ, ଉପଜିଲାପାଳ ବିଭୁତି ଭୂଷଣ ନାୟକ, ତାଲୁକ ଆଇନ ସହାୟତା କମିଟି ସଦସ୍ୟ ଡା. ଶରତ ଚନ୍ଦ୍ର ଗୌନ୍ତିଆ, କରୁଣାକର କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ସୁରକ୍ଷା, ଅଧିକାର ପାଇଁ କାର୍ଯ୍ୟକାରୀ ହେଉଥିବା ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ଅସୀତ ଗଙ୍ଗଦେବ ସ୍ୱାଗତ ଭାଷଣ ଓ ଆଇନଜୀବୀ ସଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।

### ସତର୍କତା ସଚେତନତା ସପ୍ତାହ

ସମ୍ବଲପୁର,୩୧।୧୦(ବ୍ୟୁରୋ): ସମ୍ବଲପୁର ରେଳ ମଣ୍ଡଳରେ ସତର୍କତା ସଚେତନତା ସପ୍ତାହ ସୋମବାର ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୬ରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ରେଳ ବିଭାଗ ସବୁଦିଗରେ ପାରଦର୍ଶିତା ଏବଂ ସମନ୍ୱୟ ସ୍ଥାପିତ କରିବା ଉଦ୍ଦେଶ୍ୟରେ ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂଙ୍କ ଦ୍ୱାରା ସମସ୍ତ ଅଧିକାରୀ ଓ କାର୍ମଚାରୀ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ମହାନଦୀ କ୍ଲବରେ ଦୀପାବଳି କାର୍ଯ୍ୟକ୍ରମ

ସମ୍ବଲପୁର,୩୧।୧୦(ବ୍ୟୁରୋ): ସମ୍ବଲପୁର ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଆୟୋଜନରେ ଦୀପାବଳି କାର୍ଯ୍ୟକ୍ରମ ମହାନଦୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ. ଅଶୋକ ଜଲାନଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ. ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚେୟାରମ୍ୟାନ ଯଶବୀର ସିଂ, ପୂର୍ବତନ ସଭାପତି ଅରୁଣ ପଟୁଆରି, ସମ୍ପାଦକ ଶଙ୍କର ଅଗ୍ରୱାଲ, କୋଷାଧ୍ୟକ୍ଷ ଘନଶ୍ୟାମ ଅଗ୍ରୱାଲ, ପିଆର୍‌ଓ ଦାମୋଦର କର, ଗୋପାଳ ସାମନ୍ତରାୟ, ଶିଳା ଶିବପ୍ରସାଦ, ଅଶୋକ ବର୍ମା ଓ ଧନଜି ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨୦ଜଣ ସଦସ୍ୟଙ୍କୁ ଲଟେରି ମାଧମରେ ଉପହାର ପ୍ରଦାନ କରାଯାଇଥିଲା।

### ରାଷ୍ଟ୍ରୀୟ ଏକତା ଦିବସ

ସମ୍ବଲପୁର,୩୧।୧୦(ବ୍ୟୁରୋ): ସମ୍ବଲପୁର ରେଳମଣ୍ଡଳରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ରେଳବାଇ ଷ୍ଟାଡିୟମଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ମଣ୍ଡଳ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ସମସ୍ତ କର୍ମଚାରୀ ରାଷ୍ଟ୍ରର ଏକତା, ଅଖଣ୍ଡତାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବାକୁ ସଙ୍କଳ୍ପ ନେଇଥିଲେ। ପରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ନେତୃତ୍ୱରେ ରେଳବାଇ ଷ୍ଟାଡିୟମଠାରୁ ରେଳ ନଗର ଫାଟକ ପର୍ଯ୍ୟନ୍ତ ରନ ଫର ୟୁନିଟି ଆୟୋଜିତ ହୋଇଥିଲା।

# ଜଳଖିଆ ପାଇଁ ଅଟୋ ଘେରିଲେ ଲୋକେ

ସମ୍ବଲପୁର,୩୧।୧୦(ବ୍ୟୁରୋ)

ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ଜିଲା ବିଜେଡି ପକ୍ଷରୁ ସୋମବାର ଫସଲ ବୀମା ଦାବି ନେଇ ବିକ୍ଷୋଭ କରାଯାଇଥିଲା। ସମାବେଶରେ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବୈଠକ ପ୍ରାୟ ଶେଷ ହେବା ବେଳକୁ ଉପସ୍ଥିତ କର୍ମକର୍ତ୍ତା ଓ ସାଧାରଣ ଲୋକଙ୍କୁ ଜଳଖିଆ ବଣ୍ଟନ କରାଯାଇଥିଲା। ଗୋଟିଏ ଅଟୋରେ ଜଳଖିଆ ପୁଡ଼ିଆ ଅଣାଯାଇ ସଭା ସ୍ଥଳରେ ବଣ୍ଟନ କରାଯାଇଥିଲା। ଭୋକରେ ଆଉଟୁପାଉଟୁ ହେଉଥିବା ଲୋକମାନେ ବକ୍ତବ୍ୟ ନ ଶୁଣି ଅଟୋ ଚାରିପାଖରେ ଘେରି ଯାଇଥିଲେ। ଅଟୋରେ ଥିବା ବ୍ୟକ୍ତି ଜଣଙ୍କ ଜଳଖିଆ ପୁଡ଼ିଆ ଧରାଇଦେଲେ ସେମାନେ ବେଶ୍ ଖୁସିରେ ଚାଲି ଆସୁଥିଲେ। ଅନ୍ୟପଟେ ମହିଳାମାନେ ଛୋଟ ପିଲାଙ୍କୁ ଧରି ଅଟୋ ସମ୍ମୁଖରେ ଭିଡ ଜମାଇଥିଲେ। ଜଳଖିଆ ପୁଡ଼ିଆ ନ ପାଇ ଅନେକ ଫେରି ଆସିଥିଲେ। ଭୋକରେ ଫେରୁଥିବା ଲୋକେ ନେତାମାନଙ୍କ ଉଦ୍ଦେଶ୍ୟରେ ସବୁ ଭାଷଣ ମିଛ କହୁଛ, କ'ଣ କରିଛ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ। ନେତାମାନେ ନ ଶୁଣିବା ଅଭିନୟ କରି ଆର୍‌ଡିସି ଅଫିସ ପଟକୁ ଦାବିପତ୍ର ଦେବାକୁ ଚାଲିଯାଇଥିଲେ।

ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି, ବୈଠକରେ ଆଶାନୁରୂପକ ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସୁରୁଖୁରୁରେ ଶେଷ ହେଲା। ଏତେସଂଖ୍ୟକ ଜନସମାଗମରେ ସାମାନ୍ୟ କେଉଁଠି ସମସ୍ୟା ଅଜାଣତରେ ହୋଇ ଯାଇଥାଇପାରେ ବୋଲି ସେ କହିଥିଲେ।



ଲୋକମାନେ ଅଟୋ ପାଖରେ ଭିଡ଼ କରିଛନ୍ତି ।

# ଝାରସୁଗୁଡ଼ା ଜିଲାରେ ବାଲ ମିତ୍ର ଥାନା ଲୋକାର୍ପିତ

ଝାରସୁଗୁଡ଼ା ଅଫିସ,୩୧।୧୦

ସରକାରଙ୍କ ତରଫରୁ ରାଜ୍ୟର ୧୫ ଥାନାରେ ବାଲ ମିତ୍ର ଥାନା ସୋମବାର ଲୋକାର୍ପିତ ହୋଇଛି । ଏହାକୁ ବିଭାଗୀୟ ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଓ ଡିଜିପି ଭିସି ଜରିଆରେ ଲୋକାର୍ପଣ କରିଛନ୍ତି। ଝାରସୁଗୁଡା ଟାଉନ ଥାନାରେ ଏକ ବାଲ୍ ମିତ୍ର ଥାନା ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ଏସ୍‌ପି ରାହୁଲ ଜୈନ, ଆଇଆଇସି ସାବିତ୍ରୀ ବଳ, ଆଇଆଇସି ସିପୋରା ଲୁଗୁନ୍, ଆଇନଜୀବୀ ତାପସ ରାୟ ଚୌଧୁରୀ, ସନ୍ଦିପ ଅବସ୍ଥି, ଶିକ୍ଷାବିତ୍ ପ୍ରଫେସର ଟହଲୁ ସାହୁ ପ୍ରମୁଖ ବହୁ ଯୋଗଦେଇଥିଲେ। ଏସ୍‌ପି ଜୈନ କହିଛନ୍ତି, କୌଣସି ଅପରାଧିକ ମାମଲାରେ ଥାନାକୁ ଆସୁଥିବା ବ୍ୟକ୍ତିମାନେ ସାଙ୍ଗରେ ଆଣିଥିବା ନିଜର ସନ୍ତାନଙ୍କ ଉପରେ କୁପ୍ରଭାବ ନ ପଡିବା ପାଇଁ ସରକାର ବାଲ୍ ମିତ୍ର ଥାନା ଖୋଲିଛନ୍ତି। ଏହି ଥାନାରେ ଶିଶୁମାନଙ୍କୁ ରଖାଯିବ। ସେମାନଙ୍କ ମନୋରଞ୍ଜନ ପାଇଁ ଖେଳନା, ଚିତ୍ରକଳା ଆଦି ଉପକରଣ ରହିଛି। ଦେଖାରଖା କରିବାପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏନେଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ସେ କହିଛନ୍ତି।



ଟାଉନ ଥାନାରେ ଏସ୍‌ପି ବାଲ୍ ମିତ୍ର ଥାନା ଉଦ୍‌ଘାଟନ କରୁଛନ୍ତି।

## କଲେଜରେ ଜାତୀୟ ଏକତା ଦିବସ

କୁଚିଣ୍ଡା, ୩୧।୧୦(ଡି.ଏନ.ଏ.)

କୁଚିଣ୍ଡା କୁରୁରାଚୁଆଁ ଜୁନିୟର କଲେଜରେ ସୋମବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ପୂର୍ବତନ ପରିଚାଳନା ସମିତି ସମ୍ପାଦକ ହିମାଂଶୁ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ, ଅଧ୍ୟାପିକା ଭାବନା ପାଣ୍ଡେ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଗ୍ରନ୍ଥାଗାରିକ ଦେବାନନ୍ଦ ମହାପାତ୍ର, ପ୍ରମୁଖ ଯୋଗଦେଇ ଲୌହମାନବ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ସ୍ୱାଧୀନତା ସଂଗ୍ରାମ ବିଷୟରେ ମତବ୍ୟକ୍ତ କରିଥିଲେ। ପରେ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ବ୍ୟାନର ଓ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ସେହିପରି କୁଚିଣ୍ଡା କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରପଞ୍ଚମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଜଣେ ସରପଞ୍ଚଙ୍କୁ ପିଡିଡିଆରଡିଏ ତପିରାମ ମାଝି ପୁରସ୍କୃତ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୩୧।୧୦

ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଏବଂ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ନବ ନିର୍ବାଚିତ ସରପଞ୍ଚମାନଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା, କୋଲାବିରା ଓ ଲଇକେରା ବ୍ଲକର ୩୭ଜଣ ସରପଞ୍ଚ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ୫-ଟି ଓ ମୋ ସରକାର, ସଶକ୍ତ ଗ୍ରାମସଭା, ଅର୍ଥ ଆୟୋଗ ଅନୁଦାନ, ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଖୋଲାମଞ୍ଚ ଆଲୋଚନା, ଆତ୍ମସମୀକ୍ଷା ଓ ସଂକଳ୍ପ ସହ ପ୍ରଶିକ୍ଷଣର ମୂଲ୍ୟାଙ୍କନ କରାଯାଇଥିଲା। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି ଆଦର୍ଶ ଗ୍ରାମ ପଞ୍ଚାୟତ ଗଠନ ଦିଗରେ ସରପଞ୍ଚମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଅମରିଶ ରଥ, ଜିଲା ପରିଷଦ ଯୋଜନା ପରିଚାଳିକା (ପ୍ରଶିକ୍ଷଣ) ସୋମାନୀ ସାହୁ ସରପଞ୍ଚମାନେ ଦାୟିତ୍ୱ ନିର୍ବାହ ସମୟରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି କହିଥିଲେ।

## ରାସ୍ତା ଉନ୍ନତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା ଅଫିସ,୩୧।୧୦

କୋଲାବିରା ବ୍ଲକ୍ କୋଲାବିରା–ପୁରୁଣା ରାଞ୍ଚି ରାସ୍ତାର ଉନ୍ନତୀକରଣ ପାଇଁ ସ୍ଥାନୀୟ ବାସିନ୍ଦା ଦୀର୍ଘ ଦିନରୁ ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ରାସ୍ତା ଉନ୍ନତୀକରଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୬କି.ମି. ରାସ୍ତା ପାଇଁ ୫କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି ଓ ପୂର୍ତ୍ତବିଭାଗ ଏହି କାମ କରିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ୍ ଅଧ୍ୟକ୍ଷ ଭୋଜରାଜ ପଟେଲ, ଜିଲାପରିଷଦ ସଦସ୍ୟ ନୃପଲାଲ ପଶାୟତ, ସମିତିସଭ୍ୟ ସୁଶୀଳା ମହାନନ୍ଦ, ଡମ୍ବରୁ ପଟେଲ, କାର୍ତ୍ତିକ ମହାନନ୍ଦ, ଅପିଲ କିଷାନ, ସୁରେଶ କିଷାନ ପ୍ରମୁଖ ଉପସ୍ଥିତଥିଲେ ।

## ପ୍ରେମ ନିବେଦନ କରି ଜେଲ ଗଲେ

ସମ୍ବଲପୁର,୩୧।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ଥାନା କୋଲଗାଁର ନେତ୍ରା ପାଣ୍ଡେ(୫୨) ଅଞ୍ଚଳର ନିଜ ଝିଅ ବୟସ୍କା ଜଣେ ମହିଳାଙ୍କୁ ପ୍ରେମ ନିବେଦନ କରି ଜେଲ ଯାଇଛନ୍ତି। ବ୍ୟକ୍ତି ଜଣକ ମହିଳାଙ୍କୁ ଟଙ୍କା ଓ ବିଭିନ୍ନ ପ୍ରଲୋଭନ ଦେଖାଇ ନିବେଦନ କରିଥିଲେ। ଏହାକୁ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୧୭୬/୨୨) ରୁଜୁକରି ନେତ୍ରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା।

# ଭିସୁଟ୍‌ରେ ସୂଚନା ଅଧିକାର ଆଇନ କର୍ମଶାଳା

ସମ୍ବଲପୁର,୩୧।୧୦(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ସୋମବାର ସୂଚନା ଅଧିକାର ଆଇନ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ଏହି ଆଇନ ଉପରେ ଆଲୋକପାତ କରିଥିଲେ। ରାଉରକେଲା ନିଟ ଆଇନ ପରାମର୍ଶଦାତା ଅଦ୍ୱିତ୍ୱ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସୂଚନା ଅଧିକାର ଆଇନରେ କ'ଣ ରହିଛି, ଏହାକୁ ନେଇ କିଭଳି ଭାବେ ଆବେଦନ କରିପାରିବେ, ସୂଚନା ନ ଦେଲେ କ'ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ସେ ନେଇ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିସୁଟ ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ, ଡିନ୍ ତୁଲାରାମ କଲେତଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଭିସୁଟ୍ ଆର୍‌ଟିଆଇ ସେଲ୍ ପ୍ରବିନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଆଶୋକ କୁମାର ସାହୁ ଓ ଅତିରିକ୍ତ ପିଆଇଓ ଇଂ. ଦେବୀ ପ୍ରସନ୍ନ କାନୁନ୍‌ଗୋ କର୍ମଶାଳା ପରିଚାଳନା କରିଥିଲେ।



:ଭିସୁଟରେ ସୁଚନା ଅଧିକାର ଆଇନ ଉପରେ କର୍ମାଶାଳା ।

## ବିଜେଡି ପକ୍ଷରୁ ସଫେଇ ଅଭିଯାନ

ରେଙ୍ଗାଲି,୩୧।୧୦(ଡି.ଏନ.ଏ.)

ରେଙ୍ଗାଲି ନିବାଚନ ମଣ୍ଡଳୀ ବିଜେଡି ତରଫରୁ ବସନ୍ତପୁର ଗ୍ରାମ ପଞ୍ଚାୟତର ବସନ୍ତପୁର ଗ୍ରାମରେ ସୋମବାର ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଓ ବିଟିଆଇର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପରିଷଦ ସଭ୍ୟ ସୁଦର୍ଶନ ହରିପାଲ ମୁଖ୍ୟଅତିଥି ଓ ବସନ୍ତପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ସୀତା କରାଲି, ସମିତି ସଭ୍ୟ ବଳରାମ ପଧାନ, ବରିଷ୍ଠ ବିଜେଡି ନେତା ଅରବିନ୍ଦ ତ୍ରିପାଠୀ, ମୁକୁନ୍ଦ ପାଣି, ଯୁବ ନେତା ଧରଣୀ ରଣା, ଧନକଉଡ଼ା ବ୍ଲକ ବିଜୁ ମହିଳା ସଭାପତି ସାବିତ୍ରୀ ରଥ, ପୂର୍ବତନ ସରପଞ୍ଚ ଡ. ହରି ନାଗ, କଳାମାଟି ଗ୍ରାମ ପଞ୍ଚାୟତ ବିଜୁ ଯୁବ ସଭାପତି ଦେବାଶିଷ ଦାଶ, ଯୁବ ନେତା ଅକ୍ଷୟ ସ୍ୱାଇଁ, ସାମାଜିକ କର୍ମୀ ଏମ୍‌ଡି ନାସିର, ରାଜୁ ସେଠ, ଜିତୁ କରାଳୀ ଯୋଗଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବହୁ ସଂଖ୍ୟାରେ ମହିଳା ଯୋଗଦାନ କରି ସଫେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଛଟ୍ ପୂଜାରେ ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ

କୁଚିଣ୍ଡା,୩୧।୧୦(ଡି.ଏନ.ଏ.)

କୁଚିଣ୍ଡା ଝୁଲେନ ପୋଲଠାରେ ଦୁଇଦିନ ଧରି ଚାଲିଥିବା ଛଟ୍‌ପୂଜା ସୋମବାର ସମାପନ ହୋଇଛି। କୁଚିଣ୍ଡା ବିହାରୀ ସମାଜ ପକ୍ଷରୁ ରବିବାର ଅସ୍ତଗାମୀ ଓ ସୋମବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଛଟ ପୂଜା କମିଟି ପକ୍ଷରୁ ରବିବାର ସକାଳ ୮ଟାରୁ ଅଖଣ୍ଡ ରାମାୟଣ ପାଠ କରାଯାଇଥିଲା। କମିଟି ସଭାପତି ମହେଶ ରାୟ, ଉପସଭାପତି ପ୍ରଦୀପ ରାୟ, ସାଧାରଣ ସମ୍ପାଦକ ଅଙ୍ଗଦ ରାୟ, କୋଷାଧ୍ୟକ୍ଷ ଆନନ୍ଦ ସିଂଙ୍କ ସମେତ ବିବେକ ଲାପ, ରାକେଶ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



ସୂର୍ଯ୍ୟଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରାଯାଉଛି।

## ଅଖଣ୍ଡ ରାମାୟଣ ପାରାୟଣ

**ଖପ୍ରାଖୋଲ, (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ୀବାହାଲ ଜଗନ୍ନାଥ ମନ୍ଦିର ରେ ଅଖଣ୍ଡ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ହରିହର ପାଢ଼ୀ, ହୃଷିକେଶ ପାଣିଗ୍ରାହୀ, ପୀତବାସ ପାଣିଗ୍ରାହୀ ପୁରାଣ ପାଠ କରିଥିଲେ। ପୂଜା କର୍ତ୍ତାଭାବେ ଅଭୟ ତ୍ରିପାଠୀ ସପତ୍ନିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଗାଁ କମିଟି ସଭାପତି ଟେକରାମ ସାହୁ, ମନଧର ସାହୁ, ଆଲେଖ ବିଶାଳ ଓ ଗ୍ରାମବାସୀ ଏହି ଅବସରରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ତହସିଲଦାରଙ୍କ ସହ ଚାଷୀ ସଂଗଠନର ଆଲୋଚନା

**ଖପ୍ରାଖୋଲ, ୩୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷକ ସଂଗଠନ କର୍ମକର୍ତ୍ତା ସୋମବାର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଭେଟି ବକେୟା କୃଷି ବୀମା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ୫ ତାରିଖ ମଧରେ କୃଷି ବୀମା ଟଙ୍କା ଚାଷୀଙ୍କ ଖାତାଙ୍କରେ ନପଡ଼ିଲେ ଆନ୍ଦୋଳନ କରିବାକୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ କୃଷକ ସଂଗଠନ ସଭାପତି ମୋହନ ସୁନାଙ୍କ ନେତୃତ୍ୱରେ ଗୁନମଣି ଭୋଇ, ମଧୁସୂଦନ ସାହୁ, ବାବୁଲାଲ ଭୋଇ, ନାରାୟଣ ନାଗ, ସୁଦନ ଭୋଇ, ସମ୍ପତି ଭୋଇ ଉପସ୍ଥିତ ଥିଲେ।

### ସର୍ବଧର୍ମ ସମନ୍ୱୟ ବାର୍ତ୍ତା ପ୍ରଦାନ କଲେ ଛାତ୍ରୀଛାତ୍ର

**ବେଲପଡା, ୩୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଆସ୍ଥା ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜନ୍ମ ଦିନ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍କୁଲର ନବମ ଓ ଦଶମ ଶ୍ରେଣୀର ପିଲାମାନେ ତାରିଣୀଙ୍କ ମନ୍ଦିରରୁ ଦୌଡରେ ବାହାରିଥିଲେ। ଅଧକ୍ଷ ବିଲଶ୍ୱା ସରକାରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସାମିଲ ହୋଇଥିଲେ। ସେମାନେ ବିଭିନ୍ନ ଧର୍ମାବଲମ୍ବୀଙ୍କ ବେଶରେ ସଜ୍ଜିତ ହୋଇ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ପ୍ରଦନ କରିଥିଲେ। ସ୍କୁଲ ଚେୟାରମ୍ୟାନ ଶଙ୍କର୍ ପ୍ରସାଦ ଜୈନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଉତ୍ସାହିତ କରିଥିଲେ।

### ଉଦ୍‌ଘାଟନୀ ମ୍ୟାଚରେ ବରଗଡକୁ ହରାଇଲା କୁଚିଣ୍ଡା

**ଲୋଇସିଂହା,୩୧।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ହାଇସ୍କୁଲ ଖେଳପଡିଆର ମୌସମ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଗ୍ରାମର ମୌସମ ୱାରିୟର ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ସମ୍ବଲପୁର ଜିଲାର କୁଚିଣ୍ଡା ଏବଂ ବରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲରେ ବରଗଡକୁ ହରାଇ କୁଚିଣ୍ଡା ବିଜୟୀ ହୋଇ ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଛି। ଉଦଘାଟନୀ ଉତ୍ସବରେ ବ୍ଲକର ୪ ଜଣ ସରପଞ୍ଚ କୌସ୍ତୁବ ସାହୁ, ସୁଦୀପ କୁମାର ସା, ସଞ୍ଜୟ ଗଡତ୍ୟା ଓ ପ୍ରଶାନ୍ତ ତ୍ରିପାଠୀ ଅତିଥିନ୍‌ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

### କନ୍ଧ ସମାଜ ମାଝି ପ୍ରଗଣାର ନୂଆଁଖାଇ ଭେଟ୍‌ଘାଟ

**ସଇଁତଲା, ୩୧।୧୦(ଡି.ଏନ.ଏ.):** ଉତ୍କଳ କନ୍ଧ ସମାଜ ମାଝି ପ୍ରଗଣା ଘୁନସର ତରଫରୁ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କଅଁସରଠାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି ଜିଲ୍ଲାରୁ ଆଦିବାସୀ ମହିଳା ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଘୁନସର ଓ କଅଁସର ଗ୍ରାମ ପରିକ୍ରମା କରିଥିଲେ। ଆୟୋଜିତ ସଭାରେ ମାଝି ପ୍ରଗଣା ସଭାପତି ଚିନ୍ତାମଣୀ ଭୋଇ, ସମ୍ପାଦକ ବିରଞ୍ଚି ଭୋଇ, କଳାହାଣ୍ଡି ଜିଲା ମାଝି ପ୍ରଗଣା ଉପସଭାପତି ପ୍ରକାଶ ମାଝି, କନ୍ଧମାଳ ଜିଲା ମାଝି ପ୍ରଗଣା ସଭାପତି ହେମସାଗର ମାଝି, ବୌଦ୍ଧ ଜିଲା ମାଝି ପ୍ରଗଣା ସଭାପତି ପିତାମ୍ବର ଭୋଇ, ଚକ୍ରଧର ଜାନୀ, ପଦ୍ମନ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ। କନ୍ଧ ସମାଜ ମାଝିପ୍ରଗଣାକୁ ଆଗକୁ ନେବାକୁ ହେଲେ ସମସ୍ତ ଜାତି ଭାଇଙ୍କୁ ଏକ ହେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। କନ୍ଧ ସମାଜର ଉନ୍ନତି ସାଧନ କିପରି ଅଧିକ ହୋଇପାରିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ପୂର୍ବତନ ସରପଞ୍ଚ କପିଳ ଭୋଇ, ଭୋଜରାଜ ମାଝି, ବାହାଦୂର ଭୋଇ, ହେମନ୍ତ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନୂତନ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମାରୋହ

**ଦେଓଗାଁ, ୩୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବା ଆନନ୍ଦ ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବର୍ଷ ପିଲାମାନେ ସ୍ୱାଗତ କରିଥିଲେ। ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। କୁତୁର୍ଲା ପଞ୍ଚାୟତ ସରପଞ୍ଚ ତେଜ ହରପାଲ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଅଧାପକ ବଳରାମ ପଧାନ, ବିଜୟ କୁମାର ଜାଲ ଓ ମଙ୍ଗଲୁ ସାହୁ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ଅଧାବସାୟ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ କଲେଜର ଟପ୍ପର ଏୱାର୍ଡର ଟ୍ରଫି ଛାତ୍ରୀ ଲିପିକା ପଧାନ, ଇତିହାସ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଅରୁଣ ଘିଭେଲାଙ୍କୁ ପ୍ରଦାନ କରାଯାଇଥିଲା। ଅଧାପକ ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଦ କୁଟିଆ ବନ୍ଦ ଦାବିରେ ଥାନା ଘେରିଲେ ମହିଳା

**ଦେଓଗାଁ, ୩୧।୧୦(ଡି.ଏନ.ଏ.)**



ମଦ କୁଟିଆ ବନ୍ଦ ଦାବିରେ ମହିଳାମାନେ ଥାନା ଘେରାଉ କରିଛନ୍ତି।

ଦେଶୀ ମଦ କୁଟିଆ ବନ୍ଦ କରିବା ଦାବିରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାରସବାହାଲ ଗ୍ରାମର ଶତାଧିକ ମହିଳା ସୋମବାର ରାସ୍ତାକୁ ଓହ୍ଲାଇ ଥିଲେ। ଏକ ଶୋଭାଯାତ୍ରା କରିବା ସହ ଥାନା ଘେରାଉ କରିଥିଲେ। ଉକ୍ତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗ୍ରାମରେ ଚାଲିଥିବା ଦେଶୀ ମଦ କୁଟିଆ ଦୋକାନକୁ ବନ୍ଦ କରିବା ପାଇଁ ବିଭିନ୍ନ ସମୟରେ ଦାବି କରିଆସୁଥିଲେ। ହେଲେ ଅବକାରୀ ବିଭାଗ ଓ ପୋଲିସ କୌଣସି ପଦକ୍ଷେପ କଲେ ନାହିଁ। ଏହାର ପ୍ରତିବାଦ କରି ଶତାଧିକ ମହିଳା ଥାନା ଘେରାଉ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଥାନଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଥାନାଧିକାରୀ ତାରାବତୀ ପଧାନ ଏ ଦିଗରେ ପଦକ୍ଷେପ ନେବେ ବୋଲି କହଛନ୍ତି।

# ବଲାଙ୍ଗୀର ଦିନ ଉତ୍ସବ ଆଜି

- ସଂଗ୍ରାମୀ ଧରମ ସିଂ ମାନ୍‌ଧାତାଙ୍କ ନା'ରେ ଉତ୍ସର୍ଗ କରାଯିବ ମଞ୍ଚ
- ସକାଳ ୯ଟାରୁ ଆରମ୍ଭ ହେବ ସାଂସ୍କୃତିକ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୩୧।୧୦**

ନଭେମ୍ବର ୧ ତାରିଖ କୋଶଳ କଳାମଣ୍ଡଳ ପଡିଆରେ ବଲାଙ୍ଗୀର ଦିନ ଆୟୋଜକ କମିଟି ପକ୍ଷରୁ ପାଳନ କରାଯିବ ବଲାଙ୍ଗୀର ଦିନ ଉତ୍ସବ। ସକାଳ ପ୍ରାୟ ୯ଟାରୁ ଆରମ୍ଭ ହେବ ସାଂସ୍କୃତିକ ଶୋଭାଯାତ୍ରା। ଏହି ଶୋଭାଯାତ୍ରା ସହର ପରିକ୍ରମା କରିବ। ସନ୍ଧ୍ୟା ୫ଟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଅନୁଷ୍ଠିତ ହେବ। ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ କୋଶଳ କଳାମଣ୍ଡଳ ପଡିଆର ନୂଆଁ ମଞ୍ଚକୁ ଆଠଗାଁ ଜମିଦାର ତଥା ପାଟଣା ଷ୍ଟେଟ୍‌ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାନ୍‌ଧାତାଙ୍କ ନା'ରେ ଉତ୍ସର୍ଗ କରାଯିବାକୁ ଆୟୋଜକ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅମଲା ଭବନ ଠାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ବଲାଙ୍ଗୀର ଦିନ ଆୟୋଜକ କମିଟି ମୁଖ୍ୟ ସଂଯୋଜକ ଗୋପାଳଜୀ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

## ଶୁଭେଚ୍ଛା ଜଣାଇଲେ ନରସିଂହ

**ବଲାଙ୍ଗୀର ଅଫିସ,୩୧।୧୦:** ବଲାଙ୍ଗୀର ଦିନ୍ ଉତ୍ସବ ପାଳନ ଅବସରରେ ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀରର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ପ୍ରେସ ବିବୃତ୍ତିରେ ସେ କହିଛନ୍ତି ଯେ, ବ୍ୟକ୍ତିଗତ କାରଣରୁ ମୁଁ ବଲାଙ୍ଗୀର ଦିନ୍ ପାଳନ ଅବସରରେଉପସ୍ଥିତରହିପାରୁନାହିଁ।ବଲାଙ୍ଗୀର୍‌ଦିନ୍‌ଉତ୍ସବପାଳନପଛରେବଲାଙ୍ଗୀର ଜନସାଧାରଣଙ୍କ ଯେଉଁ ଲକ୍ଷ୍ୟ ରହିଛି ସେ ଦିଗରେ ବଲାଙ୍ଗୀର ଦିନ୍ ଆୟୋଜନ କମିଟି ଆନ୍ତରିକତାର ସହିତ କାମ କରି ଏହି ସମାରୋହକୁ ସଫଳ କରିବେ ଏହି ଆଶା ରହିଛି ବୋଲି ସେ କହିଛନ୍ତି। ଆୟୋଜକମାନେ ବଲାଙ୍ଗୀର-ପାଟଣାର ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଜିଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବାରୁ ତାଙ୍କର ଏହି ଚିନ୍ତାଧାରାକୁ ସେ ସ୍ୱାଗତ କରିଛନ୍ତି।

## ଗୋଷ୍ଠୀଗତ କାର୍ଯ୍ୟ ସମାଜକୁ ସଶକ୍ତ କରେ

### କିରଣର ପ୍ରତିଷ୍ଠା ଦିବସ ସମାରୋହ

**ବଲାଙ୍ଗୀର ଅଫିସ, ୩୧।୧୦**

ବଲାଙ୍ଗୀର ସହର ଶାସ୍ତ୍ରୀନଗରଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ କିରଣର ଷୋଡଶ ପ୍ରତିଷ୍ଠା ଦିବସ ସମାରୋହ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ନରେନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ମୁଖ୍ୟଅତିଥି, ଗଣମାଧମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା ମୁଖ୍ୟବକ୍ତା, କାଉନସିଲର ଶତ୍ରୁଘ୍ନ ବାଗ ସମ୍ମାନିତ ଅତିଥି ଏବଂ ମୁଖ୍ୟ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ବରେଣ୍ୟ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ। କସ୍ତୁରୀ ରଥ ଅତିଥି ପରିଚୟ, ସମ୍ପାଦକ ନୟନ କୁମାର ସା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷାବିତ୍ ମମତା ସ୍ୱାଇଁଙ୍କୁ ଚଳିତବର୍ଷର ସେବା-ସୁରଭି ସମ୍ମାନରେ ସମ୍ମାନିତ କରାଯାଇ କରାଯାଇଥିଲା। କିରଣ ପ୍ରତିଷ୍ଠାତା ମଧୁ ସାହୁ ସଭା ପରିଚାଳନା କରିଥିଲେ। ଅତିଥିମାନେ କିରଣ ଅନୁଷ୍ଠାନର ନିରବଚ୍ଛିନ୍ନ ସେବା ଓ ସଚେତନତାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଗୋଷ୍ଠୀଗତ କାର୍ଯ୍ୟ କିଭଳି ସଫଳତା ଆଣି ଦିଏ ଓ ସମାଜକୁ ସଶକ୍ତ କରେ ଏହା ଅତିଥିମାନେ ଆଲୋଚନା କରିଥିଲେ। ଆୟୋଜିତ ବିଦ୍ୟାଳୟ ସ୍ତରୀୟ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତାରେ ବିଚାରକଭାବେ ଦିଲୀପ କୁମାର ସିଂଦେଓ, ନିମାଇଁ ଚରଣ ପାଣିଗ୍ରାହୀ ଓ ବେଣୁଧର ସାହୁ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। କିରନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୧୨ଜଣ ମହିଳାଙ୍କୁ ନେଇ ଅତିଥିମାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା।

# ଫସଲ ବୀମା ଲାଗୁ ଦାବିରେ ବିଜେଡିର ବିକ୍ଷୋଭ




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନେତା ଓ କର୍ମୀ ରାଲିରେ ଯାଉଛନ୍ତି।

**ବଲାଙ୍ଗୀର ଅଫିସ, ୩୧।୧୦**

କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିର ପ୍ରତିବାଦ ଏବଂ ଫସଲ ବୀମା କ୍ଷତିପୂରଣ ଦାବିରେ ସୋମବାର ବିଜେଡି ପକ୍ଷରୁ ବଲାଙ୍ଗୀରରେ ବିକ୍ଷୋଭ ସମାବେଶ ଓ ରାଲି ଆୟୋଜନ କରାଯାଇଥିଲା। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ବିଜେଡି କର୍ମୀ ଓ ନେତାଙ୍କ ଏକ ରାଲି ବାହାରି ଜିଲାପାଳ କାର୍ଯ୍ୟାଳୟକୁ ଆସଥିଲେ। ଏଥିରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ପୂର୍ବତନ ବିଧାୟକ ଆୟୁବ ଖାନ୍, ନିହାର ରଞ୍ଜନ ବେହେରା, ଅଜୟ ଦାସ, ଦେଓଗାଁ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ପୌରାଧକ୍ଷା ସନ୍ତୋଷିନୀ ବେହେରା, ଦମୟନ୍ତୀ ବାଗ, ଛାତ୍ରନେତା ସୁମନ ନନ୍ଦ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଫସଲ ବୀମା କ୍ଷତିପୂରଣ ପ୍ରଦାନରେ ଚାଷୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବିଚାର ସମ୍ପର୍କରେ ନାରାବାଜି କରାଯାଇଥିଲା। ଆସନ୍ତା ୧୫ ଦିନ ମଧ୍ୟରେ ଫସଲ ବୀମା କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କୁ ବିଜେଡି ପକ୍ଷରୁ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଗଣମାଧମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ବଲାଙ୍ଗୀର ଅଫିସ, ୩୧।୧୦**

ପୋଲିସର ଥାର୍ଡ ଡିଗ୍ରୀରେ ଅସୁସ୍ଥ ହୋଇ ଜଣେ ବ୍ୟକ୍ତି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଖବର ସଂଗ୍ରହ କରିବାକୁ ଯାଇଥିବା ବୈଦ୍ୟୁତିକ ଗଣମାଧମ ପ୍ରତିନିଧି ଜ୍ୟୋତ୍ସ୍ନାରାଣୀ ଷଡଙ୍ଗୀଙ୍କୁ ହସ୍ପିଟାଲର ଜଣେ ସୁରକ୍ଷା କର୍ମୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଷଡଙ୍ଗୀଙ୍କ ମୋବାଇଲକୁ ସୁରକ୍ଷା କର୍ମୀ ଜଣକ ଛଡାଇ ନେଇଥିଲେ। ଟାଉନ୍ ଥାନାରେ ଏସଂକ୍ରାନ୍ତରେ ଅଭିଯୋଗ ସତ୍ତ୍ୱେ ପୋଲିସ ଏହା ବିରୁଦ୍ଧରେ କୌଣସି ପଦକ୍ଷେପ ନ ନେବାରୁ ଏହାର ପ୍ରତିବାଦରେ ଷଡଙ୍ଗୀଙ୍କ ସହ ଅନ୍ୟ କର୍ତ୍ତବ୍ୟରତ ଗଣମାଧମ ପ୍ରତିନିଧିମାନେ ରବିବାର ରାତିରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏଭଳି ଘଟଣାକୁ ଗଣମାଧମ ପ୍ରତିନିଧିମାନେ ଘୋର ନିନ୍ଦା କରିଛନ୍ତି। ତୁରନ୍ତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସୁରକ୍ଷା କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ସିନାପାଲି,୩୧।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଖମାରୀଙ୍କୁ ସୋମବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦାୟୀ ଶିକ୍ଷକ ଖମାରୀ, ଚନ୍ଦ୍ରଶେଖର ନାଏକ, ମୁବାରକ ଖାନ, ଦୈତାରୀ ମେହେର, ଅନିଲ କୁମାର ସା ମଞ୍ଚାସୀନ ରହିଥିଲେ। ଶିକ୍ଷକ ଖମାରୀଙ୍କ ସହ ସ୍ମରଣୀୟ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ।

# ବ୍ଲକ ଅଫିସ ସମ୍ମୁଖରେ ଏସ୍‌ୟୁସିଆଇର ବିକ୍ଷୋଭ

**ଗୁଡଭେଲା,୩୧।୧୦(ଡି.ଏନ.ଏ.)**

### ୧୧ଦଫା ଦାବି

୧୧ଦଫା ଦାବି ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ସୋମବାର ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏକ ଦାବିପତ୍ର ବିଡିଓ ଗରେଶ୍ୱର ଭୋଇଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରେ କୀଡନୀ ରୋଗ ବ୍ୟାପୁଛି। ଏହାର କାରଣ ଚିହ୍ନଟ କରି ପଦକ୍ଷେପ ନିଆଯାଉ। କିଡନୀ ରୋଗରେ ମୃତ ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ୫ ଲକ୍ଷ ସହାୟତା, ପ୍ରତ୍ୟେକ ଗ୍ରାମକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇଦେବା, ଅସମ୍ପୂର୍ଣ୍ଣ ଓଭର ଟ୍ୟାଙ୍କଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଘୁନା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନିର୍ମାଣାଧୀନ କୋଠାକୁ ସମ୍ପୂର୍ଣ୍ଣ କରିବା, ବ୍ଲକର ସମସ୍ତ ଶିକ୍ଷା ଅନୁଷ୍ଠାନରେ ଖାଲି ପଡିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ, ସିଏଚ୍‌ସି, ପିଏଚ୍‌ସିରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ ଆଦି ପ୍ରସଙ୍ଗ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରଥମେ ଘୁନା ପଞ୍ଚାୟତ ଅଫିସ ନିକଟରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏସ୍‌ୟୁସିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର, ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ସୁନୀଲ ଭୋଇ, ରାଜେନ୍ଦ୍ର ରଣା, ମଧୁସୂଦନ ବାଗ, ଖଗେଶ୍ୱର ମହାନନ୍ଦ ଏଥିରେ ସାମିଲ ହୋଇଥିଲେ।




ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ବାହାରି ଥିବା ଶୋଭାଯାତ୍ରା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସୁଧାସର



@ ଅଭିଜିତ



@ ସ୍ୱସ୍ତିକ



@ ଦଧିବାବନ



@ ପୃଥ୍ୱୀରାଜ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏଟିଏମ୍ ଲୁଟେରାଙ୍କୁ ବାନ୍ଧିଲା ପୋଲିସ

**ଲୋଇସିଂହା,୩୧।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଏସବିଆଇ ଏଟିଏମରେ କୌଶଳ କରି ଉପଭୋକ୍ତାଙ୍କ ଏଟିଏମ କାର୍ଡ ବଦଳ କରି ଟଙ୍କା ଲୁଟ୍ କରୁଥିବା ଜଣେ ଯୁବକଙ୍କୁ ଲୋଇସିଂହା ପୋଲିସ ଥାନାରେ ଅଟକ ରଖିଛି। ଅଭିଯୁକ୍ତ ପାଖରୁ ୩୫ ଶହ ଟଙ୍କା ଏବଂ ୪ଟି ଏଟିଏମ କାର୍ଡ ଜବତ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ମଙ୍ଗଳବାର ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରଶ୍ମୀତା ବେହେରା କହିଛନ୍ତି। ପୋଲିସ ସୂଚନାମତେ, ଲୋଇସିଂହା ଥାନା ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ନେଗିପାଲି ଗ୍ରାମର ପ୍ରେମରାଜ ଦ୍ୱାରୀ ଓ ଦିଲୀପ କୁମାର ବିଶି ଲୋଇସିଂହା ଏସବିଆଇ ଏଟିଏମକୁ ଟଙ୍କା ଉଠାଇବାକୁ ଆସିଥିଲେ। ପ୍ରେମରାଜ ପ୍ରଥମେ ୯ ହଜାର ଓ ୬ ହଜାର ଏହିପରି ୨ଟି ପର୍ଯ୍ୟାୟରେ ୧୫ ହଜାର ଟଙ୍କା ଉଠାଇଥିଲେ। ଏହି ସମୟରେ ଏଟିଏମ ଭିତରେ ଥିବା ସମ୍ପୃକ୍ତ ଲୁଟେରା ପ୍ରେମରାଜଙ୍କୁ କ୍ୟାନସେଲ କରିବାକୁ କହି ତାଙ୍କ ଏଟିଏମ କାର୍ଡକୁ କାଢି ଆଣି କୌଶଳ କରି ଅନ୍ୟ ଏକ କାର୍ଡ ବଦଳ କରି ଧରାଇ ଦେଇଥିଲେ। ପ୍ରେମରାଜ ଏହା ନଦେଖି ତରବରରେ ଚାଲି ଯାଇଥିଲେ। ପ୍ରେମରାଜଙ୍କ ସାଙ୍ଗରେ ଆସିଥିବା ଦିଲୀପ ମଧ୍ୟ ଟଙ୍କା ଉଠାଇଥିଲେ। ସମାନ ଢଙ୍ଗରେ ସମ୍ପୃକ୍ତ ଲୁଟେରା ଦିଲୀପଙ୍କ କାର୍ଡ ବଦଳ କରି ଦେଇଥିଲେ। ହେଲେ ଦିଲୀପ ଏଟିଏମ କାର୍ଡ ଦେଖିବା ବେଳକୁ ତାହା ତାଙ୍କର ନଥିଲା। ଅନ୍ୟ ଲୋକର ନାମ ଥିବାରୁ କାର୍ଡ ବଦଳ କରି ନେଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସଂପୃକ୍ତ ଲୁଟେରା ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପାଟିତୁଣ୍ଡ ଶୁଣି ଏଟିଏମ ସୁରକ୍ଷା କର୍ମୀ ଓ ବାହାରେ ନିୟୋଜିତ ପୋଲିସ କର୍ମଚାରୀ ସେଠାକୁ ଆସିଥିଲେ। ସବୁ ଜାଣିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇଥିଲା। ଲୁଟେରା ଜଣକ ଆଗଲପୁର କଠିପାଲି ନଅଗାଁର ବୋଲି ଜଣାଯାଇଛି।

# ସମାଜକୁ ଦୁର୍ନୀତିମୁକ୍ତ କରିବାକୁ ଶପଥ ଉତ୍ସବ

**ଦେଓଗାଁ, ୩୧।୧୦(ଡି.ଏନ.ଏ.)**

ଦୁର୍ନୀତି ହଟିଲେ ପ୍ରଗତି ପାଇଁ ବାଟ ଫିଟିବ, ଗାଁ ଗହଳିର ଉନ୍ନତି ହେବ। ଏଣୁ ଦୁର୍ନୀତିର ମୂଳ ଉତ୍ପାଟନ ଲୋଡା। ଏଭଳି ନାରା ଦେଇ ସୋମବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମିଶନ ଶକ୍ତି ତରଫରୁ ବିଭିନ୍ନ ପଞ୍ଚାୟତରେ ସମାଜକୁ ଦୁର୍ନୀତିମୁକ୍ତ କରିବାକୁ ମହିଳାମାନେ ଶପଥ ନେଇଛନ୍ତି। ଦେଓଗାଁ ବ୍ଲକର ୨୬ ପଞ୍ଚାୟତରେ ଥିବା ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟକ ସଂଘ ଓ ଆଞ୍ଚଳିକ ସଂଘ ମହିଳାମାନେ ଦୁର୍ନୀତିମୁକ୍ତ ହେବାକୁ ଶପଥ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଦକ୍ଷ ନଥିପତ୍ର ଲେଖିକା ଓ ଆଞ୍ଚଳିକ ମଞ୍ଚ ପରିଚାଳକା ସମେତ ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ ଛତ୍ରିଆ ସହଯୋଗ କରିଥିଲେ। ସେପରି ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତା ଏବଂ ରାଜନୀତି ବିଜ୍ଞାନ ପ୍ରାଧାପକ ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଜୋନାଲ କରାଟେ ଚାମ୍ପିୟନଶିପ୍‌ରେ ରାଉରକେଲା ରନର୍ସଅପ

**ରାଉରକେଲା ଅଫିସ,୩୧।୧୦:** ଡିଏଭି ଜାତୀୟ କ୍ରୀଡା ଅନ୍ତର୍ଗତ ଜୋନାଲ କରାଟେ ଚାମ୍ପିୟନଶିପରେ ରାଉରକେଲା ବାଳକ କରାଟେ ଦଳ ରନର୍ସଅପ ହୋଇଛନ୍ତି। ୨୮ ତାରିଖରେ ଝାରସୁଗୁଡାସ୍ଥିତ ଡିଏଭି ସ୍କୁଲ ପରିସରରେ ଏହି ଚାମ୍ପିୟନଶିପ୍ ଆରମ୍ଭ ହୋଇଥିଲା। ଏଥିରେ ଓଡିଶାରେ ଥିବା ବିଭିନ୍ନ ଡିଏଭି ସ୍କୁଲରୁ ୧୦୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାସନ୍ତୀ କଲୋନୀ ସ୍ଥିତ ଡିଏଭି ସ୍କୁଲରୁ ୯ ଜଣିଆ କରାଟେ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବାଳିକା ବର୍ଗରେ ସୁହାନି ମିଶ୍ର ଗୋଟିଏ ସ୍ୱର୍ଣ୍ଣ, ବାଳକ ବର୍ଗରେ ଆର୍ଯ୍ୟବ୍ରତ ବିଶ୍ୱାଳ ଗୋଟିଏ ସ୍ୱର୍ଣ୍ଣ, ଶୋଭାନ ଘୋଷ ଗୋଟିଏ ସ୍ୱର୍ଣ୍ଣ, ଆଶୁତୋଷ ସାମଲ ରୌପ୍ୟ, ପୁଲକ ପାଢ଼ୀ, ରିତେଶ ଦାଶ ଓ ସୁଦୀପ୍ତ ଗିରି ଗୋଟିଏ କାଂସ୍ୟ ପଦକ ସହ ୭ଟି ପଦକ ହାସଲ କରି ବାଳକ ବିଭାଗରେ ରନର୍ସଅପ ହୋଇଛନ୍ତି। ଏହି ସମସ୍ତ କରାଟେକା ଉତ୍କଳ କରାଟେ ସ୍କୁଲର ରାଉରକେଲା ଶାଖାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକପ୍ରାପ୍ତ କୋଚ ରାଜୀବ ସିଂଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସୋମବାର ବିଜୟୀ ଦଳକୁ ସ୍କୁଲର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହି ଅବସରରେ କ୍ରୀଡା ଶିକ୍ଷକ ଦୁଷ୍ମନ୍ତ କୁମାର ବେହେରା, ମୀନତି ପାତ୍ର, କରାଟେ ପ୍ରଶିକ୍ଷକ ରାଜୀବ ସିଂ ଉପସ୍ଥିତ ଥିଲେ।

### ଶିଶୁ ଅନୁକୂଳ ପୋଲିସ ଷ୍ଟେଶନ ଉଦ୍‌ଘାଟିତ

**ରାଉରକେଲା ଅଫିସ, ୩୧।୧୦:** ଶିଶୁମାନଙ୍କ ମଧ୍ୟରେ ପୋଲିସ ପ୍ରତି ମିତ୍ରତା ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ସ୍ମାର୍ଟସିଟି ରାଉରକେଲା ସେକ୍ଟର-୧୯ ନମ୍ବର ଥାନାରେ ଶିଶୁ ଅନୁକୂଳ ପୋଲିସ ଷ୍ଟେସନ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭିଡିଓ କନ୍‌ଫ୍ରେନ୍ସ ମାଧ୍ୟମରେ ରାଜ୍ୟ ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସେକ୍ଟର-୧୯ ଥାନା ପରିସରରେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟିତ ହୋଇଥିବା ଏହି ପୋଲିସ ଷ୍ଟେସନରେ ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳ ସାମଗ୍ରୀ, ଶିଶୁ ଗଳ୍ପ, ପତ୍ରିକା, ପାନୀୟ ଜଳ ଭଳି ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଏହି ପୋଲିସ ଷ୍ଟେସନକୁ ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ଜଣେ ଥାନା ସବ୍‌ଇନ୍ସପେକ୍ଟର ଦାୟିତ୍ୱରେ ରହିବେ। ଏଥିସହ ଶିଶୁମାନଙ୍କ ମଧ୍ୟରେ ପୋଲିସ ପ୍ରତି ଭୟ ଦୂର କରିବା, ଶିଶୁମାନେ କୌଣସି ଅପରାଧମୂଳକ କାର୍ଯ୍ୟ ନ କରିବେ ସେନେଇ ସେମାନଙ୍କୁ ସଚେତନ କରାଇବା ଭଳି ବିଭିନ୍ନ ଦିଗରେ ଏହି ପୋଲିସ ଷ୍ଟେସନ କାର୍ଯ୍ୟ କରିବ ବୋଲି ଡିଆଇଜି ନିତି ଶେଖର ସୂଚନା ଦେଇଛନ୍ତି। ଏହି ଉଦ୍‌ଘାଟନି ଉତ୍ସବରେ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଏସ୍‌ପି ସଂଗ୍ରାମ କେଶରୀ ବେହେରା, ସେକ୍ଟର-୧୯ ଥାନା ଅଧିକାରୀ ମାନସ କୁମାର ବାରିକ, ସେକ୍ଟର-୩ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ସେକ୍ଟର-୧୫ ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ, ଝିରପାଣି ଥାନା ଅଧିକାରୀ ଦେବଜାନି ନାୟକଙ୍କ ସହ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ରେଙ୍ଗାଲି ବ୍ଲକରେ ଅଭିଯୋଗ ଶୁଣାଣି

**ରେଙ୍ଗାଲି,୩୧।୧୦(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ହେଲେ ପ୍ରଚାରପ୍ରସାର ଅଭାବରୁ ବହୁ କମ୍ ସଂଖ୍ୟକ ଲୋକ ଉପସ୍ଥିତ ଥିବା ଦେଖାଯାଇଥିଲା। ଏଥିରେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ଅତିରିକ୍ତ ଏସ୍‌ପି ଏସ୍ କୁଜୁର, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ, ରେଙ୍ଗାଲି ବିଡ଼ିଓ କୃଷ୍ଣ ଚନ୍ଦ୍ର ଦଳପତ, ତହସିଲଦାର ବୋରିସ ଡୁଙ୍ଗଡୁଙ୍ଗଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଶିବିରରେ ଗୋଷ୍ଠୀଗତ ୬ ଓ ବ୍ୟକ୍ତିଗତ ୩୩ ମୋଟ ୩୯ ଅଭିଯୋଗ ଆସିଥିଲା। ରେଙ୍ଗାଲି ସ୍ୱାଧୀନ ଏକତା ସଂଗଠନ ଓ ରାମ ସେନା ପକ୍ଷରୁ ରେଙ୍ଗାଲିରେ ଏକ ଶୌଚାଳୟ, ରେଙ୍ଗାଲିରୁ ଗଣେଶ ନଗର ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ, ରେଙ୍ଗାଲିରେ ବୁଲା ଗୋରୁଙ୍କ ଦାଉରୁ ରକ୍ଷା କରିବା ପାଇଁ ଏକ ଗୋଶାଳା ନିର୍ମାଣ କରିବା ପାଇଁ ଦାବିପତ୍ର ଦିଆଯାଇଥିଲା।

# ମହାନଦୀ ଅଯୋଧ୍ୟା ସରୋବର ଆନିକଟରେ ଘାଇ

**ସମ୍ବଲପୁର,୩୧।୧୦(ବ୍ୟୁରୋ)**


ସମ୍ବଲପୁର ମହାନଦୀ ଆନିକଟରେ ସୃଷ୍ଟି ହୋଇଥିବା ଘାଇ ।

ସମ୍ବଲପୁର ନିକଟ ମହାନଦୀର ଅଯୋଧ୍ୟା ସରୋବର ଆନିକଟରେ ୧୦ଫୁଟ ଲମ୍ବର ଏକ ଘାଇ ସୃଷ୍ଟି ହୋଇଛି। ଏହି ଖବର ପ୍ରଚାର ହେବାପରେ ଜଳସେଚନ ବିଭାଗର ଏକ ବୈଷୟିକ ଟିମ୍ ସୋମବାର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମହାନଦୀ ଅଯୋଧ୍ୟା ସରୋବର ଘାଟରୁ ନଦୀ ମଝିକୁ ଡଙ୍ଗା ସାହାଯ୍ୟରେ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଘାଇ ଯୋଗୁ ଆନିକଟ ଉପରମୁଣ୍ଡ ମହାନଦୀର ପାଣି ପରିମାଣ କମିବାରେ ଲାଗିଛି। ତୁରନ୍ତ ଏହାର ମରାମତି କରା ନ ଗଲେ ମହାନଦୀ ପାଣି ଉପରେ ନିର୍ଭର କରୁଥିବା ସମ୍ବଲପୁରବାସୀ ସମସ୍ୟାର ସମ୍ମୁଖୀନ ହେବେ। ମଣିଷ ସମେତ ଗାଈ ଗୋରୁ ମଧ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେବେ। ମହାନଦୀ ଉପରେ ନିର୍ଭର କରୁଥିବା ଶତାଧିକ ମତ୍ସ୍ୟଜୀବୀ ପରିବାର ରୋଜଗାର ହରାଇବେ। ଆଗକୁ ଗ୍ରୀଷ୍ମ ଋତୁ ଆସୁଛି। ସେପଟେ ହୀରାକୁଦ ଜଳଭଣ୍ଡାରର ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯିବ। ତା ପୂର୍ବରୁ ଏହି ଆନିକଟ ମରାମତି କରାଯିବା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି, ଖବର ଜାଣିବା ପରେ ଏକ ଟିମ୍ ପରିଦର୍ଶନ କରିଛନ୍ତି। ପୁରାତନ ଆନିକଟ ହୋଇଥିବାରୁ ତାହା ଭାଙ୍ଗିଯାଇଛି। ପାଣି ପ୍ରବାହିତ ହେଉଥିବାରୁ ଏବେ ମରାମତି କରିବା କଷ୍ଟକର। ଏହାକୁ ନେଇ ଡ୍ୟାମ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଲୋକମାନଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ମୁଖ୍ୟଯନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରି କିଭଳି ମରାମତି କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସହରବାସୀଙ୍କ ପାଣି ସମସ୍ୟା ଦୂର କରିବା ପାଇଁ ୧୯୬୦ ଦଶକରେ ମହାନଦୀରେ ଆନିକଟ ନିର୍ମାଣ ହୋଇଥିଲା। ସିମେଣ୍ଟ ଓ ପଥର ବ୍ୟବହାର କରାଯାଇ ମହାନଦୀର ମାରୱାଡ଼ି ଘାଟରୁ ଅପରପାର୍ଶ୍ୱ ପର୍ଯ୍ୟନ୍ତ ଏହା ନିର୍ମାଣ ହୋଇଥିଲା। ଫଳରେ ମହାନଦୀର ଅଧିକାଂଶ ସ୍ଥାନରେ ୫-୧୦ଫୁଟ୍‌ର ପାଣି ରହିଥାଏ। କିଛିବର୍ଷ ପୂର୍ବରୁ ଆନିକଟରେ ସାମାନ୍ୟ ଲିକ୍ ହେବା ପରେ ତାହାକୁ ମରାମତି କରାଯାଇଥିଲା।

# ସିଆର୍‌ପିଏଫ୍ ପକ୍ଷରୁ ରନ୍ ଫର ୟୁନିଟ୍ ଆରମ୍ଭ

**ରାଉରକେଲା ଅଫିସ, ୩୧।୧୦**

ରାଉରକେଲା ସିଆର୍‌ପିଏଫ୍-୧୯ ବାଟାଲିୟନ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ରନ୍ ଫର ୟୁନିଟ୍ ନାମରେ ଗଣଦୌଡ ସୋମବାର ଆରମ୍ଭ ହୋଇଛି। ଏଥିରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ଗଣଦୌଡକୁ ଉଦ୍‌ଘାଟନ କରିଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସ ପାଳନର ମହତ୍ତ୍ୱ ଉପରେ ମତ ପ୍ରକାଶ କରିଥିଲେ। ଏଥିରେ ସିଆର୍‌ପିଏଫ୍-୧୯ ବାଟାଲିୟନର ଯବାନଙ୍କ ସହ ଏସ୍‌ବିଆଇ କର୍ମଚାରୀ, ବିଭିନ୍ନ ଏନ୍‌ଜିଇଓର ସଦସ୍ୟ, ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଓ ସହରରେ ଥିବା ବିଭିନ୍ନ ସ୍କୁଲର ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଏହି ଗଣଦୌଡରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଉରକେଲା ସେକ୍ଟର-୧୩ ମେଲଣ ପଡିଆରୁ ଏହି ଗଣଦୌଡ ଆରମ୍ଭ ହୋଇ ରିଙ୍ଗରୋଡ ସାତ-ସତର ଛକ ଦେଇ ପୂର୍ଣ୍ଣ ୧୩ନମ୍ବର ମେଲଣ ପଡିଆରେ ପହଞ୍ଚିଥିଲା। ଏଥିରେ ସିଆର୍‌ପିଏଫ୍-୧୯ ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ଅଧିକାରୀ ଡି. ଇ କିଣ୍ଡୋ, ମହେଶ ବିଶ୍ୱକର୍ମା, ଡେପୁଟି କମାଣ୍ଡାଣ୍ଟ ଏମ୍‌ଡି ସିରାଜୁଲଆଲାମଙ୍କ ସହ ବାଟାଲିୟନର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ଡିଏଭି ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ତଥା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ରଶ୍ମି ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାସହ ଶପଥ ପାଠ କରାଇଥିଲେ। ଶିକ୍ଷୟିତ୍ରୀ ସ୍ନିଗ୍ଧା ସାହାଣୀ ଅଖଣ୍ଡ ଭାରତ ଗଠନରେ ବଲ୍ଲଭ ଭାଇଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଗଣ ଦୌଡ଼ରେ ଏନ୍‌ସିସି ଓ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏନ୍‌ସିସି ଅଫିସର ଶୁକ୍ଲାମ୍ବର ସା, ରାଜଶ୍ରୀ ସାହାଣୀ, ସ୍କାଉଟ ମାଷ୍ଟର ରଞ୍ଜନ ନାଏକ, ପ୍ରଶିକ୍ଷିକା ସଙ୍ଗୀତା ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସିଆର୍‌ପିଏଫ୍ ଆୟୋଜନରେ ସଚେତନତା ରାଲି

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ସମ୍ବଲପୁର ସିଆର୍‌ପିଏଫ୍ ୧୨ ବାଟାଲିୟନ ଆୟୋଜନରେ ସାଇକେଲ ଓ ମୋଟରସାଇକଲ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆର୍‌ପିଏଫ୍ ଅଧିକାରୀ, କ୍ରୀଡ଼ାବିତ, ଅବସରପ୍ରାପ୍ତ ସୈନିକ, ଛାତ୍ରୀଛାତ୍ର ଓ ଜନସାଧାରଣ ସାମିଲ ହୋଇଥିଲେ। ସିଆର୍‌ପିଏଫ୍ ୧୨ ବାଟାଲିୟନ କମାଣ୍ଡାଣ୍ଟ ସେଖ ମହମ୍ମଦ ସାଜିଦ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ୱପ୍ନର ଭାରତ ଉରେ ଆଲୋକପାତ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସୁଧାସର


@ ଅଭିଜିତ


@ ସ୍ୱସ୍ତିକ


@ ଦଧିବାବନ


@ ପୃଥ୍ୱୀରାଜ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋଲାବିରାରେ ପ୍ରଶାସନର ଅଭିଯୋଗ ଶୁଣାଣି


ଶିବିରରେ ଉପସ୍ଥିତଥିବା ଅଧିକାରୀମାନେ ।

**ଝାରସୁଗୁଡ଼ା ଅଫିସ,୩୧।୧୦**

ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ ଉପସ୍ଥିତ ରହି ମୋଟ ୪୨ ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରେ ୨୦ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଅଭିଯୋଗ ରହିଛି। ସାମୁହିକ ଅଭିଯୋଗ ମଧ୍ୟରେ କୁଲିହାମାଲରେ ସରକାରୀ ଜମିର ସଂରକ୍ଷଣ, କୁଲିହାମାଲ-ଗହ୍ଲାପାଲି ରାସ୍ତା ମରାମତି, କୁଲିହାମାଲ ଓ ସୋଢାମାଳରେ ସୋଲାର ଲାଇଟ ବ୍ୟବସ୍ଥା, ଧୁବେନବୁଡ ଗ୍ରାମରେ ଅଚଳ ଥିବା ଉଠା ଜଳସେଚନ ପ୍ରକଳ୍ପ ୧ ଓ ୨କୁ ପୁନଃ କାର୍ଯ୍ୟକ୍ଷମ, ଭୋଗରାପାଲି ଉପର ବନ୍ଧର ଉନ୍ନତୀକରଣ, କେଲେଣ୍ଡାମାଲରେ ସରକାରୀ ଜମିର ସୁରକ୍ଷା, ଖିର୍ଲାପାଲି ପଞ୍ଚାୟତ ଡୁଙ୍ଗୁରିପଡାରେ ପାନୀୟ ଜଳ ବ୍ୟବସ୍ଥା ଆଦି ଅନ୍ୟତମ। ଶିବିରରେ ସମାସିଂହାର ଚମ୍ପକ ଗର୍ଡିଆଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ଜୈନ, ଜିଲାପରିଷଦ ଇଓ ତପିରାମ ମାଝି, ଉପଜିଲାପାଳ ଦୟାମୟ ପାଢ଼ୀ, ସିଡିଏମ୍‌ଓ ଡୋଳାମଣି ପଟେଲ, ବିଡିଓ ଅଶ୍ୱିନି ପଣ୍ଡା, ତହସିଲଦାର ଦିଲିପ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ: ସ୍ୱାମୀ ଗିରଫ

**ରାଉରକେଲା ଅଫିସ, ୩୧।୧୦**

ରଘୁନାଥପାଲି ଥାନା ଅନ୍ତର୍ଗତ ଦେଓଗାଁ ଅଞ୍ଚଳରେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳାଙ୍କ ନାମ ମଞ୍ଜୁ ସାଣ୍ଡିଲ(୩୫)। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଫେରାର ସ୍ୱାମୀ ଦିପୁ ସାଣ୍ଡିଲ(୪୦)ଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଦେଓଗାଁ ଚୁଙ୍ଗିଗେଟ ବସ୍ତିରେ ଦିପୁ ପରିବାର ସହ ବାସ କରନ୍ତି। ସେ ଉକ୍ତ ଅଞ୍ଚଳରେ ଦିନ ମଜୁରିଆ ଭାବେ କାମ କରି ନିଜର ପରିବାର ଭରଣପୋଷଣ କରୁଥିଲେ। ଅନେକ ସମୟରେ ଘରେ ଆର୍ଥିକ ଅଭାବ ଅନାଟନ ଲାଗି ରହୁଥିବାରୁ ଦିପୁ ସ୍ତ୍ରୀ ମଞ୍ଜୁଙ୍କୁ ନିଜ ଗ୍ରାମ ବଣାଇକୁ ପଳାଇବା ପାଇଁ ବାଧ୍ୟ କରୁଥିଲେ। ଉକ୍ତ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ସବୁଦିନ ପରି ରବିବାର ରାତିରେ ମଞ୍ଜୁ ଘରେ ଖାଇସାରି ଶୋଇବାକୁ ଯାଉଥିବାବେଳେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଦିପୁ ବିଳମ୍ବିତ ରାତିରେ ଘର କବାଟ କଣରେ ଥିବା ଏକ ଟାଙ୍ଗିଆକୁ ନେଇ ମଞ୍ଜୁ ବେକକୁ ଚୋଟ ପକାଇ ଫେରାର ହୋଇଯାଇଥିଲେ। ଅତ୍ୟଧିକ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ମଞ୍ଜୁଙ୍କ ମୃତ୍ୟୁ ହୋଇଯାଇଥିଲା । ସକାଳ ହେବାରୁ ମଞ୍ଜୁଙ୍କ ସାନ ଭଉଣୀ ଗୁରୁବାରୀ ସାଣ୍ଡିଲ କୌଣସି କାମପାଇଁ ତାଙ୍କ ଘରକୁ ଆସିଥିବାବେଳେ ଭଉଣୀଙ୍କ ମୃତ ଶରୀର ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ରଘୁନାଥପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା। ପରେ ପୋଲିସ ତଦନ୍ତ କରି ଦେଓଗାଁ ଆରଏସ୍‌ପି ସ୍ଲାଗସାଇଡିଙ୍ଗରୁ ସ୍ୱାମୀ ଦିପୁଙ୍କୁ ଗିରଫ କରିଥିଲା। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି।

# ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**ମହିଳାଙ୍କ ଘରୁ ପ୍ରେମିକଙ୍କ ମୃତଦେହ ଜବତ ଘଟଣା**

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ଘରୁ ତାଙ୍କ ପ୍ରେମିକ ସୋନପୁର ଜିଲା ଡୁଙ୍ଗୁରୀପାଲିର ଚିନ୍ମୟ କୁମ୍ଭାର(୨୨)ଙ୍କ ମୃତଦେହ ପୋଲିସ ଜବତ କରିଥିଲା। ସୋମବାର ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟ ପୋଲିସକୁ ହସ୍ତଗତ ହୋଇଛି। ପୋଲିସ କହିବା ଅନୁସାରେ ପ୍ରାୟ ୧୮ଘଣ୍ଟା ପରେ ପୋଲିସ ଖବର ପାଇ ମୃତଦେହ ଜବତ କରିଥିଲା। ସେ ସମୟରେ ଦୁର୍ଗନ୍ଧ ବାହାରୁଥିଲା। ବ୍ୟବଚ୍ଛେଦ ପରେ ମୃତଦେହର ଡାହାଣ ପାର୍ଶ୍ୱ ନଷ୍ଟ ହୋଇଯାଇଛି। ଏହା ସହ କାନର କିଛିଅଂଶ କଟିଥିବା ଜଣାପଡିଛି। ଆଜେବେଷ୍ଟସ୍ ଘର ଥିବାରୁ ମୁଷାମାନେ ଏଭଳି କରିଥିବା ଡାକ୍ତର ସନ୍ଦେହ କରିଛନ୍ତି। ପ୍ଲାଷ୍ଟିକ ରଶିରେ ଝୁଲିବା ଫଳରେ ବେକରେ ଗଭୀର ଆଘାତ ଲାଗିଛି। ହତ୍ୟା କରାଯାଇଥିବା ନେଇ କୌଣସି ପ୍ରମାଣ ମିଳିପାରି ନାହିଁ। ହେଲେ ମଧ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରାଯିବ ବୋଲି ପୋଲିସ କହିଛି। ହୀରାକୁଦ ଥାନା ଅଞ୍ଚଳର ଜନୈକା ୨୮ବର୍ଷୀୟା ବିବାହିତା ମହିଳାଙ୍କ ୭ମାସ ପୂର୍ବରୁ ଫେସ୍‌ବୁକରୁ ଚିନ୍ମୟଙ୍କ ସହିତ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଶନିବାର ମହିଳାଙ୍କୁ ବିବାହ କରିବା ପାଇଁ ଚିନ୍ମୟ ଜିଦ୍ କରିଥିଲେ। ହେଲେ ମହିଳା ମନା କରିଦେଇଥିଲେ। ପରଦିନ ଚିନ୍ମୟଙ୍କ ମୃତଦେହ ମହିଳାଙ୍କ ଘରୁ ଜବତ ହୋଇଥିଲା। ଏହାକୁ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ ହୋଇଛି ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ସମ୍ବଲପୁର,୩୧।୧୦(ବ୍ୟୁରୋ)**

ରାଜ୍ୟରେ ୩୧ ଅକ୍ଟୋବରଠାରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସୋମବାର ପୂର୍ବାହ୍ନରେ ଲୋକସେବା ଭବନ ସଭାଗୃହରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ଅଧକ୍ଷତା କରିଥିଲେ। ସମ୍ବଲପୁର ମୁଖ୍ୟାଳୟଠାରେ ପୋଲିସ ଆଇଜି ଡ଼. ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଜିଲା ଏବଂ ବ୍ଲକ ଗୁଡିକରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିବା ଅଧିକାରୀ, କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହାବ୍ୟତୀତ ଜିଲାର ସମସ୍ତ କାର୍ଯ୍ୟାଳୟରେ ମଧ ଶପଥ ପାଠ କରାଯାଇଛି। ଭିଜିଲାନ୍ସ ବିଭାଗ ତରଫରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସପ୍ତାହ ବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

### କଫ ସିରପ ସହ ୨ ଗିରଫ

**ରେଙ୍ଗାଲି,୩୧।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ଠେଲକୋଲୋଇ ଥାନା ପୋଲିସ କଫ ସିରଫ ବିକ୍ରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁରର ରାମ ଦାସ (୨୮) ଓ କଲିକତାର ଏମ୍‌ଡି ଆଲ୍ଲାଉଦ୍ଦିନ (୨୮)। ଏମାନଙ୍କ ନିକଟରୁ ପୋଲିସ ୨୪୦ ବୋତଲ ଉଇନ ସିରେକ୍ସ କଫ ସିରଫ, ୪ ଲିଟର ଏଡାଲଟ୍ରି କଫ ସିରଫ, ୮ଟି ପ୍ଲାଷ୍ଟିକ ଗ୍ଲାସ, ଗୋଟିଏ ଷ୍ଟ୍ରିପ ନାଇଟ୍ରାଜାପମ ଟାବଲେଟ, ୪୧୧୦ ଟଙ୍କା, ଗୋଟିଏ ପଲସର ବାଇକ୍ (ଓଡି୧୫ଭି-୩୮୫୮), ୩ ମୋବାଇଲ ଫୋନ ଜବତ କରିଛି। ରବିବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା ।

# ନାଗରିକ ମଞ୍ଚର ଏଡିଏମ୍‌ଙ୍କୁ ସ୍ମାରକପତ୍ର

**ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ପ୍ରମୁଖ ସ୍ଥାନରେ ସ୍ଥାପିତ କରିବା ପାଇଁ ଦାବି**

**ରାଉରକେଲା ଅଫିସ,୩୧।୧୦**


ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ସ୍ମାରକପତ୍ର ଦିଆଯାଉଛି।

ରାଉରକେଲା ଛେଣ୍ଡ କଲୋନୀ ବିପିୟୁଟି ପରିସରରେ ବିଶ୍ୱର ସର୍ବବୃହତ୍ତ ହକି ଷ୍ଟାଡିୟମ ନିର୍ମାଣ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଫଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହରକୁ ସୁନ୍ଦର ଓ ବହୁ ଆକର୍ଷଣୀୟ କରାଯାଉଛି। ହେଲେ ଛେଣ୍ଡ କଲୋନୀରେ ପ୍ରମୁଖ ରାସ୍ତା ଓ ବିଭିନ୍ନ ଛକରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅବହେଳା କରାଯାଉଥିବା କଲୋନୀର ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଏନେଇ ଛେଣ୍ଡ କଲୋନୀ ନାଗରିକ ମଞ୍ଚର ଆବାହକ ଜୟନ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ସୋମବାର ଭେଟି ଉକ୍ତ ବିଷୟରେ ଅବଗତ କରାଇବା ସହ ଏକ ଲିଖିତ ପ୍ରସ୍ତାବ ଦେଇଛନ୍ତି। ବିଶ୍ୱକପ ଖେଳ ପାଇଁ ସମଗ୍ର ରାଉରକେଲାକୁ ସୌନ୍ଦର୍ଯ୍ୟ କରଣ କରାଯାଇଥିବାବେଳେ କଲୋନୀ ଭିତରେ ଥିବା ବହୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ଅଣଦେଖା କରାଯାଇଛି। ଛେଣ୍ଡ କଲୋନୀର ମୁଖ୍ୟ ମାର୍ଗରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ଲୋକଙ୍କ ଆଢୁଆଳରେ ରହୁଥିବାବେଳେ ଭିଏସ୍‌ଏସ୍ ମାର୍କେଟରେ ଏକ କୋଣରେ ବୀରସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ପଡି ରହିଛି। ସେହିଭଳି ଛେଣ୍ଡ କଲୋନୀ ଚିନ୍ମୟ ସ୍କୁଲ ନିକଟରେ ଥିବା ଆଚାର୍ଯ୍ୟ ହରିହର ଛକରେ ଆଚାର୍ଯ୍ୟ ହରିହରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଦାବି କରାଯାଇଛି। କଳିଙ୍ଗ ବିହାର ଠାରେ ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ବିଜୁ ସ୍ମାରକୀ ସ୍ଥଳକୁ ଏକ ଅତ୍ୟାଧୁନିକ ବିଜୁ ସଂଗ୍ରାହାଳୟରେ ପରିଣତ କରିବା ପାଇଁ ଅନୁରୋଧ କରାଯାଇଛି। ଏଥିସହ ପୂର୍ବତନ ରାଷ୍ଟ୍ରପତି ବୈଜ୍ଞାନିକ ଡ. ଅବଦୁଲ କଲାମଙ୍କୁ ସମ୍ମାନ ଜଣାଇବା ପାଇଁ କଲୋନୀର ଏକ ପ୍ରମୁଖ ଛକରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ମଞ୍ଚ ପକ୍ଷରୁ ହୋଇଥିବା ଦାବିଗୁଡିକୁ ବିଶ୍ୱକପ ପୂର୍ବରୁ କିଭଳି କାର୍ଯ୍ୟକାରୀ କରି ହେବ ସେନେଇ ଏଡିଏମ୍ ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ପ୍ରସ୍ତାବର ଏକ ନକଲ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ମଞ୍ଚ ପକ୍ଷରୁ ପ୍ରଦାନ କରାଯାଇଛି। ଏଥିରେ ମଞ୍ଚର ସଂଯୋଜକ ବିଜୟ ବରାଳ, ହରିହର ଶତପଥୀ, ଦେବନନ୍ଦନ ତ୍ରିପାଠୀ, ବିଭୂତି ଦାସ, ଶ୍ରୀଚରଣ ମହାନ୍ତି, ଦୀନବନ୍ଧୁ ମହାନ୍ତି, ଉପେନ୍ଦ୍ର ପଢ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଧାମନଗର ଦାୟିତ୍ୱ ମୁଁ ନେବି'


ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତରେ ଅନୁଷ୍ଠିତ ସଭାରେ ବିଜେଡି ନେତା ଓ କର୍ମୀ।



## ଧାମନଗର ଉପନିର୍ବାଚନ

- ବିଜେଡି ପ୍ରାର୍ଥୀଙ୍କ ପାଇଁ ଭର୍ଚୁଆଲରେ ପ୍ରଚାର କଲେ ମୁଖ୍ୟମନ୍ତ୍ରୀ
- ୧୮ ମାସରେ ୫ ବର୍ଷର କାମ କରିବାକୁ ପ୍ରତିଶ୍ରୁତି

**ଭୁବନେଶ୍ୱର/ଭଦ୍ରକ ଅଫିସ/ଧାମନଗର / ପଦ୍ମପୁର, ୩୧।୧୦ (ବ୍ୟୁରୋ/ ଡି.ଏନ.ଏ/ସ୍ୱ.ପ୍ର.)**

ଧାମନଗର ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ଲାଗି ସୋମବାର ଭର୍ଚ୍ଚୁଆଲରେ ପ୍ରଚାର କରିଛନ୍ତି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରିୟ ଭାଇଭଉଣୀମାନଙ୍କୁ ମୋର ନମସ୍କାର। ଆପଣଙ୍କ ଦୁଃଖ ସୁଖରେ ସବୁବେଳେ ବିଜେଡି ସାଙ୍ଗରେ ଅଛି। ଧାମନଗର ମାଟି ଶାନ୍ତି, ସଦ୍‌ଭାବନା ଓ ଭାଇଚାରାର ମାଟି। ମିଶନଶକ୍ତି ମାଧ୍ୟମରେ ମା'ମାନେ ସଶକ୍ତ ହୋଇପାରିଛନ୍ତି। ଏଥର ଧାମନଗର ବିଧାନସଭା ଉପନିର୍ବାଚନରେ ବିଜେଡି ଜଣେ ମା'ଙ୍କୁ ପ୍ରାର୍ଥୀ କରିଛି। ତେଣୁ ଜଣେ ମା' ଧାମନଗରରେ ବିଧାୟକ ହେବା ପାଇଁ ମୁଁ ଚାହେଁ। ଧାମନଗର ବିକାଶ ପାଇଁ ଦାୟିତ୍ୱ ସେ ନିଜେ ନେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମୁଁ ନିଜେ ଧାମନଗରକୁ ଦେଖିବି। ସାଧାରଣ ନିର୍ବାଚନକୁ ଆଉ ମାତ୍ର ୧୮ ମାସ ରହିଛି। ଏହି ସମୟ ଭିତରେ ପାଞ୍ଚବର୍ଷର କାମ ହେବ। ଏଥିସହ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀ ଅବନ୍ତୀ ଦାସଙ୍କୁ ଜିତାଇବା ପାଇଁ ଧାମନଗରବାସୀଙ୍କୁ ନିବେଦନ କରିଛନ୍ତି।

ବିଜେଡି ପକ୍ଷରୁ ଧାମନଗର ବ୍ଲକରେ ୮, ଏନ୍‌ଏସିରେ ଗୋଟିଏ ଓ ତିହିଡ଼ି ବ୍ଲକରେ ୪ ମୋଟ ୧୩ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚ୍ଚୁଆଲ ସଭା ଦେଖିବା ପାଇଁ ଆୟୋଜନ କରାଯାଇଥିଲା। ମୁସ୍ତାଫାପୁର ପଞ୍ଚାୟତର ବସ୍‌ଷ୍ଟାଣ୍ଡଠାରେ ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ସୋଫିଆ ଆଲାମ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦୋବଲ ଜୋନ୍ କରଦା ପଞ୍ଚାୟତଠାରେ ମନ୍ତ୍ରୀ ପ୍ରତାପ ଦେବ, କଟକ ମେୟର ସୁବାସ ସିଂ, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର ଏନ୍‌ଏସି ଅଧୀନ ଡାକ୍ତରଖାନା ନିକଟରେ ଆୟୋଜିତ ସଭାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ସଭା ଏମ୍‌ପି ମୁନ୍ନା ଖାଁ, ଭଇସାହି ପଞ୍ଚାୟତରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଆକାଶ ଦାସ ନାୟକ, ସୁନନ୍ଦା ଦାସ, ଅନୁଭବ ପଟ୍ଟନାୟକ ଏବଂ ଚୂଡ଼ାକୁଟିଠାରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ, କ୍ଷୁଦ୍ର ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିହିଡ଼ି ବ୍ଲକର ଦୋଳସାହି ବାସନ୍ତୀ ପଡ଼ିଆ, ଅଚକ ପଞ୍ଚାୟତ ନନ୍ଦପୁର ବିଶ୍ୱକର୍ମା ପଡ଼ିଆ, କାଁପଡ଼ା ବାସୁଳୀପଡ଼ିଆ, ବୋଡ଼କ ନାୟକାଣିପଡ଼ିଆରେ ସଭା ଅନୁଷ୍ଠିତ ହୋଇଥିଲା। କାଁପଡ଼ାରେ ମନ୍ତ୍ରୀ ପ୍ରମିଳା ମଲିକ, ଦୋଳସାହିରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସୋର ବିଧାୟକ ପର୍ଶୁରାମ ଧଡ଼ା, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ବିଜୟ କୁମାର ନାୟକ, ଭଦ୍ରକ ଯୁବନେତା ଅସିତ କୁମାର ପଟ୍ଟନାୟକ, ଛାତ୍ରନେତା କାଳନ୍ଦୀ ସାହୁ, ବିଜେଡି ମହିଳା ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ପୂର୍ବରୁ ବାସୁଦେବପୁର ବିଧାୟକ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇଥିଲେ।

### ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ: ଜୟନାରାୟଣ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦେଇଥିବା ଭିଡିଓ ବାର୍ତ୍ତା ସ୍ୱାଭିମାନୀ ଧାମନଗରବାସୀଙ୍କୁ ପ୍ରଭାବିତ କରିବ ନାହିଁ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଟୁଇଟ୍ କରି କହିଛନ୍ତି । ଜୟନାରାୟଣ ତାଙ୍କ ଟୁଇଟ୍‌ରେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ରେକର୍ଡିଂ ଭିଡିଓ ବାର୍ତ୍ତାରେ ଯେଉଁ କଥାକୁ ଉଠାଇଛନ୍ତି ଏହା କିଛି ନୂଆନୁହେଁ। ଏହା ଧାମନଗରବାସୀଙ୍କ ସହ ଛଳନା ଭଳି ମନେ ହେଉଛି। ମୁଖ୍ୟମନ୍ତ୍ରୀ ଭିଡ଼ିଓ ବାର୍ତ୍ତାରୁ ଲାଗୁଛି, କୌଣସି ବିଧାୟକଙ୍କ ଦେହାବସାନ ହେଲେ ହିଁ ବିଜେଡି ନେତାମାନେ ଦାୟିତ୍ୱ ନେବା ପାଇଁ ଆଗଭର ହୁଅନ୍ତି। କିନ୍ତୁ ବାସ୍ତବରେ ମୁଖ୍ୟମନ୍ତ୍ରୀ କ'ଣ ଦାୟିତ୍ୱ ନିଅନ୍ତି ଓଡ଼ିଶାବାସୀ ସେକଥା ଭଲରେ ଜାଣିଲେଣି ବୋଲି ସେ କହିଛନ୍ତି।

# ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କଲା କଂଗ୍ରେସ

- ୧୦୦ ଦିନରେ ୨୨୫୦ କି.ମି. ଅତିକ୍ରମ କରିବାକୁ ଲକ୍ଷ୍ୟ

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):**

କଂଗ୍ରେସ ପକ୍ଷରୁ ସୋମବାରଠାରୁ ଭାରତ ଯୋଡ଼ୋ ଓଡ଼ିଶା ପରିବର୍ତ୍ତନ ଯାତ୍ରା ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଇନ୍ଦିରା ପାର୍କଠାରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସର୍ବଧର୍ମ ପ୍ରାର୍ଥନା ପରେ ଓଡ଼ିଶା ପ୍ରଭାରୀ ଏ ଚେଲ୍ଲା କୁମାର ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଭାରତ ଯୋଡ଼ୋ ଓଡ଼ିଶା ପରିବର୍ତ୍ତନ ଯାତ୍ରା ଓଡ଼ିଶାର ୨୭ଟି ଜିଲା, ୧୯ଟି ଲୋକ ସଭା କ୍ଷେତ୍ର ଦେଇ ୨୨୫୦ କି.ମି. ଅତିକ୍ରମ କରିବ। ଏହି କାର୍ଯ୍ୟକ୍ରମ ଓଡିଶାରେ ପାଖାପାଖି ୧୦୦ ଦିନରୁ ଅଧିକ ଧରି ଏହି ଯାତ୍ରା ଚାଲୁ ରହିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ରାମ ମନ୍ଦିରରେ କଂଗ୍ରେସ ନେତୃବୃନ୍ଦ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରଛନ୍ତି। ରସୁଲଗଡ଼ ଛକଠାରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। କଂଗ୍ରେସ ଭବନଠାରେ ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଶହଶହ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏକାଠି ହୋଇ ପଦଯାତ୍ରାରେ ବାହାରିଥିଲେ। ଏହି ଯାତ୍ରା ଫୁଲନଖରା ନିକଟସ୍ଥ ଲକ୍ଷେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ୩ ତାରିଖ ସକାଳେ ପୁଣି ପଦଯାତ୍ରା ଏଠାରୁ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।


**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL),
UPPER KOLAB H. E. PROJECT, AT/P.O.:BARINIPUT; DIST.: KORAPUT(ODISHA) -764006
Telephone: 06854 - 242 001, Fax: 06854 - 242092, Email ID: sgmel.ukhep@gmail.com
CIN : U40101OR1995SGC003963
**TENDER CALL NOTICE NO:UKHEP: 34/2022-23 Dated:28.10.2022**

**No.CAD-2353:** The C&P Head, Upper Kolab Hydro Electric Project, Bariniput, Dist: Koraput invites percentage rate bids in single cover system from the "C" & "D" class govt. registered contractors for the work as detailed in the table below. The tender documents, Terms & conditions, Eligibility criteria and downloading, please refer our website **www.ohpcltd.com.**

| Sl. No. | Description of Work | Estimated Cost in (Rs.) | Cost of Tender Paper (Rs.) | EMD in shape of Bid Security Declaration | Date for Sale of Tender Paper | Last date & time of receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | R/M to TCM Club, UKHEP, Bariniput | 4,72,330/- | 2360/- (Rs.2000+ 18% GST) | Bid Security declaration form to be submitted duly filled in & signed | From 10.00 Hrs. of 07.11.2022 to 11.00 Hrs. of 21.11.2022 | Upto 12.00 Hrs. of 21.11.2022 | At: 12.30 Hours of 21.11.2022 |

OIPR-04002/11/0064/2223
Sd./- C&P Head, Upper Kolab HEP, OHPC Limited, Bariniput



**P.G. CENTRAL OFFICE**
**FAKIR MOHAN UNIVERSITY**
VYASA VIHAR, NUAPADHI, BALASORE,ODISHA-756089
**ADMISSION NOTICE 2022-2023**

No: FMU/PGC-I -01/2022/2051 Date: 31.10.2022

Fakir Mohan University, Balasore is inviting CPET-2022 appeared students interested for admission in following Post Graduate Programmes for the session 2022-23 against the vacant seats in the subject mentioned below, following the guidelines of Department of Higher Education, Govt. of Odisha vide its letter no. 45064/HE, dated 29.10.2022.

**New Campus (Nuapadhi)**
**Biotechnology/Botany/Chemistry/ Environmental Science/Geography/Geology/ Zoology/ Applied Microbiology/ Anthropology/English/ History & Archaeology/ Political Science/Economics/ Sociology/ Population Studies/ Odia/ Urdu/ Sanskrit/ Applied Psychology/ MSW/ Journalism & Mass Communication/ Master of Library & Information Sci.**
**A. Old Campus (Januganj)**
**Physics/ Mathematics/ M.Com/ Education/LLM/ PMIR.**

The CPET- 2022 appeared students are required to report to the Head of the concerned P.G. Departments with following documents for admission on 05.11.2022 from 10.00 A.M. to 2.00 P.M.

10. Print out of the Common Application Form (CAF)
11. All originals & Xerox copy of Certificates from H.S.C to qualifying Examination.
12. All originals & Xerox copy of Marksheets from H.S.C to qualifying Examination
13. College Leaving Certificate in Original.
14. Original Certificate relating to Reserve Category.
15. Eight copies of recent passport size Photograph.
16. Aadhaar Card & Blood Group Report (Xerox copy)
17. Migration Certificate in Original.
18. Course Fee as uploaded on the F.M. University website: www.fmuniversity.nic.in in the form of Bank Draft/ Bank Challan/through Online to be deposited on the same day of report i.e. 05.11.2022 on Selection. Further, applications are invited from students to take admission into 5 years Integrated BA-LLB & BBA-LLB Programme under F.M. University by 15.11.2022.

**By the Order of Vice Chancellor**
**Chairman, P.G. Council**
**Fakir Mohan University, Balasore-756089, Odisha**



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID:cebuildings_orissa@yahoo.co.in
cebuildings@rediffmail.com, Tel.-(0674)-2391523
**INVITATIONS FOR BIDS (IFB)**
File No.B-IV-H-(H&D)-58/2020, Lr.No.40907 Bhubaneswar, the 31st Oct.2022
No.B-767: **Invitation for Bids**
**Bid Identification No. C.E. (B) - 28 / 2022-23**

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building works |
| 3. | No. of work | : | 1No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.11.11.2022 to 17.00 Hours of dt.28.11.2022. |
| 7. | Date of Opening of Bid | : | Dt.29.11.2022 at 11:30AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer, (Buildings), Odisha
OIPR-34117/11/0064/2223



**OFFICE OF THE EXECUTIVE ENGINEER, RWS&S DIVISION, BALASORE**
Tel.: 06782-262249, Fax: 262931
email: eerwss_bls@nic.in, eerwssbls@gmail.com
**NATIONAL COMPETITIVE BIDDING THROUGH e-Tendering**
**Identification No. 31/2022-23 Dt.28.10.2022**

No. O-1186: The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade/Class registered with Central Government/MES/Railways for the works detailed in the table below to be eventualy drawn up in P1 contract with design and execution of the following Piped Water Supply Projects.

1. Nos. of Work : 15 Nos. RPWS Schemes in Balasore District
2. Estimated Cost : Rs.219.55 lakhs to Rs.368.32 lakhs
3. Period of Completion : 330 days
4. Availability of bid document in portal : Dt.04.11.2022 at 16.00 hours to 18.11.2022 upto 17.00 hrs. through online
5. Seeking of Clarification : Dt.07.11.2022 at 10.00 hours to Dt.14.11.2022 upto 15.00 hours
6. Date of opening of Bid : Dt.19.11.2022 at 11.00 hours in the O/o. EE, RWSS Division, Balsore
7. Name and address of the Officer Inviting Tender : Executive Engineer, RWS&S Division, Balaosre

Bid cost will be receipt through electronic payment by NEFT/RTGS.
Further details can be seen from the e-Procurement portal: **http://tendersodisha.gov.in**.

OIPR-25013/11/0026/2223
Sd./- Executive Engineer
RWS&S Division, Balasore



**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. III, BHUBANESWAR**
No.B-768:
bbsrrandb03@yahoo.com
60Estg. No - 7251 Date - 27/10/2022
Government of Odisha "e"-Procurement Notice No [28] of 2022-23
**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Road & Building work |
| 2 | Total No of works | 3 nos work |
| 3 | Estimated Cost | 1) Rs. 54,46,500.00, 2) Rs.57,66,000.00, 3) Rs. 78,42,500.00 |
| 4 | Class of Contractor (i) | 'B' Class |
| 5 | Period of Completion | 3 (Three ) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **04/11/2022 at 10.00 Hours to 15/11/2022 at 17.30 Hours** |
| 8 | Last Date & Time for Receipt of bids in the Portal | **15/11/2022, upto 17.30 hrs** |
| 9 | Name & Address of the Officer inviting Bid | Er.Gayatri Patel,Executive Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
**N.B: Subsequent corrigendum/addendum if required shall be available in the website as indicated above**
Executive Engineer
Bhubaneswar (R&B) Division No III, BBSR
OIPR-34089/11/0010/2223


# ଭାଜପାର ନବୀନ ନିବାସ ଘେରାଉ ଉଦ୍ୟମ


ଭାଜପା କର୍ମୀମାନେ ରାସ୍ତାରେ ଶୋଇ ପ୍ରତିବାଦ ଜଣାଉଛନ୍ତି।

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ)**

ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ପୁରୀ ଜିଲା ୧୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ମାମଲାରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ସମ୍ପୃକ୍ତି ରହିଛି। ହେଲେ ମୁଖ୍ୟମନ୍ତ୍ରୀ ସବୁ ଜାଣି ଚୁପ୍ ବସିଛନ୍ତି। ଏଭଳି ଅଭିଯୋଗ କରିବା ସହ ସୋମବାର ଢୋଲ, ଘଣ୍ଟ ଓ ଝାଞ୍ଜ ବଜାଇ ନବୀନ ନିବାସ ଆଡକୁ ଶତାଧିକ ଭାଜପା ନେତା, କର୍ମୀ ଯାଉଥିବାବେଳେ ପୋଲିସ କର୍ମଚାରୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।
ଭାଜପା ରାଜ୍ୟ କାର୍ଯ୍ୟାଳୟରୁ ବିଭିନ୍ନ ସ୍ଲୋଗାନ, ଢୋଲ, ଘଣ୍ଟ ଓ ଝାଞ୍ଜ ବଜାଇ ନେତା ଓ କର୍ମୀ ନବୀନ ନିବାସମୁହାଁ ହେଉଥିବା ବେଳେ ଶିଶୁଭବନ ଛକରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ କେତେଜଣ ଭାଜପା କର୍ମୀ ଆହତ ହୋଇଛନ୍ତି। ଦୀର୍ଘ ସମୟ ଧରି ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ ହେବା ପରେ ରାସ୍ତା ଉପରେ ଭାଜପା କର୍ମୀମାନେ ଶୋଇପଡ଼ିଥିଲେ। କିଛି ନେତା ଓ କର୍ମୀଙ୍କୁ ପୋଲିସ ଗିରଫ କରି ଅଟକ ମଧ୍ୟ ରଖି ପରବର୍ତ୍ତୀ ସମୟରେ ଛାଡି ଦେଇଥିବା ଜଣାପଡ଼ିଛି। ଏହାସହ ପଥପ୍ରାନ୍ତ ନାଟକ ଜରିଆରେ ଶାସକ ଦଳର ମନ୍ତ୍ରୀ, ନେତାଙ୍କୁ ଟାର୍ଗେଟ କରିଛନ୍ତି।

ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥା ଧ୍ୱଂସ ହୋଇଗଲାଣି। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ବିଜେଡିର ବଡ଼ ବଡ଼ ନେତାଙ୍କ ସମ୍ପୃକ୍ତି ରହିଛି। ସେଥିରେ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ମଧ୍ୟ ରହିଛି। ପୋଲିସ ସେଥିପାଇଁ ଏହି ଘଟଣାକୁ ଘଣ୍ଟ ଘୋଡ଼ାଉଛି ବୋଲି ସେ କହିଛନ୍ତି।

### ଅର୍ଚ୍ଚନା ନାଗ ବ୍ଲାକମେଲିଂ, ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣା

- ଶିଶୁଭବନ ଛକରେ ପୋଲିସ-ଭାଜପା କର୍ମୀ ମୁହାଁମୁହିଁ
- ଛୋଟ ଛୁଆଙ୍କୁ ନେଇ ରାଲି କରିଛି ଭାଜପା: ବିଜେଡି

ଅନ୍ୟପଟେ ବିଜେଡି ମଧ୍ୟ ଭାଜପା କାର୍ଯ୍ୟକ୍ରମକୁ ସମାଲୋଚନା କରିଛି। ବିଜେଡି ନେତା ଲେନିନ ମହାନ୍ତି କହିଛନ୍ତି, ବହୁ ସମ୍ବେଦନଶୀଳ ଘଟଣାରେ ଭାଜପା ବହୁ ଦିନରୁ ରାଜନୀତି କରିଆସୁଛି। ସେଥିଲାଗି ଓଡ଼ିଶା ଲୋକ ସେମାନଙ୍କୁ ପ୍ରତ୍ୟାଖାନ କରୁଛନ୍ତି। ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ତାଙ୍କ ସ୍ତ୍ରୀ ଏହାକୁ ନେଇ ରାଜନୀତି କରିବାକୁ ମନା କରୁଛନ୍ତି। ହେଲେ ଭାଜପା ସେହି ପ୍ରସଙ୍ଗରେ ରାଜନୀତି ଚଳାଇଛି। ଭାଜପା ତା'ର ରାଲିରେ ସଂଖ୍ୟା ବଢାଇବାକୁ ବହୁ ଛୋଟ ପିଲାଙ୍କ ହାତରେ ପତାକା ଧରାଇ ନେଇଥିଲା। ବିଜେଡି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଅନୁରୋଧ କରୁଛି ଏହି ଘଟଣାର ତଦନ୍ତ କରାଯାଉ ବୋଲି ଲେନିନ କହିଛନ୍ତି।

# ଶାସକ ଦଳକୁ ସାହାଯ୍ୟ କରୁଥିବା ପୋଲିସଙ୍କୁ କାଢ଼

**ଭୁବନେଶ୍ୱର,୩୧।୧୦(ବ୍ୟୁରୋ):**

ଧାମନଗର ଉପନିର୍ବାଚନ ଯେତେ ପାଖେଇ ଆସୁଛି ଶାସକ ଦଳର ଦୌରାତ୍ମ୍ୟ ସେତିକି ବଢ଼ିଚାଲିଛି। ପୋଲିସ ପ୍ରଶାସନ ଓ ସରକାରୀ କଳକୁ ବ୍ୟବହାର କରି ଭୋଟରଙ୍କୁ ଟଙ୍କା ବାଣ୍ଟିବାରେ ବାରମ୍ବାର ଏସ୍‌ଏଚ୍‌ଜି ମହିଳାଙ୍କୁ ବିଜେଡି ଅସ୍ତ୍ର କରିଛି। ଉପନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ଏବଂ କଡା ସୁରକ୍ଷା ବଳୟ ମଧ୍ୟରେ କରାଯାଉ। ଏଥିପାଇଁ ପ୍ରଥମେ ଦାୟିତ୍ୱରେ ଅବହେଳା କରି ଶାସକ ଦଳକୁ ପକ୍ଷପାତିତା ଦେଖାଉଥିବା ପୋଲିସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସିଇଓଙ୍କଠାରେ ସୋମବାର ଭାଜପା ଦାବି କରିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
No. O-1183 **e-Procurement Notice**

| | | | |
|---|---|---|---|
| 1. | Name of Work | : | Special Repair to the road **"Tangarkarley to Chandili"** road from 0/000 Km. to 3/700 Km. such as widening of BT carriageway 3.00 Mt. to 5.50 Mt. under Annual Maintenance Plan for the year 2022-23. |
| 2. | Total No. of work | : | 1 (One) Road Work |
| 3. | Time for Completion | : | 3 (Three) Calendar months |
| 4. | Approximate estimated cost varies from | : | Rs.210.00 lakhs |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in.** |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online - 13/2022-23 | 11.11.2022 at 11.00 A.M. | 25.11.2022 upto 5.00 P.M. | 24.11.2022 upto 1.00 P.M. | 28.11.2022 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: **www.tendersodisha.gov.in.**
- Any Corrigendum/Addendum will be displayed in the above e-tender website only.

OIPR-25118/11/0015/2223
Sd./- D.K. Seth, Chief Construction Engineer, R.W. Circle, Bolangir



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax No. : 0674-2395291, Website : www.oscsc.in

**Tender No. 15698/P-II/76/2021/PDS** **Dt.31.10.2022**

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | **From dt.01.11.2022** |
| 3 | Last Date / Time for receipt of bids in the portal | **dt. 08.11.2022 up to 5.00 PM.** |
| 4 | Date / Time of opening of Technical Bid | **dt.09.11.2022 at 11.00 AM.** |
| 5 | Name and address of the officer Inviting Tender | **Managing Director, OSCSC Ltd., C/2 Nayapalli, Bhubaneswar.** |

Tender Documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in.** Amendments / corrigendum / cancellation / retenders etc. if any shall be published only in above websites.

By Order of Managing Director
Sd/- General Manager (PDS)



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA**
ଓଡ଼ିଶା ସରକାର
E-mail ID: eepwdjsg2014@gmail.com, Telephone: 06645-271242
No. B-762 Kalimandir Road, Jharsuguda - 768202
**"e" - Procurement Notice**
**Bid Identification No. EE-R&B-JSG-16 of 2022-23**

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Single Cover** system on ONLINE mode from eligible contractors for construction of **Buildings (Civil + EI + PH)/Electrical Work/Road Work** as detailed in DTCN. | | |
| 2. | Nature of Work | : | Buildings (Civil + EI + PH)/Electrical Work/Road Works |
| 3. | Estimated Cost | : | Rs.10.01 lakhs to Rs.49.70 lakhs |
| 4. | No. of work | : | 04 (Four) Nos. |
| 5. | Tender Cost | : | Rs.6000/- (As per DTCN) |
| 6. | Class of Contractor | : | "D", "C", "B" and Electrical "HT" |
| 7. | Availability of Bid document in the website | : | 10.00 A.M. of Dt. 02.11.2022 to 5.00 P.M. of Dt. 09.11.2022 |
| 8. | Date of Opening of Technical Bid (Cover-I) | : | 11.30 A.M. on Dt.10.11.2022 |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | | |

Sd./- Superintending Engineer
Jharsuguda (R&B) Division
OIPR-34094/11/0015/2223

# ସାଧୁତା ଅବଲମ୍ବନକୁ ଗୁରୁତ୍ୱ ଦେବା ଆବଶ୍ୟକ

ଭୁବନେଶ୍ୱର,୨୬।୧୦

ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ପକ୍ଷରୁ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୨'ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱର ସ୍ଥିତ ଇଡକୋ ମୁଖ୍ୟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଇଡକୋ ମୁଖ୍ୟ ସତର୍କତା ଅଧିକାରୀ ତଥା ମୁଖ୍ୟ ସାଧାରଣ ପରିଚାଳକ (ପ୍ରଶାସନ), ସରୋଜକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଧ୍ୟ ଏକ ଶପଥ ପାଠ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ଶପଥ ପାଠ କାର୍ଯ୍ୟକ୍ରମ ପୂର୍ବରୁ ଇଡକୋର ସମସ୍ତ କର୍ମଚାରୀଙ୍କୁ ସରୋଜକାନ୍ତ ସେମାନଙ୍କର କାର୍ଯ୍ୟ, ଦାୟିତ୍ୱ ତଥା କାର୍ଯ୍ୟାଳୟରେ ସର୍ବୋପରି କିଭଳି ସାଧୁତା ଅବଲମ୍ବନ କରିବାକୁ ହେବ ସେ ସମ୍ବନ୍ଧରେ ମଧ୍ୟ ପରାମର୍ଶ ଦେଇଥିଲେ। ବିଶେଷ କରି ଆଇନ ଅନୁସାରେ ଉଭୟ ଲାଞ୍ଚ ନେବା ଓ ଅନ୍ୟ କାହାକୁ ଯାଚିବା ମଧ୍ୟ ଏକ ଦଣ୍ଡନୀୟ ଅପରାଧ ବୋଲି ସେ ସମସ୍ତ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ତା'ସହ ନିଜର ବ୍ୟକ୍ତିଗତ ତଥା ସାଧାରଣ ଜୀବନରେ ମଧ୍ୟ ନିଜକୁ ଦୁର୍ନୀତି ମୁକ୍ତ କରିବା ଲାଗି ସେ ଉପସ୍ଥିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଡକୋ ମୁଖ୍ୟ ସାଧାରଣ ପରିଚାଳକ (ଭୂମି) ବିଜୟ କୁମାର ଦାଶ, ମୁଖ୍ୟ ସାଧାରଣ ପରିଚାଳକ (ଏମ୍‌ଏସ୍‌ଏମ୍‌ଇ) ସୁଭାଷ ଚନ୍ଦ୍ର ନାଥଶର୍ମା, ମୁଖ୍ୟ ସାଧାରଣ ପରିଚାଳକ (ଅର୍ଥ) ସୁକାନ୍ତ ପ୍ରସାଦ ଦାଶ, ମୁଖ୍ୟ ସାଧାରଣ ପରିଚାଳକ (ପରିବେଶ) ଅଶୋକ କୁମାର ମିଶ୍ର, ମୁଖ୍ୟ ସାଧାରଣ ପରିଚାଳକ (ଯୋଜନା ଏବଂ ସମନ୍ୱୟ) ବିଜୟ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟ ସାଧାରଣ ପରିଚାଳକ (ସିଭିଲ) ଅଶ୍ୱିନୀ କୁମାର ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଆଜିଠାରୁ ଡିଜିଟାଲ କରେନ୍ସିର ଶୁଭାରମ୍ଭ

ନୂଆଦିଲ୍ଲୀ,୩୧।୧୦




ଚଳିତ ବର୍ଷ ନଭେମ୍ବର ୧ ତାରିଖ (ମଙ୍ଗଳବାର) ଠାରୁ ସାରା ଦେଶରେ ଡିଜିଟାଲ କରେନ୍ସିର ଶୁଭାରମ୍ଭ ହେବାକୁ ଯାଉଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ମଙ୍ଗଳବାରଠାରୁ ଭାରତରେ ଡିଜିଟାଲ କରେନ୍ସି 'ଇ-ରୁପୀ'ର ପାଇଲଟ ପ୍ରୋଜେକ୍ଟ ମଧ୍ୟ ଆରମ୍ଭ ହେଉଛି। ବିଶେଷ କରି ପ୍ରଥମ ପର୍ଯ୍ୟାୟରେ କେବଳ ଡିଜିଟାଲ ଟଙ୍କାକୁ ହୋଲସେଲ ଜରିଆରେ ପ୍ରଚଳନ କରାଯିବ। ସେହିଭଳି ପରୀକ୍ଷାମୂଳକ ଭାବେ ଏହାର ପ୍ରଚଳନ କେତେକ ସୀମିତ କ୍ଷେତ୍ରରେ କରାଯିବ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି। ଏହି ପାଇଲଟ ପ୍ରକଳ୍ପରେ ଦେଶର ପ୍ରମୁଖ ୯ ବ୍ୟାଙ୍କ ଯଥା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ୟୁନିୟନ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ୟେସ ବ୍ୟାଙ୍କ, ଆଇଡିଏଫସି ବ୍ୟାଙ୍କ ଓ ଏଚଏସବିସିକୁ ସାମିଲ କରାଯାଇଛି। ସେହିପରି ଆଗକୁ ମଧ୍ୟ ଏହି ପରୀକ୍ଷାମୂଳକ ପ୍ରୟୋଗର ପରିସର ବଢାଯାଇ ଅନ୍ତର୍ଜାତୀୟ ନେଣଦେଣ, ହୋଲସେଲ କାରବାର ପାଇଁ ଏହାର ବ୍ୟବହାର କରାଯିବ ଏବଂ ଆଗାମୀ ମାସକ ମଧ୍ୟରେ ଡିଜିଟାଲ ଟଙ୍କା (ଖୁଚୁରା) ର ପାଇଲଟ ପ୍ରକଳ୍ପ ମଧ୍ୟ ଆରମ୍ଭ ହେବ। ଅପରପକ୍ଷରେ କିଛି ସୀମିତ ଗ୍ରାହକ ଓ ସ୍ଥାନରେ ଏହାର ପରୀକ୍ଷାମୂଳକ ପ୍ରଚଳନ କରାଯିବ ବୋଲି ଆରବିଆଇ ଯୋଜନା କରିଛି। ଦେଶରେ ଡିଜିଟାଲ ଟଙ୍କାର ପ୍ରଚଳନ ସଂପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ବଜେଟ ଅଭିଭାଷଣ ବେଳେ ଘୋଷଣା କରିଥିଲେ। ସେ କହିଥିଲେ ଯେ,ବ୍ଲକଚେନ ଓ ଅନ୍ୟ ପ୍ରକାରର ଟେକ୍ନୋଲୋଜି ବ୍ୟବହାର କରି ଡିଜିଟାଲ ଟଙ୍କାର ପ୍ରସ୍ତୁତ କରାଯିବ। ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ବୃଦ୍ଧି କରିବାରେ ବେଶ ସହାୟକ ହେବ ବୋଲି ନିର୍ମଳା ମତପ୍ରକାଶ କରିଥିଲେ। ଏ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ ଯେ ଦେଶରେ ଧୀରେ ଧୀରେ ଏବଂ ପର୍ଯ୍ୟାୟକ୍ରମେ ଡିଜିଟାଲ ଟଙ୍କାର ପ୍ରଚଳନ କରାଯିବ। ଯେପରିକି ତା'ର ବିଶେଷ କୁପ୍ରଭାବ ଆର୍ଥିକ ବ୍ୟବସ୍ଥା ଓ ବ୍ୟାଙ୍କ ବ୍ୟବସ୍ଥା ଉପରେ ପଡ଼ିବ ନାହିଁ। ବିଶେଷ କରି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ହୋଲସେଲ ସେଗମେଣ୍ଟରେ ଡିଜିଟାଲ କରେନ୍ସିର ବ୍ୟବହାର କରାଯିବ। ଅପରପକ୍ଷରେ ଉପରୋକ୍ତ ବ୍ୟାଙ୍କ ଜରିଆରେ କାରବାର ସହ ଏହାର ଫଳାଫଳ ଅନୁଯାୟୀ ଅନ୍ୟସବୁ କ୍ଷେତ୍ରରେ ହୋଲସେଲ୍ ଟ୍ରାଞ୍ଜାକ୍ସନ ଏବଂ କ୍ରସ୍ ବୋର୍ଡର ପେମେଣ୍ଟ ବି ମୂଳ ଲକ୍ଷ୍ୟ ରହିବ ବୋଲି ଆରବିଆଇ ପକ୍ଷରୁ ମତ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ ଆରବିଆଇ ଅକ୍ଟୋବର ୭ରେ ଡିଜିଟାଲ ମୁଦ୍ରା ପ୍ରଚଳନ ନେଇ ସୂଚନା ଦେଇଥିଲା। ଆରବିଆଇ ଇ-ରୁପୀରେ ସ୍ୱତନ୍ତ୍ର ଫିଚର ଓ ଲାଭ ବିଷୟରେ ଉପଭୋକ୍ତାଙ୍କୁ ସୂଚନା ଦେବ।

ଜନ୍ମ ଦିନର ଶୁଭେଚ୍ଛା


(ବାପୁନି)
ଶାଶ୍ୱତ ଚନ୍ଦ୍ର ନାଥ
ଅଁଲୋ, କଟକ
ଆଜି ତୋର ୧୬ତମ ଜନ୍ମବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ ଉଜ୍ଜଳମୟ ଓ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ଆଈ, ପିଉସା, ପିଉସୀ, ବାବା, ମାମା, ମାମୁ, ମାଈଁ, ଟୁଇଦିଦି, ଦୀପାଦିଦି, ଗୁଡୁଭାଇ ଏବଂ ସମସ୍ତ ନାଥ ପରିବାରବର୍ଗ।
ଧ-୧୮୯୯

# ଜେଏସ୍‌ଡବ୍ଲ୍ୟୁର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୩୧।୧୦

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଜେଏସଡବ୍ଲ୍ୟୁ ଗ୍ରୁପର ସହଯୋଗୀ କମ୍ପାନୀ ଜେଏସଡବ୍ଲ୍ୟୁ ପେଣ୍ଟସର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ଭଗ୍ ରେଞ୍ଜର ଫିନିସକୁ ମଧ୍ୟ ଉପସ୍ଥାପନ କରାଯାଇଛି। ଯାହାକି ଉପଭୋକ୍ତାଙ୍କୁ ଆକର୍ଷଣୀୟ ୱାଲ୍ ଇଫେକ୍ଟ ପ୍ରଦାନ କରିବା ସହ ଘରର ସୌନ୍ଦର୍ଯ୍ୟକୁ ମଧ୍ୟ ବୃଦ୍ଧି କରିଥାଏ। ବିଶେଷ କରି କମ୍ପାନୀ ତା'ର 'ଥିଙ୍କ୍ ବ୍ୟୁଟିଫୁଲ୍' ପ୍ରତିଶ୍ରୁତିକୁ ଭଗ୍ ଜରିଆରେ ସଂପ୍ରସାରିତ ଏବଂ ଲକ୍ଜୁରିୟସ ଇଫେକ୍ଟସ ପ୍ରଦାନ କରୁଛି। ଯାହାଦ୍ୱାରା ଆଧୁନିକ କସ୍‌ମୋପଲିଟାନ୍ ଭାରତୀୟ ଗ୍ରାହକମାନଙ୍କ ପାଇଁ ଏକ ଫେସନେବଲ୍ ୱାଲ ପ୍ରସ୍ତୁତ କରାଯାଇପାରିବ। ଭଗ୍ ଉଭୟ କଳ୍ପନା ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିଥାଏ। ଏହି ପରିକଳ୍ପନାକୁ ଆରମ୍ଭ କରିବା ପାଇଁ ଭଗ୍ ୮ ଟି ଏକ୍ସକ୍ଲୁସିଭ୍ ୱାଲ୍ ଇଫେକ୍ଟର ଉପସ୍ଥାପନ କରିଛି। ଏଗୁଡ଼ିକ ପ୍ରକୃତି ଓ ସଂସ୍କୃତିର ଉପାଦାନ ଦ୍ୱାରା ଅନୁପ୍ରେରିତ। ଏ ସମ୍ପର୍କରେ ଜେଏସଡବ୍ଲୁ ପେଣ୍ଟସର ଜଏଣ୍ଟ ଏମଡି ଓ ସିଇଓ ଏ. ଏସ୍. ସୁନ୍ଦରେସନ୍ କହିଛନ୍ତି, ଭଗ୍ ହେଉଛି କାନ୍ଥ ପାଇଁ ଏକ ଲକ୍ଜ୍ୟୁରିୟସ୍ ଭିଜୁଆଲ୍ ଇଫେକ୍ଟସ ଏବଂ ଏକ ଡିଜାଇନର କଲେକ୍ସନ।

# ଓଏମ୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




ଭୁବନେଶ୍ୱର,୩୧।୧୦

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଏମସିର ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ ଦେବେନ୍ଦ୍ର କୁମାର ନନ୍ଦଙ୍କ ସଂଯୋଜନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଏମସିର ବିତ୍ତ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ କମ୍ପାନୀର ମାନବ ସମ୍ବଳ ନିର୍ଦ୍ଦେଶକ ଆଲୋକ କୁମାର ପାଳ, ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ କ୍ଷୀରୋଦ ଚନ୍ଦ୍ର ବ୍ରହ୍ମ, କାର୍ମିକ ଓ ପ୍ରଶାସନ ମହାପ୍ରବନ୍ଧକ ଅଶୋକ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଅନ୍ୟ ପ୍ରମୁଖ ଅଧିକାରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତି ନିବାରଣ ନିମିତ୍ତ ଶପଥ ପାଠ କରିଥିଲେ। ଚଳିତ ବର୍ଷର ବାର୍ତ୍ତା ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତି ମୁକ୍ତ ଭାରତ ଉପରେ ଅଧିକାରି ମାନେ ଆଲୋକପାତ କରିଥିଲେ। ନିଗମର ମୁଖ୍ୟ କାର୍ଯ୍ୟାଳୟ ସମେତ ବିଭିନ୍ନ କ୍ଷେତ୍ରୀୟ କାର୍ଯ୍ୟାଳୟରେ ମଧ୍ୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୩୧।୧୦

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ସତ୍ତ୍ୱେ ଷ୍ଟକ ବଜାରର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୮୭ (୭୮୬.୭୪) ପଏଣ୍ଟ ବଢ଼ି ୬୦,୭୪୭ (୬୦,୭୪୬.୫୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୨୫(୨୨୫.୪୦) ପଏଣ୍ଟ ବୃଦ୍ଧି ଘଟି ୧୮,୦୧୨ (୧୮,୦୧୨.୨୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଉଭୟ ସେନସେକ୍ସ ଓ ନିଫ୍ଟରେ ପ୍ରାୟ ୧%ରୁ ଅଧିକ ଶେୟାର ବୃଦ୍ଧି ପାଇଥିଲା।

# ଜଳେଶ୍ୱରରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଆଉଟଲେଟ




ଭୁବନେଶ୍ୱର,୩୧।୧୦

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରୀ ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ'ର ଆଉ ଏକ ଏକ୍ସକ୍ଲୁସିଭ ଆଉଟଲେଟ (ଷ୍ଟୋର) ଓଡିଶା ବଜାରରେ ଶୁଭାରମ୍ଭ ହୋଇଯାଇଛି। ବିଶେଷ କରି ସୋମବାର ବାଲେଶ୍ୱର ଜିଲାର ଜଳେଶ୍ୱର ସହରରେ ଉକ୍ତ ଷ୍ଟୋର ଉଦଘାଟିତ ହୋଇଯାଇଛି। ଏପରିକି ୬୦୪୭ ବର୍ଗଫୁଟ ପରିମିତି ସ୍ଥାନରେ ଗଢି ଉଠିଥିବା ଏହି ନୂଆ ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ରହିଛି। ଯେପରିକି ୩୯୯୯ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ ୨୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୧୫୦୦ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିଭଳି ଉକ୍ତ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହ ସ୍ଥାନୀୟ ଗ୍ରାହକଙ୍କ ପାଇଁ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଛାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ଜଳେଶ୍ୱର ସହର ତଥା ନିକଟବର୍ତ୍ତୀ ଅଂଚଳର ଗ୍ରାହକମାନେ ଏବେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଏବଂ ଚମତ୍କାର କିଣାକିଣି ଅନୁଭୂତି ସହିତ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

### ବାକି ଟଙ୍କା ଦେଲେନି ରାଜା

# ସିଂହାସନ ତିଆରି କଲେନି କାରିଗର

ଜୋହାନ୍ସବର୍ଗ

ଦକ୍ଷିଣ ଆଫ୍ରିକାର ଜୁଲୁ ରାଜାଙ୍କ ରାଜାଭିଷେକ ସରିଥିଲେ ହେଁ ସେ ଏବେ ସିଂହାସନ ଅପେକ୍ଷାରେ। ପୂର୍ବପୁରୁଷଙ୍କ ରୀତିନୀତି ଅନୁସାରେ ଜୁଲୁରାଜା ବ୍ୟବହାର କରୁଥିବା ସିଂହାସନ ଭାରତୀୟ ବଂଶୋଦ୍ଭବ ରାଜୀବ ସିଂଙ୍କ ଦ୍ୱାରା ତିଆରି କରାଯାଏ। ସ୍ୱତନ୍ତ୍ର ତାମ୍ବୋତି କାଠରେ ରାଜାଙ୍କ ସିଂହାସନ ନିର୍ମାଣ କରାଯାଉଥିବାବେଳେ ପୂର୍ବ ଅର୍ଡରର ପେମେଣ୍ଟ ନ ମିଳିବା କାରଣରୁ ସିଂହାସନ ତିଆରି ହୋଇ ନ ଥିବା କହିଛନ୍ତି ରାଜୀବ ସିଂ। ତମ୍ବୋତି କାଠରେ ଆସବାବପତ୍ର ତିଆରି କରିବାରେ ରାଜୀବଙ୍କ ପରିବାର ଖୁବ୍ ନିପୁଣ। ତାଙ୍କ ପୂର୍ବଜମାନେ ଏହି କାମ କରିଆସୁଥିବାବେଳେ ଜୁଲୁ ରାଜାଙ୍କ ଆବଶ୍ୟକୀୟ କାଠ ସାମଗ୍ରୀ ରାଜୀବଙ୍କ ନିକଟରୁ ଯାଇଥାଏ। ସାଉଥ୍ ଆଫ୍ରିକା ସରକାର



ଶନିବାର ୪୮ ବର୍ଷୀୟ ମିସୁଜୁଲୁଙ୍କୁ ଜୁଲୁ ରାଜା ଭାବେ ଘୋଷଣା କରିଥିଲେ। ୧୯୭୧ ମସିହା ପରେ ସରକାର ପ୍ରଥମ ଥର ପାଇଁ ମିସୁଜୁଲୁଙ୍କୁ ସେଠାକାର ମହାରାଜା କରିଛନ୍ତି। ରାଜୀବଙ୍କ କହିବାନୁସାରେ, ମିସୁଜୁଲୁଙ୍କ ବାପା ଗୁଡୱିଲ୍ ଜ୍ୱେଲିଥିନି ସାତବର୍ଷ ପୂର୍ବେ ନେଇଥିବା ଫର୍ନିଚର ବାବଦକୁ ୪,୫୩,୭୧୦ ଟଙ୍କା ବାକି ରହିଛି। ବକେୟା ଟଙ୍କା କଥା ରାଜ ପରିବାର ପ୍ରତିନିଧିଙ୍କୁ କହିବା ପରେ ମଧ୍ୟ ସେମାନେ ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ରାଜୀବ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଦୁଇଟି ସିଂହାସନ, ରାଜକୀୟ ବାଡ଼ି, ଜ୍ୱେଲିଥିନିଙ୍କ ୭ ସ୍ତ୍ରୀଙ୍କ ପାଇଁ ୭ ସିଂହାସନ, ୧୦ଟି ଟେବୁଲ ଓ ୩ଟି ଚା' ପ୍ଲେଟ୍ ନେଇଥିବାବେଳେ ତା' ଟଙ୍କା ବାକି ରହିଛି। ଜୁଲୁ ରାଜାଙ୍କଠାରୁ ବକେୟା ଅର୍ଥ ଆଦାୟ ପାଇଁ କୁବେର ଇଡେଭ ସିଂ ଅଭିଯୋଗ କରିଥିବା ରାଜୀବ କହିଛନ୍ତି। ଜୁଲୁ ରାଜପରିବାର ବ୍ୟତୀତ ବ୍ରିଟେନ୍‌ର ପୂର୍ବତନ ମହାରାଣୀ ଏଲିଜାବେଥ୍‌ଦ୍ୱିତୀୟଙ୍କୁ ସିଂ ପରିବାର ତରଫରୁ ଏକ ଜୁଏଲେରି ବକ୍ସ ଉପହାର ସ୍ୱରୂପ ଦିଆଯାଇଥିଲା। ସାଉଥ୍ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମାଣ୍ଡେଲାଙ୍କ ସମେତ ଆମେରିକା ରାଷ୍ଟ୍ରପତି ରୋନାଲ୍ଡ ରିଗାନ ଏବଂ ଜର୍ଜ ବୁସ୍‌ଙ୍କୁ କମଧ୍ୟ ତାମ୍ବୋତି କାଠରେ ତିଆରି ଜିନିଷ ପ୍ରଦାନ କରାଯାଇଛି।

University of California Davis ରୁ Ph.D ଲାଭ


ଡ. ସମ୍ବିତ କୁମାର ଶୁକ୍ଳ, ବ୍ରହ୍ମପୁର ନିବାସୀ ଶ୍ରୀ ଜ୍ଞାନଚାନ୍ଦ ଶୁକ୍ଳ ଓ ସୁମନା ପତିଙ୍କ ସୁପୁତ୍ର ଏବଂ ଶ୍ରୀ ଚନ୍ଦ୍ର ଶେଖର ସାହୁ (Berhampur M.P) ଓ ଲୀଲା ସାହୁଙ୍କ ଜାମାତା UC Davis ରୁ Computer Science with a concentration in Cloud System Architecture ରେ (June 2022 Session) Ph.D ଲାଭ କରିଛନ୍ତି । ସେ Prof. Dipak Ghosal ଓ Prof. Mathew Farrens ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ଗବେଷଣା ସନ୍ଦର୍ଭ "Achieving service level objectives for Latency - Critical cloud services by exploiting various forms of Heterogeneity in server clusters". ସେ ଅନୁସନ୍ଧାନ ଓ ପରୀକ୍ଷାକରି ଆବିଷ୍କାର କରିଛନ୍ତି ଯେ କିପରି Cloud Warehouse ରେ ନ୍ୟୁନରୁ ନ୍ୟୁନତମ ଶକ୍ତି ବିନିଯୋଗ କରି growing diversity of servers ରେ ସଫଳ ଭାବରେ କାର୍ଯ୍ୟକାରୀ ହୋଇ ପାରିବ। ଏଥିନିମନ୍ତେ ବିଭିନ୍ନ ନୂତନ ମାର୍ଗ ଦର୍ଶାଇଛନ୍ତି। ସେ Time-Sensitive Cloud based services ସକାଶେ ଏକ high user experience quality ର ନୂତନ ମାର୍ଗ ପ୍ରସ୍ତାବ ଓ ପ୍ରଦର୍ଶନ ଦୃଢ଼ ଭାବରେ ବର୍ଣ୍ଣନା କରିଛନ୍ତି । ତାଙ୍କର ଗବେଷଣା ବହୁବିଧ Computer Science ର ବିଭିନ୍ନ ପରିସର ଯଥା Computer Architecture, Operating System, Computer Networking, Distributed Computing and Machine Learning ର ଶିଳ୍ପ କୌଶଳକୁ ଆକର୍ଷଣ କରେ। ତାଙ୍କର ଗବେଷଣା ଲବ୍ଧଜ୍ଞାନ କୌଶଳ ପ୍ରୟୋଗକରି ଭବିଷ୍ୟତରେ Tele-robotics, Autonomous Vehicular Traffic Management, Personalized Search, Virtual Reality ଓ Online Gaming Platforms ରେ ସଫଳ ଭାବରେ ଉପଯୋଗ ହୋଇପାରିବ। ଏହା ପୂର୍ବରୁ ସେ ୩ ବର୍ଷ Samsung Research America ରେ କାର୍ଯ୍ୟରତ ଥିଲେ। Master Degree in Computer Science, University of California at Riverside ରୁ କରିଥିଲେ। National Institute of Technology (NIT), Rourkela 2008 Batch ର University Gold Medalist ଛାତ୍ର ଥିଲେ ଓ B.Tech Degree in Computer Science and Engineering ଲାଭ କରିଥିଲେ। ବ୍ରହ୍ମପୁରର St.Vincent's School ର ଛାତ୍ର ଥିଲେ ଓ Khallikote Junior College ରୁ Higher Secondary Education ପାଶ କରିଥିଲେ। ଏହି ଉପାଧିର ସଫଳତା ପଛରେ ତାଙ୍କର ଶ୍ରେୟ ସହଧର୍ମିଣୀ ମେରୀ ସାହୁ, ପିତା ମାତା, ଶାଶୁ ଶ୍ୱଶୁର, ଭଉଣୀ ନୁରୀ ସାହୁ ଓ ସୁଶ୍ରୀ ସାହୁ ଏବଂ ସମସ୍ତ ପରିବାରଙ୍କୁ ଦେଉଛନ୍ତି। ଡ. ଶୁକ୍ଳ ଭବିଷ୍ୟତରେ ନିଜର ଜନ୍ମମାଟି ଓଡିଶାକୁ ଫେରିଆସି ନିଜର ଅର୍ଜିତ ଜ୍ଞାନ କୌଶଳ ଦ୍ୱାରା ବୈଷୟିକ ଜ୍ଞାନ ଆହରଣ ଓ ସାମାଜିକ ଉନ୍ନତି ସାଧନ କରିବା ନିମନ୍ତେ ଉଚ୍ଚ ଅଭିଳାଷ ରଖିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF
For Booking Contact 0674-2580385, 8637280816, 7894447167, 9338226625

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ବିବାହ କରିବେ ହଂସିକା

ମୁମ୍ବାଇ

ବଲିଉଡ୍ ତଥା ସାଉଥ୍ ଫିଲ୍ମ ଅଭିନେତ୍ରୀ ହଂସିକା ମୋଟୱାନୀ ଡିସେମ୍ବର ୬ରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ମୁମ୍ବାଇର ବିଜ୍‌ନେସ୍‌ମ୍ୟାନ୍ ସୋହେଲ ଖଟୁରିଆଙ୍କ ସହ ହଂସିକାଙ୍କ ବାହାଘର ହେବ। ହଂସିକା ଆରେଞ୍ଜ ମ୍ୟାରେଜ୍ କରୁଥିବା କେତେକ ସାଇଟ୍‌ରେ ଖବର ପ୍ରକାଶ ପାଇଥିବାବେଳେ ତାଙ୍କର ଖାସ୍ ବନ୍ଧୁ ଏହା ଲଭ୍ ମ୍ୟାରେଜ୍ ବୋଲି କହୁଛନ୍ତି। ରାଜସ୍ଥାନ ଜୟପୁରରେ ତାଙ୍କ ଡେଷ୍ଟିନେଶନ୍ ୱେଡିଂ ଅନୁଷ୍ଠିତ ହେବ। ଏହି ୩୦ ବର୍ଷୀୟା ଅଭିନେତ୍ରୀଙ୍କର ମ୍ୟାରେଜ୍ ସେରିମୋନି ଡିସେମ୍ବର ୨ରୁ ଆରମ୍ଭ ହେବ। ବିବାହ କାର୍ଯ୍ୟରେ ପରିବାର ଓ କେତେଜଣ ଖାସ୍ ବନ୍ଧୁ ଉପସ୍ଥିତ ରହିବେ ବୋଲି କୁହାଯାଉଛି। ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପ୍ରକାର ଡ୍ରେସ୍‌କୋଡ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ଜୟପୁର ରାଜପ୍ରାସାଦରେ ବିବାହ ସମାରୋହର ଆୟୋଜନ କରାଯାଇଛି। ଶେଷଥର ପାଇଁ ଫିଲ୍ମ 'ମହା'ରେ ହଂସିକାଙ୍କୁ ଦେଖାଯାଇଥିଲା।

# ୪୭ ଲକ୍ଷ ଟଙ୍କାରେ 'ସାଇଚିକ୍ ଥେରାପି'

## ଦୂର ହେବ ଭୟ

**ମସ୍କୋ:** ଅବସାଦ, ଭୟ ଓ ଚିନ୍ତା ପରି ବିରାଟ ସମସ୍ୟାର ସମାଧାନ ପାଇଁ ରୁଷିଆର ଏକ କମ୍ପାନୀ ନିଆରା ଥେରାପି ବ୍ୟବସ୍ଥା କରିଛି। ରୁଷିଆରେ ପ୍ରେକାଟେଡ୍ ଏକାଡେମୀ ନାମରେ ଥିବା ଏକ କମ୍ପାନୀ ଲୋକଙ୍କୁ ସାଇଚିକ୍ ଥେରାପି ଯୋଗାଉଛି, ଯାହାର ମୂଲ୍ୟ ୪୭ ଲକ୍ଷ ଟଙ୍କା। ତେବେ ଏହି ଥେରାପି ଦ୍ୱାରା ମାନସିକ ଚିନ୍ତା ଓ ଭୟରୁ ତ୍ରାହି ମିଳପାରିବ। ପଦ୍ଧତି ଅନୁସାରେ ଜୀବନ୍ତ ମଣିଷକୁ କଫିନ୍‌ରେ ଭର୍ତ୍ତି କରି ମାଟି ତଳେ ପୋତିଦିଆଯାଏ। ଥେରାପିଟିକୁ ରୁଷିଆର ଏସ୍‌ଟି ପିଟର୍ସବର୍ଗରେ କରାଯିବ। ଯେଉଁମାନଙ୍କ ପାଇଁ ୪୭ ଲକ୍ଷ ଟଙ୍କାର ଥେରାପି ନେବା କଷ୍ଟକର ହୋଇପଡୁଛି ସେହିମାନଙ୍କ ପାଇଁ ୧୨ ଲକ୍ଷ ଟଙ୍କାର ଏକ ଥେରାପି ମଧ୍ୟ ଉପଲବ୍ଧ ରହିଛି। ଥେରାପି ନେଉଥିବା ବ୍ୟକ୍ତି ଅନ୍‌ଲାଇନ୍‌ରେ ଦେଖିପାରିବେ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ବିଶ୍ୱନାଥ ଗାରଡ଼ିଆ
(ଅବସରପ୍ରାପ୍ତ ଶିକ୍ଷକ)
ଦୁର୍ଗାପୁର, ବାରବାଟୀ, ରସୁଲପୁର ବ୍ଲକ୍, ଜି- ଯାଜପୁର
ଆବିର୍ଭାବ-୧୪।୧୧।୧୯୪୬
ତିରୋଧାନ- ୨୨।୧୦।୨୦୨୨
ଆପଣଙ୍କ ପରଲୋକରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ଆଶିଷ ଏକାନ୍ତ କାମ୍ୟ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଭକ୍ତିପୂତ ପ୍ରାର୍ଥନା। **ଶୋକସନ୍ତପ୍ତ:** ସ୍ତ୍ରୀ: କନକଲତା, ପୁଅ: କାର୍ତ୍ତିକ, ବୋହୂ: ଲକ୍ଷ୍ମୀ, ଝିଅ: ମାନସୀ, ଅନ୍ନପୂର୍ଣ୍ଣା, ସୋନୁ, ଜ୍ୱାଇଁ: ଅଜୟ, ଜୟ ପ୍ରକାଶ, ଭାଇ: କୁଶମଣି, କେଶବ, ଋଷିମଣି, ରାମଚନ୍ଦ୍ର, ପୁତୁରା: ମନୁଆ, ପବିତ୍ର, ମଧୁ, ପାଗା, ପାଉ, ଚାନ୍ଦ, ବାଟୁ, ନାଲୁ, ମିଟୁ, ନାତିନାତୁଣୀ: ବିସ୍ମୟ, ବୁନୁ, ମୁନୁ, ଇତିଶ୍ରୀ, ଶୁଭଶ୍ରୀ, ଋତୁପର୍ଣ୍ଣା, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୮୯୮

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି
ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ।
ଧ-୧୮୯୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ରବୀନ୍ଦ୍ରନାଥ ମହାପାତ୍ର
ଯଯାତିକେଶରୀ କ୍ଲବ, ଲେବର୍ ଟେନାମେଣ୍ଟ, ଚାରିବାଟିଆ, ଚୌଦ୍ୱାର
ଆବିର୍ଭାବ: ୦୮।୦୪।୧୯୪୧
ତିରୋଧାନ: ୨୨।୧୦।୨୦୨୨
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଇତି: ହତଭାଗ୍ୟ ପୁତ୍ର: ଅନନ୍ତ କିଶୋର ମହାପାତ୍ର ଏବଂ ପରିବାର ଓ ବନ୍ଧୁବର୍ଗ।
ଧ-୧୮୬୨

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଆଦିତ୍ୟ ତ୍ରିପାଠୀ
ବିନାୟକ ନଗର, କଟକ
ଆବିର୍ଭାବ : ୧୦.୦୮.୧୯୪୯
ତିରୋଧାନ : ୨୨.୧୦.୨୦୨୨
ଆପଣଙ୍କ ଆଦର୍ଶ, ତ୍ୟାଗ, ନିଷ୍ଠା, ଶ୍ରଦ୍ଧା ଓ ସମୟାନୁବର୍ତ୍ତିତା ଆମ ମାନଙ୍କ ପାଇଁ ଚିରଦିନ ଉଦାହରଣ ହୋଇ ରହିବ। ଆପଣଙ୍କ ଅମର ଆତ୍ମା ର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୮୬୯

# ସ୍ମରଣ ଶକ୍ତି ବଢ଼ାଏ

ସ୍ମୃତିଶକ୍ତି ବୃଦ୍ଧି ପାଇଁ ଅନେକେ ବିଭିନ୍ନ ପ୍ରକାର ଔଷଧ ଖାଇଥା'ନ୍ତି। କିନ୍ତୁ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇ ପ୍ରାକୃତିକ ଉପାୟରେ ବି ନିଜ ସ୍ମରଣଶକ୍ତିକୁ ବୃଦ୍ଧି କରିହେବ। ତେଣୁ ଜାଣି ରଖନ୍ତୁ କେଉଁସବୁ ଖାଦ୍ୟ ଖାଇଲେ ସ୍ମୃତିଶକ୍ତି ବୃଦ୍ଧିପାଇବ...



**ପେସ୍ତାବାଦାମ (ଆଲମଣ୍ଡ):** ପେସ୍ତାବାଦାମରେ ଭିଟାମିନ୍ ବି-୬, ଭିଟାମିନ୍-ଇ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ରହିଛି ଯାହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏଥିରେ ଫାଇବର ଓ ପ୍ରୋଟିନ ଥାଏ ଯାହା ଭୋକ ନିୟନ୍ତ୍ରଣ କରେ ଓ ହଜମ ପ୍ରକ୍ରିୟାକୁ ଠିକ୍ କରେ। ତେବେ ସବୁବେଳେ ଭିଜା ହୋଇଥିବା ପେସ୍ତାବାଦାମ ଖାଆନ୍ତୁ।

**ଆଖରୋଟ:** ମସ୍ତିଷ୍କ ପାଇଁ ଅଖରୋଟକୁ ସୁପରଫୁଡ କୁହାଯାଏ। ଆଖରୋଟରେ ଓମେଗା-୩ ଏସିଡ ରହିଛି ଯାହା ମସ୍ତିଷ୍କ ନିମନ୍ତେ ବହୁତ ଫାଇଦା ଆଣିଥାଏ।



**ଅଳସୀ ଓ କଖାରୁ ମଞ୍ଜି:** ଅଳସୀ ଓ କଖାରୁ ମଞ୍ଜିରେ ଭିଟାମିନ୍ କେ, ଏ, ସି, ବି୬, ଆଇରନ୍, ଜିଙ୍କ ଆଦି ରହିଛି। ତେଣୁ ଏହା ସ୍ମରଣଶକ୍ତି ବୃଦ୍ଧି କରିବାରେ ବହୁତ ସାହାଯ୍ୟ କରିଥାଏ।

**କାଜୁ:** କାଜୁ ମଧ୍ୟ ସ୍ମରଣ ଶକ୍ତି ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ। କାଜୁରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଓ ଭିଟାମିନ୍ 'ସି' ରହିଛି। ତେଣୁ ପ୍ରତିଦିନ କାଜୁ ଖାଇବା ଫଳରେ ମନେରଖିବା କ୍ଷମତା ବଢ଼ିଥାଏ।

# ଅଫିସ ଯିବା ପୂର୍ବରୁ...



ଡ୍ରେସିଂ ସେନ୍ସ ହିଁ ଜଣଙ୍କର ପର୍ସନାଲିଟିକୁ ଦର୍ଶାଇ ଥାଏ। ତେଣୁ ଅଫିସରେ ସ୍ମାର୍ଟ ପର୍ସନାଲିଟି ସଫଳତା ପାଇବାରେ ସାହାଯ୍ୟ କରିଥାଏ। ତେଣୁ ଏଭଳି ଲୁକ୍ ପାଇଁ ଅଫିସ ଯିବା ସମୟରେ କିଛି ଦିଗପ୍ରତି ଧ୍ୟାନ ଦିଅନ୍ତୁ...

➤ଅଫିସ ଯିବାବେଳେ କାଜୁଆଲ୍ ଲୁକ୍ ଦେଉଥିବା ପୋଷାକ ପିନ୍ଧନ୍ତୁ ନାହିଁ। ବରଂ ପ୍ରଫେଶନାଲ୍ ଲୁକ୍ ଦେଉଥିବା ପୋଷାକ ପିନ୍ଧନ୍ତୁ। ଅବଶ୍ୟ ସପ୍ତାହକୁ ଥରେ କିମ୍ବା ଦୁଇଥର କାଜୁଆଲ୍ ଲୁକ୍‌ରେ ଗଲେ ଚଳିବ।

➤ଅଫିସ ଯିବାବେଳେ ଆପଣ ନିଜକୁ ଠିକ୍ ଫିଟିଂ ହେଉଥିବା ଆରାମଦାୟକ ପୋଷାକ ପିନ୍ଧନ୍ତୁ। ପୋଷାକ ଭଲ ଫିଟିଂ ହୋଇଥିଲେ ଆପଣଙ୍କୁ ପ୍ରେଜେଣ୍ଟେବୁଲ୍ ଲାଗିଥାଏ। ତେଣୁ ବଡି ଟାଇପ୍‌ର ପୋଷାକ ପିନ୍ଧିଲେ ଆରାମଦାୟକ ହେବା ସହିତ ଆତ୍ମବିଶ୍ୱାସ ବଢ଼ାଇଥାଏ। ଅନ୍ୟକୁ ଦେଖି କୌଣସି ପ୍ରକାରର ଟ୍ରେଣ୍ଡ ଅନୁସରଣ କରନ୍ତୁ ନାହିଁ। ହୁଏତ ଏହା ଆପଣଙ୍କୁ ଭଲ ଲାଗିବ ନାହିଁ।

➤ଅଫିସରେ ପିନ୍ଧିବା ପାଇଁ ଏଭଳି କପଡ଼ା ବାଛନ୍ତୁ ଯାହା ଆପଣଙ୍କ ଆତ୍ମବିଶ୍ୱାସକୁ ବଢାଉଥିବ। ତେଣୁ ଜିନ୍ସ ହେଉ ବା ଶାଢ଼ି ଅବା ସୁଟ୍ ନିଜ ପସନ୍ଦ ଅନୁସାରେ ପିନ୍ଧନ୍ତୁ।

➤କେବଳ ପୋଷାକ ନୁହେଁ ଆପଣଙ୍କୁ ଜୋତା ପିନ୍ଧିବା ଉପରେ ମଧ୍ୟ ଧ୍ୟାନ ଦେବାକୁ ହେବ। ତେଣୁ ଭଲ କ୍ୱାଲିଟି ଓ ପିନ୍ଧିବାକୁ ଆରାମ ଲାଗୁଥିବା ଜୋତା ହିଁ ପିନ୍ଧନ୍ତୁ। ପୋଷାକକୁ ମ୍ୟାଚ କରି ଜୋତା ପିନ୍ଧିଲେ ମଧ୍ୟ ଭଲ ଲାଗିବ।

ଖାଦ୍ୟରୁଚି

# ଜିଲାପି



**ଆବଶ୍ୟକ ସାମଗ୍ରୀ-**
ମଇଦା- ୧ କପ୍, ବେକିଂ ପାଉଡର- ଅଧା ଚାମଚ, କର୍ନଫ୍ଲୋର- ୧ ଚାମଚ, ହଳଦିଆ ରଙ୍ଗ- ଅଳ୍ପ, ଛାଣିବା ପାଇଁ ତେଲ କିମ୍ବା ଘିଅ, ଆବଶ୍ୟକ ଅନୁସାରେ ପାଣି।
ସିରା ନିମନ୍ତେ- ଚିନି- ୩ କପ୍, ପାଣି- ୩ କପ୍

**ପ୍ରସ୍ତୁତି ପ୍ରଣାଳୀ-**
ପ୍ରଥମେ ଏକ ବଡ଼ ପାତ୍ରରେ ମଇଦା ନେଇ ସେଥିରେ ବେକିଂ ପାଉଡର, କର୍ନଫ୍ଲୋର ଓ ପାଣି ମିଶାଇ ଏକ ଘୋଳ ତିଆରି କରନ୍ତୁ। ଘୋଳକୁ ଅଧିକ ପତଳା କରନ୍ତୁ ନାହିଁ। ଏହି ଘୋଳରେ ୨ ବଡ଼ ଚାମଚ ଦହି ମିଶାନ୍ତୁ। ଏଥିରେ ହଳଦିଆ ରଙ୍ଗ ମିଶାଇ ଭଲଭାବେ ଗୋଳାଇ କିଛି ସମୟ ଘୋଡ଼ାଇ ରଖିଦିଅନ୍ତୁ। ଏହି ସମୟରେ ପାଣି ଗରମ କରି ସେଥିରେ ଚିନି ପକାଇ ସିରା ପ୍ରସ୍ତୁତ କରି ରଖନ୍ତୁ। ସିରାକୁ ମଧ୍ୟ ଅଧିକ ପତଳା କରନ୍ତୁ ନାହିଁ କିମ୍ବା ଅଧିକ ବହଳିଆ କରନ୍ତୁ ନାହିଁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ଜିଲାପି ପାଇଁ ପ୍ରସ୍ତୁତ ଥିବା ଘୋଳରେ ଏକ ସଫା ସୂତା କପଡ଼ା ପକାନ୍ତୁ। ତେଲ ଗରମ ହେବା ପରେ ଘୋଳରେ ଥିବା ସୂତା କପଡ଼ାକୁ ଆଣି ଜିଲାପି ଆକାରରେ ପକାନ୍ତୁ। ଏହା ପରେ ଜିଲାପିକୁ ଓଲଟାଇ ବାହାର କରି ସିରାରେ ପକାଇ କାଢି ଦିଅନ୍ତୁ। ଏବେ ପ୍ରସ୍ତୁତ ଜିଲାପିକୁ ଗରମ ଗରମ ପରଷି ଦିଅନ୍ତୁ।

ସୌନ୍ଦର୍ଯ୍ୟ

# ଟମାଟୋ ଫେସିଆଲ୍

ଘରେ ପ୍ରାକୃତିକ ଫେସିଆଲ ଲଗାଇ ଆପଣ ସଙ୍ଗେ ସଙ୍ଗେ ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇପାରିବେ। ତେବେ ଇନଷ୍ଟାଣ୍ଟ ଗ୍ଲୋ ପାଇଁ ଘରେ କରନ୍ତୁ ଟମାଟୋ ଫେସିଆଲ୍...







■ଯେକୌଣସି ପ୍ରକାର ଫେସିଆଲ୍ କରିବା ପୂର୍ବରୁ ମୁହଁକୁ ପ୍ରଥମେ ଭଲଭାବେ ସଫା କରନ୍ତୁ। ତ୍ୱଚାକୁ ସଫା କରିବା ପାଇଁ ମଧ୍ୟ ଟମାଟୋ ବ୍ୟବହାର କରିହେବ। ପାଚିଲା ଟମାଟୋକୁ ମୁହଁରେ ଭଲଭାବେ ଘଷନ୍ତୁ ଓ ଶୁଖିବା ପରେ ଧୋଇ ଦିଅନ୍ତୁ। ଏହାପରେ ଫେସିଆଲ୍ କରନ୍ତୁ।

■ଟମାଟୋ ଫେସିଆଲ୍ ତିଆରି କରିବା ପାଇଁ ପ୍ରଥମେ ଟମାଟୋ ପେଷ୍ଟ ତିଆରି କରନ୍ତୁ। ଏହାପରେ ୨ ଚାମଚ ଟମାଟୋ ପେଷ୍ଟ ସହିତ ଅଧା ଚାମଚ ଲେମ୍ବୁ ରସ, ୨ ଚାମଚ ଦହି ଓ ୧ ଚାମଚ ବେସନକୁ ଭଲଭାବେ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁ ଏବଂ ବେକରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖି ଧୋଇ ଦିଅନ୍ତୁ। ଏହି ଫେସିଆଲ୍ କରି ସାରିବା ପରେ ମୁହଁରେ ମଶ୍ଚରାଇଜର କିମ୍ବା ଲୋସନ ନିଶ୍ଚୟ ଲଗାନ୍ତୁ। ଆଲୋଭେରା ଜେଲ୍‌କୁ ମଧ୍ୟ ମଶ୍ଚରାଇଜର ଭଳି ଲଗାଇ ପାରିବେ।

■ଟମାଟୋ ଫେସିଆଲ୍ କରିବା ଫଳରେ ମୁହଁରେ ଟାନିଂ, ବ୍ରଣ କିମ୍ବା ତ୍ୱଚାର କୁଞ୍ଚନ ଭଳି ସମସ୍ୟା ଧୀରେ ଧୀରେ କମ୍ ହୋଇଯିବ। ତେଣୁ ତ୍ୱଚା ଅଧିକ ଗ୍ଲୋ କରିବ। ସପ୍ତାହରେ ଏହି ଫେସିଆଲ୍‌କୁ ୨ରୁ ୩ ଥର କରିପାରିବେ।

# ସ୍ୱୟଂସମ୍ପୂର୍ଣ୍ଣା









ମାଟି ସହ ମାଟି ହୋଇପାରେ ବୋଲି ସେ ମା'। ପରିବାର ପ୍ରତିପୋଷଣ ପାଇଁ ସେ ଆପଣେଇ ନେଇଛି ମୃତ୍ତିକା କଳାକୁ। ଗୋଟିଏପଟେ ପରିବାର ଆଉ ଅନ୍ୟପଟେ ବ୍ୟବସାୟ କରି ନିଜକୁ ସ୍ୱୟଂସମ୍ପୂର୍ଣ୍ଣ କରିପାରିଛି। ମାଟିରେ ପାରମ୍ପରିକ ଆଉ ଆଧୁନିକ ଡିଜାଇନ୍‌ର ବିଭିନ୍ନ ସାମଗ୍ରୀ ତିଆରି କରି ବ୍ୟବସାୟ କରିବା ସହିତ ସୃଷ୍ଟି କରିପାରିଛି ନିଜର ସ୍ୱତନ୍ତ୍ର ପରିଚୟ...

ପରିବାର ଲୋକଙ୍କୁ ଖୁସିରେ ରଖିବା ପାଇଁ ସଳିତା ହୋଇ ଜଳିବାକୁ ନିଜ ସୌଭାଗ୍ୟ ମନେକରେ ନାରୀଟିଏ। ସେଥିପାଇଁ ତ ଅନେକେ ଏବେ ପେଟପାଟଣା ପାଇଁ ଘରୁ ଗୋଡ଼ କାଢ଼ିଛନ୍ତି। ମୃତ୍ତିକା କଳା ମାଧ୍ୟମରେ ନିଜ ସାମର୍ଥ୍ୟକୁ ପ୍ରମାଣ କରିଛନ୍ତି ଏମିତି ଅନେକ।

**ବିବାହ ପରେ ବୃତ୍ତି:** ତାଙ୍କ ହାତର ସ୍ପର୍ଶରେ ମାଟି ବି କଥାକହେ। କେବେ ସୁନ୍ଦର ଖେଳନାଟିଏ ହୋଇ ତ କେବେ ପୁଣି ରୋଷେଇ ଘରର ବିଭିନ୍ନ ଆସବାବପତ୍ର ଆଉ କେବେ ପୂଜାଘରର ବିଭିନ୍ନ ଜିନିଷ ବି ସେ ବେଶ୍ ସୁନ୍ଦରଭାବେ ତିଆରି କରିପାରନ୍ତି। ଏମିତି ଏକ ବୃତ୍ତିକୁ ଆପଣାଇ ଏବେ ବେଶ୍ ଭଲ ରୋଜଗାର କରି ପାରୁଛନ୍ତି ବଲାଙ୍ଗୀରର ପୁଷ୍ପା ରଣା। ପାଟଣାଗଡ଼ ବ୍ଲକର ଗେରଡ଼ା ଗାଁରେ ରହନ୍ତି ପୁଷ୍ପା। କିନ୍ତୁ ରାଜ୍ୟର ବିଭିନ୍ନ ଜିଲାରେ ଆୟୋଜିତ ହେଉଥିବା ପ୍ରଦର୍ଶନୀରେ ନିଜ ହସ୍ତଶିଳ୍ପ ସାମଗ୍ରୀକୁ ବିକ୍ରି କରିଥାନ୍ତି। ବିଭିନ୍ନ ଡିଜାଇନ୍ ମାଟିଦୀପ ସହିତ ମାଟି ହାଣ୍ଡି, ମାଟିର କପ୍, ପ୍ଲେଟ୍ ଓ ଘରସଜା ସାମଗ୍ରୀ ଏମିତି କେତେ କ'ଣ ଅତି ସୁନ୍ଦର ଡିଜାଇନ୍‌ରେ ସେ ତିଆରି କରିଥା'ନ୍ତି। ସେଥିପାଇଁ ତ ତାଙ୍କ ହସ୍ତଶିଳ୍ପର ବେଶ୍ ଆଦର ରହିଛି। ଆଉ ଏସବୁ ମାଧ୍ୟମରେ ସେ ଭଲ ରୋଜଗାର କରି ଆତ୍ମସନ୍ତୋଷ ପାଇ ପାରୁଛନ୍ତି।

ବିବାହ ପରେ ପୁଷ୍ପା ଏଇ କାମ ଆରମ୍ଭ କରିଥିଲେ। ପ୍ରଥମେ କେବଳ ମାଟିଦୀପ ଓ ହାଣ୍ଡି ତିଆରି କରୁଥିଲେ। କିନ୍ତୁ ମାଟିର ବିଭିନ୍ନ ହସ୍ତଶିଳ୍ପ ପାଇଁ ଗାଁରେ ତାଲିମ ଦିଆଯାଉଛି ଜାଣିବା ପରେ ସେ ତାଲିମ ନେଇଥିଲେ। ଏହାପରେ ତାଲିମ ନେଇ ଏବେ ମାଟିରେ ସବୁ କିଛି ଗଢି ପାରୁଛନ୍ତି। ଏହି ପେସାକୁ ଏବେ ସେ ଲାଭଜନକ ମାଧ୍ୟମ କରି ପାରିଛନ୍ତି। ଏବେ ତାଙ୍କ ପରିବାରର ସମସ୍ତେ ଏହି ବୃତ୍ତିକୁ ଆପଣାଇ ନେଇଛନ୍ତି। ପିଲାମାନେ ପାଠ ପଢୁଛନ୍ତି, ସେମାନେ ବି ଫୁର୍‌ସତରେ କେବେ କେବେ ଖୁସିରେ ଏହି କାମ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଏମିତି ଏକ ବୃତ୍ତିକୁ ଆପଣାଇ ପୁଷ୍ପା ଏବେ ତାଙ୍କ ପରିବାର ପାଇଁ ପାଲଟିଛନ୍ତି ଆଲୋକବର୍ତ୍ତିକା।

*-ପୁଷ୍ପା ରଣା, ବଲାଙ୍ଗୀର*

**ସବୁବେଳେ ତିଆରି କରନ୍ତି:** ମାଟିକୁ ନୂଆ ନୂଆ ରୂପ ଦେଇ ସଜେଇବାରେ ସେ ଯେମିତି ମଗ୍ନ ହେଇଯାନ୍ତି। ସେଥିପାଇଁ ତ ମାଟିରେ ବି ସେ ଭରି ଦିଅନ୍ତି ପ୍ରାଣ। ମାଟିରେ ଏମିତି ଜୀବନ୍ତ କଳାକୁ ରୂପ ଦେଇ ରୋଜଗାରକ୍ଷମ ହୋଇ ପାରିଛନ୍ତି କେନ୍ଦ୍ରାପଡ଼ାର ନିରୁପମା ବେହେରା। ପଟ୍ଟାମୁଣ୍ଡାଇ ବ୍ଲକର ଓଉପଦାରେ ତାଙ୍କ ଘର। କୌଳିକ ବୃତ୍ତିକୁ ଆପଣାଇ ସେ ମାଟିରେ ହାଣ୍ଡି ମାଠିଆ ଗଢିବା କାମ ଶିଖି ପାରିଥିଲେ। କିନ୍ତୁ ମାଟିରେ ବି ସୁନ୍ଦର କଳା ରୂପ ନେଇପାରେ ଏକଥା ସେ ଜାଣିପାରିଲେ ଯେତେବେଳେ ସେ ଟ୍ରେନିଂ ନେଇଥିଲେ। ଆଉ ଟ୍ରେନିଂ ସରିବାପରେ ୨୦୦୬ ମସିହାରୁ ସେ ଏହି କାମ କରି ରୋଜଗାରକ୍ଷମ ହୋଇପାରିଛନ୍ତି।

ଏବେ ଦୀପାବଳି ସମୟରେ ସୁନ୍ଦର ଡିଜାଇନ୍ ଦୀପ ସାଙ୍ଗକୁ ଫୁଲଦାନି, ଖେଳନା ଆଉ ଆକର୍ଷଣୀୟ ଘରସଜା ସାମଗ୍ରୀ ସବୁ ତିଆରି କରୁଛନ୍ତି। ତାଙ୍କ ହାତତିଆରି ଏସବୁ ମାଟି ଜିନିଷର ଚାହିଦା ଏବେ ଢେର୍ ବୃଦ୍ଧି ପାଇଛି। ସେଥିପାଇଁ ତ ସ୍ୱାମୀଙ୍କ ସହ ମିଶି ସେ ଏହି କଳାକୁ ଆପଣାଇ ନେଇଛନ୍ତି। ବର୍ଷତମାମ ତ ସେ ମାଟିର ବିଭିନ୍ନ ଜିନିଷ ତିଆରି କରିଥାନ୍ତି। ଆଉ କେବେ ରାଜ୍ୟର ବିଭିନ୍ନ ପ୍ରଦର୍ଶନୀରେ ନିଜ ସାମଗ୍ରୀ ବିକ୍ରି କରନ୍ତି ତ କେବେ ପାଖ ଗାଁରେ ମଧ୍ୟ ବିକ୍ରି କରିବାର ସୁଯୋଗ ପାଇଥାନ୍ତି। ଅନେକ ସମୟରେ ବ୍ୟବସାୟୀମାନେ ବରାଦ ଦେଇ ତାଙ୍କ ଘରକୁ ଆସି ବିଭିନ୍ନ ସାମଗ୍ରୀ କିଣି ନେଇଥାନ୍ତି। ନିରୁପମାଙ୍କ କହିବା ଅନୁସାରେ ବିକ୍ରି କରିବା ପାଇଁ ସେ କେବେ ଚିନ୍ତା କରନ୍ତି ନାହିଁ କିନ୍ତୁ ବର୍ଷର ସବୁ ସମୟରେ ସେ ମାଟିର ବିଭିନ୍ନ ଜିନିଷ ତିଆରି କରୁଥାନ୍ତି। ସମୟ ଆସିଲେ ସବୁ ବିକ୍ରି ହୋଇଯାଏ।

*-ନିରୁପମା ବେହେରା, କେନ୍ଦ୍ରାପଡ଼ା*



ନିରୁପମା



ପଦ୍ମାବତୀ



ପାର୍ବତୀ



ପୁଷ୍ପା

**ରୋଜଗାରକ୍ଷମ ହୋଇଛି ବୋଲି ଖୁସି ଲାଗୁଛି:** ନିଜେ ରୋଜଗାର କରି ପରିବାରକୁ ସାହାଯ୍ୟ କରିପାରିଲେ ପ୍ରତ୍ୟେକ ନାରୀ ବହୁତ ଖୁସି ହୋଇଥାନ୍ତି। ଠିକ୍ ଏମିତି ଅନୁଭବ କରି ଏବେ ବେଶ୍ ଆତ୍ମସନ୍ତୋଷ ପାଇଛନ୍ତି ଯାଜପୁର ଧର୍ମଶାଳା ବ୍ଲକ ମଙ୍ଗରାଜପୁର ଗାଁର ପାର୍ବତୀ ବେହେରା। ସୁଦୂର ମଫସଲ ଗାଁର ଏହି ମହିଳା ଏବେ ଜଣେ ସଫଳ ବ୍ୟବସାୟୀ। ମୃତ୍ତିକା କଳାକୁ ଆପଣାଇ ସ୍ଥାନୀୟ ଅଞ୍ଚଳରେ ସେ ସୃଷ୍ଟି କରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ।

ମାଟିରେ ଭଳିକି ଭଳି ସାମଗ୍ରୀ ତିଆରି କରି ସେ ଏବେ ଗାଁ ବାହାରେ ବି ବିକ୍ରି କରି ପାରୁଛନ୍ତି। ଦୀପାବଳି ଆସିଲେ ସୁନ୍ଦର ଡିଜାଇନ୍‌ରେ ସେ ତିଆରି କରନ୍ତି ମାଟି ଦୀପ। ଆଉ ତା' ସାଙ୍ଗକୁ ଘର ସଜା ପାଇଁ ଫୁଲଦାନିଠାରୁ ଆରମ୍ଭ କରି ବିଭିନ୍ନ ଡିଜାଇନରେ ରଙ୍ଗିନ ଆସବାବପତ୍ର ବି ତିଆରି କରୁଛନ୍ତି। ଲୋକଙ୍କ ଚାହିଦା ମୁତାବକ ସବୁ ପ୍ରକାରର ଜିନିଷ ସେ ମାଟିରେ ତିଆରି କରିପାରୁଛନ୍ତି। ତାଙ୍କ କହିବା ଅନୁସାରେ ଏବେ ଲୋକେ ଧୀରେ ଧୀରେ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବାରୁ ମାଟିର ହାଣ୍ଡି, ମାଠିଆ, କପ୍ ପ୍ଲେଟ ଆଦି ବିଭିନ୍ନ ଜିନିଷ ଅଧିକ କିଣିବାକୁ ପସନ୍ଦ କରୁଛନ୍ତି। ତେଣୁ ଏହି ବୃତ୍ତିକୁ ଆପଣାଇ ଏବେ ସେ ପରିବାର ଚଳାଇବାରେ ପ୍ରମୁଖ ଭୂମିକା ନେଇ ପାରିଛନ୍ତି।

*ପାର୍ବତୀ ବେହେରା, ଯାଜପୁର*

**ତାଲିମ ନେବା ପରେ ଭଲ ବ୍ୟବସାୟ:** କୌଳିକ ବୃତ୍ତିରୁ କିଛି କାମ ଶିଖିଥିଲେ ଆଉ କିଛି ଶିଖିଲେ ତାଲିମ ନେବାପରେ। ଏବେ ସେ ମୃତ୍ତିକା କଳାର ଜଣେ ସ୍ୱତନ୍ତ୍ର କାରିଗର। ଏମିତି ଏକ ପରିଚୟ ସୃଷ୍ଟି କରିପାରିଛନ୍ତି ନୟାଗଡ଼ର ପଦ୍ମାବତୀ ମୁଦୁଲି। ନୟାଗଡ଼ ରଣପୁରର ଗଉଡିଆପଡ଼ାରେ ତାଙ୍କ ଘର।

ପ୍ରଥମେ ସେ କେବଳ ହାଣ୍ଡି, ମାଠିଆ ଓ ଦୀପ ତିଆରି କରୁଥିଲେ। କିନ୍ତୁ ଗାଁରେ ଟ୍ରେନିଂ ନେବାପରେ ସେ ମାଟିରୁ ବିଭିନ୍ନ ଡିଜାଇନ୍ ଆସବାବପତ୍ର ତିଆରି ଶିଖିଥିଲେ। ବିବାହ ପରେ ବି ସେ ଏସବୁ କାମ କରି ବେଶ୍ ଭଲ ରୋଜଗାର କରି ପାରୁଛନ୍ତି। ପଦ୍ମାବତୀ କୁହନ୍ତି, ଏବେ ସେ ଗାଁରେ ବି ମାଟିର ସୁନ୍ଦର ଡିଜାଇନ୍ ଜିନିଷ ସବୁ ତିଆରି କରି ବିକ୍ରି କରିବାର ସୁଯୋଗ ପାଉଛନ୍ତି। ଅନେକ ସମୟରେ ବ୍ୟବସାୟୀମାନେ ତାଙ୍କ ପାଖରୁ ବରାଦ କରି ବିଭିନ୍ନ ସାମଗ୍ରୀ କିଣି ନେଇଥାନ୍ତି। କେବେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ତ କେବେ ନିଜସ୍ୱ ଉଦ୍ୟମରେ ବିଭିନ୍ନ ପ୍ରଦର୍ଶନୀ ଓ ମେଳାରେ ନିଜ ସାମଗ୍ରୀକୁ ବିକ୍ରି କରିପାରୁଛନ୍ତି।

*-ପଦ୍ମାବତୀ ମୁଦୁଲି, ନୟାଗଡ଼*



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୧/୨୦୨୨ Sambalpur, Tuesday, November 1/ 2022

# ୪ ସିରିଜ୍ ପାଇଁ ୩ ଅଧିନାୟକ

**ଆଡିଲେଡ୍, ୩୧।୧୦ (ପି.ଟି.)**

ନ୍ୟୁଜିଲାଣ୍ଡ ଟୁର୍ ପାଇଁ ସୋମବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ସେଠାରେ ନଭେମ୍ବର୧୮ରୁ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକମନୋନୀତ କରାଯାଇଛି। 'ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଅଫ୍ ପ୍ଲେୟର୍ସ'ର ଅଂଶ ବିଶେଷ ସ୍ୱରୂପ ଓପନର କେ.ଏଲ୍ ରାହୁଲ ଓ ଦୀନେଶ କାର୍ତ୍ତିକଙ୍କୁ ବିଶ୍ରାମ ଦିଆଯାଇଛି। ନିୟମିତ ଅଧିନାୟକ ରୋହିତ ଶର୍ମା, ଷ୍ଟାର ବ୍ୟାଟର ବିରାଟ କୋହଲି ଓ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ମଧ୍ୟ ନ୍ୟୁଜିଲାଣ୍ଡ ଟୁରରୁ ବିଶ୍ରାମ ଦିଆଯାଇଛି। ଅନ୍ୟପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଲାଗି ଭେଟେରାନ ଶିଖର ଧାୱନଙ୍କୁ ଅଧିନାୟକ କରାଯାଇଛି। ୱେଲିଂଟନରେ ଟି୨୦ ବିଶ୍ୱକପ୍ ଶେଷ ହେବାର ୪ ଦିନ ପରେ ନଭେମ୍ବର ୧୮ରେ ଟି୨୦ ସିରିଜ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚ ନଭେମ୍ବର ୨୦ରେ ମାଉଣ୍ଟ ମଙ୍ଗାନୁଇଠାରେ ଏବଂ ତୃତୀୟ ମ୍ୟାଚ ନଭେମ୍ବର ୨୨ରେ ନାପିଏରଠାରେ ଖେଳାଯିବ। ଦିନିକିଆ ସିରିଜ ନଭେମ୍ବର ୨୫ (ଅକ୍‌ଲାଣ୍ଡ)ରୁ ଆରମ୍ଭ ହେବ। ଅନ୍ୟ ଦୁଇଟି ମ୍ୟାଚ ନଭେମ୍ବର ୨୭ (ହାମିଲଟନ) ଓ ନଭେମ୍ବର ୩୦ (ଖ୍ରିଷ୍ଟଚର୍ଚ୍ଚ)ରେ ଖେଳାଯିବ। ସିଲେକ୍ସନ କମିଟି ଚେୟାରମ୍ୟାନ ଚେତନ ଶର୍ମା ଆହୁରି ମଧ୍ୟ ବାଂଲାଦେଶ ଟୁର୍ ପାଇଁ ଦଳ ଘୋଷଣା କରିଛନ୍ତି। ସେଠାରେ ଦଳ ୩ ଅନ୍ତର୍ଜାତୀୟ ଦିନିକିଆ ଓ ଦୁଇ ଟେଷ୍ଟ ମ୍ୟାଚ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମ ଥର ଏକକାଳୀନ ୪ଟି ଦଳ ଘୋଷଣା କରିଛି। ବାଂଲାଦେଶରେ ରୋହିତ ଶର୍ମା ଦଳର ନେତୃତ୍ୱ ନେବେ। କୋହଲି ଓ ଅଶ୍ୱିନ ମଧ୍ୟ ଖେଳିବେ। କାହରିକୁ ବିଶ୍ରାମ ନେବା ପାଇଁ କୁହାଯାଇ ନାହିଁ। ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଅଫ୍ ପ୍ଲେୟର୍ସର ଅଂଶ ବିଶେଷ ସ୍ୱରୂପ ସମସ୍ତ ନିଷ୍ପତ୍ତି ନିଆଯାଇଛି। ଏକ ଭର୍ଚୁଆଲ ମିଡିଆ ବାର୍ତ୍ତାଳାପରେ ଶର୍ମା କହିଛନ୍ତି ମେଡିକାଲ ଟିମ୍ ରିପୋର୍ଟ ଅନୁସାରେ କାହାରିକୁ ବିଶ୍ରାମ ଦିଆଯିବ ଓ ସେମାନଙ୍କୁ କିପରଭାବେ ପରିଚାଳନା କରିବାକୁ ହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି।



ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିଖର ଧାୱନ।

**ନ୍ୟୁଜିଲାଣ୍ଡ ଟି୨୦ ସିରିଜ ପାଇଁ ଦଳ**

ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ରିଷଭ ପନ୍ତ (ଉପଅଧିନାୟକ ଓ ଉଇକେଟକିପର), ଶୁବମନ ଗିଲ୍, ଇଶନ କିଶନ, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ସଞ୍ଜୁ ସାମ୍‌ସନ (ଉଇକେଟକିପର), ଡବ୍ଲ୍ୟୁ. ସୁନ୍ଦର, ୟୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଅର୍ଶଦୀପ ସିଂ, ହର୍ଶଲ ପଟେଲ, ମହମ୍ମଦ ସିରାଜ, ଭୁବନେଶ୍ୱର କୁମାର, ଉମ୍‌ରାନ ମଲିକ।

**ନ୍ୟୁଜିଲାଣ୍ଡରେ ପାଣ୍ଡ୍ୟା ଓ ଧାୱନ, ବାଂଲାଦେଶରେ ରୋହିତ ଶର୍ମା**

**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳ**

ଶିଖର ଧାୱନ (ଅଧିନାୟକ), ରିଷଭ ପନ୍ତ (ଉପଅଧିନାୟକ ଓ ଉଇକେଟକିପର), ଶୁବମନ ଗିଲ୍, ଦୀପ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର, ସଞ୍ଜୁ ସାମ୍‌ସନ (ଉଇକେଟକିପର) ଡବ୍ଲ୍ୟୁ. ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ଶାହାବାଜ ଅହମଦ, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଦୀପ ଚହର, କୁଲଦୀପ ସେନ ଓ ଉମରାନ ମଲିକ।

**ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳ**

ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ (ଉପଅଧିନାୟକ), ଶିଖର ଧାୱନ, ବିରାଟ କୋହଲି, ରଜତ ପତିଦାର, ଶ୍ରେୟଶ ଆୟାର, ରାହୁଲ ତ୍ରିପାଠୀ, ରିଷଭ ପନ୍ତ (ଉଇକେଟକିପର) ଇଶାନ କିଶନ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଡବ୍ଲ୍ୟୁ ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଦୀପକ ଚହର, ଯଶ ଦୟାଲ।

**ବାଂଲାଦେଶ ଟେଷ୍ଟ ସିରିଜ ପାଇଁ ଦଳ**

ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ (ଉପଅଧିନାୟକ), ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଶେୟସ ଆୟାର, ରିଷଭ ପନ୍ତ (ଉଇକେଟକିପର), କେ.ଏସ୍. ଭରତ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲ୍‌ଦୀପ ଯାଦବ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ ଓ ଉମେଶ ଯାଦବ।



ମାକ୍ସ ଭର୍ଷ୍ଟାପେନ୍

# ରେକର୍ଡ ଭାଙ୍ଗିଲେ ଭର୍ଷ୍ଟାପେନ୍

**ମେକ୍ସିକୋ ସିଟି, ୩୧।୧୦**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ମେକ୍ସିକାନ ସିଟି ଫର୍ମୁଲା ୱାନ୍ ରେସ୍ ଜିତିଛନ୍ତି। ଏଥିସହିତ ଗୋଟିଏ ସିଜନରେ ସର୍ବାଧିକ ୧୪ ଟାଇଟଲ ଜିତି ଏକ ନୂଆ ରେକର୍ଡ କରିଛନ୍ତି। ବର୍ତ୍ତମାନ ତାଙ୍କ ପଛକୁ ନେଦରଲାଣ୍ଡ୍ସର ମାଇକେଲ ସୁମାକର ଓ ସେବାଷ୍ଟିଆନ ଭେଟେଲ ଯଥାକ୍ରମେ ୨୦୦୪ ଓ ୨୦୧୩ ସିଜନରେ ୧୩ଟି ଲେଖାଏ ଟାଇଟଲ ଜିତି ମିଳିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରବିବାର ଚାମ୍ପିୟନ ହେବାପୂର୍ବରୁ ରେସ୍‌ର ପ୍ରଥମ ଭାଗରେ ବିଶ୍ୱ ଚାମ୍ପିୟନ ଭର୍ଷ୍ଟାପେନ୍ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ୍‌ଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ପରେ ସେ ସହଜରେ ବିଜୟ ହାସଲ କରିଥିଲେ। ମର୍ସିଡିଜ୍‌ର ଜର୍ଜ ରସେଲଙ୍କୁ ପଛରେ ପକାଇ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭର୍ଷ୍ଟାପେନ୍ କହିଛନ୍ତି, ସେ ଶ୍ରେଷ୍ଠ ପ୍ରଦର୍ଶନ ସହ ପ୍ରତ୍ୟେକ ରେସ୍ ଜିତିବାକୁ ଚେଷ୍ଟା କରିଥାନ୍ତି। ଭର୍ଷ୍ଟାପେନ୍ ସିଜନର ୪ଟି ରେସ୍ ବାକିଥାଇ ତାଙ୍କ ଫର୍ମୁଲା ୱାନ୍ ବିଶ୍ୱ ଚାମ୍ପିୟନଶିପ୍ ବଜାୟ ରଖିଥିଲେ। ରବିବାର ସିଜନରେ ୩ଟି ରେସ୍ ବାକିଥାଇ ସେ ରେଡ୍‌ବୁଲ୍ ପାଇଁ କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍ ଜିତିଛନ୍ତି। ସିଜନର ଆଉ ଦୁଇଟି ରେସ୍ ବାକି ରହିଥିବାବେଳେ ନିଜ ରେକର୍ଡ ଭଙ୍ଗିବା ଲାଗି ଭର୍ଷ୍ଟାପେନ୍‌ଙ୍କ ପାଇଁ ସୁଯୋଗ ରହିଛି। ରେଡ୍‌ବୁଲ୍ କ୍ରମାଗତ ୯ଟି ରେସ୍ ଜିତି ଟିମ୍ ୨୦୧୩ରେ କରିଥିବା ରେକର୍ଡର ସମକକ୍ଷ ହୋଇପାରିଛି। ଏହାଛଡ଼ା ଟିମ୍ ଭର୍ଷ୍ଟାପେନ୍ ଓ ସର୍ଗିଓ ପେରେଜଙ୍କୁ ନେଇ ଏହି ସିଜନର ୨୧ଟି ରେସ୍ ମଧ୍ୟରୁ ୧୬ଟିରେ ବିଜୟ ହାସଲ କରିସାରିଛି। ପେରେଜ ମୋନାକୋ ଓ ସିଙ୍ଗାପୁର ରେସ୍ ଜିତିଛନ୍ତି।

# ମଗନ୍ତିଙ୍କୁ ଖେଲୋ ଇଣ୍ଡିଆ ବ୍ରୋଞ୍ଜ

**ଭୁବନେଶ୍ୱର,୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତର ପ୍ରଦେଶର ମୋଦିନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ନ୍ୟଶନାଲ ର୍‍ୟାଙ୍କିଙ୍ଗ ମହିଳା ଭାରୋତ୍ତୋଳନ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି ମଗନ୍ତି କୀର୍ତ୍ତି। ୨୯ ଅକ୍ଟୋବରରୁ ୨ ନଭେମ୍ବର ଯାଏଁ ୟୁଥ୍, ଜୁନିୟର ଓ ସିନିୟର ବର୍ଗରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ।



ମଗନ୍ତି କୀର୍ତ୍ତି

ସିନିୟର ୭୬ କିଗ୍ରା ବର୍ଗରେ ମଗନ୍ତି ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ସୋମବାର ୧୭୪ କିଗ୍ରାର ଭାରୋତ୍ତୋଳନ ସହିତ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚରେ ୭୯ କିଗ୍ରା ଓ କ୍ଲିନ୍ ଆଣ୍ଡ ଜର୍କରେ ୯୫ କିଗ୍ରା ଭାରୋତ୍ତୋଳନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ମଗନ୍ତି ବାଣିଜ୍ୟ ୟୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ରୀ। ଏହି ସଫଳତା ପାଇଁ ମଗନ୍ତି କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କିଟ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ମଧ୍ୟ ମଗନ୍ତିଙ୍କୁ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଛତିଶଗଡ଼ର ବିଲାସପୁରରେ ଆୟୋଜିତ ୨୩ ବର୍ଷରୁ କମ୍ ଜାତୀୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିନରେ ଓଡ଼ିଶା ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ୪୦୦ ମିଟର ବାଧା ଦୌଡ଼ରେ ୧.୦୦.୨୮ ସେକେଣ୍ଡର ସମୟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ପ୍ରଜ୍ଞା ପ୍ରଶାନ୍ତି ସାହୁ। ଏହି ବର୍ଗରେ ତାମିଲନାଡୁର ଓଲିମ୍ପିଆ ଷ୍ଟେଫି ୧.୦୧.୧୭ ମିନିଟ୍‌ର ସମୟ ସହିତ ରୌପ୍ୟ ଓ କେରଳର ଡେଲନା ଫିଲିପ୍ ୧.୦୧.୬୧ ମିନିଟ୍‌ର ସମୟ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୁରୁଷ ହାଇଜମ୍ପ ବର୍ଗରେ ସ୍ୱାଧୀନ କୁମାର ମାଝି ରୌପ୍ୟ ପଦକ ହାସଲ କରିଥିଲେ। ମାଝି ୨.୧୦ ମିଟର ଉଚ୍ଚ ଡେଇଁଥିଲେ। ସେହିପରି ମହିଳା ଲଙ୍ଗଜମ୍ପରେ ମନୀଷ ମେରେଲ ୫.୯୪ ମିଟର ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# କୋହଲିଙ୍କ ହୋଟେଲ ରୁମ୍‌ର ଭିଡିଓ ଭାଇରାଲ

**ବ୍ରିସ୍‌ବେନ୍, ୩୧।୧୦:** ଟି୨୦ ବିଶ୍ୱକପ୍ ପାଇଁ ବର୍ତ୍ତମାନ ଭାରତୀୟ ଦଳ ପର୍ଥରେ ଅବସ୍ଥାନ କରୁଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ଅବସ୍ଥାନ କରୁଥିବା କ୍ରାଉନ୍ ପର୍ଥ ହୋଟେଲର ଏକ ଭିଡିଓ ଭାଇରାଲ ହୋଇଥିଲା। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ହୋଟେଲ ରୁମ୍‌ର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କୋହଲିଙ୍କ ବିଭିନ୍ନ ସାମଗ୍ରୀକୁ ଭିଡିଓରେ ଦେଖାଇଥିଲେ ଜଣେ ଫ୍ୟାନ୍। ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ବିରାଟ ଓ ଅନୁଷ୍କାଙ୍କ ସମେତ ଏକାଧିକ ସେଲିବ୍ରିଟି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୋମବାର ଇନ୍‌ଷ୍ଟାଗ୍ରାମ୍‌ରେ ଭାଇରାଲ ହୋଇଥିବା ଭିଡିଓରେ ହୋଟେଲର ଜନୈକ କର୍ମଚାରୀ କୋହଲିଙ୍କ ସମସ୍ତ ସାମଗ୍ରୀ ଦେଖାଇଥିଲେ। ଏହାକୁ ନେଇ କୋହଲି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ଶେୟାର କରିବା ସହିତ କୋହଲି ଲେଖିଥିଲେ ବ୍ୟକ୍ତିଗତ ଗୋପନୀୟତା ଉପରେ ଏହା ଆକ୍ରମଣ। ନିଜର ପ୍ରିୟ ଖେଳାଳିଙ୍କୁ ଦେଖି ଫ୍ୟାନ୍‌ମାନେ ଭାବବିହ୍ୱଳ ହୁଅନ୍ତି ଯାହା ସ୍ୱାଭାବିକ, ଯାହାକୁ ମୁଁ ମଧ୍ୟ ସମର୍ଥନ କରେ। ମାତ୍ର ଏଭଳି ଆଚରଣ ଦ୍ୱାରା ବ୍ୟକ୍ତିଗତ ଗୋପନୀୟତା କ୍ଷୁଣ୍ଣ ହୋଇଛି। ତେଣୁ ସମସ୍ତଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ଫ୍ୟାନ୍‌ମାନେ ସମ୍ମାନ ଦେବା ଉଚିତ ବୋଲି କୋହଲି କ୍ୟାପ୍‌ଶନରେ ଲେଖିଥିଲେ। ଏହାସହିତ ବିରାଟ କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ଘଟଣାକୁ ନିନ୍ଦା କରିଥିଲେ। ଏହି ଘଟଣାରେ ସଂଶ୍ଳିଷ୍ଟ ଫ୍ୟାନ୍‌ଙ୍କୁ ଅନୁଷ୍କା ସମାଲୋଚନା କରିବା ସହିତ ହୋଟେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଦାୟୀ କରିଥିଲେ। ଏହି ଘଟଣାକୁ ନେଇ କ୍ରିକେଟରଙ୍କ ମଧ୍ୟରେ ଅଷ୍ଟ୍ରେଲିଆନ ଓପନର ଡେଭିଡ୍ ୱାର୍ନର ପ୍ରତିକ୍ରିୟା ରଖିଥିଲେ। ଏଭଳି ଘଟଣା ନିନ୍ଦନୀୟ ଏବଂ ଆଗକୁ ନ ଘଟିବା ଦରକାର ବୋଲି ସେ ଲେଖିଥିଲେ। କେବଳ ୱାର୍ନର ନୁହନ୍ତି, ଉର୍ବଶୀ ରୌଟେଲା, ଅଭିଷେକ ବଚ୍ଚନ, କାଜଲ ଅଗ୍ରୱାଲ, ବରୁଣ ଧାୱନ ଓ ଅର୍ଜୁନ କପୁରଙ୍କ ଭଳି ଏକାଧିକ ବଲିଉଡ୍ ସେଲିବ୍ରିଟି ମଧ୍ୟ ଏହାକୁ ନିନ୍ଦା କରିଥିଲେ।

# ଓଡ଼ିଶାରୁ ସୁଦର୍ଶନ, ଚନ୍ଦନ ମନୋନୀତ

**ଭୁବନେଶ୍ୱର,୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର ଦୁଇ ହ୍ୱିଲଚେୟାର ଟେନିସ୍ ଆଥଲେଟ୍ ଚନ୍ଦନ ନାୟକ ଓ ସୁଦର୍ଶନ ନାଗ ମୁମ୍ବାଇ ଓପନରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ପ୍ରଥମ ଥର ପାଇଁ ଉଭୟ ଖେଳାଳି ରାଜ୍ୟର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। କୋରାପୁଟର ସୁଦର୍ଶନ ଓ ଖୋର୍ଦ୍ଧାର ଚନ୍ଦନ ମେଣ୍ଢାଶାଳ ସ୍ଥିତ ମିଶନ୍ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ(ଏମ୍‌ଓଏସ୍‌ଏଫ୍)ରେ ବିଗତ ଦୁଇ ବର୍ଷ ହେବ ପ୍ରଶିକ୍ଷଣ ନେଉଛନ୍ତି। ଏହି ସ୍ତରର ସଫଳତା ପାଇଁକ ଉଭୟ ଖେଳାଳି ବେଶ ପରିଶ୍ରମ କରିଛନ୍ତି। ଏହା ସହିତ ନିଜ ରାଜ୍ୟର ପ୍ରତିନିଧିତ୍ୱର ସୁଯୋଗ ପାଇ ଉଭୟ ଖେଳାଳି ବେଶ ଖୁସି ବୋଲି ଏମ୍‌ଓଏସ୍‌ଏଫ୍‌ର ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ଟେନିସ୍ କୋଚ୍ ସନ୍ତୋଷ କୁମାର ମଲିକ୍ ପ୍ରକାଶ କରିଛନ୍ତି। ଉଭୟ ଖେଳାଳି ସଫଳତା ପାଇବା ସହିତ ରାଜ୍ୟର ଅନ୍ୟ ହ୍ୱିଲ ଚେୟାର ଆଥଲେଟଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବେ ବୋଲି ସେ କହିଛନ୍ତି। ପୂର୍ବତନ ଏଟିପି ଖେଳାଳି ତଥା ଏମ୍‌ଓଏସ୍‌ଏଫ୍ ସିଇଓ ଚିନ୍ମୟ ପ୍ରଧାନ ମଧ୍ୟ ଉଭୟ ଖେଳାଳିଙ୍କ ପ୍ରଶଂସା କରିଛନ୍ତି। ହ୍ୱିଲଚେୟାର ଟେନିସ୍ ଅତ୍ୟନ୍ତ ମହଙ୍ଗା କ୍ରୀଡା ହୋଇଥିବାରୁ ଏହି ଏକାଡେମୀର ଆରମ୍ଭ ବେଶ କଷ୍ଟସାଧ୍ୟ ରହିଥିଲା। ତେବେ ମୁମ୍ବାଇ ଓପନ ୨୦୨୨ ପାଇଁ ଦୁଇ ଆଥଲେଟ ମନୋନୀତ ହେବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ କହିଛନ୍ତି। ନଭେମ୍ବ୧-୪ ତାରିଖ ଯାଏ ମୁମ୍ବାଇ ଓପନ ଆୟୋଜିତ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣର ସୁଯୋଗ ମିଳିଥିବାରୁ ଉଭୟ ଖେଳାଳି ଖୁସି ଜାହିର କରିଛନ୍ତି।

**ମୁମ୍ବାଇ ଓପନ ହ୍ୱିଲଚେୟାର ଟେନିସ**



ଚନ୍ଦନ ନାୟକ ଓ ସୁଦର୍ଶନ ନାଗ।

# ଆୟର୍ଲାଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

**ବ୍ରିସ୍‌ବେନ୍,୩୧।୧୦**

ଟି୨୦ ବିଶ୍ୱକପ୍-୨୦୨୨ରେ ଘରୋଇ ଅଷ୍ଟ୍ରେଲିଆ ଦଳ ଗ୍ରୁପ୍ ଏ'ରେ ନିଜର ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଆୟର୍ଲାଣ୍ଡକୁ ୪୨ ରନ୍‌ରେ ହରାଇବା ସହିତ ସେମିଫାଇନାଲ ଦୌଡ଼ ପାଇଁ ଦାବିଦାରି ସ୍ଥାପନ କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫ ଉଇକେଟରେ ୧୭୯ ରନ୍ କରିଥିବା ବେଳେ ଆୟର୍ଲାଣ୍ଡ ୧୮.୧ ଓଭର ଖେଳି ୧୩୭ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ସୋମବାର ବିଜୟ ପରେ ଅଷ୍ଟ୍ରେଲିଆ ୪ ମ୍ୟାଚ୍‌ରୁ ୨ ବିଜୟ ସହିତ ୫ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୩ ମ୍ୟାଚ୍ ଖେଳି ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନ ପାଇଛି। ଆୟର୍ଲାଣ୍ଡ ଟସ୍ ଜିତି ବୋଲିଂ କରିଥିଲା। ଆରମ୍ଭରୁ ଜୋସୁଆ ଲିଟିଲଙ୍କ ଘାତକ ବୋଲିଂ ଫଳରେ ଅଷ୍ଟ୍ରେଲିଆର ରନ୍ ହାର କମ୍ ରହିଥିଲା। ତେବେ ପରେ ଅଧିନାୟକ ଆରୋନ୍ ଫିଞ୍ଚଙ୍କ ୬୩ ରନ୍ ବଳରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ୪୪ ବଲ୍‌ର ଇନିଂସରେ ୫ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନିସ୍ ୩୫ ଓ ମିଚେଲ୍ ମାର୍ଶ ୨୮ ରନ୍‌ର ଇନିଂସ ଖେଳିଥିଲେ। ଶେଷଆଡ଼କୁ ଟିମ୍ ଡେଭିଡ୍ ୧୫* ଓ ମାଥ୍ୟୁ ୱେଡ୍ ୭* ରନ୍ କରି ଦଳ ସ୍କୋରକୁ ୧୭୯ରେ ପହଞ୍ଚାଇଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବ୍ୟାରୀ ମ୍ୟାକାର୍ଥି ୩ ଓ ଜୋସୁଆ ଲିଟିଲ ଦୁଇଟି ଉଇକେଟ ନେଇଥିଲେ।

**ଟି୨୦ ବିଶ୍ୱକପ୍ ସୁପର ୧୨**



ଆରୋନ୍ ଫିଞ୍ଚ

୧୮୦ ରନ୍ ଲକ୍ଷ୍ୟରେ ବ୍ୟାଟିଂ ଆରମ୍ଭ କରିଥିବା ଆୟର୍ଲାଣ୍ଡକୁ ଗାବାର ପେସ୍ ବୋଲିଂ ସହାୟକ ପିଚ୍‌ରେ ଅସୁବିଧାରେ ପକାଇଥିଲେ ଅଷ୍ଟ୍ରେଲୀୟ ବୋଲର। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହିତ ଦଳ ମାତ୍ର ୨୫ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ଲୋର୍କାନ ଟକର (୭୧*) ଏକାକୀ ଲଢ଼େଇ ଜାରି ରଖିଥିଲେ। ୪୮ ବଲ୍‌ର ଏହି ଇନିଂସ୍‌ରେ ୯ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଗ୍ୟାରେଥ୍ ଡେଲାନୀ ୧୪ ଓ ପଲ୍ ଷ୍ଟର୍ଲିଂ ୧୧ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ୍ ମ୍ୟାକ୍ସୱେଲ, ଆଡାମ୍ ଜମ୍ପା, ପ୍ୟାଟ କୁମିନ୍ସ ଓ ମିଚେଲ ଷ୍ଟାର୍କ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଆରୋନ ଫିଞ୍ଚଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୯/୫ ( ଆରୋନ୍ ଫିଞ୍ଚ-୬୩, ମାର୍କସ ଷ୍ଟୋଇନିସ୍-୩୫, ମିଚେଲ୍ ମାର୍ଶ-୨୮, ବ୍ୟାରି ମ୍ୟାକାର୍ଥି-୩/୨୯, ଜୋସୁଆ ଲିଟିଲ-୨/୨୧)। ଆୟର୍ଲାଣ୍ଡ ୧୮.୧ ଓଭରରେ ୧୩୭/୧୦(ଲୋର୍କାନ୍ ଟକର-୭୧*, ଗ୍ୟାରେଥ୍ ଡେଲାନୀ-୧୪, ପଲ୍‌ଷ୍ଟର୍ଲିଂ-୧୧, ଗ୍ଲେନ୍‌ମ୍ୟାକ୍ସୱେଲ-୨/୧୪, ଆଡାମ୍ ଜମ୍ପା୨/୧୯, ପ୍ୟାଟ କୁମିନ୍ସ-୨/୨୮।

# କିଟ୍‌ର କ୍ରୀଡ଼ା ଭିତ୍ତିଭୂମି ଦେଖିଲେ ସ୍ପେନ୍‌ର ହକି ଖେଳାଳି


କିଟ୍ ଓ କିସ୍ ପରିଦର୍ଶନ ଅବସରରେ ସ୍ପେନ୍ ହକି ଖେଳାଳି।

**ଭୁବନେଶ୍ୱର, ୩୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଏଫ୍ଆଇଏଚ୍ ପ୍ରୋ-ହକି ଲିଗ୍ ଖେଳିବାକୁ ଭୁବନେଶ୍ୱର ଆସିଥିବା ସ୍ପେନ୍ ହକି ଦଳ ସୋମବାର କିଟ୍ ଓ କିସ୍ ପରିଦର୍ଶନ କରିବା ସହ ସେଠାର କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଛନ୍ତି। କିଟ୍ ଓ କିସ୍‌ର ହକି ପଡ଼ିଆକୁ ସ୍ପେନ୍ ହକି ଖେଳାଳି ପସନ୍ଦ କରିଛନ୍ତି। ଏହି ଅବସରରେ ସେମାନେ କିସ୍‌ର ମେକାନାଇଜ୍‌ଡ କିଚେନ, ଅତ୍ୟାଧୁନିକ କ୍ଲାସ୍‌ରୁମ୍, ବ୍ରେଡ୍ ଫ୍ୟାକ୍ଟ୍ରି ବୁଲି ଦେଖିଥିଲେ। ୩୦ ହଜାର ପିଲାଙ୍କ ପାଇଁ କିପରି ବାଷ୍ପ ଦ୍ୱାର ରୋଷେଇ ହେଉଛି ତାହା ଦେଖି ସେମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ପେନ୍ ହକି ଦଳ କିସ୍ ପରିସରରେ କିସ୍‌ର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲା। ଆଗକୁ ସୁଯୋଗ ମିଳିଲେ ପୁଣିଥରେ କିସ୍ ଆସିବେ ବୋଲି ସେମାନେ କହିଥିଲେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ